

ଏସ୍‌ବିଆଇକୁ ଶୁଭେଚ୍ଛା ଜଣାଇଲେ ନିର୍ମଳା |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ଓଡ଼ିଶା ପ୍ରେମରେ ପ୍ରିୟଙ୍କା |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୯୨ Vol. 22 No-92 02 JULY 2025 WEDNESDAY, BHUBANESWAR ବୁଧବାର, ୦୨ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୧୪ରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୧।୭(ଭାସ୍କର ନ୍ୟୁଜ): ଆସନ୍ତା ୧୪ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ଭୁବନେଶ୍ୱର ଏମ୍ସ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏହାସହ ୧୫ ତାରିଖରେ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ରେଭେନ୍ସା ବାଳିକା ବିଦ୍ୟାଳୟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି।

### ୧୧ରେ ଓଡ଼ିଶା ଆସିବେ ରାହୁଲ

ଭୁବନେଶ୍ୱର, ୧।୭(ଭାସ୍କର ନ୍ୟୁଜ): ଆସନ୍ତା ୧୧ ତାରିଖରେ କଂଗ୍ରେସ ଯୁବରାଜ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିବେ। ତାଙ୍କ ସହ ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ମଧ୍ୟ ସାମିଲ ରହିବେ। ସେହିଦିନ ବରମୁଣ୍ଡାରେ ଆୟୋଜିତ ସମାବେଶରେ ଉଭୟ ଯୋଗ ଦେବେ।

### ଲଜ୍‌ରେ ଯୁବତୀଙ୍କୁ ହତ୍ୟା

ବ୍ରହ୍ମପୁର, ୧।୭(ଭାସ୍କର ନ୍ୟୁଜ): ମଙ୍ଗଳବାର ବ୍ରହ୍ମପୁରର ନୂଆ ବସ୍‌ଷ୍ଟାଣ୍ଡ ନିକଟ ଏକ ଲଜ୍‌ରେ ଜଣେ ଯୁବତୀଙ୍କୁ ଛୁରି ଭୁଷି ହତ୍ୟା କରାଯାଇଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଗୋସାଣି ନୂଆଗାଁ ଥାନାରେ ଆତ୍ମସମର୍ପଣ କରିଛି। ଉଭୟ ଅଭିଯୁକ୍ତ ଓ ମୃତ ଯୁବତୀ ଗୋଟିଏ ଅଞ୍ଚଳର ବୋଲି ପୋଲିସ କହିଛି।

### ନଦୀରେ ଭାସି ୨ ମୃତ

ମାଲକାନଗିରି, ୧।୭(ଭାସ୍କର ନ୍ୟୁଜ): ମାଲକାନଗିରି ଖଇରପୁଟରେ ନଦୀ ପାରବେଳେ ୨ଜଣ ଭାସିଯାଇ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ନାଳିଗୁଡ଼ା ଗ୍ରାମର ଲବ ଦୋରା ଓ ସୁକ୍ରି ଫଟକା। ଉଭୟଙ୍କ ମୃତଦେହ ଉଦ୍ଧାର କରାଯାଇଛି।

ସେନ୍‌ସେକ୍ସ: ୮୩,୬୯୭.୨୯
ସର୍ବାଧିକ: ୨୯ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

### ୧।୭।୨୦୨୫ ର ମତାମତ

ପ୍ରଶାସନିକ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ମାଡ଼ ଘଟଣା ଅଧିକାରୀଙ୍କ ମନୋବଳ ଭାଙ୍ଗିବ କି?




### ଆଜିର ପ୍ରସଙ୍ଗ

ବିଏମ୍‌ସି କାର୍ଯ୍ୟାଳୟରେ ଘଟିଥିବା ଅଘଟଣର ସଠିକ ତଦନ୍ତ କରାଯିବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

### ଅର୍ଜିତ ଅନିର୍ବାଣ



ଲଗାଣ ବରଷା ଦାଉ ସାଧିବାକୁ
ନଈରେ ପ୍ରବଳ ପାଣି,
ଅନେକ ଜାଗାରେ ବିପଦ ସଙ୍କେତ
ଟପିବାକୁ ବସିଲାଣି ।
କିଛି ହେଉନାହିଁ ଜାଣି,
ବନ୍ୟା ପରିସ୍ଥିତି ଯଦି ଉପୁଜିବ
ପାରି ହେବ କିବା ଜିଣି ??

## ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ଶୃଙ୍ଖଳିତ ହେବ ବାହୁଡ଼ା ଯାତ୍ରା, ସୁନାବେଶ



- ତ୍ରୁଟିଶୂନ୍ୟ ଯାତ୍ରା ଉପରେ ଗୁରୁତ୍ୱ
- ଶ୍ରଦ୍ଧାଳୁଙ୍କ ସୁରକ୍ଷା ଉପରେ ଆଲୋଚନା
- ଶରଧାବାଲି ତ୍ରୁଟି ଉପରେ ନିଆଯାଇଛି ପଦକ୍ଷେପ
- ରଥ ଅଘଟଣ ନେଇ ବିଚାରବିମର୍ଶ

ପୁରୀ, ୧।୭ (ଭାସ୍କର ନ୍ୟୁଜ) : ଶୃଙ୍ଖଳିତ ହେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଓ ସୁନାବେଶ। ଯେତେ ଭକ୍ତ ଆସିଲେ ବି ସୁପରିଚାଳନା କରାଯିବ। ଆଗକୁ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା, ସୁନାବେଶ ଓ ନିଳାଦ୍ରୀବିଜେ ପରି ବଡ଼ ପର୍ବ ରହିଛି। ଏଥିପାଇଁ ଅଭିଜ୍ଞତାସମ୍ପନ୍ନ ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ପୁରୀ ସର୍କିଟ ହାଉସରେ ଆୟୋଜିତ ସମୀକ୍ଷା ବୈଠକ ପରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଗକୁ ରଥଯାତ୍ରା ନୀତିକାନ୍ତି କିପରି ସୁରୁଖୁରୁରେ ହେବ ଏଥିପାଇଁ ପୁରୀ ସର୍କିଟ ହାଉସରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା । ଏଥିସହ ସେବାୟତଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶରଧାବାଲି ଦଳଚକଟା ପରେ ମୋହନ ସରକାରଙ୍କୁ ଘେରିଥିଲେ ବିରୋଧୀ । ଆଗକୁ ଯେପରି ସମସ୍ତ ରଥଯାତ୍ରା ନୀତିକାନ୍ତି ସୁରୁଖୁରୁରେ ହେବ ଏଥିପାଇଁ ଆଜି ପୁରୀ ଗସ୍ତରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମଙ୍ଗଳବାର ମଧ ପୁରୀ ସର୍କିଟ ହାଉସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେବାୟତଙ୍କ ସହ ରଥଯାତ୍ରାକୁ କିଭଳି ଶୃଙ୍ଖଳିତ କରିହେବ ସେ ନେଇ ଆଲୋଚନା କରିଛନ୍ତି । ଅଫିସରଙ୍କ ସହ ମଧ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି ।ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ସୁରୁଖୁରୁରେ • ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ର କ୍ୟାବିନେଟ୍‌ରେ ୪ ପ୍ରସ୍ତାବ ପାରିତ

# ଅନୁସନ୍ଧାନ, ବିକାଶ, ନବସୃଜନ ଯୋଜନାକୁ ଅନୁମୋଦନ



ନୂଆଦିଲ୍ଲୀ, ୧।୭: କେନ୍ଦ୍ର କ୍ୟାବିନେଟ ମଙ୍ଗଳବାର ଯୁବବର୍ଗ ଓ ଭିତ୍ତିଭୂମି ସହ ଜଡ଼ିତ ଅନେକ ବଡ଼ ଯୋଜନା ଉପରେ ମୋହର ମାରିଛି। ରୋଜଗାର ସହ ଜଡ଼ିତ ପ୍ରୋତ୍ସାହନ ଯୋଜନାକୁ ବୈଠକରେ ମଞ୍ଜୁରି ଦିଆଯାଇଛି। ଦୁଇଟି ଭାଗରେ ଏହାର ଲାଭ ମିଳିବ। ପ୍ରଥମ ଭାଗରେ ପ୍ରଥମ ଥରପାଇଁ ରୋଜଗାର ପାଇଥିବା କର୍ମଚାରୀଙ୍କୁ ସର୍ବାଧିକ ୧୫ହଜାର ଟଙ୍କା ଦୁଇଟି କିସ୍ତିରେ ପ୍ରଦାନ କରାଯିବ। ଚାକିରି କରିବାର ୬ ମାସରେ ପ୍ରଥମ କିସ୍ତି ଏବଂ ବର୍ଷ ପୂରିଲେ ଦ୍ୱିତୀୟ କିସ୍ତି ମିଳିବ। ଦ୍ୱିତୀୟ ଭାଗରେ ୩ ହଜାର ଟଙ୍କା ପ୍ରତି ମାସରେ ପ୍ରଦାନ କରାଯିବ। ପୁରା ଯୋଜନା ବିନିର୍ମାଣ କ୍ଷେତ୍ରରେ ରୋଜଗାରକୁ ପ୍ରୋତ୍ସାହନ ଦେବା ଉପରେ କେନ୍ଦ୍ରୀତ ରହିଛି। ଏହି ଯୋଜନା ପାଇଁ ସରକାର ମୋଟ ୧୦.୭ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ। ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଏହାର ଉଦ୍ଦେଶ୍ୟ ସବୁ କ୍ଷେତ୍ରରେ ରୋଜଗାର ସୃଜନ, ରୋଜଗାର କ୍ଷମତାରେ ବୃଦ୍ଧି ଓ ସାମାଜିକ ସୁରକ୍ଷାକୁ ପ୍ରୋତ୍ସାହିତ କରିବ। ଏଥିରେ ବିନିର୍ମାଣ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ। ଏହି ଯୋଜନାର ଉଦ୍ଦେଶ୍ୟ ଦେଶରେ ୩.୫ କୋଟିରୁ ଅଧିକ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହନ ଦେବା। ଏହାବ୍ୟତୀତ ଏହି ଯୋଜନା ପ୍ରଥମ ଥର ଚାକିରି କରୁଥିବା କର୍ମଚାରୀଙ୍କୁ ବି ପ୍ରୋତ୍ସାହିତ କରିବ। ପ୍ରଥମ ଥର ଚାକିରି କରୁଥିବା କର୍ମଚାରୀଙ୍କ ଲାଗି ଦୁଇବର୍ଷ ପର୍ଯ୍ୟନ୍ତ ଅତିରିକ୍ତ ୩ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରତିମାସ ପ୍ରଦାନ କରାଯିବ। ଯେଉଁମାନେ ଏପରି କର୍ମଚାରୀଙ୍କୁ ନିଯୁକ୍ତି ଦେବେ, ଯାହାଙ୍କ ଦରମା ମାସିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଥିବ। ନିର୍ମାଣ କ୍ଷେତ୍ରପାଇଁ ଏହି ପ୍ରୋତ୍ସାହନ ରାଶି ତୃତୀୟ ଓ ଚତୁର୍ଥ ବର୍ଷପାଇଁ ମଧ୍ୟ ଜାରି ରହିବ। ଏଥିସହ ମନ୍ତ୍ରିମଣ୍ଡଳ ସମଗ୍ର ଖେଲୋ ଭାରତ ନୀତିକୁ ମଧ୍ୟ ମଞ୍ଜୁରି ଦେଇଛି। ୧୯୮୪ରେ ପ୍ରଥମ ଥର ରାଷ୍ଟ୍ରୀୟ ଖେଳନୀତି ଲାଗୁ କରାଯାଇଥିଲା। ଏହାପରେ ୨୦୦୧ରେ ନୂଆ ଖେଳନୀତି ପ୍ରଣୟନ ହୋଇଥିଲା। ଏବେ କେନ୍ଦ୍ର ସରକାର ଖେଳ ଭାରତ ନୀତି-୨୦୨୫ ଲାଗୁ କରିବେ। ଏଥିସହ ମନ୍ତ୍ରିମଣ୍ଡଳ ଅନୁସନ୍ଧାନ, ବିକାଶ ଓ ନବସୃଜନ ଯୋଜନାକୁ ମଧ୍ୟ ମଞ୍ଜୁରି ଦେଇଛି। ଏହି ଯୋଜନା ପାଇଁ ୧ ଲକ୍ଷ କୋଟି ବ୍ୟୟ କରାଯିବ। ଏହା ଅଧୀନରେ ଯୁବବର୍ଗଙ୍କୁ ରିସର୍ଚ୍ଚ ଓ ଇନୋଭେସନ ପାଇଁ ପ୍ରୋତ୍ସାହିତ କରାଯିବ। ଏହାବ୍ୟତୀତ ମନ୍ତ୍ରିମଣ୍ଡଳ ତାମିଲନାଡୁରେ ୧୮୫୩ କୋଟି ବିନିଯୋଗରେ ୪ ଲେନ୍ ରାସ୍ତା ପରମକୁଡ଼ି-ରାମନାଥପୁରମ୍ ଖଣ୍ଡ ନିର୍ମାଣକୁ ମଧ୍ୟ ମଞ୍ଜୁରି ଦେଇଛି।


# ଆଜିଠୁ ପ୍ରଧାନମନ୍ତ୍ରୀଙ୍କ ୮ ଦିନିଆ ୫ ରାଷ୍ଟ୍ର ଗସ୍ତ



ନୂଆଦିଲ୍ଲୀ, ୧।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାରଠାରୁ ୮ ଦିନିଆ ୫ ରାଷ୍ଟ୍ର ଗସ୍ତରେ ଯିବେ। ୨ ଜୁଲାଇରୁ ୯ ଜୁଲାଇ ପର୍ଯ୍ୟନ୍ତ ସେ ୫ ରାଷ୍ଟ୍ର ଗସ୍ତ କରିବେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୧୦ବର୍ଷରେ ଏହା ମୋଦୀଙ୍କ ସବୁଠାରୁ ଲମ୍ବା ରାଜନୈତିକ ଯାତ୍ରା ହେବାକୁ ଯାଉଛି। ପ୍ରଥମେ ମୋଦୀ ଘାନାରୁ ତାଙ୍କ ଗସ୍ତ ଆରମ୍ଭ କରିବେ। ଯେଉଁଥିରେ ଦକ୍ଷିଣ ଆମେରିକା, କାର୍ବିୟାନ ଓ ଆଫ୍ରିକୀୟ ଦେଶ ଉପରେ ଫୋକସ ରହିବ। ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ଘାନା ପରେ ପ୍ରଧାନମନ୍ତ୍ରୀ କାର୍ବିୟାନ ଦେଶ ତ୍ରିନିଦାଦ ଓ ଟୋବେଗୋ ଓ ସେଠାରୁ ଫେରି ଆର୍ଜେଣ୍ଟିନା ଯିବେ। ଆର୍ଜେଣ୍ଟିନା ପରେ ମୋଦୀ ବ୍ରାଜିଲ ଯାଇ ସେଠାରେ ଆୟୋଜିତ ୧୭ତମ ବ୍ରିକ୍ସ ସମ୍ମିଳନୀରେ ଭାଗ ନେବେ। ପ୍ରଧାନମନ୍ତ୍ରୀ ହେବା ପରେ ପ୍ରଥମ ଥରପାଇଁ ୧୧ବର୍ଷରେ ପ୍ରଧାନମନ୍ତ୍ରୀ ଘାନା ଯାଉଛନ୍ତି। ଗତ ୩୦ ବର୍ଷରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଘାନା ଗସ୍ତ ହେବ। ଏଠାରେ ପ୍ରଧାନମନ୍ତ୍ରୀ ମୋଦୀ ଭାକ୍ସିନ ହବ୍ ଯିବେ ଓ ସେଠାରେ ଘାନା ସଂସଦକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ତେବେ ସ୍ୱତନ୍ତ୍ର ଆମନ୍ତ୍ରଣକ୍ରମେ ମୋଦୀ ତ୍ରିନିନାନ ଓ ଟୋବେଗୋ ଗସ୍ତରେ ଯାଉଛନ୍ତି। ଗତ ୨୫ ବର୍ଷରେ ଏହା ପ୍ରଥମ ଥର ହେବ, ଯେତେବେଳେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ ଏହି ରାଷ୍ଟ୍ରକୁ ଯାତ୍ରା କରୁଛନ୍ତି। ସେଠାରେ ମଧ୍ୟ ସେ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ଏହାପରେ ଗସ୍ତର ତୃତୀୟ ଦେଶ ଭାବେ ମୋଦୀ ଆର୍ଜେଣ୍ଟିନା ଯିବେ। ସେଠାରେ ଉଭୟପକ୍ଷ ମଧ୍ୟରେ କୃଷି, ପ୍ରତିରକ୍ଷା, ଖନନ, ତେଲ ଓ ଗ୍ୟାସ ଏବଂ ନିବେଶ ଉପରେ ଦ୍ୱିପାକ୍ଷିକ ଆଲୋଚନା ହେବ। ଏହାପରେ ମୋଦୀ ବ୍ରାଜିଲ ଯାଇ ବ୍ରିକ୍ସ-୨୦୨୫ ସମ୍ମିଳନୀରେ ଯୋଗଦେବେ। ଏହା ମୋଦୀଙ୍କ ଚତୁର୍ଥ ବ୍ରାଜିଲ ଯାତ୍ରା ହେବ। ଏହି ସମୟରେ ମୋଦୀ ଆତଙ୍କବାଦକୁ ନେଇ ନିଜର ଚିନ୍ତା ପ୍ରକଟ କରିଛନ୍ତି। ଏହାସହ ସେ ପାକିସ୍ତାନ ପ୍ରାୟୋଜିତ ପହଲଗାମ ହମଲା ଉପରେ ମଧ୍ୟ ଆଲୋଚନା କରିବେ, ଯେଉଁଠି ୨୬ଜଣଙ୍କ ମୃତ୍ୟୁ ହୋଇଥିଲା।

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣା

# ୧୭ ଜିଲ୍ଲାରେ ଓଏଏସ୍ ଅଧିକାରୀଙ୍କ ସମୂହ ଛୁଟି ଘୋଷଣା



ଭୁବନେଶ୍ୱର, ୧।୭(ଭାସ୍କର ନ୍ୟୁଜ): ସୋମବାର ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ଆକ୍ରମଣ ଘଟଣାକୁ ରାଜ୍ୟ ଓଏଏସ୍ ସଂଘ ଗମ୍ଭୀରତାର ସହ ନେଇଛି। ଏହି ଘଟଣାରେ ୧୪ ଜିଲ୍ଲାର ଓଏଏସ୍ ଓ ଓଆରଏସ୍ ଅଧିକାରୀମାନେ ସମୂହ ଛୁଟିରେ ଯିବା ନେଇ ଘୋଷଣା କରିଛନ୍ତି। ମଙ୍ଗଳବାରଠାରୁ ସେମାନେ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। କଟକ, ଜଗତସିଂହପୁର, ଭଦ୍ରକ, ରାୟଗଡ଼ା, ଦେବଗଡ଼, ବଲାଙ୍ଗୀର, ସମ୍ବଲପୁର, ନୂଆପଡ଼ା, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ବାଲେଶ୍ୱର, କନ୍ଧମାଳ, କେନ୍ଦୁଝର, ଯାଜପୁର, ବରଗଡ଼, ମୟୂରଭଞ୍ଜ ଓ ଗଞ୍ଜାମ ସମେତ ୧୭ଟି ଜିଲ୍ଲାର ଅଧିକାରୀମାନେ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ପର୍ଯ୍ୟନ୍ତ ସେମାନେ ସମୂହ ଛୁଟିରେ ରହିବେ ବୋଲି ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ନୂଆମୋଡ଼ ଆସିଛି। ୩୪ ନମ୍ବର ୱାର୍ଡର ଜଣେ ସ୍ୱଚ୍ଛସାଥୀଙ୍କୁ ଅତିରିକ୍ତ କମିଶନର ଶ୍ରୀ ସାହୁ ଚାକିରି ନେଇଯିବାର ଭୟ ଦେଖାଇବା ସହ ଖରାପ ବ୍ୟବହାର କରିଥିଲେ। ଏ ନେଇ ସଂପୃକ୍ତ ସ୍ୱଚ୍ଛସାଥୀ ଖାରବେଳନଗର ଥାନାରେ ଏତଲା ଦେଇଥିଲେ। ଏ ବାବଦରେ ବିଜେପି ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି ଯେ ସଂପୃକ୍ତ ସ୍ୱଚ୍ଛସାଥୀ ମୋ ସହ ଆଲୋଚନା କରିଥିଲେ। ମୁଁ ଏ ନେଇ ସତ୍ୟାସତ୍ୟ ଜାଣିବା ପାଇଁ ଅତିରିକ୍ତ କମିଶନରଙ୍କୁ ଫୋନ୍ କରିଥିଲି। ତେବେ ସେ ଫୋନରେ ମୋତେ ଅଶାଳୀନ ବ୍ୟବହାର କରିଥିଲେ। ଏହାପରେ ୱାର୍ଡରେ କାମ କରୁଥିବା କର୍ମୀମାନେ ଅତିରିକ୍ତ କମିଶନରଙ୍କୁ ସାକ୍ଷାତ କରି ପଚାରିବାକୁ ଯାଇଥିଲେ। • ପୃଷ୍ଠା ୫ ଦେଖନ୍ତୁ

### ଆଉ ୨ଅଭିଯୁକ୍ତ ଗିରଫ, ୫ ବିଜେପିରୁ ନିଲମ୍ବିତ

ଭୁବନେଶ୍ୱର, ୧।୭(ଭାସ୍କର ନ୍ୟୁଜ): ସୋମବାର ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଆଉ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଞ୍ଜିବ ମିଶ୍ର ଓ ଶଶିକାନ୍ତ ସ୍ୱାଇଁ। ଏଥିପୂର୍ବରୁ କର୍ପୋରେଟର ଅରୂପ ନାରାୟଣ ରାଉତ, ରଶ୍ମିରଞ୍ଜନ ମହାପାତ୍ର ଏବଂ ଦେବାଶିଷ ପ୍ରଧାନଙ୍କୁ କମିଶନରେଟ ପୋଲିସ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ଘଟଣା ପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏହି ୫ଜଣଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରିଛନ୍ତି।

## ଫାର୍ମା ପ୍ଲାଣ୍ଟ ବିସ୍ଫୋରଣ ଘଟଣା

# ମୃତ୍ୟୁସଂଖ୍ୟା ୩୬ ଛୁଇଁଲା

**ମୃତକଙ୍କ ମଧ୍ୟରେ ଅନେକ ଓଡ଼ିଆ**

ସଙ୍ଗାରେଡ୍ଡୀ, ୧।୭: ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଥିବା ଏକ ଫାର୍ମା ପ୍ଲାଣ୍ଟରେ ସୋମବାର ହୋଇଥିବା ଭୟଙ୍କର ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ୩୬ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଥିବାବେଳେ ଅନେକ ଶ୍ରମିକ ନିଖୋଜ ରହିଛନ୍ତି। ଉଦ୍ଧାରକାରୀ ଟିମ୍ ବିସ୍ଫୋରଣ ସ୍ଥଳରେ ଧ୍ୱଂସାବଶେଷ ସଫା କରିବା ସହ ନିଖୋଜ ଶ୍ରମିକଙ୍କୁ ଖୋଜିବା ପାଇଁ ଲାଗି ପଡ଼ିଛନ୍ତି। ସଙ୍ଗାରେଡ୍ଡୀ ଏସ୍‌ପି ପରିତୋଷ ପଙ୍କଜ କହିଛନ୍ତି ଯେ ଏହି ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଛି। ବିସ୍ଫୋରଣରେ ୩ ମହଲା ବିଶିଷ୍ଟ ପ୍ଲାଣ୍ଟ ଭୁଶୁଡ଼ି ପଡ଼ିଛି। ଏବେ ଧ୍ୱଂସାବଶେଷ ତଳୁ କର୍ମଚାରୀ ଓ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଉଛି। ଧ୍ୱଂସାବଶେଷ ତଳୁ ମୋଟ ୩୧ଟି ମୃତଦେହ ମିଳିଛି। ଅନ୍ୟ ୩ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣଙ୍କର ମୃତଦେହ ଠାବ ହୋଇପାରି ନାହିଁ । ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ.ରେଭନ୍ତ ରେଡ୍ଡୀ ଓ ତାଙ୍କ ମନ୍ତ୍ରୀମାନେ ମଙ୍ଗଳବାର ବିସ୍ଫୋରଣ ସ୍ଥଳକୁ ଯାଇ ସ୍ଥିତିର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ମୃତକଙ୍କ ମଧ୍ୟରେ ଓଡ଼ିଶା, ବିହାର, ମଧ୍ୟପ୍ରଦେଶ ଓ ଆନ୍ଧ୍ରର ଶ୍ରମିକ ରହିଛନ୍ତି। ଅଘଟଣବେଳେ ପ୍ଲାଣ୍ଟରେ ମୋଟ ୧୪୩ଜଣ କାମ କରୁଥିଲେ। ମୁଖ୍ୟମନ୍ତ୍ରୀ ମୃତକଙ୍କ ନିକଟ ଆତ୍ମୀୟଙ୍କ ପାଇଁ ୧ କୋଟି ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଥିବାବେଳେ ଗୁରୁତର ଆହତଙ୍କ ପାଇଁ ୧୦ ଲକ୍ଷ ଓ ଆହତମାନଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ସୋମବାର ସକାଳେ ପ୍ଲାଣ୍ଟର ରିଆକ୍ଟରରେ କେମିକାଲ ରିଆକ୍ସନ ଯୋଗୁ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣର ଭୟଙ୍କର ଶବ୍ଦରେ ପ୍ଲାଣ୍ଟଟି ଭୁଶୁଡ଼ି ପଡ଼ିଥିଲା।

## ସୁଧୁରୁଛି ବନ୍ୟାସ୍ଥିତି

# ୫ ଜିଲ୍ଲା ପ୍ରଭାବିତ: ରାଜସ୍ୱମନ୍ତ୍ରୀ



ଭୁବନେଶ୍ୱର, ୧।୭(ଭାସ୍କର ନ୍ୟୁଜ): ରାଜ୍ୟରେ ବନ୍ୟାସ୍ଥିତି ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଶ୍ରୀ ପୂଜାରୀ କହିଛନ୍ତି, ବନ୍ୟାରେ ୫ ଜିଲ୍ଲା ପ୍ରଭାବିତ ହୋଇଛି। ବାଲେଶ୍ୱରର ସ୍ଥିତି ମଧ୍ୟ ସୁଧୁରୁଛି। ବୈତରଣୀ ଓ ବୁଢ଼ାବଳଙ୍ଗର ଜଳପତ୍ତନ ହ୍ରାସ ପାଇଛି। ଉଭୟ ନଦୀର ଜଳସ୍ତର ବିପଦସଂକେତ ତଳେ ରହିଛି। ସେହିପରି ଇବ୍ ନଦୀରେ ବି ଜଳସ୍ତର ହ୍ରାସ ପାଉଛି। ବନ୍ୟା ପୀଡ଼ିତଙ୍କୁ ୭ ଦିନ ପର୍ଯ୍ୟନ୍ତ ଶୁଖିଲା ଓ ରନ୍ଧାଖାଦ୍ୟ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଆବଶ୍ୟକ ରିଲିଫ ମଧ୍ୟ ଯୋଗାଇ ଦିଆଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ସେ ଆହୁରି କହିଥିଲେ ଯେ ସୋମବାର ୫ ହଜାର ଲୋକ ମୟୂରଭଞ୍ଜରେ ରିଲିଫ କେନ୍ଦ୍ରରେ ରହିଥିବାବେଳେ ମଙ୍ଗଳବାର ଏହି ସଂଖ୍ୟା ୮ ହଜାରରେ ପହଞ୍ଚିଛି। ଯେଉଁମାନେ ରିଲିଫ କେନ୍ଦ୍ରରେ ନାହାନ୍ତି, କିନ୍ତୁ ବନ୍ୟାପ୍ଲାବିତ ଅଞ୍ଚଳରେ ରହିଛନ୍ତି ସେମାନଙ୍କୁ ଶୁଖିଲାଖାଦ୍ୟ ଯୋଗାଇ ଦିଆଯାଉଛି। ବାଲେଶ୍ୱରରେ ୧୧୩୮ ଲୋକ ରିଲିଫ କେନ୍ଦ୍ରରେ ରହିଛନ୍ତି। ଯାଜପୁର ଓ ଭଦ୍ରକରେ ପ୍ରଭାବିତ ଅଞ୍ଚଳରେ ଦୁଇଟି ବ୍ଲକ ପ୍ରଭାବିତ ହୋଇଛି। ଯାଜପୁରର କୋରେଇ ଓ ଭଦ୍ରକର ଧାମନଗର ବିଶେଷଭାବେ ପ୍ରଭାବିତ ହୋଇଥିବା ଶ୍ରୀ ପୂଜାରୀ କହିଛନ୍ତି। ଯଦି ବର୍ଷା ନ ହୁଏ ତେବେ ବୁଧବାର ସୁଦ୍ଧା ବନ୍ୟାଜଳ ହ୍ରାସ ପାଇବ। ସେ କହିଥିଲେ, କ୍ଷୟକ୍ଷତି ଆକଳନ • ପୃଷ୍ଠା ୫ ଦେଖନ୍ତୁ

## ଏସଆରସିଙ୍କ ସତର୍କ ସୂଚନା

### ଆହୁରି ୫ ଦିନ ପ୍ରବଳ ବର୍ଷା

ଭୁବନେଶ୍ୱର, ୧।୭(ଭାସ୍କର ନ୍ୟୁଜ): ରାଜ୍ୟରେ ଗତ କିଛିଦିନ ହେବ ବର୍ଷାର ପ୍ରଭାବ ଲାଗି ରହିଛି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ବର୍ଷାର ପ୍ରକୋପ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏସଆରସିଙ୍କ ପକ୍ଷରୁ କୁହାଯାଇଛି ଯେ ପାଣିପାଗ ବିଭାଗ ଯେଉଁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଓ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛନ୍ତି ସେଠାରେ ପ୍ରଶାସନ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ଓ ବଜ୍ରପାତ ସମୟରେ ଲୋକେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜଳଭର୍ତ୍ତି ସ୍ଥାନକୁ ନ ଯିବାକୁ କହିଛନ୍ତି। ସେହିପରି ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଗତ କିଛିଦିନ ହେବ ବର୍ଷା ଲାଗି ରହିଥିବାରୁ ଜନସାଧାରଣ ପ୍ରଭାବିତ ହେବା ସହ ଖରିଫ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଭାଗ କହିଛି ଯେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସହ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ପ୍ରବଳ ବର୍ଷା ଲାଗି ରହିବ। ପ୍ରବଳ ବର୍ଷାନେଇ ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼, ସୁବର୍ଣ୍ଣପୁର, ଅନୁଗୋଳ, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁର ପାଇଁ ୱାର୍ଣ୍ଣିଂମାନ ଜାରି କରାଯାଇଛି। ଏଥିସହ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ବିଭାଗ କହିଛି।

### କମର୍ସିଆଲ ସିଲିଣ୍ଡର ଦର ହ୍ରାସ

ନୂଆଦିଲ୍ଲୀ, ୧।୭: କମିଲା ଗ୍ୟାସ୍ ଦର। ତୈଳ ମାର୍କେଟିଂ କମ୍ପାନୀ ୧୯ କେଜିଆ କର୍ମସିଆଲ ଏଲପିଜି ସିଲିଣ୍ଡର ଦରରେ ହ୍ରାସ ଘଟାଇଛନ୍ତି । ମଙ୍ଗଳବାରଠୁ ଏହି ନୂଆ ଦର ଲାଗୁ ହୋଇଛି । ୧୯କେଜି କମର୍ସିଆଲ ଗ୍ୟାସ ଦର ପ୍ରାୟ ୬୦ ଟଙ୍କା ଶସ୍ତା ହୋଇଛି । ଘରୋଇ ସିଲିଣ୍ଡର ଅର୍ଥାତ ୧୪ କିଲୋ ଏଲପିଜି ସିଲିଣ୍ଡର ଦାମରେ କୌଣସି ପରିବର୍ତ୍ତନ ହୋଇନାହିଁ । ଆଇଓସିଏଲ ୱେବସାଇଟ୍ ମୁତାବକ, ଜୁଲାଇ ୧ତାରିଖରୁ ୧୭୨୩ ଟଙ୍କା ୫୦ ପଇସା ଥିବା କମର୍ସିଆଲ ଏଲପିଜି ସିଲିଣ୍ଡର କମି ୧୬୬୫ ଟଙ୍କା ହୋଇଛି। ଏହି ହିସାବରେ କମ୍ପାନୀ ସିଲିଣ୍ଡର ପ୍ରତି ୫୮.୫୦ ପଇସା କମ୍ ହୋଇଛି । ନୂଆ ଦାମ୍ ଅନୁସାରେ କୋଲକାତାରେ ୧୦ କେଜି ଏଲପିଜି ଦର ୧୮୨୬ ଟଙ୍କାରୁ କମି ୧୭୬୯ ହୋଇଛି । ମୁମ୍ବାଇରେ ୧୬୭୪.୫୦ ଟଙ୍କାରୁ ୧୬୧୬.୫୦ ଟଙ୍କା ହୋଇଛି। ସେହିପରି ଚେନ୍ନାଇରେ ୧୮୮୧ ଟଙ୍କାରୁ ୧୮୩୨.୫୦ ଟଙ୍କା ହୋଇଛି। ଏହାପୂର୍ବରୁ ଜୁନ୍‌ରେ ଏଲପିଜି ସିଲିଣ୍ଡର ଦର ୨୪ ଟଙ୍କା କମିଥିଲା ।



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଆକାଶବାଣୀ କେନ୍ଦୁଝରର ବରିଷ୍ଠ ଉଦଘୋଷିକା ତଥା ବିଶିଷ୍ଟ ସାହିତ୍ୟିକା ଇନ୍ଦୁମତୀ ପାତ୍ର ଷାଠିଏ ଫଗୁଣ ଅତିକ୍ରମ କରିବା ପରେ ଗତକାଲି ଏକ ଭାବମୟ ପରିବେଶରେ ସେବାନିବୃତ ହୋଇଛନ୍ତି। ରେଡ଼ିଓର କୁନି କୁନି ପିଲାଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଶିଶୁରାଇଜର ଅପା ଇନ୍ଦୁ ଅପା ଜିଲାର କୋଣ ଅନୁକୋଣରେ ବେଶ ପରିଚିତି ଲାଭ କରିଥିଲେ। ସେ ଜଣେ ବିଶିଷ୍ଟ କବୟିତ୍ରୀ ଭାବେ ଅନେକ କବିତା ରଚନା କରିବା ସହିତ ଆକାଶବାଣୀର ସାହିତ୍ୟ ପତ୍ରିକା ସୃଜନୀକା ପରିବେଷଣ କରି ଆସୁଥିଲେ। ଗତକାଲି ତାଙ୍କର ସେବାନିବୃତି ଅବସରରେ ଆୟୋଜିତ ଏକ ବିଦାୟୀ ସଭାରେ ଆକାଶବାଣୀ କେନ୍ଦୁଝରର କେନ୍ଦ୍ର ସହକାରୀ ନିର୍ଦ୍ଦେଶକ ଅତମେଶ୍ୱର ଝା ସଭାପତିତ୍ୱ କରିଥିଲେ। କେନ୍ଦ୍ର କାର୍ଯ୍ୟକ୍ରମ ନିଷ୍ପାଦିକା ଅନିତା ତିର୍କୀ, ପୂର୍ବତନ ଉଦଘୋଷକ ସୁପାଇ ମୁର୍ମୁ, ଅବସରପ୍ରାପ୍ତ ସାମୟିକ ଉପସ୍ଥାପକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ସାହୁ, ବରିଷ୍ଠ ଅଧ୍ୟାପିକା ସ୍ମୃତି ବାନାର୍ଜୀ, ପ୍ରମୁଖ ଯୋଗଦେଇ ଇନ୍ଦୁମତୀଙ୍କ ସହ ଘନିଷ୍ଠ ସମ୍ପର୍କ ବିଷୟରେ ତଥା ଆକାଶବାଣୀ ପ୍ରତି ତାଙ୍କର ବଳିଷ୍ଠ ଅନୁଭୂତି ବିଷୟରେ ବଖାଣିଥିଲେ। ଏହି ଅବସରରେ ଆକାଶବାଣୀର ଉପସ୍ଥାପକ ତୁଷାର ସାମନ୍ତ ଅବସରକାଳୀନ ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇନ୍ଦୁମତୀ ପାତ୍ରଙ୍କ ସହ ଆକାଶବାଣୀର ନିବିଡ଼ ସମ୍ପର୍କ ବିଷୟରେ କାର୍ଯ୍ୟକ୍ରମ ଉପସ୍ଥାପକ ଦେବାଶିଷ ମିଶ୍ର, ସତ୍ୟଜିତ ସାମନ୍ତରାୟ, ମଧୁସୂଦନ ମୁର୍ମୁ, ପ୍ରଶାନ୍ତ ପଳେଇ, ଗୌରାଙ୍ଗ ଜେନା, ଭାସ୍କର ମିଶ୍ର, ଅମୂଲ୍ୟ ସାହୁ, କୃଷ୍ଣ ମିଶ୍ର, ଗୋପୀନାଥ ସାହୁ ପ୍ରମୁଖ ମନେ ପକାଇଥିବା ବେଳେ ଉପସ୍ଥାପିକା କୁମୁଦିନି ରାଉତ, ଶ୍ରାବଣୀ ମିଶ୍ର,ମନ୍ମୟୀ ଜେନା , ସଞ୍ଜୁଶ୍ରୀ ବୃନ୍ଦାବନ, ମଞ୍ଜୁଳା ମହାନ୍ତ, ମିନାକ୍ଷୀ ମହାନ୍ତି ପ୍ରମୁଖ ସୁଖଦୁଃଖରେ ଇନ୍ଦୁମତୀ ପାତ୍ରଙ୍କ ସହଭାଗିତା ପ୍ରକାଶ କରିଥିଲେ।



# ରାସ୍ତା ପାଇଁ ଲୋକେ ହିନସ୍ତା, ଉଠିଲା ସାପ୍ତାହିକୀ ହାଟ

ବୌଦ୍ଧ(ଭାସ୍କର ନ୍ୟୁଜ): ରାସ୍ତା ପାଇଁ ଲୋକେ ହିନସ୍ତା। କାଦୁଅ ପାଇଁ ବସିପାରିଲା ନାହିଁ ହରଭଙ୍ଗା ସାପ୍ତାହିକ ହାଟ। ଉକ୍ତ ରାସ୍ତାର ମୁଖ୍ୟ ସମସ୍ୟା ସୃଷ୍ଟି କରୁଛି ଦୈନିକ ଯାଉଥିବା ବାଲି ହାଇୱା ଓ ଟ୍ରାକ୍ଟର। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବେଆଇନ ବାଲି ହାଇୱା ଟ୍ରାକ୍ଟର, ଓ ଓଭର ଲୋଡ଼ିଂରେ ଯାତାୟାତ ଯୋଗୁଁ ରାସ୍ତା ଅବସ୍ଥା ଶୋଚନୀୟ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଙ୍କ ଅଭିଯୋଗ ହେଉଛି । ସୂଚନା ଥାଉକି କାହିଁ କେଉଁ ଅମଳରୁ ବୌଦ୍ଧ ଜିଲ୍ଲା ପରିଚିତ ହରଭଙ୍ଗା ସାପ୍ତାହିକ ହାଟ ମହାନଦୀ କୂଳରେ ବସି ଆସୁଛି । ଏହି ହାଟ ପାଇଁ ଅଞ୍ଚଳର ଲୋକେ ସପ୍ତାହକୁ ଥରେ ତେଲ, ଲୁଣ, ପନିପରିବା ଠୁ ଆରମ୍ଭ କରି ଘରେ ନିତ୍ୟ ବ୍ୟବହାରିକ ସାମଗ୍ରୀ କିଣାବିକା ପାଇଁ ସୋମବାରକୁ ଅପେକ୍ଷା କରିଥାନ୍ତି । ଅନ୍ୟପଟେ କେତକ ଲୋକ ହାଟ ପାଇଁ ନିଜର ଜୀବିକା ନିର୍ବାହ କରିଥାନ୍ତି ବିଭିନ୍ନ ବ୍ୟବସାୟ କରି ସପ୍ତାହକ ପର୍ଯ୍ୟନ୍ତ ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ଉକ୍ତ ହାଟକୁ ଯିବା ପାଇଁ ହେଲେ ଅଞ୍ଚଳର ଲୋକ, ବ୍ୟବସାୟୀଠୁ ଆରମ୍ଭ କରି ସମସ୍ତେ ଥାନା ଛକ ରାସ୍ତା ଦେଇ ହାଟକୁ ଯାଇଥାନ୍ତି । ଏହି ରାସ୍ତା ଉପରେ ଅଞ୍ଚଳର ଲୋକ ଦୈନିକ ନଦୀକୁ ଯିବା ଗାଧୋଇଯିବା, ପିଇବା ପାଣି ପାଇଁ ଯିବା, ମନ୍ଦିର ଯିବା



ଆଦିକାର୍ଯ୍ୟ ପାଇଁ ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଆଜି ପର୍ଯ୍ୟନ୍ତ ଉକ୍ତ ରାସ୍ତା ର ସମସ୍ୟା ର ସମାଧାନ ହୋଇପାରିଲା ନାହିଁ କି ସ୍ଥାୟୀ ରାସ୍ତା ଖଣ୍ଡିଏ ହୋଇପାରିଲା ନାହିଁ । ଏପରିକି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଜନ ପ୍ରତିନିଧି ବା ପ୍ରଶାସନ ଆନ୍ତରିକତା ପ୍ରକାଶ ପାଇ ପାରୁନାହିଁ । ଯାହାକୁ ନେଇ ସରକାରଙ୍କ ଗମନା ଗମନ ବିକାଶ କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି । ଫଳରେ ବର୍ଷା ଚାରିମାସ ପର୍ଯ୍ୟନ୍ତ ଲୋକେ ନିଜକୁ ନିଜେ ଭାଗ୍ୟ କୁ ନିନ୍ଦି ଆଣ୍ଠୁଏ କାଦୁଅ ରେ ଯାତାୟାତ କରିଥାନ୍ତି । ଅନ୍ୟପଟେ ଉକ୍ତ ରାସ୍ତାଦେଇ ଦୈନିକ ଦିନରାତି ମହାନଦୀରୁ ହାଇୱା ଓ ଟ୍ରାକ୍ଟର ଯୋଗେ ବାଲି ଯାଉଥିବାରୁ ରାସ୍ତା ସମସ୍ୟାର ମୁଖ୍ୟ ବାଧକ ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ଦୈନିକ ଥାନା ପଛପାଖ ଦେଇ ଟ୍ରିପ ଟ୍ରିପ ବାଲି ଯିବା, ଅତ୍ୟଧିକ ଲୋଡ଼ିଂ ପାଇଁ ରାସ୍ତା ସମସ୍ୟା ଆଉ ଟିକେ ଦ୍ୱିଗୁଣିତ ସମସ୍ୟା ବୋଲି ଅଞ୍ଚଳ ଲୋକେ ଦାବି କରିଛନ୍ତି । ଆଜି ସାପ୍ତାହିକ ହାଟ ଥିବାରୁ କ୍ରୟ ବିକ୍ରୟ ପାଇଁ ସକାଳୁ ସକାଳୁ ଅଞ୍ଚଳ ଲୋକ, ବ୍ୟବସାୟୀମାନେ ପହଞ୍ଚିଥିଲେ। କିନ୍ତୁ ରାସ୍ତା କାଦୁଅ ପାଇଁ ଯାଇ ପାରିନଥିବାରୁ ସମସ୍ତେ ଫେରି ଆସିଥିଲେ। ଅନ୍ୟପଟେ କାଦୁଅ ରାସ୍ତା ପାଇଁ ବୋଲି ଆଜି ହରଭଙ୍ଗା ସ୍ଥିତ ଥିବା ପୁରୁଣା ବଙ୍ଗଳା ନିକଟରେ ଅସ୍ୱାସ୍ଥ୍ୟକର ପରିବେଶରେ ହାଟ ବସିଥିବା ଦେଖିବାକୁ ମିଳିଥିଲା । ଏପଟେ ବେଆଇନ ବାଲି ହାଇୱା, ଟ୍ରାକ୍ଟରକୁ ଉକ୍ତ ରାସ୍ତାରେ ବନ୍ଦ କରିବା ଏବଂ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳ ଲୋକ ନିକଟସ୍ଥ ପୋଲିସ ଷ୍ଟେସନ ପହଁଚି ଅଭିଯୋଗ କରିଥିଲେ। ଏପଟେ ହରଭଙ୍ଗା ଥାନା ଅଧିକାରୀ ମହାନଦୀରୁ ବାଲି ଉଠାଉଥିବା ଦାୟିତ୍ୱ ରେ ଥିବା ମୁନିସୀକୁ ଡାକି ତୁରନ୍ତ ଖାଲ ଖମାଠୁ ଆରମ୍ଭ କରି କାଦୁଅ ସ୍ଥାନରେ ରାସ୍ତା ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଲୋକ ମାନେ ଥାନାରୁ ଫେରିଥିବା ବେଳେ ଖୁବ ଶୀଘ୍ର ପ୍ରଶାସନ ରାସ୍ତା ସମସ୍ୟା ନବୁଝିଲେ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଆମେ ଆମର ହକ ପାଇଁ ରାଜରାସ୍ତାକୁ ବାଧ ହୋଇ ଓହ୍ଲାଇବୁ ଏବଂ ଦରକାର ପଡିଲେ ବେଆଇନ ବାଲି ହାଇୱା, ଟ୍ରାକ୍ଟର ଗୁଡିକୁ କୌଣସି ମତେ ନଦୀକୁ ପଠାଇ ଦେବୁ ନାହିଁ ବୋଲି ପ୍ରତିବାଦ କରିଥିବା ଜଣାପଡ଼ିଛି ।

# ୨୫୧ଟି ସଡ଼କ ଦୁର୍ଘଟଣାରେ ୧୫୧ମୃତ, ୨୮୬ ଗୁରୁତର

## ସଚେତନତା ଓ ଦଣ୍ଡବିଧାନ ସତ୍ତ୍ୱେ ନିତିଦିନିଆ ପାଲଟିଛି ଦୁର୍ଘଟଣା

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାରେ ସଡକ ଦୁର୍ଘଟଣା ସାଧାରଣ ଲୋକଙ୍କ ପାଇଁ ଉଦବେଗର କାରଣ ହୋଇଥିବାବେଳେ ଯେତେ ସଚେତନତା ଓ ଦଣ୍ଡବିଧାନ କରାଗଲେ ମଧ ରାସ୍ତାରେ ଜୀବନହାନି ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଘରୁ ଗୋଡ କାଢିଥିବା ଲୋକଟିଏ ଘରକୁ ଫେରିବ କି ନାହିଁ ତାହା ଶଙ୍କା-ଆଶଙ୍କା ବଳବତ୍ତର ଥିବାବେଳେ ଏହା ଏବେ ସମସ୍ତଙ୍କ ପାଇଁ ଉଦବେଗର କାରଣ ହୋଇଛି । ସରକାରୀସ୍ତରରେ ଯେତେ ବୈଠକ କିମ୍ବା ଆଲୋଚନା,ସଭାସମିତି କରାଗଲେ ମଧ ଦିନକୁ ଦିନ ଏହା କମିବା ବଦଳରେ ବଢିଚାଲିଛି । ଚଳିତବର୍ଷ ଜାନୁୟାରୀ ମାସଠାରୁ ଏପ୍ରିଲ ଶେଷ ପର୍ଯ୍ୟନ୍ତ ଚାରିମାସରେ ସରକାରୀ ରିପୋର୍ଟ ମୁତାବକ ମୋଟ ୨୫୧ଟି ସଡକ ଦୁର୍ଘଟଣା ଘଟି ୧୫୧ଜଣ ଲୋକଙ୍କ ମୃତ୍ୟୁହୋଇଛି । ୨୯୬ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ ଜୀବନ ଯୁଦ୍ଧରେ ସଂଗ୍ରାମ କରୁଛନ୍ତି ସେଥିମଧରୁ ଅନେକ ବ୍ୟକ୍ତି ଶାରିରୀକ ବିକଳାଙ୍ଗ ହୋଇଛନ୍ତି । ଗତବର୍ଷ ଜାନୁୟାରୀଠାରୁ ଏପ୍ରିଲ ପର୍ଯ୍ୟନ୍ତ ୨୫୩ଟି ସଡକ ଦୁର୍ଘଟଣା ଘଟି ୧୩୭ଜଣ ଲୋକଙ୍କ ମୃତ୍ୟୁ ହେବା ସହ ୨୧୦ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ । ଏବେବି କେନ୍ଦୁଝର ଠାରୁ ରିମୁଳି ମଧରେ ୩୪ ଟି ସ୍ଥାନକୁ ଗୁରୁତର ସ୍ଥାନ ଭାବରେ ଚିହ୍ନଟ କରାଯାଇଛି । ଅଭିଯୋଗ ହୋଇଛି ଯେ,କେନ୍ଦୁଝର ଜିଲ୍ଲାରେ ରାସ୍ତା ଦୁର୍ଘଟଣାରେ ମୃତ ଏବଂ ଆହତଙ୍କ ସଂଖ୍ୟା ପ୍ରତିବର୍ଷ ବଢିବାରେ ଲାଗିଛି । ଜାତୀୟ ରାଜପଥ ୨୦ ଏବଂ ୪୯ ଚାରିଲେନ ହେବା ପରେ ରାସ୍ତା ଦୁର୍ଘଟଣା ବଢିବାରେ ଲାଗିଛି। ଯାହାକି ଆଞ୍ଚଳିକ ପରିବହନ ବିଭାଗ ଏବଂ ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି । ସଚେତନତା ଅଭାବ ଏବଂ ତ୍ରୁଟିପୂର୍ଣ୍ଣ ଗାଡିଚାଳନା କାରଣରୁ ଅଧିକ ଦୁର୍ଘଟଣା ଘଟୁଛି । ଅନେକ ସ୍ଥାନରେ ରାସ୍ତା ଦବିଯାଇଥିବାବେଳେ ସର୍ଭିସ ରାସ୍ତା ମଧ ଶେଷ ହୋଇନାହିଁ । ଜାତୀୟ ରାଜପଥ ପ୍ରାଧିକରଣ ଏ ନେଇ ପଦକ୍ଷେପ ନେଉନଥିବାବେଳେ ରାସ୍ତା ମରାମତି ମଧ ଠିକ୍ ଭାବରେ ହେଉନଥିବା ଅଭିଯୋଗ ହୋଇଛି । ବେପରୁଆ ଏବଂ ଦ୍ରୁତ ବେଗରେ ଗାଡି ଚାଳନା ଏହି ମର୍ମନ୍ତୁଦ ଦୁର୍ଘଟଣାର ମୁଖ୍ୟ କାରଣ ବୋଲି କୁହାଯାଉଛି । ଜାତୀୟ ରାଜପଥ ୨୦ରେ ବୃଦ୍ଧି ପାଉଥିବା ଦୁର୍ଘଟଣା ଯୋଗୁଁ ଯାତାୟତ ଅସୁରକ୍ଷିତ ମଣୁଛନ୍ତି । ଜାତୀୟ ରାଜପଥରେ ବେଆଇନ ପାର୍କିଂ ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ବିଭିନ୍ନ ସ୍ଥାନରେ ଗାଡିର ବେଗ ଉପରେ ନଜର ରଖିବା ଓ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ଦାବି ହୋଇଛି । ବିଶେଷ କରି ବିନା ଲାଇସେନ୍ସରେ କମ ବୟସର ପିଲାମାନେ ଦ୍ରୁତ ଗତିରେ ଗାଡି ଚଳାଉଥିବା, ଧାର୍ଯ୍ୟ ଠାରୁ ଅଧିକ ସଂଖ୍ୟାରେ ବସି ଯାଉଥିବା, ବିକଟାଳ ହର୍ଣ୍ଣ ବ୍ୟବହାର, ଟ୍ରାଫିକ ନିୟମକୁ ଉଲ୍ଲଘଂନ କରି ଏଣେ ତେଣେ ଗାଡି



ଚଳାଚଳ,ନିଶାସକ୍ତ ଅବସ୍ଥାରେ ଗାଡି ଚଳାଚଳ ଆଦି ଏହି ଦୁର୍ଘଟଣାର ପ୍ରମୁଖ କାରଣ ହୋଇଛି । ସେହିପରି ତ୍ରୁଟିପୂର୍ଣ୍ଣ ଡିଭାଇଡର ନିର୍ମାଣ,ରାସ୍ତା ଉପରେ ଗାଡି ପାର୍କିଂ,ରାସ୍ତା ଉପରେ ଉଠାଦୋକାନ,ଫୁଟପାଥ ଜବରଦଖଲ,ମେଡିଆନ ଭାଙ୍ଗି ଏହା ଉପରେ ଗାଡି ଚଳାଚଳ ଯୋଗୁଁ ଦୁର୍ଘଟଣା ବଢୁଛି । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପୋଲିସ ଏବଂ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ୧୩ହଜାର ୪୮ ଜଣ ଅମାନିଆ ଗାଡି ଚାଳକଙ୍କ ଠାରୁ ଚାଲାଣ କଟାଯାଇଛି । ୫୩୮ ଜଣଙ୍କ ଲାଇସେନ୍ସ ବାତିଲ କରାଯାଇଛି । ଜିଲ୍ଲାର ସମସ୍ତ ସ୍ଥାନମାନଙ୍କରେ ମଦ୍ୟପାନ କରି ଗାଡି ଚାଳନା, ହାଇ ସିକ୍ୟୁରିଟି ରେଜିଷ୍ଟ୍ରେସନ ନମ୍ବର ପ୍ଲେଟ ନଥିବା, ରଙ୍ଗ ସାଇଡରେ ଗାଡି ଚାଳନା,ବିନା ହେଲମେଟରେ ଗାଡି ଚାଳନା, ନାବାଳକ ଗାଡି ଚାଳନା, ଦ୍ରୁତଗତିରେ ଗାଡି ଚାଳନା ଗୁଡିକର ନିୟମିତ ଯାଂଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ଆରଟିଓ ଇଂ. ଗୋପାଳ କୃଷ୍ଣ ଦାସ ସୂଚନା ଦେଇଛନ୍ତି। ଆବଶ୍ୟକ ପଡିଲେ ଲାଇସେନ୍ସ ଓ ପରମିଟ ରଦ୍ଦ କରିବା ଭଳି ପଦକ୍ଷେପ ଗ୍ରହଣ କରାଯାଉଛି । ଲୋକେ ସଚେତନ ହୋଇ ନିଜ ନିଜ ସୁରକ୍ଷା ପାଇଁ ଟ୍ରାଫିକ ନିୟମ ପାଳନ କରି ଗାଡି ଚଳାଚଳ କରିବାକୁ ନିବେଦନ କରାଯାଇଛି । ତେବେ ୨୦୨୪ ମସିହାର ଦୁର୍ଘଟଣା ରେକର୍ଡକୁ ଚଳିତ ବର୍ଷ ୨୦୨୫ର ପ୍ରଥମ ଚାରିମାସ ଭଙ୍ଗ କରିଥିବା ସରକାରୀ ଭାବେ ସ୍ୱୀକାର କରାଯାଇଛି ।

# କଣ୍ଟୁଆରଗ୍ରାମ ରଘୁନାଥପୁର ବ୍ଲକ ଅଧିନରେ ରହିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ଅରଣାପଞ୍ଚାୟତ ଅଧିନରେ ଥିବା କଣ୍ଟୁଆର ଗ୍ରାମ ବିରିଡି ବ୍ଲକ ଅଧିନରୁ ଆସି ରଘୁନାଥପୁର ବ୍ଲକ ଅଧିନରେ ରହିବାପାଇଁ ଗତ ଜୁନ ୩୦ ତାରିଖରେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ଦେଇଛନ୍ତି।ଏହି ଦାବିପତ୍ର ରେ ସେମାନେ ଦର୍ଶାଇଛନ୍ତି କଣ୍ଟୁଆରଗ୍ରାମ ଠାରୁ ବିରିଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ଅନ୍ୟାନ୍ୟ କ୍ଷେତ୍ରୀୟ କାଯ୍ୟାଳୟ ଗୁଡିକର ଦୂରତା ୩୦କି. ମି.ରୁ ଅଧିକ ଏବଂ କଟକ ଜଗତସିଂହପୁର ରାଜ୍ୟରାଜପଥ ତଥା ବିରିଡି ଛକ ଠାରୁ୨.୫କିମିଦୂରତାରେ ରହିଥିବାରୁ ଗ୍ରାମର ଅଧିକାଂଶ ଅଧିବାସୀ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଦେଖିନାହାନ୍ତି। ଗ୍ରାମଠାରୁ ବ୍ଲକ ଅନେକ ଦୂରତା ଏବଂ ଗମନାଗମନର ସେପରି ସୁବିଧା ନଥିବାରୁ ଗ୍ରାମର ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ଅସହାୟ, ବିଧବା ମହିଳା ମାନେ ବ୍ଲକ ମହକୁମାକୁ ପହଞ୍ଚି ନପାରିବାରୁ ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହି ଗ୍ରାମଟିକୁ ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ରଘୁନାଥପୁର ବ୍ଲକ ଠାରୁ ପ୍ରାୟତଃ ୧.୫କିମି ଦୂରତାରେ ରହିଛି। ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଏହିଗ୍ରାମ ନିର୍ଭରଶୀଳ ହୋଇଥିବାବେଳେ ରଘୁନାଥପୁର କୃଷି କାର୍ଯ୍ୟାଳୟ, ପୋଲିସ ଷ୍ଟେସନ, ତହସିଲ, ଅଗ୍ନିଶମ ବିଭାଗ, କୋର୍ଟ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡିକ ଅତି ନିକଟରେ ଥିଲେବି ପ୍ରମାଣ ସ୍ୱରୁପ ଏହି ଗ୍ରାମବାସୀ ମାନେ କୌଣସି କାର୍ଯ୍ୟାଳୟକୁ ଆସିପାରନ୍ତି ନାହିଁ। ଯାହାଫଳରେ ଗ୍ରାମ ରେ ଅନେକ ସମୟରେ ଅଶାନ୍ତି ବାତାବରଣ ସୃଷ୍ଟିହୋଇଥାଏ।ଏହି ଦାବିପ୍ରତ୍ରକୁ ଜିଲ୍ଲାପାଳ ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେବାପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

# ଦୁର୍ଘଟଣାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ଷ୍ଟେସନର ୨ ନମ୍ବର ପ୍ଲାଟଫର୍ମରେ ଆଜି ରାତି ୯ ଟା ୧୫ ମିନିଟ୍ ସମୟରେ ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ ଟ୍ରେନରେ ଦୁର୍ଘଟଣା ହୋଇ ଜଣକର ମୃତ୍ୟୁ ହୋଇଛି ।ମୃତକଙ୍କ ପରିଚୟ ଜଣା ପଡ଼ିନାହିଁ। ତାଙ୍କ ମୁଣ୍ଡ ଗଣ୍ଡି ଅଲଗା ହୋଇଯାଇଛି। କେହି କେହି ସମ୍ପର୍କ କ୍ରାନ୍ତି ଟ୍ରେନର ସେ ଯାତ୍ରୀ ଥିଲେ ବୋଲି କହିଛନ୍ତି। ଜଳେଶ୍ୱର ଷ୍ଟେସନରୁ ଟ୍ରେନ ଛାଡ଼ିବା ପରେ ସେ ଓହ୍ଲାଇଥିବା ବେଳେ ଖସି ପଡ଼ିଥିଲେ ।ଟ୍ରେନ ତାଙ୍କ ଉପରେ ଚାଲିଯିବାରୁ ମୃତ୍ୟୁ ହୋଇଛି ବୋଲି କୁହାଯାଇଛି ।ରେଳବାଇ ପୋଲିସ ଶବ ଜବତ୍ କରି ତଦନ୍ତ କରୁଛି।

# ବ୍ରାହ୍ମଣଝରିଲୋ ବିଟ୍ ହାଉସକୁ ଫାଣ୍ଡିରେ ପରିଣତ କରିବାକୁ ଦାବି

ଫୁଲନଖରା(ଭାସ୍କର ନ୍ୟୁଜ): ରାଜ୍ୟରେ ଅଗ୍ରଣୀ ସ୍ୱେଚ୍ଛାସବୀ ସଂଗଠନ ସହଯୋଗ ଓଡ଼ିଶା ପକ୍ଷରୁ ବ୍ରାହ୍ମଣଝରିଲୋରେ ଥିବା ବିଟ୍ ହାଉସକୁ ଫାଣ୍ଡିରେ ପରିଣତ କରିବାକୁ ଅନୁଷ୍ଠାନର ସଭାପତି ଗଣେଶ ପ୍ରସାଦ ଦାଶ ପୋଲିସ କମିଶନର ଓ ପୋଲିସ ଡି.ଜି ଙ୍କୁ ଲିଖିତ ଆକାରରେ ଦାବି କରିଥିବା ଜଣାପଡ଼ିଛି । ଘଟଣାରେ ପ୍ରକାଶ ଯେ,କଟକ ସଦର ଥାନା ଅଧୀନରେ କଟକ ଗୋପାଳପୁରରୁ ଫୁଲନଖରା ଛକ କଟକ ମହାନଗରନିଗମ ୪ ଗୋଟି ୱାର୍ଡ । ସେହିପରି କଟକ ସଦର ବ୍ଲକ ଖଣ୍ଡେଇତା, ଉରାଳୀ,ଆମଣ ୩ ଗୋଟି ଗ୍ରାମ ପଞ୍ଚାୟତ । ନିଆଳି ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକ ୩୩ ନମ୍ବର ଜିଲ୍ଲା ପରିଷଦ ଜୋନ୍ ଯଥା ନଗରୀ,ଉସୁମା,ଖଲର୍ଦ୍ଦା, କୋରକୋରା, ସାଇଁଶୋ, ହରିଅନ୍ତା, କୁରାଙ୍ଗ ଶାସନ ଓ କୁରାଙ୍ଗ ପ୍ରଧାନ ୮ ଗୋଟି ଗ୍ରାମପଞ୍ଚାୟତ ଏହି ସଦର ଥାନା ପରିସରଭୁକ୍ତ। ଏହାକୁ ଛାଡ଼ି ବାଲିକୁଦା ଗୋପାଳପୁରରୁ ଫୁଲନଖରା,ବାଲିକୁଦାରୁ କାଜିପାଟଣା କୁଆଖାଇ ନଦୀ ଏବଂ ଫୁଲନଖରାରୁ ବଡଝରିଲୋ ପର୍ଯ୍ୟନ୍ତ ଏହି ସବୁ ମୁଖ୍ୟ ରାସ୍ତାରେ ଦୁର୍ଘଟଣା ଘଟିଲେ କଟକ ସଦର ପୋଲିସଙ୍କୁ ଆଗ





ଯିବାକୁ ପଡିଥାଏ । ବିଶେଷ କରି ଫୁଲନଖରା ଛକରୁ କଟକ ଗୋପାଳପୁରରେ ମୁଖ୍ୟ ଜାତୀୟ ରାଜପଥରେ ଭିଆଇପିମାନଙ୍କ ପାଇଁ ସଦର ଥାନା ପୋଲିସକୁ ଡ୍ୟୁଟି କରିବାକୁ ପଡ଼ିଥାଏ ।ଏହି ବୃହତ ଥାନା ଅଞ୍ଚଳରେ ପୋଲିସକୁ ସଦା ସର୍ବଦା ଡ୍ୟୁଟି କରି ରାହାଜାନୀ, ଡକାୟତି,ରବରି ଓ ଦଙ୍ଗା ପ୍ରତି ପୋଲିସଙ୍କୁ ସବୁବେଳେ ସଜାଗ ଦେଇ ତୀକ୍ଷଣ ଦୃଷ୍ଟି ରଖି ଡ୍ୟୁଟି କରିବାକୁ ପଡ଼ିଥାଏ । ବାରଙ୍ଗ ବ୍ଲକର ଏହି ୮ ଗୋଟି ପଞ୍ଚାୟତ କୋରକୋରା,ଖଲର୍ଦ୍ଦା, ହରିଅନ୍ତା, କୁରାଙ୍ଗ ଶାସନ ଏହି ଦୂର ଦୁରାନ୍ତର ପଞ୍ଚାୟତର ଲୋକମାନେ କିପରି ନ୍ୟାୟ ପାଇବେ କୌଣସି ଦୁର୍ଘଟଣା ହଠାତ୍ ଘଟିଲେ ପୋଲିସ ହଠାତ୍ ଯାଇ ତାଙ୍କ ପାଖେ ପହଞ୍ଚିବ ବୋଲି ବ୍ରାହ୍ମଣଝରିଲୋ ଠାରେ ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଏକ ପୋଲିସ ବିଟ ହାଉସ୍ କାର୍ଯ୍ୟ କରୁଅଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ବିଟ୍ ହାଉସକୁ ଫାଣ୍ଡିରେ ପରିଣତ କରାଯାଉଛି ।ଯେଉଁ ସ୍ଥାନ ମାନଙ୍କରେ ଫାଣ୍ଡି ବହୁତ୍ ଦିନରୁ କାର୍ଯ୍ୟ କରୁଅଛି ତାକୁ ଥାନାରେ ପରିଣତ କରାଯାଉଛି । ଅଥଚ ଥାନାଠାରୁ ୧୫ କି.ମି ଦୂର ବ୍ରାହ୍ମଣଝରିଲୋ ବିଟ ହାଉସକୁ ତୁରନ୍ତ ଫାଣ୍ଡିରେ ପରିଣତ କରିବାକୁ ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛସେବୀ ସଂଗଠନ ସହଯୋଗ- ଓଡ଼ିଶା ପକ୍ଷରୁ ପୋଲିସ କମିଶନର ଓ ପୋଲିସ ଡାଇରେକ୍ଟର ଜେନେରାଲଙ୍କ ତୁରନ୍ତ ଫାଣ୍ଡିରେ ପରିଣତ କରିବା ସକାଶେ ଅନୁଷ୍ଠାନର ସଭାପତି ଗଣେଶ ପ୍ରସାଦ ଦାଶ ଦାବି କରିଥିବାର ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ରନାଥ ଛୋଟରାୟ, ଇଂ. ସୁଶାନ୍ତ କୁମାର ତ୍ରିପାଠୀ, ଲଳିତ କୁମାର ଦାଶ, ଶ୍ରୀ ସନ୍ନ୍ୟାସୀ ପଣ୍ଡା, ଶରତ କୁମାର ରଥ, ବଂଶୀଧର ଭୋଳ, କବି ନାରାୟଣ ଜେନା, ଅଜୟ କୁମାର ବେଉରା, ଅଶୋକ କୁମାର ରଥ, ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ୭୬ତମ ବନ ମହୋତ୍ସବ ସପ୍ତାହ

# ‘ଗଛ ଆମ ଜୀବନ ଧନ, ଦିଏ ଆମକୁ ପାଣି ପବନ’

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ଗଛ ଆମ ଜୀବନ ଧନ, ଦିଏ ଆମକୁ ପାଣି ପବନ। ଏଭଳି ଏକ ବାର୍ତ୍ତା ସହ ଛାତ୍ରଛାତ୍ରୀଙ୍କ ମେଳରେ ବୃକ୍ଷରୋପଣ କରିବାର ଅବକାଶ ସୃଷ୍ଟି ହୋଇଥିଲା ପଶ୍ଚିମେଶ୍ୱର ବିଦ୍ୟାପୀଠ ପରିସରରେ। ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ମଙ୍ଗଳବାର ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ପଶ୍ଚିମେଶ୍ୱର ବିଦ୍ୟାପୀଠ ପରିସରରେ ବୃକ୍ଷରୋପଣ ସହ ଛାତ୍ରଛାତ୍ରୀଙ୍କୁ ସଚେତନ କାର୍ଯ୍ୟକ୍ରମ କରାଯାଇଥିଲା। ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଶ୍ରୀକାନ୍ତ କୁମାର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ ସହ ପିଲାମାନଙ୍କ ଉଦେଶ୍ୟରେ କହିଥିଲେ, ପ୍ରକୃତି ଆମର ମା’। ତା ପ୍ରତି ମଧ ଆମର କର୍ତ୍ତବ୍ୟ ରହିଛି। ଗଛ ଟିଏ ଲଗାଇଲେ ଏହା କେବଳ ପ୍ରକୃତି ପାଇଁ ଫଳପ୍ରଦ ହେବନି, ଏକ ସୁସ୍ଥ ଜୀବନ ବଞ୍ଚିବାରେ ଆମକୁ ହିଁ ସାହା ହେବ। ତେଣୁ ଅନ୍ତତଃ ବର୍ଷକୁ ଗୋଟେ ଗଛ ଲଗାଇବା ସହ ତାର ଯତ୍ନ ନେବାକୁ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଶ୍ରୀକାନ୍ତ କୁମାର ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପବିତ୍ର କୁମାର ପରିଡା ଉପସ୍ଥିତ ରହି ପିଲା ମାନେ ପରିବେଶ ସୁରକ୍ଷାର ବଡ଼ ମାଧ୍ୟମ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବାଲିପନ୍ତାଳ ସାଧନ କେନ୍ଦ୍ର ସଂଯୋଜକ





ଶ୍ରୀଯୁକ୍ତ ଦୀପକ ନାୟକ, ଅତିରିକ୍ତ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ରେ ବନ ମହୋତ୍ସବ ସପ୍ତାହ ଅବସରରେ ‘ଗଛ ଓ ଜୀବନ’ଶୀର୍ଷକ ବିଷୟକୁ ନେଇ ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହ ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଚଣ୍ଡିଖୋଲରେ ଆପ୍ରୋଚ ରୋଡ୍ ସାଜିଛି ବସ୍ଷ୍ଟାଣ୍ଡ

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ): ଦୁଇଟି ଜାତୀୟ ରାଜପଥ ୧୬ ଓ ୫୩ର ସଙ୍ଗମ ସ୍ଥଳୀ ଚଣ୍ଡିଖୋଲ। ରାଜ୍ୟ ଭୌଗୋଳିକ ମାନଚିତ୍ରରେ ଏହା ଅନେକ ଗୁରୁତ୍ୱ ବହନ କରେ। ଚଣ୍ଡିଖୋଲ ଠାରୁ ରାଜ୍ୟ ଓ ରାଜ୍ୟ ବାହାରକୁ ଦିବାରାତ୍ର ଯାତାୟାତର ସୁବିଧା ମିଳେ । ଯାହାଫଳରେ ଏଠାରେ ଦିବାରାତ୍ର ଦୋକାନ ବଜାର ଖୋଲା ରହିଥାଏ। ବିଭିନ୍ନ ରାଜ୍ୟର ଯାତ୍ରୀମାନଙ୍କର ଯାତାୟାତ ଲାଗି ରହିଥାଏ । ପାରାଦ୍ୱୀପ, ଢ଼ୁବୁରୀ, କଟକ, ଭୁବନେଶ୍ୱର ଓ ଧାନମଣ୍ଡଳ ରେଳ ଷ୍ଟେସନ ମଧ୍ୟରେ ୪ କିମିରୁ ମଧ କମ ବ୍ୟବଧାନ ଥିବାରୁ ରେଳରେ ଯାତ୍ରା କରୁଥିବା ଯାତ୍ରୀମାନେ ଏଠାକୁ ଆସିଥାନ୍ତି। ହେଲେ ଏସବୁ ସ[illegible] ମଧ ଚଣ୍ଡିଖୋଲ ରେ ସ୍ଥାୟୀ ବସଷ୍ଟାଣ୍ଡ ନାହିଁ। ୧୬ ନମ୍ବର ଜାତୀୟ ରାଜପଥର ଟ୍ରାଫିକ ଚଣ୍ଡିଖୋଲ ବଜାରକୁ ୨ ଭାଗରେ ବିଭକ୍ତ କରିଛି। ପ୍ରତିଦିନ ଶହ ଶହ ସଂଖ୍ୟାରେ ବସ ଯାତାୟାତ କରୁଥିବା ବେଳେ ଆପ୍ରୋଚ ରୋଡ ସାଜିଛି ବସଷ୍ଟାଣ୍ଡ। ସନ୍ଧ୍ୟା ସମୟରେ ଏକକାଳୀନ ୨୦ରୁ ଊର୍ଦ୍ଧ୍ୱ କଲିକତା ବସ ଏଠାରେ ରହୁଥିବାରୁ ଯାତାୟାତରେ ଘୋର ଅସୁବିଧା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। କଲିକତା ବା ବାଲେଶ୍ୱରରୁ ଆସୁଥିବା ବସ ଗୁଡିକ ହାଇୱେ ସମ୍ମୁଖରେ ରହୁଥିବାରୁ କେବଳ ଟ୍ରାଫିକ ସମସ୍ୟା ନୁହେଁ, ବରଂ କେନ୍ଦୁଝରରୁ କ୍ରମାଗତ ଭାବେ ହଜାର ହଜାର ସଂଖ୍ୟାରେ ଆସୁଥିବା ଲୁହାପଥର ଭାରିଯାନ ଗୁଡିକ ଗୋଲେଇରେ ବୁଲାଇବାରେ ଅସୁବିଧା ହେବା ବା ସହ ପ୍ରତିଦିନ ୧୦ରୁ ଊର୍ଦ୍ଧ୍ୱ ଗାଡ଼ିର ଟାୟାର ଗୋଲେଇରେ ଫାଟୁଛି। କହିବାକୁ ଗଲେ ଟ୍ରାଫିକ ସମସ୍ୟା ପ୍ରଭାବିତ ହେବା ସହ ଯାତାୟାତରେ ଘୋର ଅସୁବିଧା ଦେଖିବାକୁ ମିଳୁଛି। ଗୋଟିଏ ସ୍ଥାନରେ ବସ ଗୁଡିକ ନରହିବା ଫଳରେ ଯାତ୍ରୀମାନେ ବଜାରର ପଟକୁ ଯାଇ ଗାଡ଼ି ପରିବର୍ତ୍ତନ କରିବା କଷ୍ଟକର ବ୍ୟାପାର ହୋଇଛି। ବାଲେଶ୍ୱରରୁ ଭୁବନେଶ୍ୱରକୁ ଆସୁଥିବା ଯାତ୍ରୀଟି ଟ୍ରାଫିକ ଛକ ରେ ଓହ୍ଲାଇ ନିଜ ବ୍ୟାଗ ପତ୍ର ଧରି ଜନପ୍ରିୟ ପ୍ରେସ ପାଖ ଗଳିପୋଲ ଦେଇ ଏପଟକୁ ଆସିବାକୁ ପଡୁଛି। ସେହିପରି ବାଲେଶ୍ୱର ଯିବାକୁ ଚାହୁଁଥିବା ଯାତ୍ରୀ ଆର୍ଟିଓ ଅଫିସ ଓଭରବ୍ରିଜ ପାର ହୋଇ ଏପଟକୁ ଆସି ବସ ଧରିବାକୁ ପଡୁଛି। ଏଭଳି ଭାବେ ଦିବାରାତ୍ର ଯାତ୍ରୀମାନେ ବ୍ୟାଗ ଧରି ଏପଟରୁ ସେପଟ ହେବାକୁ ପଡୁଛି। କେତେକ ବସ ଜାତୀୟ ରାଜପଥ ଓଭରବ୍ରିଜ ଦେଇ ଉପରେ ଉପରେ ଯାତାୟାତ କରୁଥିବାବେଳେ ସେମାନେ ବଜାରର ଶେଷ ମୁଣ୍ଡରେ ବସ ରଖୁଥିବାରୁ ସେହି ବସରେରେ ଆସୁଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବଶ୍ୟକତା ଦୃଷ୍ଟିରୁ ଚଣ୍ଡିଖୋଲ ଠାରେ ରେ ବହୁ ପୂର୍ବରୁ ବସଷ୍ଟାଣ୍ଡ ନିର୍ମାଣ ହେବା କଥା। ପ୍ରଶାସନ ପକ୍ଷରୁ ଚଣ୍ଡିଖୋଲରେ ବସଷ୍ଟାଣ୍ଡ ନିର୍ମାଣ ପ୍ରତି ଆଦୌ ବିଚାର କରାଯାଇନାହିଁ । ଏଭଳି ପରିସ୍ଥିତି ଯୋଗୁଁ ଟ୍ରାଫିକ ସମସ୍ୟା, ଦୁର୍ଘଟଣା ଉପରେ ରୋକ ଓ ସର୍ବୋପରି ଯାତ୍ରୀମାନଙ୍କ ଯାତାୟାତର ସୁବିଧା ନିମନ୍ତେ ଚଣ୍ଡିଖୋଲରେ ବସଷ୍ଟାଣ୍ଡର ଆବଶ୍ୟକତା ରହିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଚଣ୍ଡିଖୋଲଠାରେ ଆବଶ୍ୟକତା ଦୃଷ୍ଟିରୁ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି।

**ଯାତାୟାତରେ ଅସୁବିଧା**

# ଶ୍ରାବଣ ଆସିନି, ପରିବା ଦର ଆକାଶଛୁଆଁ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ଶ୍ରାବଣ ମାସ ପୂର୍ବରୁ ଅସ୍ତରଙ୍ଗ ପରିବା ମାର୍କେଟରେ ଆକାଶ ଛୁଆଁ ଦର। ବିନ୍ସ ୧୭୦ଟଙ୍କା, ବାଇଗଣ ୭୦ଟଙ୍କା ଓ ପୋଟଳ ୮୦ଟଙ୍କା, କାଙ୍କଣ ୮୦ଟଙ୍କା, କଲରା ୮୦ଟଙ୍କା। କିଛି ଦିନ ହେବ ପୁରୀ ଜିଲ୍ଲା ଅସ୍ତରଙ୍ଗ ମାର୍କେଟ ହେଉ ଅବା ହାଟରେ ଏଭଳି କଞ୍ଚା ପରିବା ଦର ମହଙ୍ଗା ହେବାରେ ଲାଗିଛି। ତେଣୁ ଖାଉଟିମାନେ ୧କିଲୋ କିମ୍ବା ତା ’ଠାରୁ ଅଧିକ ପରିବା କିଣୁଥିଲେ, ଏବେ ଅଧା କିଲୋ କିମ୍ବା ତା ଠାରୁ କମ୍ କିଣୁଛନ୍ତି। କିନ୍ତୁ ଅର୍ଥ ସମାନ ଖର୍ଚ୍ଚ ହେଉଛି। ୫ଶହ ଟଙ୍କାରେ ବି ପରିବା ବ୍ୟାଗ ପୂର୍ଣ୍ଣ ହେଉନି। ଆଗକୁ ଶ୍ରାବଣ ମାସ ଥିବାରୁ କଞ୍ଚା ପରିବା ଦର ଆହୁରି ବଢିବ ବୋଲି ଆଶଙ୍କା କରାଯାଉଛି। ଅସ୍ତରଙ୍ଗ ବଜାରରେ ଏବେ ଆଳୁ, ପିଆଜ, ଛାଡି ଦେଲେ ପ୍ରାୟ ସବୁ ପରିବା ମୂଲ୍ୟ ୫୦ଟଙ୍କା ଉପରେ ରହିଛି। ଏଭଳି ସ୍ଥିତିରେ କେବଳ ଆଳୁ ଖାଉଟିଙ୍କୁ ଭରସା ପାଲଟିଛି। ଆଳୁ କିଲୋ ୨୦ଟଙ୍କା ଓ ପିଆଜ ୨୫ଟଙ୍କା ରହିଛି। ବିନ୍ସ ହୋଲସେଲ ମୂଲ୍ୟ ୧୫୦ଟଙ୍କା ଥିବା ବେଳେ ଖୁଚୁରା ମୂଲ୍ୟ ୧୭୦ଟଙ୍କା ରହିଛି। ଝୁଡ଼ଙ୍ଗ ହୋଲସେଲ ମୂଲ୍ୟ ୭୦ଟଙ୍କା ଥିବା ବେଳେ ଖୁଚୁରା ମୂଲ୍ୟ ୮୦ଟଙ୍କା ରହିଛି। ଭେଣ୍ଡି, ଜହ୍ନି, କଲରା, କାଙ୍କଣ ଆଦି ୬୦ଟଙ୍କା ଉପରେ। ଏହାବାଦ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଖୁଚୁରା ବ୍ୟବସାୟୀ ମାନେ ଭିନ୍ନ ଭିନ୍ନ ତଥା ଚଢା ମୂଲ୍ୟରେ ପରିବା ବିକୁଛନ୍ତି। ଅସ୍ତରଙ୍ଗ ହାଟରେ ପରିବା ବ୍ୟବସାୟ କରୁଥିବା ମାନସ ସ୍ୱାଇଁ କହିଛନ୍ତି ବର୍ଷା ଓ ଅନ୍ୟ ଅଞ୍ଚଳମାନଙ୍କରେ ବନ୍ୟା କାରଣରୁ କଞ୍ଚା ପରିବା ମୂଲ୍ୟରେ ଏଭଳି ପରିବର୍ତ୍ତନ ଦେଖାଦେଇଛି। ସେହିପରି ଅଧିକାଂଶ ପରିବା ବାହାର ରାଜ୍ୟରୁ ଆସୁଥିବାରୁ ଦର ଅଧିକ ରହୁଛି। ଆନ୍ଧ୍ରରୁ ସଜନା ଛୁଇଁ, ତାମିଲନାଡୁ ଗାଜର, ପଶ୍ଚିମବଙ୍ଗରୁ ପୋଟଳ, କଲରା, ଭେଣ୍ଡି,ଆଳୁ,ଆଦି ପରିବା ଆସୁଛି। ଓଡିଶାର ନୟାଗଡ, ଆଠଗଡ଼, ସମ୍ବଲପୁର ଭଳି କେତେକ ସ୍ଥାନରୁ ପରିବା ଆସୁଥିଲେ ମଧ ତାହା ବହୁତ କମ୍। ଆଉ କିଛି ଦିନ ମଧରେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଝାରିଆ, ବେଗୁନିଆବସ୍ତ, ଓସ୍ତପୁର, ବେଣୀପୁର, ଖଣ୍ଡାସାହି ଅଞ୍ଚଳରୁ ଦେଶୀ ବିନ୍ସ, ପୋଟଳ, କାଙ୍କଣ ସ୍ଥାନୀୟ ବଜାରକୁ ଆସିବାର ଅଛି। ତଥାପି ଦର ଅଧିକ ରହିବ ବୋଲି ପରିବା ବ୍ୟବସାୟୀ ମାନସ ସ୍ୱାଇଁ କହିଛନ୍ତି। ଅନେକ ବ୍ୟବସାୟୀ କହିବା ମୁତାବକ ବର୍ତ୍ତମାନ ବର୍ଷା ହେଉଥିବାରୁ ପରିବା ସେତେ ଆସି ପାରୁନି। ଏହାବାଦ ବାହାର ରାଜ୍ୟରୁ ପ୍ରାୟ ସବୁ ପରିବା ଆସୁଛି। ଶ୍ରାବଣ ମାସ ଆଗକୁ ଥିବାରୁ ଦର ଆହୁରି ବଢ଼ିପାରେ।



# ଜଳବନ୍ଦୀରେ ରାଇସୁଆଁ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଓ କଲେଜ୍

## ■ ଆଣ୍ଠୁଏ ପାଣିରେ ଯା’ଆସ କରୁଛନ୍ତି ଲୋକେ

କେନ୍ଦୁଝର(ଭାସ୍କର ନ୍ୟୁଜ): ସରକାର ସମସ୍ତଙ୍କୁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ପାଇଁ ସବୁ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚାଲିଥିବାବେଳେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ରେ ରାଇସୁଆଁ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର, ରାଇସୁଆଁ କଲେଜ ଓ ହନୁମାନ ମନ୍ଦିର ଯିବା ରାସ୍ତାରେ ଆଣ୍ଠୁଏ ପାଣି ପାଣିରେ ଯା ଆସ କରୁଛନ୍ତି ରୋଗୀ ଓ ଛାତ୍ର ଛାତ୍ରୀ। ଏହି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉପରେ ରାଇସୁଆଁ, ଗୋପୀନାଥପୁର, ମହାଦେଇଯୋଡ଼ା,ମୁକୁନା, ବାଉରିପଦା, ଶଙ୍କିରୀ ଆଦି ଅଞ୍ଚଳର ରୋଗୀ ନିର୍ଭର କରୁଥିବା ବେଳେ ଏହାର କାନ୍ଥ ସବୁ ଫାଟି ବିପଦ ସଙ୍କୁଳ ଅବସ୍ଥାରେ ଚାଲିଛି ଏହି ସ୍ୱାସ୍ଥ୍ୟ କେନ୍ଦ୍ର। ପ୍ରତିଦିନ ଏହି ଚିକିତ୍ସାଳୟକୁ ୧୫୦ ରୁ ଅଧିକା ରୋଗୀ ଆସୁଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାପାଇଁ ଭଲ ରାସ୍ତା ଟିଏ ନାହିଁ । ଏହି ଲଗାଣ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମୁଥିବା ହେତୁ ରୋଗୀମାନେ ଯିବା ଆସିବା କରିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ରାଇସୁଆଁ ମହାବିଦ୍ୟାଳୟକୁ ଶତାଧିକ ଛାତ୍ର ଛାତ୍ରୀ ଓ ହନୁମାନ ମନ୍ଦିରକୁ ଶ୍ରଦ୍ଧାଳୁ ଯିବା ଆସିବା କରୁଥିବାବେଳେ ରାସ୍ତାର ଏହି ଅବସ୍ଥା ଯୋଗୁ ସେମାନେ ଅନେକ ଅସୁବିଧାର



ସମ୍ମୁଖିନ ହେଉଛନ୍ତି। ବିଶେଷକରି ମହିଳା ଓ ଛାତ୍ରୀମାନେ ବେଶି ହଇରାଣ ହେଉଛନ୍ତି। ଏହି ମହାବିଦ୍ୟାଳୟରେ ଥିବା ମହିଳା ଛାତ୍ରାବାସରେ ରହୁଥିବା ଛାତ୍ରୀ ମାନଙ୍କୁ କୌଣସି ଦରକାରୀ ଜିନିଷ ଆଣିବା ପାଇଁ ରାଇସୁଆଁ ବଜାରକୁ ଆସିବା ପାଇଁ ହେଲେ ଏହି ପାଣିଦେଇ ଆସିବାକୁ ପଡୁଥିବାରୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।ସ୍ଥାନୀୟ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ଓ ଖବର ପ୍ରସାରଣ ପରେ ଗତବର୍ଷ ଗୋପିନାଥପୁର ସମିତିସଭ୍ୟ ଓ ବ୍ଲକ୍ ଯନ୍ତ୍ରୀ ଏହିରାସ୍ତା ପରିଦର୍ଶନ କରିଥିଲେ। କିନ୍ତୁ ଏଯାଏଁ ଏହିରାସ୍ତାରେ ମାଟିମୁଠେ ପଡ଼ିପାରିଲା ନାହିଁ। ତେଣୁ ପ୍ରଶାସନ ଦ୍ୱାରା ଏହିରାସ୍ତାକୁ ତୁରନ୍ତ କରାନଗଲେ କଲେଜ୍ ପିଲାଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଅଣ୍ଟା ଭିଡିଲେଣି ଅଞ୍ଚଳବାସୀ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର






କଟକ(ଭାସ୍କର ନ୍ୟୁଜ୍): ମହାନଗର ନିଗମ ୱାର୍ଡ଼ ନଂ ୫୪ ଖପୁରିଆ ପ୍ରେସ୍ ଛକ ତେଲୁଗୁ ବସ୍ତି ବହୁ ପୁରାତନ ବସ୍ତି। ଏହି ବସ୍ତିରେ ପୂର୍ବରୁ ବର୍ଷା ଦିନରେ ପାଣି ଜମୁ ନଥିଲା କି ଘରେ ପଶୁ ନଥିଲା। ବସ୍ତିର ପଛ ପଟେ ଦଳ ପୋଖରି ଦେଇ ପାଣି ଚାଲି ଯାଉଥିଲା। ବର୍ତ୍ତମାନ ସେହି ଖାଲରେ ବାଲି ପକେଇ ଉଚ୍ଚା କରିବା ଦ୍ୱାରା ପାଣି ଯିବାର (ଡ୍ରେନ୍) ବ୍ୟବସ୍ଥା ନଥିବାରୁ ସବୁ ପାଣି ବସ୍ତିରେ ଜମି ଘରେ ଦିର୍ଘଦିନ ହେବ ପଶି ରହୁଛି। ଫଳରେ ପିଲାଛୁଆ ଧରି ରହିବା କଷ୍ଟକର ହେଉଛି। ବସିବା ଶୋଇବା ଅସୁବିଧା ହେବା ସହ ରୋସେଇ ବାସ ହୋଇ ପାରୁନାହିଁ। ବର୍ଷା ହେବା ଦିନରୁ ସମସ୍ତ କାମଧନ୍ଦା ବନ୍ଦ ହେବା ସହ ଘର ଭିତରେ ଚଳିବା ଦୁର୍ବିସହ ହୋଇପଡିଛି। ପିଲାଙ୍କ ପଢାପଢି ସମ୍ପୂର୍ଣ୍ଣ ବାଧା ଗ୍ରସ୍ତ ହୋଇଛି। ବସ୍ତି ବାସିନ୍ଦାଙ୍କ ଘରୁ ଜଳ ନିଷ୍କାସନ କରି ଜଳବନ୍ଦୀରୁ ରକ୍ଷା ଦାବିରେ ବସ୍ତିବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରାଯାଇଛି। ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ବସ୍ତି ନେତା ଦୀପକ ଦାସ, ଉମେଶ ଦାସ ପି ତ୍ରୀନାଥ, ଏସ୍ ରାହୁଲ, ଜି ମୋହନ, ଡି ରାଜୁ, ଜି ସୋନୁ, ମଣି ଦାସ ପ୍ରମୁଖ ବିକ୍ଷୋଭ ପରିଚାଳନା କରିଥିଲେ।

**ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା**

# ଜନକଲ୍ୟାଣ ଯୋଜନାରେ ଅଧିକ ଋଣ ଦେବାକୁ ପରାମର୍ଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଆସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପ୍ରତିନିଧିଙ୍କ ସହ ଆଲୋଚନା କରି ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଗରିବ ଲୋକଙ୍କୁ ଅଧିକ ଋଣ ଦେବାପାଇଁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଓଡିଶାରେ ବିଭିନ୍ନ ଜନକଲ୍ୟାଣ ଯୋଜନା ଯଥା କୃଷି ଋଣ, ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି ଯୋଜନା, ପିଏମ୍ ସ୍ୱନିଧି ଯୋଜନା, ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା, ଗୃହଋଣ, ଶିକ୍ଷାଋଣ ଓ ରପ୍ତାନୀ ଋଣ ଆଦି ବିଭିନ୍ନ ଯୋଜନାରେ ଏହି ବ୍ୟଙ୍କ ଗୁଡିକର ପ୍ରଦର୍ଶନ ଅତ୍ୟନ୍ତ କମ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜୁନ୍ ୨୧ରେ ଏହି ବ୍ୟାଙ୍କ ଗୁଡିକୁ ନିଜର ଏନପ୍ୟାଲେଡି ଲିଷ୍ଟରୁ କାଢିଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରୀବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଲୋକଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ସେମାନଙ୍କ ରୋଜଗାର ବୃଦ୍ଧି କରିବା ହେଉଛି ସରକାରଙ୍କ ଲକ୍ଷ୍ୟ। କିନ୍ତୁ, ଏହି ସବୁ ଯୋଜନା ଗୁଡିକରେ ଏହି ତିନୋଟି ବ୍ୟାଙ୍କର ପ୍ରଦର୍ଶନ ଓଡିଶାରେ ଆଦୌ ସନ୍ତୋଷ ଜନକ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସରକାରଙ୍କ ଗରିବ କଲ୍ୟାଣ ଯୋଜନାରେ ବ୍ୟାଙ୍କ ଗୁଡିକ ହେଉଛନ୍ତି ଏକ ବଡ ମାଧ୍ୟମ। ତେଣୁ, ଏହି ସବୁ ବ୍ୟାଙ୍କ ଗୁଡିକ ବିଭିନ୍ନ ଯୋଜନାରେ ଯେଉଁଥିରେ ଗରିବ ଲୋକମାନେ ଉପକୃତ ହେଉଛନ୍ତି, ସେଥିରେ ଅଧିକ ଲୋକଙ୍କୁ ଋଣ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ବ୍ୟାଙ୍କ ମାନଙ୍କ ପ୍ରଦର୍ଶନ ବିଷୟରେ ଅବଗତ କରିଥିଲେ। ବୈଠକରେ ଆକ୍ସିସ୍ ବ୍ୟାଙ୍କର ଏକଜୁକ୍ୟୁଟିଭ ଡାଇରେକ୍ଟର ମୁନୀଷ ସାରଦା, ସରକାରୀ ବିଜନେସ କଣ୍ଟ୍ରିହେଡ୍ ଅନୀଲ ଅଗ୍ରୱାଲ୍, ଇଷ୍ଟ ରିଜିଓନାଲ ହେଡ୍ ସୌରଭ ଦତା, ଏଚଡିଏଫସି ବ୍ୟାଙ୍କ ପକ୍ଷରୁ କଣ୍ଟ୍ରି ହେଡ୍ ସ୍ମିତା ଭଗତ୍, ବ୍ରାଞ୍ଚ ବ୍ୟାଙ୍କିଙ୍ଗ ହେଡ୍ ଇଷ୍ଟ ସନ୍ଦୀପ କୁମାର, ରିଜିଓନାଲ ହେଡ୍ ଦୀପକ ସିଂହ ଏବଂ ଆସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବିଜନେସ ହେଡ ସୁମିତ ମେହେରୋତ୍ରା, ଓଡିଶା ସିଟି ବିଜିନେସ ହେଡ୍ ବିନୋଦ ଏଲ୍ ଏବଂ ରିଜିଓନାଲ ହେଡ୍ ଅମିୟ ନାୟକ ପ୍ରମୁଖ ଯୋଗଦେଇଥିଲେ।


**ଆଧାରର ସର୍ବାଧିକ ଉପଯୋଗିତା ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା**

## ଜୀବନକୁ ସହଜ କରିବାକୁ ଆଧାର ପ୍ରକୃଷ୍ଟ ମାଧ୍ୟମ: ମୁଖ୍ୟ ସଚିବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଗତ ଏକଦଶନ୍ଧି ମଧ୍ୟରେ ଆଧାର ଭାରତୀୟଙ୍କ ଜୀବନକୁ ସହଜ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି। ଉଦାହରଣ ସ୍ୱରୂପ ଆଧାର ପ୍ଲାଟଫର୍ମ ବ୍ୟବହାର କରି ଓଡ଼ିଶା ସରକାର ଖୁବ୍ ଅଳ୍ପଦିନ ମଧ୍ୟରେ 'ସୁଭଦ୍ରା' ଭଳି ଯୁଗାନ୍ତକାରୀ ଯୋଜନାର ସଫଳ ରୂପାୟନ କରିପାରିଛନ୍ତି। ଆଧାର ଇକୋ ସିଷ୍ଟମ୍ ବ୍ୟାପକ ବ୍ୟବହାର କରି ବିଭିନ୍ନ ବିଭାଗ ଏକ ସମ୍ମିଳିତ ପ୍ରୟାସ କ୍ରମେ ରାଜ୍ୟରେ ଥିବା ସମସ୍ତ ସମ୍ଭାବନାକୁ ବାସ୍ତବତାରେ ରୂପାନ୍ତରିତ କରିପାରିଲେ ଓଡ଼ିଶାବାସୀଙ୍କ ଜୀବନ ଜୀବିକା ଅଧିକ ସହଜ ଓ ସାବଲୀଳ କରାଯାଇପାରିବ ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଶାବ୍ୟକ୍ତ କରିଛନ୍ତି। ୟୁଆଇଡିଏଆଇର ଆଞ୍ଚଳିକ କାର୍ଯ୍ୟାଳୟ, ହାଇଦ୍ରାବାଦ ଏବଂ ଓଡ଼ିଶା ସରକାରଙ୍କ ବୈଦୁତିକ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ମିଳିତ ଆନୁକୂଲ୍ୟରେ ଆଧାରର ସର୍ବାଧିକ ଉପଯୋଗିତା ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା କୃଷି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଆଧାର କାର୍ଡ ଏବେ ଦେଶର ସର୍ବାଧିକ ବ୍ୟବହୃତ ଓ ବିଶ୍ୱାସଯୋଗ୍ୟ ପରିଚୟ ପତ୍ର। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଏ ଦିଗରେ କାର୍ଯ୍ୟ କରୁଛନ୍ତି ବୋଲି ବୈଦ୍ୟୁତିକ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ପ୍ରକାଶ କରିଛନ୍ତି। ଓଡ଼ିଶା ସରକାର ଆଧାର ବ୍ୟବହାର ଓ ନୂତନ ଯୋଜନା ପ୍ରଣୟନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଆଜି ଉଭା ହୋଇଛନ୍ତି ବୋଲି ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନେଶ କୁମାର ଓଡିଶା ସରକାରଙ୍କୁ ପ୍ରଶଂସା କରି କହିଛନ୍ତି । ୟୁଆଇଡିଏଆଇର ବରିଷ୍ଠ ଅଧିକାରୀ ବିବେକ ଚନ୍ଦ୍ର ବର୍ମା, ପି.ସଙ୍ଗୀତା, କର୍ଣ୍ଣେଲ ନିଖିଲ ସିହ୍ନା, ସଂଜୀବ ଯାଦବ ପ୍ରମୁଖ ବିସ୍ତୀର୍ଣ୍ଣ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଆଧାର ଅନୁବନ୍ଧନରେ ଉଲ୍ଲେଖନୀୟ ସଫଳତା ପାଇଁ ଓକାକ୍ର ସିଇଓ ଡା.ପ୍ରଦୀପ କୁମାର ରାଉତ, ପ୍ରଦୀପ ବିଶୋଇ ଏବଂ ସୁଜିତ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୟୁଆଇଡିଏଆଇର ଡିଡିଜି ପି. ସଙ୍ଗୀତା ସ୍ୱାଗତ ଭାଷଣ ଦେଇଥିଲାବେଳେ ୟୁଆଇଡିଏଆଇ ରାଜ୍ୟ କାର୍ଯ୍ୟାଳୟର ନିର୍ଦ୍ଦେଶକ ଦେବରାଜ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମେରିକା ଓ ବୁଲ୍‌ଗେରିଆର ୨ ବିଶ୍ୱବିଦ୍ୟାଳୟ ସହ କିଟ୍‌ର ବୁଝାମଣା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୈକ୍ଷିକ ସହଯୋଗ ନେଇ ବିଶ୍ୱର ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟ ସହ କିଟ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ସୋମବାର ଅଭାଷୀ ମାଧ୍ୟମରେ ଆମେରିକାର ଆମେରିକାନ ୟୁନିଭର୍‌ସିଟି ଅଫ ମାଲ୍‌ଟା ଓ ବୁଲଗେରିଆର ବର୍ଗାସ ମୁକ୍ତ ବିଶ୍ୱବିଦ୍ୟାଳୟ ସହ କିଟ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଶୈକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଏବଂ ପାରସ୍ପରିକ ବୁଝାମଣା ଏବଂ ସଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ଉଭୟ କିଟ୍ ଓ ଆମେରିକାନ ଇଉନିଭର୍ସିଟି ଅଫ୍ ମାଲ୍‌ଟା ମଧ୍ୟରେ ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ ମିଳିତ ଗବେଷକ ବିନିମୟ ସହ ଅନେକ ପଦକ୍ଷେପକୁ ପ୍ରୋତ୍ସାହିତ ଏବଂ ସହଜ କରିବ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ସନ୍ତୋଷ ବ୍ୟକ୍ତ କରିବା ସହ ବୁଝାମଣା ନିଶ୍ଚିତ ଭାବେ ଫଳପ୍ରଦ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ। ଆମେରିକାନ ୟୁନିଭର୍ସିଟି ଅଫ ମାଲଟା ସହ ବୁଝାମଣାରେ ବିଶ୍ୱବିଦ୍ୟାଳୟ ସଭାପତି ପ୍ରଫେସର ଇଆନ୍ ରୋବସନ୍, ମାଲଟାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗେ ଉପସ୍ଥିତ ଥିଲେ। ବୁଲଗେରିଆର ବର୍ଗାସ ମୁକ୍ତ ବିଶ୍ୱବିଦ୍ୟାଳୟ ସହ ବୁଝାମଣାରେ ବୁଲଗେରିଆସ୍ଥିତ ଭାରତୀୟ ରାଷ୍ଟ୍ରଦୂତ ଅରୁଣ କୁମାର ସାହୁ, ବିଶ୍ୱବିଦ୍ୟାଳୟ ରେକ୍ଟର ପ୍ରଫେସର ମିଲେନ ବାଲ୍‌ଟୋଭ ଥିବାବେଳେ କିଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିଟ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ବ୍ୟାପାର ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ, କିଟ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

## ରାଜଧାନୀରେ ସଫେଇ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀର ବିଭିନ୍ନ ୱାର୍ଡରେ ସଫେଇ କାର୍ଯ୍ୟ ବନ୍ଦ କରିଛନ୍ତି ସଫେଇ କର୍ମଚାରୀ । ଗତକାଲି ବିଏମସିର ଓଏସ୍ ଅଫିସରଙ୍କୁ ମାଡ ଘଟଣାରେ ବିଏମ୍‌ସି କର୍ମଚାରୀ ପ୍ରତିବାଦରେ ସମସ୍ତ ସେବା ବନ୍ଦ କରିଛନ୍ତି। ଗତକାଲି ଓଏଏସ ଅଫିସର ରତ୍ନାକର ସାହୁଙ୍କୁ ଆକ୍ରମଣ ହୋଇଥିଲା । ଏହାକୁ ବିରୋଧ କରି ବିଏମସି ସଫେଇ କର୍ମଚାରୀ ଆଜି ଭୁବନେଶ୍ୱରର ବିଭିନ୍ନ ୱାର୍ଡରେ କାର୍ଯ୍ୟ ବନ୍ଦ କରିଛନ୍ତି। ପ୍ରତିବାଦରେ ଝାଡୁ ନ କରି ସେବା ବନ୍ଦ କରିଛନ୍ତି ସଫେଇ କର୍ମଚାରୀ । ୪୪, ୪୦, ୯, ୩୨, ୩୦ ସହ ଅନ୍ୟାନ୍ୟ ୱାର୍ଡରେ ସଫେଇ କାମ ବନ୍ଦ ରଖିଛନ୍ତି ସଫେଇ କର୍ମଚାରୀ ।

## ବିଏମ୍‌ସି କମିଶନର, ରତ୍ନାକର ସାହୁଙ୍କୁ ଭେଟିଲା ଓଏଏସ୍ ଆସୋସିଏସନ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଏମସି କମିଶନର ଏବଂ ଗତକାଲି ଆକ୍ରମଣର ଶିକାର ହୋଇଥିବା ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଭେଟି ଆଲୋଚନା କରିଛି ଓଏଏସ ଆସୋସିଏସନ। ଓଏଏସ ସଙ୍ଘର ସଭାପତି ଜ୍ୟୋତିରଞ୍ଜନ ମିଶ୍ର କହିଛନ୍ତି ଆସୋସିଏସନ ତାଙ୍କ ସହ ରହିଛି। ଶକ୍ତ ଆକ୍ସନ ପାଇଁ ଆମେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛୁ। ମାନସିକ, ଶାରୀରିକ ଭାବରେ ତାଙ୍କ ଉପରେ ଆଘାତ ଲାଗିଛି । ମୁଖ୍ୟମନ୍ତ୍ରୀ ଆମକୁ ଆଶ୍ୱାସନା ଦେଇଛନ୍ତି ଯେଉଁମାନେ ଦୋଷୀ ସେମାନଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ତଦନ୍ତ ଚାଲିଛି ତଦନ୍ତ ପରେ ସମସ୍ତ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ଖରିଫ ଫସଲ ନୀତି ନିର୍ଦ୍ଧାରଣ କମିଟି ବୈଠକ



କଟକ(ଭାସ୍କର ନ୍ୟୁଜ୍): କୃଷି ଓ କୃଷକ ସଶକ୍ତିକରଣ ପ୍ରକ୍ରିୟାକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ସହ ଉପଯୁକ୍ତ ହିତାଧିକାରୀଙ୍କୁ ସମ୍ବନ୍ୱିତ କୃଷି ଆଧାରରେ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେଇ ଆନ୍ତରିକତା ସହ କାର୍ଯ୍ୟ କରିବାକୁ ଖରିଫ ଫସଲ ନୀତି ନିର୍ଦ୍ଧାରଣ କମିଟି ବୈଠକରେ ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ବୈଠକରେ ୨୦୨୫ ଆର୍ଥିକ ବର୍ଷ ପାଇଁ ଖରିଫ ଫସଲ ନିମନ୍ତେ ବିଭିନ୍ନ ନୀତି ନିର୍ଦ୍ଧାରଣ କରାଯାଇଛି । ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରାଜଶ୍ରୀ ବେହେରା ଗତ ଖରିଫ ଋତୁରେ ଶତ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଥିବା ସୂଚନା ଦେଇଥିଲେ। ୨୦୨୫ ଖରିଫ ଋତୁରେ ମୋଟ ୧୨୯୦୭୦ ହେକ୍ଟର ଜମିରେ ଧାନ, ୯୪୦ ହେକ୍ଟର ଜମିରେ ମକା ଓ ୧୧୨୦ ହେକ୍ଟର ଜମିରେ ମାଣ୍ଡିଆ, ବାଜରା ଓ ଯଅ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି । ଚଳିତ ଖରିଫ ଋତୁରେ ଧାନ ଚାଷ ନିମନ୍ତେ ପର୍ଯ୍ୟାପ୍ତ ବିହନ ମହଜୁଦ ଥିବା କଥା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦର୍ଶାଇଥିଲେ । ଉଦ୍ୟାନ କୃଷି ଅଧିନସ୍ଥ ନଡ଼ିଆ ଚାଷ ନିମନ୍ତେ ଧାର୍ଯ୍ୟ ୬୦୦୦ ଚାରାରୋପଣ ଲକ୍ଷ୍ୟକୁ ୨୫ ହଜାର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ । କୃଷକଙ୍କ ପ୍ରତ୍ୟେକ ଆବଶ୍ୟକତାକୁ ସହାୟତା ପ୍ରଦାନ କରି କୃଷି, ଉଦ୍ୟାନ କୃଷି, ଜଳସେଚନ ଆଦି ବିଭାଗ ନିଜ ଭିତରେ ସମନ୍ୱୟ ରକ୍ଷାକରି ଉତ୍ପାଦନ ବୃଦ୍ଧି ଦିଗରେ କାର୍ଯ୍ୟ କଲେ ଆମେ ନିଶ୍ଚିନ୍ତ ଭାବେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ସଫଳତା ହାସଲ କରିପାରିବା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ କୃଷି ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଉଦ୍ୟାନ କୃଷି, ଉପନିବନ୍ଧକ, ଉଠା ଜଳସେଚନ ଯନ୍ତ୍ରୀ, ସହକାରୀ କୃଷି ଅଧିକାରୀ, ବ୍ଲକ୍ କୃଷି ଅଧିକାରୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।



ଲଘୁଚାପ ଜନିତ ଲଗାଣ ବର୍ଷାରେ ଜଳବନ୍ଦୀ କଟକ ସହର

## ୨୩ ନକଲି ହୋଟେଲ ୱେବ୍‌ସାଇଟ୍ ବ୍ଲକ୍ କରିବ କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ରାଇମ୍‌ବ୍ରାଞ୍ଚ ଓଡିଶାର ସୋସିଆଲ ମିଡିଆ ଟିମ୍ ନକଲି ୱେବସାଇଟ୍ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଦ୍ୟାବଧି କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ୍ ୟୁନିଟ୍ ୨୩ ନକଲି ହୋଟେଲ ୱେବସାଇଟ୍ ଚିହ୍ନଟ କରିବା ସହ ସେଗୁଡ଼ିକୁ ବ୍ଲକ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ସେଥିରୁ ୧୫ ୱେବସାଇଟ୍‌କୁ ପୂର୍ବରୁ ବ୍ଲକ କରାଯାଇଥିବା ବେଳେ ଅନ୍ୟଗୁଡିକୁ ବନ୍ଦ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ସାଇବର ଅପରାଧୀ ବିଭିନ୍ନ ହୋଟେଲର ନକଲି ୱେବସାଇଟ୍ ପ୍ରସ୍ତୁତ କରୁଛନ୍ତି। ସାଧାରଣ ଲୋକଙ୍କୁ ଅନଲାଇନ୍ ବୁକିଂ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରିବା ନାଁରେ ଠକୁଛନ୍ତି। ଅସୁବିଧା ସମୟରେ ଏବଂ କମ୍ ଟଙ୍କାରେ ହୋଟେଲ ଖୋଜୁଥିବା ପର୍ଯ୍ୟଟକ ନକଲି ସାଇଟ୍‌ର ଶିକାର ହେଉଛନ୍ତି। ନକଲି ୱେବସାଇଟ୍ ପେଜ ଏପରି ଭାବରେ ଡିଜାଇନ୍ କରାଯାଇଛି ଯେ, ଏହା ଅବିକଳ ଅସଲି ୱେବସାଇଟ୍ ପରି ଦୃଶ୍ୟମାନ ହୋଇଥାଏ । ଫଳରେ ସାଧାରଣ ଲୋକ ପାଇଁ ଅସଲି ଏବଂ ନକଲି ମଧ୍ୟରେ ପାର୍ଥକ୍ୟ କରିବା କଷ୍ଟକର ହୋଇପଡ଼େ। ଠକମାନେ ବିଭିନ୍ନ ପ୍ରତିଷ୍ଠିତ ହୋଟେଲର ନକଲି ୱେବ ସାଇଟ୍ ପ୍ରସ୍ତୁତ କରିବା ସହ କମ ଟଙ୍କା, ଗ୍ୟାରେଣ୍ଟି ବୁକିଂ ଓ ଆକର୍ଷଣୀୟ ଅଫର୍ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେଇ ପର୍ଯ୍ୟଟକଙ୍କୁ ଠକେଇ କରୁଥିବା ଘଟଣା ନଜରକୁ ଆସିଥାଏ। ଏହି ଠକମାନେ ପ୍ରାୟତଃ ଗୁଗୁଲ୍ ସର୍ଚ୍ଚର ଶୀର୍ଷରେ ନକଲି ୱେବସାଇଟ୍ ରଖନ୍ତି।

## ରଥଯାତ୍ରା ମହାବିଭ୍ରାଟ ତଦନ୍ତ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା କରାଯାଉ: କଂଗ୍ରେସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ସଂପ୍ରତି ତିନୋଟି ପ୍ରସଙ୍ଗରେ ବିଜେପି ଉପରେ ବର୍ଷିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ପୁରୀ ରଥଯାତ୍ରାରେ ମହା ବିଭ୍ରାଟ, ବିଏମସି ଅତିରିକ୍ତ କମିସନରଙ୍କୁ ବିଜେପି କର୍ମୀଙ୍କ ମାଡ ତଥା ଆଇପିଏସ ଅଧିକାରୀଙ୍କ ଦଳୀୟ ପ୍ରୀତିକୁ ନେଇ ଶ୍ରୀ ଦାସ କହିଥିଲେ, ମୁଖ୍ୟମନ୍ତ୍ରୀ ସରକାରୀ ପ୍ରସ୍ତୁତି କଥା କହିଲେ। ହେଲେ ବିଜେପି ଦଳର ୧୫ଶହ କର୍ମକର୍ତା ରଥରେ ସାମିଲ ହେବେ, ସେ କଥା କାହିଁକି କହିଲେ ନାହିଁ? ରଥଟଣା ସମୟରେ ବିଜେପି କର୍ମୀ ମାନେ ଅବ୍ୟବସ୍ଥା କଲେ। ରଥଯାତ୍ରାକୁ କେବଳ ଦଳୀୟ ଉତ୍ସବ କରିବା ପାଇଁ ବିଜେପି ଏମିତି କଲା। ଭିଡ଼ ନିୟନ୍ତ୍ରଣକୁ ପ୍ରଶାସନ ଗୁରୁତ୍ୱ ନଦେଇ ଭିଆଇପିଙ୍କୁ ଗୁରୁତ୍ୱ ଦେଲେ। ଯେଉଁଠି ପାଇଁ ବିଭ୍ରାଟ ହୋଇଛି। ରଥଯାତ୍ରା ମହାବିଭ୍ରାଟ ପାଇଁ ଜଣେ କାର୍ଯ୍ୟରତ ବିଚାରପ୍ରତିଙ୍କ ଦ୍ୱାରା ତଦନ୍ତ କରାଯାଉ। ସେହିପରି ବିଏମସିର ଅତିରିକ୍ତ କମିଶନଙ୍କୁ ବିଜେପି କର୍ମୀ ମାଡ଼ ମାରିବା ଘଟଣାକୁ ନେଇ ବର୍ଷିଲେ ପିସିସି ସଭାପତି ଭକ୍ତ ଚରଣ ଦାସ। ସରକାରୀ ଅଧିକାରୀଙ୍କୁ ବିଜେପିକରଣ କରିବାକୁ ଶାସକ ଦଳ ଚାହୁଛି। ଏଥିରେ ଲୋକମାନେ ନ୍ୟାୟ ପାଇବେ ନାହିଁ। ପୂରା ଓଡ଼ିଶାରେ ସରକାରୀ ଅଧିକାରୀ ମାନେ ଆଜି ଅପମାନିତ ହୋଇଛନ୍ତି। ଓଡିଶାରୁ ସରକାରୀ ଅଧିକାରୀ ମାନଙ୍କୁ କ୍ଷମା ମାଗନ୍ତୁ ସରକାର । ବିଜେପିର ପରାଜିତ ପ୍ରାର୍ଥୀଙ୍କୁ ଗିରଫ କରାଯାଉ । କିଏ କେଉଁଠିକୁ ଯିବ ସେମାନେ ପାଇଁ ଆଡଭାଇଜର ଜାରି କରନ୍ତୁ ସରକାର। ପୂରା ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଦାୟୀ। ଘଟଣାରେ ସମ୍ପୃକ୍ତ ସମସ୍ତ ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ସେ ଦାବି କରିଛନ୍ତି। ବରିଷ୍ଠ ଆଇପିଏସ ଅଧିକାରୀ କଂଗ୍ରେସ କର୍ମୀଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ପ୍ରସଙ୍ଗରେ ପିସିସି ସଭାପତି କହିଛନ୍ତି ତୁରନ୍ତ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ପୋଲିସ ବିଭାଗରୁ ବିଦା କରାଯାଉ। ପୋଲିସ ପୋଷାକ ପିନ୍ଧି ଯିଏ ସମ୍ବିଧାନ ଓ ପୋଷାକକୁ ଅପମାନିତ କରିଛନ୍ତି ତାଙ୍କୁ ତୁରନ୍ତ ଚାକିରିରୁ ବିଦା କରାଯାଉ। ନହେଲେ ବିଜେପି ସରକାର ଗୁଣ୍ଡାରାଜର ସରକାର ବୋଲି ପ୍ରମାଣିତ ହେଉଛି। ବିଜେପିର ଯଦି ଏତେ ଚାମଚାଗିରି କରିବାକୁ ଚାହୁଛନ୍ତି, ତେବେ ସେ ଚାକିରି ଛାଡି ବିଜେପିରେ ସାମିଲ ହୋଇଯାଆନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ସନ୍ତୋଷ ସିଂହ ସାଲୁଜା, ରାଜ୍ୟ ସେବାଦଳ ଅଧକ୍ଷ ଶୁଭେନ୍ଦୁ ମହାନ୍ତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ ଓ ମୁଖପାତ୍ର ରଜନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସକ୍ଷମାର ଦ୍ୱିତୀୟ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭିନ୍ନକ୍ଷମ ଆୟୁକ୍ତଙ୍କ ଦ୍ୱାରା ଆୟୋଜିତ 'ସକ୍ଷମା'ର ଦ୍ୱିତୀୟ ବୈଠକ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟତଃ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଭିନ୍ନକ୍ଷମ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ସେମାନଙ୍କ ସହ ଭିନ୍ନକ୍ଷମମାନଙ୍କ ହିତପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ ଓ ବେସରକାରୀ ସଂସ୍ଥା, ଯାଆଁଳା ସ୍ଥିତ କେନ୍ଦ୍ର ସରକାରଙ୍କ ବାକ୍ ଶକ୍ତି ଓ ଭାଷା ଜନିତ ଦୁର୍ବଳତା ପାଇଁ ଥିବା ଅନୁଷ୍ଠାନର ପ୍ରତିନିଧି, ଟାଟା ଷ୍ଟିଲର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଆୟୁକ୍ତଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ପ୍ରଥମେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ତତ୍ପରେ ଆୟୁକ୍ତ ଏହି ମିଟିଂର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ରେଡିଓ ଉଡ୍ଡାନ୍‌ର ପ୍ରତିଷ୍ଠାତା ଡକ୍ଟର ଦାନିସ୍ ମହାଜନ ଭିଡିଓ କନଫରେନସିଂ ମାଧ୍ୟମରେ ଯୋଗ ଦେଇ ଦେଶ ବିଦେଶର ଭିନ୍ନକ୍ଷମ ସଂପର୍କିତ ବିଭିନ୍ନ ଘଟଣାବଳୀ ଉପସ୍ଥାପନ କରିଥିଲେ ।



## ଶ୍ରୀଜଗନ୍ନାଥ ଭକ୍ତି ସଂଗୀତ ସମାରୋହ 'ଗୁହାରି' ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି ୨୦୨୫'ର ଉଦ୍‌ଘାଟନୀ ଉତ୍ସବ ଭୁବନେଶ୍ୱରର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଅବସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ଭିତରେ ଆରମ୍ଭ ହୋଇଯାଇଅଛି । ଏହି ତିନି ଦିନିଆ ସଙ୍ଗୀତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରର ବିଶିଷ୍ଟ କଣ୍ଠଶିଳ୍ପୀମାନେ ଯୋଗଦାନ କରୁଛନ୍ତି । ପବିତ୍ର ରଥଯାତ୍ରା ସମୟରେ ଏହି ଉତ୍ସବ ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତକୁ ଲୋକ ଲୋଚନକୁ ଆଣି ତାର ପ୍ରଚାର ଓ ପ୍ରସାର କରିବା । ଉଦ୍‌ଘାଟନୀ ଉତ୍ସବର ଅତିଥିମାନେ ଥିଲେ ବିଶିଷ୍ଟ ସଂସ୍କୃତ ଭାଷାବିତ୍ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଓଡ଼ିଶା ସରକାରଙ୍କର ଅନୁସୁଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଯୁଗ୍ମ ଶାସନ ସଚିବ ପ୍ରଣତୀ ପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଦେବଯାନୀ ଭୁୟାଁ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନୁଜା ତାରିଣୀ ମିଶ୍ର । ସଂଧ୍ୟାରେ ପ୍ରଥମେ ଓଡ଼ିଶୀ ଗବେଷଣା କେନ୍ଦ୍ରର ଶିଳ୍ପୀମାନେ ବୃନ୍ଦ ଗାୟନରେ ଜଗନ୍ନାଥ ସ୍ୱାମୀ ନୟନ ପଥଗାମି ଭବତୁମେ ପରିବେଷଣ କରିଥିଲେ । ପରେ ବିଶିଷ୍ଟ ଗାୟକ ଦୁଃଖିଶ୍ୟାମ ତ୍ରିପାଠୀ ପରିବେଷଣ କରିଥିଲେ ଡ଼କ୍ଟର ଜାନକୀ ବଲ୍ଲଭ ମହାନ୍ତିଙ୍କ ଦ୍ୱାରା ରଚିତ କାଳ କାଳ ଥିବ ରହି ହେ ଓ ନିତ୍ୟାନନ୍ଦ ଦାଶଙ୍କ ରଚିତ ତୁମ୍ଭ ଶୁଣିବାକୁ ମୋହ କହି । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ସୁନାମଧନ୍ୟ ଗାୟିକା ସୁଶ୍ମିତା ଦାଶଙ୍କ ଦ୍ୱାରା ସାଲବେଗଙ୍କ ଦ୍ୱାରା ରଚିତ ବୃନ୍ଦାବନେ ବଂଶୀ କେ ବଜାଇଲା ଓ ଭୀମଭୋଇଙ୍କ ଦ୍ୱାରା ରଚିତ ଭାଗ୍ୟ ଥିଲେ ଧରା ଧର । ପରେ ପ୍ରଖ୍ୟାତ ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍ ପରିବେଷଣ କରିଥିଲେ ସାଲବେଗଙ୍କ ରଚିତ ଶ୍ରୀକୃଷ୍ଣଙ୍କ ବଂଶୀ ଧ୍ୱନୀ ଓ କେଣେ ଘେନି ଯାଉଛ । ଶ୍ରୀ ଜଗନ୍ନାଥଙ୍କ ଉପରେ ଆଧାରିତ ଶିଳ୍ପୀମାନଙ୍କର ଭକ୍ତିପୁତ ସଙ୍ଗୀତ ପରିବେଷଣ ବେଶ୍ ଶ୍ରୁତିମଧୁର ଥିଲା ଯାହାକୁ ଦର୍ଶକ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ବେଶ୍ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମଟିକୁ ସଂଚାଳନ କରିଥିଲେ ଡ଼କ୍ଟର ମୃତ୍ୟୁଞ୍ଜୟ ରଥ । ଜଗନ୍ନାଥଙ୍କ ଉପରେ ଏହି ପବିତ୍ର ରଥଯାତ୍ର ସମୟରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏହି ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ 'ଗୁହାରି' ଅତ୍ୟନ୍ତ ଉଚ୍ଚାଭିଳାଷ ପଦକ୍ଷେପ । ଗୁହାରି ସଙ୍ଗୀତ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ୟୁଟ୍ୟୁବ୍ ଚ୍ୟାନେଲରେ ସିଧା ପ୍ରସାରଣ କରାଯାଉଛି ।





ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଟ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ




## ତିନି ପଡ଼ୋଶୀଙ୍କ ଭାରତ ବିରୋଧୀ ମେଳି

# 'ସାର୍କ'ର ବିକଳ୍ପ ଗଢ଼ିବାକୁ ପ୍ରୟାସ

ଭାରତର ତିନି ପଡ଼ୋଶୀ ଦେଶ ଏକାଠି ହୋଇ ଏକ ବଡ଼ ଷଡ଼ଯନ୍ତ୍ରର ଜାଲ ବିଛାଇବାକୁ ପ୍ରୟାସ କରିବା ଚିନ୍ତାର କାରଣ ସାଜିଛି। ଦକ୍ଷିଣ ଏସିଆ ଆଞ୍ଚଳିକ ସହଯୋଗ ସଂଗଠନ (ସାର୍କ)ର ବିକଳ୍ପ ଭାବରେ ଅନ୍ୟ ଏକ ଆଞ୍ଚଳିକ ସଂଗଠନ ଗଢ଼ି ଭାରତକୁ କଡ଼ା ଜବାବ ଦେବାକୁ ଚୀନ୍, ପାକିସ୍ତାନ ଓ ବାଂଲାଦେଶ ମସୁଧା ଚଳାଇଥିବାର ଜଣାପଡ଼ିଛି। ଏହାର ଏକମାତ୍ର କାରଣ ହେଉଛି ସାର୍କରେ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସଂଗେସଂଗେ ଭାରତର ମତାମତକୁ ଅନ୍ୟ ଦେଶଗୁଡ଼ିକ ବିଶେଷ ଗୁରୁତ୍ୱ ଦେଉଛନ୍ତି। ତେଣୁ ଈର୍ଷାରେ ଜର୍ଜରିତ ହୋଇ ତିନି ପଡ଼ୋଶୀ ମେଳି ବାନ୍ଧିବାକୁ ଆରମ୍ଭ କରିଛନ୍ତି। ତେବେ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇବା ପରେ ଏଇ କିଛିଦିନ ହେଲା ଭାରତ ସାର୍କରୁ କିଛିଟା ଦୂରେଇ ରହୁଛି। ବିଶେଷକରି ଜାମ୍ମୁ-କାଶ୍ମୀରର ଉରି ଆକ୍ରମଣ ପରେ ଭାରତ ସାର୍କ ବୈଠକକୁ ବର୍ଜନ କରିଛି। ଏହି ସୁଯୋଗରେ ନୂତନ ସଂଗଠନ ଗଢ଼ିବାକୁ ଚୀନ୍ ଓ ପାକିସ୍ତାନ କଥାବାର୍ତ୍ତା ଆରମ୍ଭ କରିଥିବାବେଳେ ବାଂଲାଦେଶକୁ ମଧ୍ୟ ସେଥିରେ ସାମିଲ କରିବାକୁ ଯୋଜନା ରହିଛି। ଏଥିପାଇଁ ଚୀନ୍‌ର କୁନ୍‌ମିଙ୍ଗ୍‌ରେ ଏକ ପ୍ରସ୍ତୁତି ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇ ଅଧିକରୁ ଅଧିକ ଦେଶକୁ ନୂଆ ସଂଗଠନରେ ସାମିଲ କରାଇବାକୁ ନିଷ୍ପତ୍ତି ହୋଇଛି। ଦକ୍ଷିଣ ଏସିଆର ଦେଶଗୁଡ଼ିକ ମଧ୍ୟରେ ପାରସ୍ପରିକ ସହଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ୧୯୮୫ ମସିହା ଡିସେମ୍ବର ୮ ତାରିଖରେ ସାର୍କ ସଂଗଠନ ଜନ୍ମ ନେଇଥିଲା। ଏହାର ସାତଜଣ ପ୍ରତିଷ୍ଠାତା ସଦସ୍ୟ ରହିଥିଲେ ଏବଂ ୨୦୦୭ରେ ଆଫ୍‌ଗାନିସ୍ତାନକୁ ଏଥିରେ ସାମିଲ କରାଯାଇଥିଲା। ୨୦୧୪ ମସିହାରେ ନେପାଳ ରାଜଧାନୀ କାଠମାଣ୍ଡୁ ଠାରେ ଶେଷଥର ପାଇଁ 'ସାର୍କ' ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମାତ୍ର ୨୦୧୬ ପରେ ସାର୍କର କାର୍ଯ୍ୟକଳାପ କ୍ରମଶଃ ଧିମେଇଯାଇ ଏବେ ପ୍ରାୟତଃ ବନ୍ଦ ରହିଛି। ଭାରତ ସାର୍କର ବିକଳ୍ପ ରୂପେ ବର୍ତ୍ତମାନ 'ବିମଷ୍ଟେକ୍'କୁ ଅଗ୍ରାଧିକାର ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୦ ମସିହାରେ ପ୍ରଥମ ସାର୍କ ଭିଡିଓ କନ୍‌ଫରେନ୍ସରେ କୋଭିଡ-୧୯ ମହାମାରୀର ଭୟାବହ ସ୍ଥିତି ନିମନ୍ତେ ୧୦ ମିଲିୟନ ଡଲାର ପାଣ୍ଠି ଯୋଗାଇଦେବାକୁ ଘୋଷଣା କରିଥିଲେ। ସେହି ବର୍ଷ ନଭେମ୍ବରରେ ପାକିସ୍ତାନର ଇସଲାମାବାଦରେ ହେବାକୁ ଥିବା ସାର୍କ ବୈଠକକୁ ଭାରତ ବର୍ଜନ କରିଥିଲା। ଜାମ୍ମୁ-କାଶ୍ମୀରର ଉରିରେ ପାକ୍ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣରେ ୧୭ ଜଣ ଭାରତୀୟ ଯବାନ ପ୍ରାଣ ହରାଇବାରୁ ଏହି ବର୍ଜନ ନିଷ୍ପତ୍ତି ନିଆଯାଇଥିଲା। ସେତେବେଳେ ଆଫଗାନିସ୍ତାନ, ବାଲାଂଦେଶ ଓ ନେପାଳ ମଧ୍ୟ ଆତଙ୍କବାଦ ଏବଂ ଆଞ୍ଚଳିକ ବୈଷମ୍ୟକୁ ବିରୋଧ କରି ବୈଠକକୁ ବର୍ଜନ କରିଥିଲେ। ଏବେ ଯେଉଁ ନୂଆ ସଂଗଠନ ଗଢ଼ିବାକୁ ତିନି ପଡ଼ୋଶୀ ଉଦ୍ୟମ ଚଳାଇଛନ୍ତି, ସେଥିରେ ସାମିଲ ହେବା ଲାଗି ଭାରତକୁ ହୁଏତ ଆମନ୍ତ୍ରଣ କରାଯାଇପାରେ। ମାତ୍ର ଭାରତ ସେହି ଆମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। କାରଣ ନୂତନ ସଂଗଠନଟି ଚୀନ୍‌ର ପ୍ରଭାବ ବିସ୍ତାର ଉଦ୍ଦେଶ୍ୟରେ ଯେ ଗଠିତ ହେଉଛି, ଭାରତ ଏହା ଭଲ ଭାବରେ ହୃଦୟଙ୍ଗମ କରିସାରିଛି। ତିନି ପଡ଼ୋଶୀଙ୍କ ଚାଲକୁ ଦୃଷ୍ଟିରେ ରଖି ଭାରତ ଖୁବ୍ ସତର୍କତାର ସହ ଗୋଟି ଚାଳନା କରିବାର ବିଜ୍ଞତାର କାର୍ଯ୍ୟ ହେବ।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଶରଧା ବାଲି



**ପୁଷ୍ପମିତ୍ର ମହାପାତ୍ର**
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ: ୯୪୩୭୨୨୫୬୮୯

'ହାତରେ ମୋ ମୁଠା ମୁଠା ଶରଧା ବାଲି ଠାକୁରେ ଶରଧା ବାଲି ନରେନ୍ଦ୍ରର ଜଳେ ପଡ଼େ ମଥାରୁ ଝରି'। ଭିକାରୀ ବଳଙ୍କ ଏହି ଭାବତଲ୍ଲୀନ ହୃଦୟସ୍ପର୍ଶୀ ଭଜନଟି ପବିତ୍ର ବିଷ୍ଣୁପଦ ରଜ ପବିତ୍ର ରେଣୁର ମହାତ୍ମ୍ୟ ସମ୍ପର୍କରେ ସୂଚୀତ କରେ। ଶ୍ରୀକ୍ଷେତ୍ରରେ ଅବସ୍ଥିତ ଗୁଣ୍ଡିଚା ମନ୍ଦିର ପାଦ ଦେଶରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳର ନାମ ଶରଧା ବାଲି। କୋଟି ଭକ୍ତଜନଙ୍କ ଅସୀମ ଶ୍ରଦ୍ଧା ରହିଥାଏ। ଏହି ଶରଧା ବାଲିଟିକକ ଆମ ଓଡ଼ିଆ ଆଧାତ୍ମିକ ଭାବଧାରାରେ ଏପରି ତଲ୍ଲୀନ ହୋଇଛି ଯେ ଏହାକୁ ଭକ୍ତ ମୁଣ୍ଡରେ ଲଗାଏ, ତୁଣ୍ଡରେ ମାରେ, ଦେହରେ ବୋଳି ହୁଏ ଆଉ ଅତି ସରାଗରେ କାନିରେ ବାନ୍ଧି ଆଣିଥାଏ। ସାଲବେଗ ଯଥାର୍ଥରେ ଲେଖିଛନ୍ତି- 'ବଡ଼ ଦାଣ୍ଡ ଦେଖି ହେଲି ତୋଷ, ରେଣୁ ମାତ୍ର ତେଣୁ କଲି ଗ୍ରାସ'। ବାସ୍ତବରେ କହିବା ପାଇଁ ଗଲେ ଶ୍ରଦ୍ଧା ହେଉଛି ଭଗବତ ଚେତନ ସଦୃଶର ସଦଗୁଣ। ଜିତେନ୍ଦ୍ରିୟ ଓ ସାଧନା ପରାୟଣ ଶ୍ରଦ୍ଧାବାନ ମନୁଷ୍ୟ ଜ୍ଞାନଲାଭ କରେ ଓ ଜ୍ଞାନଲାଭ କରି ସେ ତତ୍କାଳ ପରମ ଶାନ୍ତି ପ୍ରାପ୍ତ ହୋଇଥାଏ।

ବଡ଼ଶଙ୍ଖ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଏକଦା ବାଲୁକାପୂର୍ଣ୍ଣ ଅଞ୍ଚଳ ଥିଲା। ଲୋକକଥା ଅନୁସାରେ ଦିନେ ଏହି ସ୍ଥାନରେ ଶଙ୍ଖୁଆ ନଦୀର ଏକ ଧାର ମାଳିନୀ ନଇ ବଡ଼ଶଙ୍ଖ ଓ ଗୁଣ୍ଡିଚା ମନ୍ଦିରକୁ ଅଲଗା କରୁଥିଲା। ଗୁଣ୍ଡିଚା ମନ୍ଦିରକୁ ଜନକପୁର ବୋଲି କୁହାଯାଏ। ରାଜା ଇନ୍ଦ୍ରଦ୍ୟୁମ୍ନ ଏଠାରେ ଅଶ୍ୱମେଧ ଯଜ୍ଞକରି ଶ୍ରୀଜୀଉଙ୍କୁ ପାଇଥିଲେ ବୋଲି ଏହି ବେଦୀର ନାମ ଯଜ୍ଞବେଦୀ ଯାହାର ଅନ୍ୟ ନାମ ହେଉଛି ଅର୍ନ୍ତବେଦୀ। ସତ୍ତ୍ୱଲିପିର ତଥ୍ୟ ଅନୁଯାୟୀ ବର୍ଷକେ ଥରେ ଘୋଷଯାତ୍ରା ବେଳେ ଶରଧା ବାଲିକୁ ଅତିକ୍ରମ କରି ଚତୁର୍ଦ୍ଧାମୂର୍ତ୍ତି ରଥରେ ବସି ଏହି ବେଦୀରେ ସାତଦିନ ଅବସ୍ଥାନ କରି ବାହୁଡ଼ା ଯାତ୍ରାବେଳେ ପୁନର୍ବାର ଶରଧା ବାଲିକୁ ପାର ହୋଇ ଶ୍ରୀମନ୍ଦିରକୁ ଫେରି ଆସନ୍ତି। ଏହି ନଅ ଦିନ ଭିତରେ ଦିନଟିଏ ପାଇଁ ମଧ ହେଲେ ଶରଧା ବାଲିରେ ପାଦ ପଡ଼ିଗଲେ ଭକ୍ତଜନଙ୍କ ପ୍ରାଣ ଉଦବେଳିତ ହୋଇଥାଏ।

ମାଦଳା ପାଞ୍ଜିରେ ଯାହା ଉଲ୍ଲେଖ ରହିଛି ରାଜା ତଥା କବି ପ୍ରଥମ ଭାନୁଦେବ (ପ୍ରଥମ ନରସିଂହ ଦେବ ୧୨୫୭-୧୨୭୪) ମାଧବାଚାର୍ଯ୍ୟଙ୍କ ପରାମର୍ଶରେ ବଡ଼ଗଣ୍ଡିକୁ ପୋତାଇ ବଡ଼ଦାଣ୍ଡ ନିର୍ମାଣ କରିଥିଲେ। ସେ ରଥ ଯାତ୍ରା ପାଇଁ ଛଅଗୋଟି ରଥ ଓ ଦୁଇ କିସମର ନିର୍ମାଣ ହେଉଥିବା ଓ ତିନିଗୋଟି ରଥ ଥିଲା ଚାରିଚକ ବିଶିଷ୍ଟ ଯାହାକି ମନ୍ଦିର ଠାରୁ ମାଳିନୀ ନଦୀ ପର୍ଯ୍ୟନ୍ତ ଯାଉଥିଲା। ମାଦଳା ପାଞ୍ଜିରେ ଏ ପ୍ରସଙ୍ଗରେ ଉଲ୍ଲେଖ ରହିଛି- 'ଏହାନ୍ତେ ବୀର ନରସିଂହ ଦେବରାଜ ରାଇଜ କଲେ ଏ ରାଜା ବାଙ୍କୀ ମୁହାଣ ପୋତାଇଲେ ଛଅ ରଥ ହେଉଥିଲା ନଇ ପୋତି ଆଉ ତିନି ରଥ କଲେ।' ଯାହାଦ୍ୱାରା ଶ୍ରୀମନ୍ଦିର ଓ ଗୁଣ୍ଡିଚାକୁ ପ୍ରତ୍ୟକ୍ଷ ଭାବେ ଲୀଳାକ୍ଷେତ୍ର ରୂପେ ଗମନାଗମନର ବ୍ୟବସ୍ଥା ହୋଇପାରିଲା। ଶରଧା ବାଲିରେ ଗୁଣ୍ଡିଚା ମନ୍ଦିରକୁ ଶ୍ରୀଜୀଉଙ୍କ ଯାତ୍ରାବେଳେ ଗୋଟି ପହଣ୍ଡି ଓ ବାହୁଡ଼ା ଯାତ୍ରାରେ ଧାଡ଼ିପହଣ୍ଡିରେ ନାକଚଣା ଦ୍ୱାର ଦେଇ ଆସିଥାନ୍ତି। ତେବେ ସତ୍ତ୍ୱଲିପିର ଅନ୍ୟଏକ ତଥ୍ୟ ଅନୁଯାୟୀ ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରଦ୍ଧାର ସହ ଆରମ୍ଭ କରିଥିଲେ ନୃସିଂହ ଉପାସନା। ଅଶେଷ ଶ୍ରଦ୍ଧାର ସହ ବାଲୁକା ରାଶି ଉପରେ ବସି ଧ୍ୟାନସ୍ଥ ହୋଇ ତାଙ୍କର ଇପସିତ୍ ଫଳ ପ୍ରାପ୍ତ ହୋଇଥିବାରୁ ସେହି ଦିନଠାରୁ ଏହି ବାଲିର ନାମ ହେଉଛି ଶରଧା ବାଲି। ଶରଧା ବାଲି ଭିତରେ ରହିଛି ଅନେକ ସ୍ମୃତିର ଚମକ। ସେ ବାଲି କେବଳ ସାଧାରଣ ବାଲି ନୁହେଁ ଭକ୍ତର ମୁକ୍ତି ପାଇଁ, କୈବଲ୍ୟ କଣିକା ନୁହେଁ ସମସ୍ତ ମାନବିକ ସମସ୍ୟାର ବ୍ୟାଧି ପାଇଁ ଏକ ମହୋଷଧି ସଦୃଶ ଆଉ ଏକଦା ସୂତ୍ରରେ ବିଶ୍ୱ ପରିବାର ଗଠନ ପାଇଁ ତାର ମର୍ମସ୍ପର୍ଶ ବାଣୀ ଅବିସ୍ମରଣୀୟ।

# ଡିଜିଟାଲ୍ ଭାରତର ଏକ ଦଶନ୍ଧି



**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

ଦଶ ବର୍ଷ ପୂର୍ବେ, ଆମେ ପୂର୍ଣ୍ଣ ବିଶ୍ୱାସ ସହିତ ଏପରି ଏକ କ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଥିଲୁ ଯେଉଁଠାକୁ ପୂର୍ବରୁ କେହି ଯାଇ ନଥିଲେ। ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିପାରିବେ କି ନାହିଁ ତାହାକୁ ନେଇ ଅନେକ ଦଶନ୍ଧି ଧରି ଶଙ୍କା ବ୍ୟକ୍ତ କରାଯାଉଥିଲା। ଆମେ ସେହି ମାନସିକତାକୁ ପରିବର୍ତ୍ତନ କରିଛୁ ଏବଂ ଭାରତୀୟମାନଙ୍କ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତାରେ ବିଶ୍ୱାସ କରିଛୁ। ପ୍ରଯୁକ୍ତିବିଦ୍ୟାର ବ୍ୟବହାର କେବଳ ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନକୁ ଆହୁରି ଅଧିକ କରିବ ବୋଲି ଅନେକ ଦଶନ୍ଧି ଧରି ଯେଉଁ ମାନସିକତା ରହିଥିଲା ଆମେ ସେହି ମାନସିକତାକୁ ପରିବର୍ତ୍ତନ କରି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବ୍ୟବଧାନକୁ ଦୂର କରିଛୁ।

ଉଦ୍ଦେଶ୍ୟ ସଠିକ୍ ଥିଲେ ନବସୃଜନ ଅବହେଳିତ ଲୋକଙ୍କୁ ସଶକ୍ତ କରିଥାଏ। ଆଭିମୁଖ୍ୟ ସମାବେଶୀ ହେଲେ ପ୍ରଯୁକ୍ତିବିଦ୍ୟା ଗରିବ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିଥାଏ। ଏହି ବିଶ୍ୱାସ ଡିଜିଟାଲ୍ ଇଣ୍ଡିଆର ମୂଳଦୁଆ ପାଲଟିଥିଲା। ଏହାର ବିସ୍ତାରକୁ ସାର୍ବଜନୀନ କରିବା, ସମନ୍ୱିତ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ଉପଲବ୍ଧ କରାଇବାର ଏକ ମିଶନ ଆରମ୍ଭ ହୋଇଥିଲା।

୨୦୧୪ରେ, ଇଣ୍ଟରନେଟ୍ ଉପଲବ୍ଧତା ସୀମିତ ଥିଲା, ଡିଜିଟାଲ୍ ସାକ୍ଷରତା କମ୍ ଥିଲା, ଏବଂ ସରକାରୀ ସେବା ପାଇଁ ଅନଲାଇନ୍ ପ୍ରବେଶ ଅତ୍ୟନ୍ତ ସୀମିତ ଥିଲା। ଅନେକ ସନ୍ଦେହ କରୁଥିଲେ ଯେ ଭାରତ ଭଳି ବିଶାଳ ଏବଂ ବିବିଧ ଦେଶ ପ୍ରକୃତରେ ଡିଜିଟାଲ୍ ହୋଇପାରିବ କି ନାହିଁ। ଆଜି, ଏହି ପ୍ରଶ୍ନର ଉତ୍ତର ତଥ୍ୟ କିମ୍ବା ଡ୍ୟାସବୋର୍ଡରେ ନୁହେଁ, ବରଂ ୧୪୦ କୋଟି ଭାରତୀୟଙ୍କ ଜୀବନରେ ଉପଲବ୍ଧ। ଶାସନ ଠାରୁ ଶିକ୍ଷା, କାରବାର ଏବଂ ଉତ୍ପାଦନ ପର୍ଯ୍ୟନ୍ତ, ଡିଜିଟାଲ ଇଣ୍ଡିଆ ସବୁଠି ରହିଛି।

ଡିଜିଟାଲ ବିଭାଜନର ଦୂରୀକରଣ: ୨୦୧୪ରେ, ଭାରତରେ ପ୍ରାୟ ୨୫ କୋଟି ଇଣ୍ଟରନେଟ୍ ସଂଯୋଗ ଥିଲା। ଆଜି, ଏହି ସଂଖ୍ୟା ୯୭ କୋଟିରୁ ଅଧିକ ହୋଇଛି। ୪୨ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ୍ ଫାଇବର କେବୁଲ୍, ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୧ ଗୁଣା, ବର୍ତ୍ତମାନ ସବୁଠାରୁ ଉପାନ୍ତ ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି।

ଭାରତରେ ୫ଜି ସେବା ବିଶ୍ୱର ସବୁଠାରୁ ଦ୍ରୁତତମ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଛି । ମାତ୍ର ଦୁଇ ବର୍ଷ ମଧ୍ୟରେ ୪.୮୧ ଲକ୍ଷ ବେସ୍ ଷ୍ଟେସନ୍ ସ୍ଥାପିତ ହୋଇଛି। ହାଇ-ସ୍ପିଡ୍ ଇଣ୍ଟରନେଟ୍ ବର୍ତ୍ତମାନ ସହରାଞ୍ଚଳ କେନ୍ଦ୍ରଗୁଡ଼ିକଠାରୁ ଆରମ୍ଭ କରି ଗଲୱାନ୍, ସିଆଚେନ୍ ଏବଂ ଲଦାଖ ଭଳି ସାମରିକ ପୋଷ୍ଟଗୁଡ଼ିକରେ ପହଞ୍ଚାଯାଇଛି। ଆମର ଡିଜିଟାଲ୍ ଭିତ୍ତିଭୂମି, ଇଣ୍ଡିଆ ଷ୍ଟାକ୍, ୟୁପିଆଇ ଭଳି ପ୍ଲାଟଫର୍ମକୁ ସକ୍ଷମ କରିଛି, ଯାହା ଏବେ ବାର୍ଷିକ ୧୦୦ ବିଲିୟନରୁ ଅଧିକ କାରବାର ପ୍ରକ୍ରିୟାକରଣ କରିଥାଏ। ବିଶ୍ୱର ମୋଟ ବାସ୍ତବ ସମୟ ବା ରିଅଲ୍-ଟାଇମ୍ ଡିଜିଟାଲ୍ କାରବାରର ପ୍ରାୟ ଅଧା ଭାରତରେ ହେଉଛି।

ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ନାଗରିକମାନଙ୍କୁ ସିଧାସଳଖ ୪୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହସ୍ତାନ୍ତର କରାଯାଇଛି।ଦଲାଲଙ୍କ ଭୂମିକାକୁ ଦୂର କରି ଏବଂ ୩.୪୮ ଲକ୍ଷ କୋଟି ଟଙ୍କାର ବାଟମାରଣାକୁ ବନ୍ଦ କରାଯାଇପାରିଛି। ସ୍ୱାମୀତ୍ୱ ଭଳି ଯୋଜନାଗୁଡ଼ିକ ୨.୪ କୋଟିରୁ ଅଧିକ ସମ୍ପତ୍ତି କାର୍ଡ ଜାରି କରିଛି ଏବଂ ୬.୪୭ ଲକ୍ଷ ଗ୍ରାମକୁ ମ୍ୟାପ୍ ଅଧୀନକୁ ଆଣିଛି । ଫଳରେ ବର୍ଷ ବର୍ଷ ଧରି ଜମି ସମ୍ପର୍କିତ ଅନିଶ୍ଚିତତାର ସମାପ୍ତି ହୋଇଛି।

**ସମସ୍ତଙ୍କ ପାଇଁ ସୁଯୋଗର ଉପଲବ୍ଧତା :** ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥା ଏବେ ପୂର୍ବ ଅପେକ୍ଷା ଅଧିକ ଏମଏସଏମଇ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରୁଛି। ଓଏନଡିସି (ଓପନ୍ ନେଟୱାର୍କ ଫର୍ ଡିଜିଟାଲ କମର୍ସ) ଏକ କ୍ରାନ୍ତିକାରୀ ପ୍ଲାଟଫର୍ମ ଯାହା ବିକ୍ରେତା ଏବଂ କ୍ରେତାଙ୍କୁ ଏକ ବିଶାଳ ବଜାର ସହିତ ସଂଯୋଗ କରି ନୂତନ ସୁଯୋଗର ଏକ ଦ୍ୱାର ଖୋଲିଥାଏ। ଜିଇଏମ (ସରକାରୀ ଇ-ମାର୍କେଟପ୍ଲେସ୍) ସାଧାରଣ ଲୋକଙ୍କୁ ସରକାରଙ୍କ ସମସ୍ତ ବିଭାଗକୁ ସାମଗ୍ରୀ ଏବଂ ସେବା ବିକ୍ରୟ କରିବାକୁ ଅନୁମତି ଦିଏ। ଏହା କେବଳ ସାଧାରଣ ନାଗରିକଙ୍କୁ ଏକ ବିଶାଳ ବଜାର ପ୍ରଦାନ କରେ ନାହିଁ ବରଂ ସରକାରଙ୍କ ପାଇଁ ଟଙ୍କା ମଧ ସଞ୍ଚୟ କରେ।

**କଳ୍ପନା କରନ୍ତୁ:** ଆପଣ ଅନଲାଇନରେ ମୁଦ୍ରା ଋଣ ପାଇଁ ଆବେଦନ କରିପାରୁଛନ୍ତି। ଆପଣଙ୍କର କ୍ରେଡିଟ ଯୋଗ୍ୟତା ଆକାଉଣ୍ଟ ଏଗ୍ରିଗେଟର ଫ୍ରେମୱାର୍କ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇପାରୁଛି। ଆପଣ ଋଣ ପାଉଛନ୍ତି, ଆପଣ ନିଜର ବ୍ୟବସାୟ ଆରମ୍ଭ କରନ୍ତି। ଆପଣ ଜିଇଏମରେ ପଞ୍ଜୀକରଣ କରିପାରୁଛନ୍ତି, ସ୍କୁଲ ଏବଂ ହସ୍ପିଟାଲଗୁଡ଼ିକୁ ଯୋଗାଣ କରୁଛନ୍ତି ଏବଂ ତା'ପରେ ଓଏନଡିସି ମାଧ୍ୟମରେ ଏହାକୁ ବୃଦ୍ଧି କରୁଛନ୍ତି ।

ଓଏନଡିସି ବର୍ତ୍ତମାନ ୨୦ କୋଟି କାରବାର ସୀମା ଅତିକ୍ରମ କରିଛି, ଯେଉଁଥିରେ ୬ ମାସରେ ୧୦ କୋଟି କାରବାର ହୋଇଛି। ବନାରସୀ ବୁଣାକାରଙ୍କଠାରୁ ନାଗାଲାଣ୍ଡର ବାଉଁଶ କାରିଗର ପର୍ଯ୍ୟନ୍ତ, ସବୁ କ୍ଷେତ୍ରର ବିକ୍ରେତାମାନେ ଏବେ ଦଲାଲଙ୍କ ବିନା ଦେଶବ୍ୟାପୀ ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଛନ୍ତି। ଜିଇଏମ ୫୦ ଦିନରେ ୧ ଲକ୍ଷ କୋଟି ଟଙ୍କା ଜିଏମଭି ଅତିକ୍ରମ କରିଛି, ୧.୮ ଲକ୍ଷରୁ ଅଧିକ ମହିଳା ପରିଚାଳିତ ଏମଏସଏମଇ ସମେତ ୨୨ ଲକ୍ଷ ବିକ୍ରେତା ୪୬,୦୦୦ କୋଟି ଟଙ୍କାର ସାମଗ୍ରୀ ଯୋଗାଇଛନ୍ତି।

**ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି:** ଭାରତର ବିଶ୍ୱ ଅବଦାନ : ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) - ଯେପରିକି ଆଧାର, କୋୱିନ, ଡିଜିଲକର, ଫାସଟ୍ୟାଗ, ପିଏମ-ବାଣୀ, ଏବଂ ଏକ ରାଷ୍ଟ୍ର ଏକ ସବସ୍କ୍ରିପସନ୍ - ବର୍ତ୍ତମାନ ବିଶ୍ୱ ସ୍ତରରେ ଗ୍ରହଣ କରାଯାଉଛି। କୋୱିନ ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନକୁ ସକ୍ଷମ କରିଛି, ଯାହା ୨୨୦ କୋଟି କ୍ୟୁଆର-ଯାଞ୍ଚ ପ୍ରମାଣପତ୍ର ପ୍ରଦାନ କରିଛି। ୫୪ କୋଟି ଉପଭୋକ୍ତା ଥିବା ଡିଜିଲକର ୭୭୫ କୋଟିରୁ ଅଧିକ ଡକ୍ୟୁମେଣ୍ଟକୁ ସୁରକ୍ଷିତ ଏବଂ ସୁଗମ ଭାବରେ ପରିଚାଳିତ କରୁଛି। ଭାରତ ଏହାର ଜି-୨୦ ଅଧ୍ୟକ୍ଷତା ସମୟରେ ଗ୍ଲୋବାଲ୍ ଡିପିଆଇ ରିପୋଜିଟୋରୀ ଏବଂ ୨୫ ନିୟୁତ ଡଲାରର ସାମାଜିକ ପ୍ରଭାବ ପାଣ୍ଠି ଆରମ୍ଭ କରିଛି, ଯାହାଦ୍ୱାରା ଆଫ୍ରିକା ଏବଂ ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ସମନ୍ୱିତ ଡିଜିଟାଲ୍ ଇକୋସିଷ୍ଟମ ଗ୍ରହଣ କରି ପାରିବେ।

**ଷ୍ଟାର୍ଟଅପର ଶକ୍ତି ଏବଂ ଆତ୍ମନିର୍ଭର ଭାରତ:** ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ ଏବଂ ଭାରତରେ ୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛନ୍ତି। କିନ୍ତୁ ଏହା କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ, ଏହା ଏକ ପ୍ରଯୁକ୍ତିବିଦ୍ୟା ପୁନର୍ଜାଗରଣ। ଭାରତ ଯୁବପିଢ଼ିଙ୍କ ମଧ୍ୟରେ ଏଆଇ ଦକ୍ଷତା ଏବଂ ଏଆଇ ପ୍ରତିଭାରେ ବହୁତ ଆଗକୁ ବଢୁଛି।

୧.୨ ବିଲିୟନ ଡଲାର ଭାରତ ଏଆଇ ମିଶନ ଅଧୀନରେ, ଭାରତ ବିଶ୍ୱ ସ୍ତରରେ ସବୁଠାରୁ ସର୍ବନିମ୍ନ ମୂଲ୍ୟରେ ୩୪,ହଜାର ଜିପିୟୁ ଉପଲବ୍ଧ କରାଇଛି। ପ୍ରତ୍ୟେକ ଜିପିୟୁ ଘଣ୍ଟା ପ୍ରତି ୧ ଡଲାରରୁ କମରେ ଉପଲବ୍ଧ। ଏହା ଭାରତକୁ କେବଳ ସବୁଠାରୁ ଶସ୍ତା ଇଣ୍ଟରନେଟ୍ ଅର୍ଥବ୍ୟବସ୍ଥା ନୁହେଁ ବରଂ ସବୁଠାରୁ ସୁଲଭ କମ୍ପ୍ୟୁଟିଂ ହବ୍ କରିଛି। ଭାରତ ମାନବିକତା ଆଧାରିତ ଏଆଇକୁ ସମର୍ଥନ କରିଛି। ଏଆଇ ଉପରେ ନୂଆଦିଲ୍ଲୀ ଘୋଷଣାନାମା ଦାୟିତ୍ୱ ସହିତ ନବସୃଜନକୁ ପ୍ରୋତ୍ସାହିତ କରେ। ସାରା ଦେଶରେ ଏଆଇ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଉଛି।

**ଆଗକୁ ଯିବାର ମାର୍ଗ :** ଆଗାମୀ ଦଶନ୍ଧି ଆହୁରି ପରିବର୍ତ୍ତନକାରୀ ହେବ। ଆମେ ଡିଜିଟାଲ୍ ପ୍ରଶାସନ ଠାରୁ ଡିଜିଟାଲ୍ ନେତୃତ୍ୱ ଦିଗରେ ଆଗକୁ ବଢୁଛୁ । ଇଣ୍ଡିଆ ଫାଷ୍ଟରୁ ଇଣ୍ଡିଆ ଫର ଦି ୱାର୍ଲ୍ଡ ପର୍ଯ୍ୟନ୍ତ ଆମର ଯାତ୍ରା ଜାରି ରହିଛି। ଡିଜିଟାଲ ଇଣ୍ଡିଆ ଆଉ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଏକ ଆତ୍ମନିର୍ଭର ଭାରତ ଗଠନ କରିବାରେ ସହାୟକ ହୋଇଛି।

ସମସ୍ତ ଉଦ୍ଭାବକ, ଉଦ୍ୟୋଗୀଙ୍କ ପାଇଁ: ପରବର୍ତ୍ତୀ ଡିଜିଟାଲ ବିପ୍ଳବ ନିମନ୍ତେ ସମଗ୍ର ବିଶ୍ୱ ଭାରତକୁ ଚାହିଁ ରହିଛି। ଆସନ୍ତୁ ଯାହା ସଭିଙ୍କୁ ସଶକ୍ତ କରିବ ତାହା ନିର୍ମାଣ କରିବା। ଆସନ୍ତୁ ଏପରି ସମାଧାନ ବାହାର

# କ୍ଷୟ ହୋଇଯିବ ଖଣିଜ ସମ୍ପଦ



**ମାୟାଧର ନାୟକ**
ଯାଜପୁର ରୋଡ, ଯାଜପୁର
ମୋ: ୯୮୬୧୦୩୪୧୬୩

ଏସିଆ ମହାଦେଶରେ କେବଳ ଓଡିଶାର ସୁକିନ୍ଦାରେ ହିଁ ୯୬% କ୍ରୋମପଥର ଅଛି। ପୃଥିବୀରେ ଭାରତ ବ୍ୟତୀତ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ, କାଜାକସ୍ଥାନରେ ଗଚ୍ଛିତ କ୍ରୋମ ପଥର ଉପରେ ସମଗ୍ର ବିଶ୍ୱ ନିର୍ଭରଶୀଳ। କ୍ରୋମର ବ୍ୟବହାର ସଂପର୍କରେ କେବଳ ଓଡ଼ିଶାବାସୀ ନୁହଁନ୍ତି ସାରା ପୃଥିବୀର ସାଧାରଣ ମଣିଷଙ୍କର ବିଶେଷ ଜ୍ଞାନ ନାହିଁ। କ୍ରୋମ ପଥର ବିଶେଷଭାବରେ ଯୁଦ୍ଧାସ୍ତ୍ର ନିର୍ମାଣ କରିବାରେ ସବୁଠୁ ବେଶି ସହାୟକ, ଇସ୍ପାତ ସହିତ ମିଶ୍ରଣ କରାଯାଇ ଶକ୍ତିଶାଳୀ, କ୍ଷୟରୋଧକ ମିଶ୍ରଧାତୁ ପ୍ରସ୍ତୁତ ହୁଏ। ବିଶ୍ୱରେ ଯେତେ ଯନ୍ତ୍ରପାତି ବ୍ୟବହାର ହେଉଛି - ସେଥିରେ କ୍ରୋମାଇଟ ହିଁ ମୁଖ୍ୟ ଅଂଶ ଗ୍ରହଣ କରେ। ବଲବ୍ ବେରିଙ୍ଗଠାରୁ ଆରମ୍ଭ କରି କ୍ରୋମ ମିଶ୍ରିତ ଇସ୍ପାତ ସବୁଠୁ ଶକ୍ତିଶାଳୀ ଯନ୍ତ୍ରାଂଶ ପ୍ରସ୍ତୁତ ହୋଇଥାଏ।

ଦଧୀଚିର ଅସ୍ଥି - ଯାହାକୁ ନେଇ ବଜ୍ର। ଏ କ୍ରୋମାଇଟ ହେଉଛି - କଳିକାଳର ଦଧୀଚି ହାଡ଼ - ଯାହାକୁ ନେଇ ଆଧୁନିକ ମାରଣାସ୍ତ୍ରର ପ୍ରସ୍ତୁତି। ୟୁରୋପରୁ ଆମେରିକା ସବୁ ଧନକୁବେର ରାଷ୍ଟ୍ରର ନଖଦର୍ପଣରେ ଏବେ ସୁକିନ୍ଦା। ଏସୀୟ ରାଷ୍ଟ୍ର ଚୀନ ଓ ଜାପାନ ଚାଟିନେଇ ସାରିଲେଣି ସୁକିନ୍ଦା କ୍ରୋମାଇଟର ବହୁଳାଂଶ। ଯେଉଁ ଦେଶର ଖଣିଜ କଞ୍ଚାମାଲ ରପ୍ତାନି ହୁଏ, ସେ ଦେଶର ଲୋକେ ହତଭାଗା। ଆମେ ସେହି ହତଭାଗା ଭାରତୀୟ - ଲକ୍ଷ ଲକ୍ଷ ବର୍ଷ ଧରି ଆମ ମାଟି ତଳେ ଗଚ୍ଛିତ ଥିବା ମୂଲ୍ୟବାନ ଖଣିଜ ପଦାର୍ଥକୁ ବିଦେଶକୁ ଶାଗମାଛ ମୂଲରେ ବିକ୍ରି କରିଦେଉଛେ।

ତେବେ ସୁକିନ୍ଦା ଉପତ୍ୟକାରେ ଯେତେ କ୍ରୋମାଇଟ ଅଛି - ତାହା ବେପରୁଆ ଭାବେ ଉତ୍ତୋଳନ କରି ବିକ୍ରି କରୁଥିଲେ - କି ଚୋରି କରୁଥିଲେ - ତାହା ଦିନେ ଶେଷ ହୋଇଯିବ। ସେତେବେଳେ ସୁକିନ୍ଦା ଖଣି ଅଞ୍ଚଳ 'ଭୂତଳ ଅଞ୍ଚଳ'ରେ ପରିଣତ ହେବ। ବର୍ମାରେ ଗଚ୍ଛିତ ଡିଜେଲ, ପେଟ୍ରୋଲ ଶେଷ ହୋଇଗଲା ପରେ ଯାହା ଅବସ୍ଥା ହେଲା, ସୁକିନ୍ଦା କ୍ରୋମାଇଟ ସରିଗଲେ - କ'ଣ ହେବ ଏବଠୁ କହିହେବନି।

କ୍ରୋମାଇଟ ଯଦି ମାଟି ଉପରେ ବାଲିଗୋଡ଼ି ଭଳି ଥୁଆ ହୋଇଥାନ୍ତା - ତା'ହେଲେ ସେ କେବେଠୁଁ ଶେଷ ହୋଇସାରନ୍ତାଣି। କ୍ରୋମାଇଟ ଅଛି ସାତତଳ ପଙ୍କ ଭିତରେ ମାଟିତଳ ଗୋଦାମରେ। ଉପରେ ଜଙ୍ଗଲ, ଗଛମାଳମାଳ, ଝରଣା, ତଳେ ୧୦୦ ମିଟରରୁ ୫ ହଜାର ମିଟର ଗଭୀରରେ ଅଛି କ୍ରୋମପଥର। କ୍ରୋମାଇଟ ବାହାର କରିବାକୁ ହେଲେ ଜଂଗଲ ଧ୍ୱଂସ କରିବାକୁ ହେବ - ଝରଣାର ଗତିପଥ ବଦଳାଇ ଦେବାକୁ ହେବ - ମାଟି କାଦୁଅ ଖୋଳିବାକୁ ହେବ - ଖଣିରେ ପାଣି ଭର୍ତ୍ତିହେଲେ -ପାଣି କାଢ଼ି ନଇନାଳକୁ ଛାଡ଼ିବାକୁ ହେବ- ଆଉ ଅନେକ ଅନେକ କାର୍ଯ୍ୟ ଅକାର୍ଯ୍ୟ କରିବାକୁ ହେବ - ଏସବୁ ହେଲେ କ୍ରୋମାଇଟ 'ମହାପ୍ରଭୁ' ପଦାକୁ ଆସିବେ। ସେହି କ୍ରୋମାଇଟ ମହାପ୍ରଭୁଙ୍କୁ ଧଳା କାଗଜ କଲମରେ ବିକିବେ, କଳାରେ ଦଶଗୁଣ ବିକିବେ। ଯାହା ଖର୍ଚ୍ଚ ହୋଇଥିବ ଲାଭ ହେବ ଶହେଗୁଣ। ସେଇ ଲାଭ ଟଙ୍କାରୁ ପାଞ୍ଚଦଶ ଭାଗ 'ଭୋଗ' ବଣ୍ଟାରେ ଯିବ।

ଆମ ଓଡ଼ିଶାରେ ମାତ୍ର ସାତଆଠଟି ଲୁହାପଥର ଖଣିଚୋରି ଖୋଳତାଡ଼ ହେବାରୁ ୩ ଲକ୍ଷ କୋଟି ଟଙ୍କା କେହିକେହି ୫ ଲକ୍ଷ କୋଟି ଟଙ୍କା ଦୁର୍ନୀତିକୁ ଶତାବ୍ଦୀର ମହାଦୁର୍ନୀତି ବୋଲି କହୁଛନ୍ତି। ୩୨ ପ୍ରକାର ଖଣିଜ ସମ୍ପଦରୁ ମାତ୍ର ୧ ପ୍ରକାର ଲୁହାପଥର ଖଣି ପୁଣି ମାତ୍ର ୭/୮ଟି ଖଣିରେ ଯଦି ଏତେ ବିପୁଳ ପରିମାଣରେ ଚୋରି ହୋଇଥାଏ, ତା'ହେଲେ ଅତ୍ୟନ୍ତ ମୂଲ୍ୟବାନ ଖଣିଜ ସମ୍ପଦ କ୍ରୋମାଇଟ, କୋଇଲା, ହୀରାମୋତି, ମାଣିକ, ସୁନା, ବକ୍ସାଇଟ, ମାଙ୍ଗାନିଜ ପ୍ରମୁଖ ୩୧ ପ୍ରକାର ଖଣିଜ ପଦାର୍ଥର ପ୍ରାୟ ଏକହଜାର ଖଣିରୁ କେତେ ଚୋରିହୋଇଥିବ ଅନୁମାନ କରନ୍ତୁ।

ଏଇ ବିଶ୍ୱରେ ଜାଣିଥିଲି – ୩୨ ପ୍ରକାର ଖଣିଜସମ୍ପଦ । ଏବେ ଜାଣିଲି ଆଉ ୩୦ ପ୍ରକାର ଅତି ପ୍ରୟୋଜନ ଦୁର୍ମୂଲ୍ୟ, ଜଟିଳ ଖଣିଜର ସନ୍ଧାନ ବାବଦୀୟ ବ୍ୟାପାର। ପାଖାପାଖି ୫୦ପ୍ରକାର ଖଣିଜସମ୍ପଦ ମଣିଷ ସଭ୍ୟତାର ବିକାଶରେ ଅତ୍ୟନ୍ତ ପ୍ରୟୋଜନ । ଏହି ଖଣି ପାଇଁ ସବୁ ଦେଶର ଧନଦାନବମାନେ ପାଗଳ । ପୃଥିବୀଗ୍ରହରୁ ଚନ୍ଦ୍ର ଉପଗ୍ରହକୁ ଯାଇ ଖଣିଜସମ୍ପଦ ଖୋଜୁଛନ୍ତି । ଅର୍ଥନୈତିକ ବିକାଶ ଓ ଜାତୀୟ ସୁରକ୍ଷା ପାଇଁ ଖଣିଜ ପଦାର୍ଥ ଅତ୍ୟନ୍ତ ଦରକାରୀ ଓ ଅମୂଲ୍ୟ । କେବଳ ଭାରତ ନୁହେଁ, ସାରା ବିଶ୍ୱ ପାଇଁ ଆବଶ୍ୟକ । ଲୁହାପଥର, କ୍ରୋମାଇଟ୍, କୋଇଲା, ମାଙ୍ଗାନିଜ୍, ବକ୍ସାଇଟ୍, ହୀରା, ସୁନା, ମଣି, ମାଣିକ୍ୟ ପ୍ରମୁଖ ୩୨ ପ୍ରକାର ଏବଂ ଅତ୍ୟନ୍ତ ଜଟିଳ ଖଣିଜସମ୍ପଦ ଲିଥିୟମ, କୋବାଲ୍ଟ, ନିକେଲ୍, ଭାଣ୍ଡାଡିଅମ୍, ନିଓବିଓମ୍, ସେରାମନିୟମ, ଫେନିୟମ, ବେରିଲିୟମ, ଟାଂଟାଲିଓମ୍, ଷ୍ଟ୍ରୋଟିଲଅମ୍, ଆଂଟିମନି, ବିସ୍‌ମୁଥ, କୋପର, ଗାଲିୟମ, ଗ୍ରାଫାଇଟ୍, ହାଫନିୟମ୍, ଇଣ୍ଡୁଏମ୍. ମୋଲିବେଡନିୟମ୍, ପ୍ଲାଟିନମ୍ ଗ୍ରୁପ୍, ଫସପରସ୍ ଯିଙ୍ଗସ୍, ପଟାସ୍, ରେଆର ଇରଥିଏଲିମେଂଟସ୍, ସିଲିକନ୍, ଟେଲିଟୁରିୟମ୍, ଟିନ୍, ଟାଟାନିୟମ, ଟୁଙ୍ଗଷ୍ଟେନ୍ ଜିରାକୋନିୟମ, ସିଲେନିୟମ୍, କାଡମିୟମ୍ ପ୍ରଭୃତି ୩୦ ପ୍ରକାର ପାତାଳରେ, ପାହାଡ଼ପର୍ବତରେ ମା' ମେଦିନୀ ଏହି ପ୍ରାକୃତିକ ପ୍ରାଚୁର୍ଯ୍ୟପୁଞ୍ଜକୁ ନିଜ ଗର୍ଭଗୃହ ଅଭ୍ୟନ୍ତରରେ ସଯତ୍ନେ ସାଇତି ରଖିଛି ।

ଏ ସମସ୍ତ ଖଣି ଜସମ୍ପଦ ସକଳ ଭୂଭାଗରେ ବିଛୁରିତ। ପୃଥିବୀପୃଷ୍ଠରେ ଯିଏ ଯେଉଁଠି ଦେଶ ଗଢ଼ି ବସବାସ କରୁଛନ୍ତି – ସେ ଭୂଖଣ୍ଡଗତ ଖଣିଜ ସମ୍ପଦାବଳୀର ତ ସେଇ ସେଇ ଦେଶ ହିଁ ମାଲିକ । କିନ୍ତୁ ଖଣିଜସମ୍ପଦ ସମସ୍ତଙ୍କର ବିକାଶର ଅଗ୍ରଗତି ପାଇଁ ଜରୁରୀ। ତେଣୁ ଖଣିଜ ସମ୍ପଦ ଆମଦାନୀ-ରପ୍ତାନୀ କରାଯାଏ । ଏଇସବୁ ଖଣିଜ ସମ୍ପଦରୁ ଯେଉଁସବୁ ପଦାର୍ଥ ପ୍ରସ୍ତୁତ ହୁଏ, ତା'ର ଅମୂଲ୍ୟ ମୂଲ୍ୟ । ଯାହା ପାଖରେ ଅର୍ଥ – ସେ ହାତେଇନେଇ 'ଫିନସ୍‌ଡ୍ ପ୍ରଡକ୍ଟ' ପ୍ରସ୍ତୁତ କରି ପୁଣି ଆମଦାନୀ କରିଆଣିଥିବା ଦେଶକୁ ବି ବେଶ୍ ଚଢ଼ାଦରରେ ରପ୍ତାନୀ କରିବା ଦ୍ୱାରା ଆଖିବୁଜା ମୁନାଫା ଅର୍ଜିପାରେ । ସୁତରାଂ ଯିଏ ଯେତେ ବେଶି ମୁଣ୍ଡ ଖଟାଇଲା – ସେଇ ଦେଶ ସେତେ ବେଶି ଲାଭ ହାତେଇପାରିଲା । ଯେଉଁମାନେ ମୁଣ୍ଡ ଖଟେଇ ପାରନ୍ତିନାହିଁ, ସେମାନେ ଆମର ଏ ପ୍ରତାରିତ ଦେଶ ଭାରତ ଭଳି ଖଣିଜ କଞ୍ଚାମାଲକୁ ବିକାବିକି କରନ୍ତି – ସେ ଦେଶର ଲୋକେ ହତଭାଗା ।

ଲିଥିୟମ୍ ହେଉଛି ନୂଆ ଚେହେରାର ଚାନ୍ଦିସୁନା। ଏହି କଅଁଳ ସିଲର୍ଭ ଧଳାମେଟାଲ୍‌ରେ ବିଦ୍ୟୁତ୍‌ଚାଳିତ ଗାଡ଼ିର ବ୍ୟାଟେରୀ, ମୋବାଇଲ୍ ଫୋନ୍ ରିଚାର୍ଜ ବ୍ୟାଟେରୀ, ହାଇଡ୍ରୋଜେନ୍ ଫୁଏଲ୍ ଷ୍ଟୋରେଜ୍, ମିଲିଟାରୀ ବାଲିଷ୍ଟିକ୍ ଆରମୋର୍ଭ, ଏୟାରକ୍ରାଫ୍ଟ, ଟ୍ରେନ୍ କମ୍ପାଟ୍‌ମେଣ୍ଟସ୍, ଟ୍ରେନ୍ କମ୍ପୋନେଣ୍ଟସ୍ କାର୍ଯ୍ୟରେ ଲାଗେ । ଏଇ ଲିଥିୟମ ଭାରତରେ ଏକ କିଲୋଗ୍ରାମ୍ ମଧ ନାହିଁ। ଆମେ ହଂକଂ, ଚୀନ୍, ଇଣ୍ଡୋନେସିଆ, ସିଙ୍ଗାପୁର, ଦକ୍ଷିଣକୋରିଆରୁ କିଣୁଛେ । କୋବାଲ୍ଟ ବ୍ୟବହାର ହୁଏ – ଇଲେକ୍ଟ୍ରି କମ୍ପୋନେଂଟ୍‌ସ୍, ର୍ଟବାଇନ୍ ଇଂଜିନ୍ କମ୍ପୋନେଣ୍ଟସ୍, ଅଟୋମୋବାଇଲ ଏୟାରବ୍ୟାଗସ, ଡ୍ରାଇଙ୍ଗ୍ ଏଜେଣ୍ଟସ୍ ଅଫ୍ ପେଣ୍ଟସ୍ । ଏହି ସମ୍ପଦ ଆମେ ଚୀନ୍, ବେଲଜିୟମ୍, ନେଦରଲ୍ୟାଣ୍ଡ, ଆମେରିକା, ଜାପାନରୁ ଆମଦାନି କରୁଛେ ।

ନିକେଲ ଖଣିଜସମ୍ପଦ ଜେଟ୍ ଆଣ୍ଡ କମ୍ବିନେସନ୍ ଇଂଜିନ୍ କମ୍ପୋନେଣ୍ଟସ୍ ରିଚାର୍ଜ ବେଲ୍ ବ୍ୟାଟେରୀ ଟୋନସ୍, କମ୍ପ୍ୟୁଟରସ୍, ଇଣ୍ଡରଷ୍ଟ୍ରିଆଲ୍ ମାନ୍ୟୁଫାକ୍‌ଚରିଙ୍ଗ୍ ମେସିନସ୍ କାର୍ଯ୍ୟରେ ଲାଗେ । ଚୀନ୍, ସ୍ୱିଡେନ୍, ଇଣ୍ଡୋନେସିଆ, ଜାପାନ, ଫିଲିପାଇନସକୁ ରପ୍ତାନୀ କରୁଛେ । ଆମ ଭାରତର ଓଡ଼ିଶା ଅନ୍ତର୍ଗତ ସୁକିନ୍ଦାରେ ନିକେଲ ଅଛି । ମାଟି ଖୋଳି କ୍ରୋମାଇଟ୍‌ସ୍ତର ଡେଇଁଲେ ନିକେଲ ମିଳିବ। କ୍ରୋମାଇଟ୍ ମାଲିକଙ୍କ ଚକ୍ରାନ୍ତରେ ଏହି ନିକେଲ ବାହାରିପାରୁନାହିଁ । ଭାନାଡିୟମ୍ ବ୍ୟବହାର ହୁଏ ମିଲିଟାରୀ ଆରମୋର୍ଭ ପ୍ଲେଟିଙ୍ଗ୍, ଭେହିକିଲ୍ ଆର୍କିସ୍, ନ୍ୟୁକ୍ଲିଅର ରିଆକ୍ଟର କମ୍ପୋନେଂଟସ୍ । ଏହା ଜର୍ମାନୀ, ସାଉଥଆଫ୍ରିକା, ବ୍ରାଜିଲ୍, କୁଏତ୍, ଥାଇଲାଣ୍ଡରେ ମିଳେ ।

ନିଓବିୟମ୍ ଖଣିଜଧାତୁରେ ଜେଟ୍ ଇଂଜିନ୍, ରକେଟସ୍, ଏମ୍.ଆର.ଆଇ. ସ୍କାନର୍ସ, ଅଏଲ୍ ରିଗସ୍, ପାଇପ୍ ଲାଇନସ୍‌ରେ ବ୍ୟବହୃତ। ଏହାକୁ ବ୍ରାଜିଲ୍, ଅଷ୍ଟ୍ରେଲିଆ, କାନାଡା, ସାଉଥଆଫ୍ରିକା, ଇଣ୍ଡୋନେସିଆରୁ ରପ୍ତାନୀ କରୁ । ଜେରାନିୟମ ଫାଇବ୍ରାଅପଟିକ୍ କମ୍ୟୁନିକେସନ୍ ନେଟ୍ ୱାର୍କସ, କ୍ୟାମେରା ଓ ମାଇକ୍ରୋସ୍କୋପ୍ ଲେନସ୍, ଇନ୍‌ଫ୍ରାରେଡା ନାଇଟ୍ ଭିଜନ୍ ସିଷ୍ଟମସ୍‌ରେ ବ୍ୟବହାର ହୁଏ । ଫେଲିଅମ୍‌ରେ ଏରିଓସ୍ପେସ୍ ପ୍ରଡକ୍ଟ, ରିଫାଇନ୍ ପେଟ୍ରୋଲିୟମ୍ ପ୍ରଡକ୍ଟ ପ୍ରସ୍ତୁତ ହୁଏ । ଏହା ରୁଷ, ଚୀନ୍, ଇଂଲଣ୍ଡ, ନେଦରଲ୍ୟାଣ୍ଡ, ସାଉଥଆଫ୍ରିକାରୁ ଆମଦାନି ହୁଏ । ବେରିଲିୟମ୍ ବ୍ୟବହାର ହୁଏ କମ୍ପ୍ୟୁଟର ଇଲେକ୍ଟ୍ରୋନିକସ୍ ଏବଂ ଅପ୍ଟିକାଲ ପ୍ରଡକ୍ଟସ୍‌ରେ । ଟାଂଟାନିୟମରେ କାପାସିଟର, ଗ୍ୟାସ୍ ଟରବିନ୍ କମ୍ପୋନେଂଟ୍‌ସ୍, ମିଶାଇଲ୍ ଏବଂ ରେଡିଓ କମ୍ୟୁନିକେସନ୍ ସିଷ୍ଟମସ୍ ପ୍ରସ୍ତୁତ ହୁଏ। ଏହା ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ସାଉଥଆଫ୍ରିକା, ମାଲେସିଆ, ଆମେରିକାରୁ ଆମଦାନି ହୁଏ । ଷ୍ଟ୍ରୋଟିୟମ୍‌ରେ ବାଇକ୍ ଆସେସୋରିଜ୍, କାଷ୍ଟିଙ୍ଗ୍ ଆଏ ନନ୍‌ଫେରିଏସ୍‌ରେ ବ୍ୟବହୃତ ହୁଏ । ଏହା ଚୀନ୍, ଆମେରିକା, ରୁଷିଆ, ଇଷ୍ଟୋନିଆ, ଷ୍ଟୋଭେନିଆରୁ ଆମଦାନି ହୁଏ । ବାକି ୨୦ପ୍ରକାର ଜଟିଳ ଖଣିଜପଦାର୍ଥରୁ ନୂଆନୂଆ ପରୀକ୍ଷାନିରୀକ୍ଷା କରି ଦୁର୍ମୂଲ୍ୟ ପଦାର୍ଥ ପ୍ରସ୍ତୁତ ହେଉଛି ।

ଆମ ସରକାର ନିଜର ଅପହୃତ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟିହୀନତା ପାଇଁ ଦୁର୍ମୂଲ୍ୟ ଖଣିଜ ସମ୍ପଦକୁ ଖଣିରୁ ବାହାର କରି କଳକାରଖାନାରେ ବ୍ୟବହାର କରିବା ପର୍ଯ୍ୟନ୍ତ ଯେଉଁସବୁ କାର୍ଯ୍ୟ କରିବା ଆବଶ୍ୟକ – ସେଥିପ୍ରତି ଆଦୌ ଦୃଷ୍ଟି ଦେଉନାହାଁନ୍ତି। ସବୁ ଖାମଖିଆଲ ଖାଲି ଖଣିଜସମ୍ପଦ ଯେନତେନ ପ୍ରକାରେଣ କାଢି ବସ୍ତାବସ୍ତା ଅର୍ଥ ସାଇତିବା ହେଲା ମୂଳଲକ୍ଷ୍ୟ।

ଭାରତର ଏନର୍ଜି ସେକ୍ଟର ଅତ୍ୟନ୍ତ ଦୁର୍ବଳ । ବର୍ତ୍ତମାନ ସାରାବିଶ୍ୱରେ ବିଜୁଳି, ତେଲର ଆବଶ୍ୟକତା ଅଛି । ଏହି ବିଜୁଳିଶକ୍ତି, ଡିଜେଲ, ପେଟ୍ରୋଲ୍, କୋଇଲା ଏବଂ ପ୍ରାକୃତିକ ଗ୍ୟାସରୁ ଆସେ । ଭାରତ ପୃଥିବୀର ଜନସଂଖ୍ୟାରେ ଏକନମ୍ବର କିନ୍ତୁ ଆମ ବୁଦ୍ଧିଆ ଲୋକମାନଙ୍କୁ ବିଦେଶୀମାନେ କିଣିନେଇଛନ୍ତି । ମୋଟା ଦରମା, ସବୁ ସୁବିଧା ଯୋଗାଇଦେଇ ଆଧୁନିକ ଗୋଲାମକରି ରଖିଛନ୍ତି । ସେମାନଙ୍କୁ ବୁଦ୍ଧିକୁ ତାଙ୍କ ଦେଶର ସଂପତ୍ତି ବଢାଇବାରେ ଲଗେଇଛନ୍ତି । ଆଉ ଯେଉଁ ଦ୍ୱିତୀୟ ବୁଦ୍ଧିଆମାନେ ରହିଲେ - ସରକାର ସେମାନଙ୍କ ମୁଣ୍ଡ ଖରାପ କରିଦେଇ ସୁବିଧାବାଦୀଗୋଲାମ କରିଦେଇଛନ୍ତି । ବାକି ତୃତୀୟ, ଚତୁର୍ଥ ଅଧାପାଠୁଆ ଯୁବଶକ୍ତି ନିଶାଗ୍ରସ୍ତ – ମାଗଣାଖିଆ – ବାକି ପଞ୍ଚମ ବୁଦ୍ଧିଆମାନେ ସରଳ, ଶାନ୍ତ, ଚାଷୀମୂଲିଆଶ୍ରମିକ ପେଟକୁ ପୁରା ଦାନା ପାଉଛନ୍ତି । ଆମ ଭାତହାଣ୍ଡି ଖଣିରୁ ଦେଶୀବିଦେଶୀ ଧନଦାନବମାନେ ସବୁ ଭାତ ନେଇ ହାଣ୍ଡି ଭାଙ୍ଗି ଦେଉଛନ୍ତି । ଏବେ ଭଙ୍ଗାହାଣ୍ଡିର ଭାରତବର୍ଷର ଜନ୍ତାରେ ପଡ଼ି ଜନତା ଜୀଅନ୍ତା ଜଳୁଛନ୍ତି। କ୍ଷୟ ହୋଇଯିବ ଖଣିଜସମ୍ପଦ – ଏଡ଼ାଇ ହେଉନାହିଁ ଏ ଭୟାନକ ଭବିଷ୍ୟତ।



କେନ୍ଦୁଝର(ଭାସ୍କର ନ୍ୟୁଜ): ପରିବାର ସହିତ ଘଟଗାଁ ଆସି ମା' ତାରିଣୀଙ୍କ ଦର୍ଶନ କଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ସାଂସଦଙ୍କ ଗସ୍ତ ଖବର ପାଇ ବିଜେପି ନେତା ଏବଂ କେନ୍ଦୁଝରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ଇଣ୍ଡିଆନ ବାଇକାର୍ସର ପ୍ରତିଷ୍ଠାତା ସୁନୀଲ କୁମାର ବେହେରା ଏବଂ ସହପ୍ରତିଷ୍ଠାତା ସତ୍ୟରଞ୍ଜନ ସାହୁ ଏବଂ ତାଙ୍କ ଟିମ ଉପସ୍ଥିତ ରହି ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ମା' ତାରିଣୀଙ୍କ ପୀଠରେ ସ୍ୱାଗତ କରିଥିଲେ। ମା'ଙ୍କ ଦର୍ଶନ କରି ଆଶୀର୍ବାଦ ନେବା ସହିତ ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ। ଦର୍ଶନ ପରେ କେନ୍ଦୁଝରେ ଆସି ଇଣ୍ଡିଆନ ବାଇକାର୍ସର ପ୍ରତିଷ୍ଠାତା ସୁନୀଲ କୁମାର ବେହେରାଙ୍କ କେନ୍ଦୁଝର ମାଇନିଙ୍ଗ ସ୍ଥିତ ବାସଭବନରେ ପହଞ୍ଚି ସେଠାରେ ପରିବାର ସହିତ ମିଶିବା ଏବଂ ଇଣ୍ଡିଆନ ବାଇକାର୍ସର କର୍ମକର୍ତ୍ତାଙ୍କ ସହିତ ମିଶି ସାଂସଦ ଶ୍ରୀ ଷଡ଼ଙ୍ଗୀ ଖୁବ ଆନନ୍ଦିତ ହେବା ସହିତ ନିଷ୍ଠାର ସହିତ ସମାଜର ଅନ୍ତିମ ସ୍ତରରେ ଥିବା ବ୍ୟକ୍ତି ମାନଙ୍କର ସେବା କରିବାକୁ ପରାମର୍ଶ ଦେଇଥିଲେ। ପରେ ସନ୍ଧ୍ୟାରେ ସାଂସଦ କେନ୍ଦୁଝରରୁ ନାଳଗିରି ଅଭିମୁଖେ ଗସ୍ତ କରିଥିଲେ।



# ନିମ୍ନମାନର ପିଚୁ ରାସ୍ତାକଡ ଘାସ ଉପରେ ନାଳିମାଟି ମୋରମ୍



ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ପୂର୍ତ୍ତବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ଅଧିନରେ ହେଉଥିବା ରାସ୍ତା ଓ କୋଠାବାଡି ତଥା ବିଭିନ୍ନ ବିଲ୍ଡିଙ୍ଗ ଏବଂ ବ୍ରିଜ ଓ ରାସ୍ତାକଡ ଗଛ ମାନଙ୍କରେ ରଙ୍ଗମରା କାର୍ଯ୍ୟ ପୂର୍ତ୍ତ ବିଭାଗର ଅତି ନିମ୍ନମାନର ଦୀର୍ଘ ବର୍ଷ ହେବ ହୋଇ ଆସୁଥିଲେ ମଧ ବିଜେଡି ସରକାରର ସ୍ଥାନୀୟ ନେତାମାନଙ୍କ ଅନୁକମ୍ପା ଯୋଗୁ ଠିକାଦାର ଓ ଯନ୍ତ୍ରୀଙ୍କୁ କଟେବାର ହୋଇଥିଲା। ସେହି ଡାଞ୍ଚାରେ ଏବେ ମଧ ନୂତନ ବିଜେପି ସରକାର ଆସିଥିଲେ ବି ବିଭାଗୀୟ ଅଧୀକାରୀଙ୍କ ସ୍ୱଛତା ନେଇ କୌଣସି ପରିବର୍ତ୍ତନ ହୋଇନଥିବା ବେଳେ ବିଜେଡିରୁ ଆସି ମିଶିଥିବା ଠିକାଦାରଙ୍କ କଥାରେ ବିଜେପି ନେତା ମଧ ପୂର୍ବ ସରକାର ନେତାଙ୍କ ଭଳି ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଛି। ତେଣୁ ତତ୍ତୁତ ମୁତୁରୀ ମୁଁ ତ ମୁତୁରୀ, ହେଁଶ କାହିଁ ପାଇଁ ଧୋଇବା' ଏହି ଉକ୍ତିରେ ନେତାଙ୍କ ପାଟି ବନ୍ଦ ରହୁଛି। ରାଜନଗର ବ୍ଲକରେ ପୂର୍ତ୍ତ ବିଭାଗରେ ଅନୀୟମିତ କାର୍ଯ୍ୟ ଚାଲୁଅଛି। ଏହାଦ୍ୱାରା ଲୋକଙ୍କ ସରକାରରେ ଲୋକଙ୍କ ଅର୍ଥ ଦିନ ଦ୍ୱିପହରରେ ଲୁଟି ଚାଲୁଛି ପୂର୍ତ୍ତ ବିଭାଗର ଠିକାଦାର ଓ ଯନ୍ତ୍ରୀ, ଏଥିରୁ ସୁଫଳ ପାଇପାରୁ ନାହାଁନ୍ତି ଜନସାଧାରଣ। ଜନସାଧାରଣଙ୍କ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ କିଏ ବିଧାୟକ କ୍ଷମତା ତ କିଏ ସରକାରୀ ଦଳର କ୍ଷମତା ଜହିର କରି ଚିଠାରେ କାମ ଆଣି ନିଜ ଦଳର କର୍ମୀଙ୍କୁ ଦିଆନଯାଇ ବିଜେଡି ଠିକାଦାରଙ୍କୁ ବିକ୍ରି କରିଥିବା ଅଭିଯୋଗରେ ଅସନ୍ତୋଷ ପ୍ରକାଶ କରିଛନ୍ତି ପୁରୁଣା ଅସଲି ବିଜେପି କର୍ମୀ। ପୂର୍ତ୍ତ ବିଭାଗର ରାଜନଗରରୁ ଗୁପ୍ତି ଯାଇଥିବା ବହୁ ଅର୍ଥ ବ୍ୟୟରେ ରାସ୍ତାରେ ନିମ୍ନମାନର ପିଚୁ ପକାଇ ଦୁଇଦିନ ଭିତରେ ଉଠିଯିବା ପୁନଶ୍ଚ ର ଠ କରି ପିଚୁ ଘୋଡାଇ ଅର୍ଥ ଲୁଟି ନେଉଥିଲେ ମଧ ନେତା ନିରବ ପାଲଟି ଥିବାବେଳେ ଯନ୍ତ୍ରୀ ଓ ଠିକାଦାର ବିଧାୟକ ଏବଂ ସରକାର ଦଳର ନେତାଙ୍କୁ ଖୁସ କରାଇ ଅର୍ଥ ଲୁଟି ମାଲେମାଲ ହେଉଥିବା ପୂର୍ବରୁ ବହୁ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏବେ ରାସ୍ତାକଡ଼ରେ ନାଳି ମାଟି ମିଶା ମୋରମକୁ ଟିକେ ଟିକେ ଘାସ ଉପରେ ପକାଇ ଅର୍ଥ ଲୁଟିବା ପ୍ରୟାସ ଜାରି ରହିଥିବା ବେଳେ ମୋଟ ରାସ୍ତାର ସ୍ଥାନେ ସ୍ଥାନେ ୩/୪ କିଲୋମିଟର ଘର ଥିବାରୁ ମୋରମ ପକାଇବା ଆବଶ୍ୟକ ନଥିବା ବେଳେ ସେସବୁ ମିଶାଇ ବିଲ୍ କରିବା ଲକ୍ଷ୍ୟ ରହିଥିବା ଅଭିଯୋଗ ହେଉଛି। ତେଣୁ ଏହି ମୋରମ ପଡିବା କାର୍ଯ୍ୟ ଚିଠା ନା ଟେଣ୍ଡର ତାହା ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ସେମାନଙ୍କ ଫାଇଦାକୁ ଲକ୍ଷ୍ୟ ରଖି ପୂର୍ତ୍ତ ବିଭାଗର ଏହି ଅନିୟମିତ କାର୍ଯ୍ୟ ଉପରେ ନେତାଙ୍କର କୌଣସି ପ୍ରତିକ୍ରିୟା ନାହିଁ। ଏହି କାମର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଭିଜିଲାନ୍ସ ପରିସରଭୁକ୍ତ ହେବାକୁ ସାଧାରଣରେ ଦାବି ହେଉଛି।

# ଅନୁଗୋଳର ପ୍ରୀତିକା ଓ ସୌମ୍ୟଙ୍କୁ ଇସ୍ରୋ ପରିଦର୍ଶନ ସୁଯୋଗ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ତାଳଚେରର ଡିଏଭି ପବ୍ଲିକ ସ୍କୁଲ, ଏମସିଏଲ, ଜଗନ୍ନାଥ ଏରିଆର ପ୍ରତିକା ପ୍ରିୟଦର୍ଶିନୀ ଏବଂ ଅନୁଗୋଳ ଜିଲ୍ଲା ବଣ୍ଟଳାସ୍ଥିତ ପଞ୍ଚଗଡ଼ ବିଜୟ କୁମାର(ପିକିଏ) ସରକାରୀ ହାଇସ୍କୁଲର ସୌମ୍ୟରଞ୍ଜନ ସାହୁ ବେଙ୍ଗାଲୁରୁସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣ କରିଛନ୍ତି। ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଏବଂ କମାଣ୍ଡ ନେଟୱାର୍କ (ଇଷ୍ଟ୍ରାକ) ଏବଂ ୟୁଆର ରାଓ ସାଟେଲାଇଟ୍ସରେ (ୟୁଆରଏସସି)ପରିଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଟାଟାଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍ସ) ୨୦୨୪ କାର୍ଯ୍ୟକ୍ରମରେ ରାଜ୍ୟର ଶ୍ରେଷ୍ଠ ୩୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ଦୁଇ ଛାତ୍ରଛାତ୍ରୀ ମଧ୍ୟ ମନୋନୀତ ହୋଇ ଇସ୍ରୋ ପରିଭ୍ରମଣ କରିବାର ସୁଯୋଗ ପାଇଥିଲେ। ଓଡ଼ିଶା ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ ଉପସଚିବ ଏବଂ ପଠାଣି ସାମନ୍ତ ପ୍ଲାନେଟୋରିୟମର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା ଏବଂ ଟାଟାଷ୍ଟିଲ ଅଧିକାରୀଙ୍କ ସହ ଛାତ୍ରଛାତ୍ରୀ ଓ ଅଭିଭାବକ ଗତ ମଇ ୨୪ରେ ଭୁବନେଶ୍ୱରରୁ ବେଙ୍ଗାଲୁରୁ ଯାତ୍ରା କରିଥିଲେ ଏବଂ ୨୮ରେ ପରିଭ୍ରମଣ ସାରି ଫେରି ଆସିଥିଲେ। ତାଳଚେରର ଆଲୋକ କୁମାର ସାହୁ ଏବଂ ପ୍ରଭାତୀ ସାହୁଙ୍କ ଝିଅ ପ୍ରତିକା କହିଛନ୍ତି, ମୂଲ୍ୟାୟନ ଠାରୁ ଆରମ୍ଭ କରି ପରିଦର୍ଶନ ପର୍ଯ୍ୟନ୍ତ ସମଗ୍ର ଯାତ୍ରା ବେଶ୍ ଉତ୍ସାହଜନକ ଥିଲା। ଏଥିରୁ ଅନେକ ଜ୍ଞାନ ଆହରଣ କରିପାରିଛୁ। ଉପଗ୍ରହ ନିୟନ୍ତ୍ରଣ ଟେଲ୍ ଦେଖିବା, ମହାକାଶ କେନ୍ଦ୍ର ପରିଦର୍ଶନ କରିବା ଓ ବିଶିଷ୍ଟ ବୈଜ୍ଞାନିକଙ୍କ ସହ ଆଲୋଚନା କରିବା ସହ ସାକ୍ଷାତ୍କାରିଥିବା ଅଭିଜ୍ଞତା ଏହି ପରିଦର୍ଶନର ମୁଖ୍ୟ ଆକର୍ଷଣ ଥିଲା। ଅନୁଗୋଳ ଜିଲ୍ଲାର ସାଧୁଚରଣ ସାହୁ ଏବଂ ସୁଚିତ୍ରା ସାହୁଙ୍କ ପୁଅ ସୌମ୍ୟ ମଧ୍ୟ ଅନୁଭୂତି ବର୍ଣ୍ଣନା କରି କହିଛନ୍ତି, ଟାଟାଷ୍ଟିଲ ୟାଟସ କାର୍ଯ୍ୟକ୍ରମ ମାଧ୍ୟମରେ ମୁଁ ଭାରତର ପ୍ରତିଷ୍ଠିତ ସଂସ୍ଥା ଇସ୍ରୋ ପରିଦର୍ଶନ କରିବାର ସୁଯୋଗ ପାଇ ଖୁସି ଅନୁଭବ କରୁଛି। ଆମେ ବେଙ୍ଗାଲୁରୁରେ ଇସଟ୍ରାକ୍ ଏବଂ ୟୁଆର ରାଓ ସାଟେଲାଇଟ୍ ସେଣ୍ଟର ପରିଦର୍ଶନ କରିଥିଲୁ। ସେଠାରେ ଆମେ ଉପଗ୍ରହ କିପରି ନିର୍ମିତ ଏବଂ ଉତ୍କ୍ଷେପଣ କରାଯାଏ, ତାହା ଦେଖିଲୁ ଏବଂ ବୈଜ୍ଞାନିକଙ୍କ ସହ ଆଲୋଚନା କରି ମହାକାଶ ବିଜ୍ଞାନ ସମ୍ପର୍କରେ ଅନେକ କିଛି ଜାଣିବାର ସୁଯୋଗ ପାଇଥିଲୁ।

# ରାସାୟନିକ ଓ ଶିଳ୍ପ ଅପାତକାଳୀନ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ



ପାରାଦୀପ(ଭାସ୍କର ନ୍ୟୁଜ): ଓଡିଶା ରାଜ୍ୟ ଆପାତକାଳୀନ ପରିଚାଳନା କର୍ତ୍ତୃପକ୍ଷ ଓ ଜଗତସିଂହପୁର ଜିଲ୍ଲା ଆପାତକାଳୀନ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ମଙ୍ଗଳବାର ପାରାଦୀପରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ ଥିଲା ରାସାୟନିକ ଓ ଶିଳ୍ପ ଆପାତକାଳୀନ ବ୍ୟବସ୍ଥା ପ୍ରସ୍ତୁତିକୁ ବୃଦ୍ଧି କରିବା ଓ ବିପଦ ହ୍ରାସ କୌଶଳକୁ ଶକ୍ତିଶାଳୀ କରିବା। ପାରାଦୀପ ଶିଳ୍ପ ଅଞ୍ଚଳରେ ଅନେକ ଜଟିଳ ଓ ବିପଜ୍ଜନକ କାରଖାନା ଥିବାରୁ ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ବୈଠକରେ ଓସଡ଼ମା ସିଇଓ ଡ଼ଃ କମଳ ଲୋଚନ ମିଶ୍ର, ମହାପ୍ରବନ୍ଧକ ମଳୟ କୁମାର ପ୍ରଧାନ ଓ ସୁନୀଲ କୁମାର ସାହୁ, ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର, ଫ୍ୟାକ୍ଟ୍ରି ଆଣ୍ଡ ବଏଲର କଟକ ଶାଖା ଉପନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ପାରାଦୀପ ଆଞ୍ଚଳିକ ସହ ନିର୍ଦ୍ଦେଶକ ଚନ୍ଦ୍ରଶେଖର ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ୍ରାଫ, ଅଗ୍ନିଶମ ବିଭାଗ, ଭାରତୀୟ ତଟରକ୍ଷୀ ବାହିନୀ, ଆଇଓସିଏଲ, ଇଫକୋ, ପିପିଏଲ, ବିପିସିଏଲ, ଏଚପିସିଏଲ, ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ପ୍ରତିନିଧି ଯୋଗଦେଇ ଆପାତକାଳୀନ ପରିସ୍ଥିତିରେ କିପରି ମୁକାବିଲା କରିହେବ ସେ ସମ୍ପର୍କିତ ଆଲୋଚନା କରିଥିଲେ।

## ପ୍ରତିଭା କଲେଜ ଛାତ୍ର ମୃତ୍ୟୁ ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବି କଲା ଛାତ୍ର କଂଗ୍ରେସ, କ୍ରାନ୍ତି ଯୁବ ଛାତ୍ର ସଂଘ



ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ତାମ୍ପରା ନିକଟ ପ୍ରତିଭା ବିଜ୍ଞାନ ଆବାସିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର. ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ତଥା କବିସୂର୍ଯ୍ୟନଗର ଥାନା ଝାଡ଼ବନ୍ଧର ଶୁଭମ ସ୍ୱାଇଁ (୧୭) ନିଖୋଜ ପରେ ତାଙ୍କ ମୃତ ଦେହ ମିଳିଥିଲା। ଘଟଣାକୁ ଛାତ୍ର କଂଗ୍ରେସ ଓ କ୍ରାନ୍ତି ଯୁବ ଛାତ୍ର ସଂଘ ପକ୍ଷରୁ ମିଳିତ ଭାବେ ଦୃଢ ନିନ୍ଦା କରାଯାଇଛି। ଏହି ଘଟଣା ସମଗ୍ର ଛାତ୍ର ସମାଜ ପାଇଁ ଅତ୍ୟନ୍ତ ଦୁଃଖଦ ଓ ହୃଦୟବିଦାରକ ବୋଲି କୁହାଯାଇଛି। ଏନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଉକ୍ତ ୨ ସଙ୍ଘ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କଠାରେ ଦାବି ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏମାନଙ୍କ ପକ୍ଷରୁ କୁହାଯାଇଛି ଯେ ଉକ୍ତ କଲେଜରେ ପୂର୍ବରୁ ମଧ ଅଘଟଣ ଘଟିବାର ନଜିର ରହିଛି। ଏଥିପାଇଁ କଲେଜକୁ ତଦନ୍ତ ପରିସରଭୁକ୍ତ କରିବାକୁ ଉକ୍ତ ୨ ସଂଘ ପକ୍ଷରୁ ଦାବି ହୋଇଛି। ଏପରିକି ତଦନ୍ତ ଶିଥିଳ ପଡ଼ିଥିବା ଏମାନଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ବୁଧବାର କଲେଜରୁ ଶୁଭମ ନିଖୋଜ ହୋଇଥିଲେ ଏବଂ ରାତିରେ କଲେଜ ନିକଟ ରେଳଧାରଣାରୁ ଜଣଙ୍କ ମୃତଦେହ ମିଳିଥିଲା। ପୂର୍ବରୁ ଛାତ୍ରଙ୍କ ମୃତ୍ୟୁ ନେଇ ଯିଏ ସମ୍ପୃକ୍ତ ଓ ଅବହେଳା ପାଇଁ ଦାୟୀ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କ ମାମୁଁ ସନ୍ଦୀପ କୁମାର ସ୍ୱାଇଁଙ୍କ ପକ୍ଷରୁ ଓଡିଶା ମାନବ ଅଧିକାର କମିଶନର ଅଧ୍ୟକ୍ଷଙ୍କୁ ଚିଠିଲେଖି ଏଥିରେ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଛାତ୍ରନେତା ଇସୁ ଅମିନ ଖାଁ, ଜଲାଲ ଖାଁ, ମହେଶ ଗୌଡ, ସୁବୋଧ ସ୍ୱାଇଁ, ସାର୍ଥକ କୁମାର ମହାପାତ୍ର, ହୃଷୀକେଶ ବେହେରାଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ଥିଲେ।

# ନାବାଳିକାକୁ ଅପହରଣ ଅଭିଯୋଗ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବଲଙ୍ଗା ଥାନା ଏକ ଗ୍ରାମରେ ଜନୈକା ୧୭ ବର୍ଷୀୟା ନାବାଳିକା ପଡ଼ୋଶୀ ଘରକୁ ଟିଭି ଦେଖିବାକୁ ଯାଇ ଅପହରଣ ହୋଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ବଲଙ୍ଗା ଥାନା ଏକ ଗ୍ରାମର ନାବାଳିକାର ମାଆ କରିଥିବା ଅଭିଯୋଗ ଅନୁଯାୟୀ ସୋମବାର ସଂଧ୍ୟାରେ ନାବାଳିକା ଝିଅ ଟିଭି ଦେଖିବାକୁ ପଡ଼ୋଶୀ ଘରକୁ ଯାଇ ନ ଫେରିବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରି ନିରାଶ ହୋଇଥିଲେ। ତେବେ ମଙ୍ଗଳବାର ମହିଳାଙ୍କ ଭଉଣୀ ଶାଶୂଘର କୋଣାର୍କ ଥାନା ଅନ୍ତର୍ଗତ ବିଅଁଳ ଗ୍ରାମର ସୁନୁ ପରିଡ଼ା ନାବାଳିକାକୁ ଅପହରଣ କରି ନେଇ ସେଠାରେ ରଖିଥିବା ଜଣାପଡ଼ିବା ପରେ ମହିଳା ଝିଅକୁ ଉଦ୍ଧାର ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ଦିଗରେ ପୋଲିସ ଓ ପିପିଲି ଉପଖଣ୍ଡ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ନାବାଳିକାକୁ ଉଦ୍ଧାର କରିବା ସହ କେଉଁ କାରଣରୁ ନାବାଳିକାକୁ ଅପହରଣ କରି ନେଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଇଛି। ଅପହରଣକାରୀର ଲିଙ୍କ କାହା କାହା ସହିତ ରହିଛି ତାହା ମଧ ତଦନ୍ତ ହେବା ଆବଶ୍ୟକ ବୋଲି ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

# ହେଲ୍‌ଥ ଚେକ୍‌ଅପ୍ ମେସିନ୍ ଦ୍ୱାରା ଜରୁରିକାଳୀନ ରୋଗ ପରୀକ୍ଷା



ନିମାପଡ଼ା (ଭାସ୍କର ନ୍ୟୁଜ୍): ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଓଡ଼ିଶାର ପ୍ରଥମ କରି ହେଲ୍‌ଥ ଚେକ୍‌ଅପ୍ ଡ଼ିଜିଟାଲ୍ ମେସିନ୍ ଲଗା ଯାଇଥିବା ବେଳେ ଏହାକୁ ଉଦ୍‌ଘାଟନ କରିଥିଲେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା। ଜନସାଧାରଣ କିପରି ଠିକ୍‌ରେ ସ୍ୱାସ୍ଥ୍ୟସେବା ପାଇ ପାରିବେ ସାଙ୍ଗେ ସାଙ୍ଗେ ରୋଗ ଚିହ୍ନଟ ହୋଇପାରିବ ଏହି କାରଣରୁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା ବିଶେଷ ଗୁରୁତ୍ୱ ଦେଇଥିଲେ। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଅବହେଳା କାରଣରୁ ଅନେକ ଦିନ ଧରି ଏହି ମେସିନ୍‌ରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନଥିଲା। ଅନେକ ବ୍ୟକ୍ତି ଏ ସଂପର୍କରେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପରେ ରୋଗ ଚିହ୍ନଟ କରିବା ପାଇଁ ଜଣେ କର୍ମଚାରୀ ନିୟୋଜିତ କରାଯାଇଛି। ବର୍ତ୍ତମାନ ଏହି ମେସିନ୍ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ରୋଗ ଚିହ୍ନଟ କରାଯାଉଛି। କେତେକ ବ୍ୟକ୍ତି ସୋସିଆଲ୍ ମିଡ଼ିଆରେ ବିଭ୍ରାନ୍ତିକର ତଥ୍ୟ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜଣେ କର୍ମଚାରୀ ଉତମ ବ୍ୟବହାର ଦେଖାଇ ଦେଲେ ରୋଗ ପରୀକ୍ଷା ହୋଇଯାଏନି। ରୋଗ ପରୀକ୍ଷା କରିବା ପାଇଁ ଅଭିଜ୍ଞତା ଥିବା ଆବଶ୍ୟକ। କର୍ମଚାରୀ ସଠିକ୍ କାମ କଲେ କଥା କହିବାକୁ ସମୟ ପାଏ ନାହିଁ। ଅଭିଜ୍ଞ କର୍ମଚାରୀଙ୍କୁ ଏହି ସ୍ୱାସ୍ଥ୍ୟ ପରୀକ୍ଷା ମେସିନ୍‌ରେ କାର୍ଯ୍ୟ କରିବାକୁ ସୁଯୋଗ ଦିଆଗଲେ ରୋଗ ନିରାକରଣ ଲୋକମାନେ ଶୀଘ୍ର ଜାଣି ପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନେକ ରୋଗୀ ଉପ-ମୁଖ୍ୟମନ୍ତ୍ରୀଙ୍କ ଏପରି ପଦକ୍ଷେପକୁ ସ୍ୱାଗତ କରିବା ସହ ରୋଗ ଚିହ୍ନଟ କରିଛନ୍ତି। ନିମାପଡ଼ା ପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ମେସିନ୍ ବ୍ୟବହାର ହେଉଥିବାରୁ ନିମାପଡ଼ାବାସୀ ଉପକାରିତା ପାଇ ପାରୁଛନ୍ତି। ଅନେକ ବ୍ୟକ୍ତି କହୁଛନ୍ତି କର୍ମଚାରୀ ଭଲ, ମିଠା କଥା କହୁଛନ୍ତି। ଏହି କଥାରେ କୌଣସି ମୂଲ୍ୟ ନଥାଏ। ଅଭିଜ୍ଞ କର୍ମଚାରୀ କିପରି ମେସିନ୍‌ରେ ରୋଗ ପରୀକ୍ଷା କରାଯିବ ତାହା ଜାଣିଥିବା ଆବଶ୍ୟକ ବୋଲି ରୋଗୀମାନେ ମତବ୍ୟକ୍ତ କରିଛନ୍ତି।

# ବେଆଇନ୍ ବାଲିଘାଟ ବନ୍ଦ

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ବାରମ୍ବାର ନଦୀବନ୍ଧକୁ କାଟି ଘାଟ ତିଆରି କରି ବେଆଇନ୍ ବାଲି ଚାଲଣ ହେଉଥିବା ବେଳେ ବିଭିନ୍ନ ଗଣମାଧ୍ୟମରେ ଖବର ବାଜିବା ପରେ ଖଣି ବିଭାଗ ଓ ଜଳ ସେଚନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ମଙ୍ଗଳବାର ଜିଲ୍ଲା ଖଣି ବିଭାଗ ଓ ବଲଙ୍ଗା ପୋଲିସ ପକ୍ଷରୁ ଭାର୍ଗବୀ ନଦୀର ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ୍ ବାଲିଘାଟରେ ଚଢ଼ାଉ କରାଯାଇ ଘାଟ ବନ୍ଦ କରାଯାଇଛି। ଭାର୍ଗବୀ ନଦୀର ବିଭିନ୍ନ ସ୍ଥାନରୁ ବାଲି ମାଫିଆମାନେ ନଦୀବନ୍ଧକୁ କାଟି ରାତି ସମୟରେ ବେଆଇନ୍ ଭାବେ ବାଲି ଚାଲାଣ କରାଯାଉଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ସହୁଛନ୍ତି। ମଙ୍ଗଳବାର ଜିଲ୍ଲା ଖଣି ବିଭାଗ ଅଧିକାରୀ ସମୀର ମିଶ୍ର ଓ ବଲଙ୍ଗା ଥାନା ପୋଲିସ ସହାୟତାରେ ଭାର୍ଗବୀ ନଦୀବନ୍ଧର ଗୋପିନାଥପୁର ଓ ଦକ୍ଷିଣରାଢ଼ସରେ ଚାଲୁଥିବା ଘାଟକୁ ଜେସିବି ମେସିନ୍ ସାହାଯ୍ୟରେ ବାଟକୁ ଖୋଳି ବନ୍ଦ କରିଛନ୍ତି। ଅନ୍ୟପଟେ ବର୍ଷାଦିନ ଆରମ୍ଭ ହୋଇଥିବାରୁ ନଦୀବନ୍ଧକୁ ବେଆଇନ୍ ଭାବେ କାଟି ମାଫିଆମାନେ ବାଲି ଉତୋଳନ କରୁଥିବା ଯୋଗୁଁ ନଦୀବନ୍ଧ ଦୁର୍ବଳ ହେଉଥିବା ବେଳେ ବଲଙ୍ଗା ଜଳ ସଂପଦ ଉପଖଣ୍ଡ ବିଭାଗ ପକ୍ଷରୁ ବଲଙ୍ଗା ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରାଯାଇଛି। ପ୍ରକାଶ ଥାଉକି, କୁଶଭଦ୍ରା ନଦୀରେ ଅନେକ ସ୍ଥାନରେ ବନ୍ଧକାଟି ବାଲି ମାଫିଅମାନେ ବାଲିମାଟି ଚାଲଣ କରୁଥିବା ବେଳେ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖଣି ବିଭାଗ ଓ ଜଳସେଚନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏପରି କାର୍ଯ୍ୟ ଘଟାଇଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଥାନାରେ ଏତଲା ହେବ ବୋଲି ଜଣାପଡ଼ିଛି।

# ରଥଯାତ୍ରାରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀଙ୍କ ସେବାଦାନ



କଟକ(ଭାସ୍କର ନ୍ୟୁଜ): ପବିତ୍ର ରଥଯାତ୍ରା ଅବସରରେ ପୁରୀ ବଡ଼ଦାଣ୍ଡରେ ସ୍ଥାନୀୟ ବିଦ୍ୟାଧରପୁର ଗୋଡ଼ିସାହି ଅନ୍ତର୍ଗତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ରୋଭର୍ସ କ୍ୟାଡେଟ୍ ସେବା କାର୍ଯ୍ୟ ଯୋଗାଇ ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଏଥିପାଇଁ ସେଠାରେ ଗତ ଜୁନ୍ ୨୫ରୁ ୨୮ ପର୍ଯ୍ୟନ୍ତ ଭାରତ ସ୍କାଉଟ୍ ଏବଂ ଗାଇଡ୍ସର ରାଷ୍ଟ୍ରୀୟ ତଥା ରାଜ୍ୟ ମୁଖ୍ୟାଳୟ ପକ୍ଷରୁ ଆୟୋଜିତ ସେବା ଶିବିରରେ ବିଭିନ୍ନ ରାଜ୍ୟରୁ ରୋଭର୍ସ, ରେଞ୍ଜର୍ସ, ବରିଷ୍ଠ ସ୍କାଉଟ୍ସ ଓ ଗାଇଡ୍ସମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଥିରେ ଭାଗ ନେବା ନିମନ୍ତେ କୃଷି ବିଭାଗ ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ର ଦୀପକ କୁମାର ପଣ୍ଡାଙ୍କ ନାମକୁ ଛାତ୍ର କଲ୍ୟାଣ ଡିନ୍ ପ୍ରାଧ୍ୟାପକ ଜୟପ୍ରକାଶ ଭଞ୍ଜ ଏବଂ ରୋଭର ସ୍କାଉଟ୍ ଲିଡର ଡ. ସନ୍ଦୀପ ରାଉତ ଅନୁମୋଦନ କରିଥିଲେ। ରଥଯାତ୍ରା ଓ ବାହୁଡ଼ା ଯାତ୍ରା ରେ ଆପାତକାଳୀନ ବାହନ, ବିଶେଷକରି ଆମ୍ବୁଲାନ୍ସ ଇତ୍ୟାଦିର ନିର୍ବିବାଦ ଯାତାୟାତ ପାଇଁ ଗ୍ରୀନ୍ କରିଡର ବ୍ୟବସ୍ଥା ହୋଇଛି। ରୋଭର୍ସ କ୍ୟାଡେଟ୍‌ମାନେ ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ, ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ବିତରଣ, ତୀର୍ଥଯାତ୍ରୀ ସହାୟତା ଡେସ୍କ, ଦଳାଚକଟାରେ ଆହତ କିମ୍ବା ବୃଦ୍ଧ ବ୍ୟକ୍ତିଙ୍କ ପାଇଁ ଷ୍ଟ୍ରେଚର ସୁବିଧା ଉପଲବ୍ଧ କରାଇବା, ଶ୍ରଦ୍ଧାଳୁଙ୍କ ଉପରେ ସୁବାସିତ ଜଳ ସିଞ୍ଚନ କରିବା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେଠାରେ ନିଜ ନିଷ୍ଠା, ଦାୟିତ୍ୱବୋଧ ଓ ସେବା କାର୍ଯ୍ୟ ଯୋଗୁଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ଦୀପକ କୁମାର ପଣ୍ଡା ଆୟୋଜକଙ୍କ ପ୍ରଶଂସାର ପାତ୍ର ପାଲଟିଛନ୍ତି। ଜୁନ୍ ୨୬ରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ବରିଷ୍ଠ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ମୁଖ୍ୟ ଆୟୁକ୍ତ ଡ. କାଳିପ୍ରସାଦ ମିଶ୍ର, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଧାଂଶୁ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଦୀପକଙ୍କ ଏହି ପ୍ରଶଂସନୀୟ କାର୍ଯ୍ୟ ପାଇଁ ତାଙ୍କୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ଅନିଲ କୁମାର ଶର୍ମା ଓ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଭୂୟସୀ ପ୍ରଶଂସା କରିବା ସହ ଆଗକୁ ମଧ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଭଳି ସେବା କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ତଅଁରା ରଥସାହି ରାସ୍ତା



ରଘୁନାଥପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ତଅଁରା ଗ୍ରାମ ପଞ୍ଚାୟତର ରଥସାହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ଉପରେ ୪ ବ୍ରାହ୍ମଣ ପରିବାର ନିର୍ଭରଶୀଳ। ପଞ୍ଚାୟତର ମୁଖ୍ୟ ରାସ୍ତାଠାରୁ ପ୍ରାୟ ୭୦ମିଟର ମାଟିରାସ୍ତା ଟି ସାମାନ୍ୟ ବର୍ଷାରେ ଆଣ୍ଠୁଏ କାଦୁଅ ହେବା ଫଳରେ ଅତି ଦହନୀୟ ଅବସ୍ଥାରେ ସାହି ଲୋକେମାନେ ଯାତୟାତ କରିଥାନ୍ତି। ଏହି ସାହିର ଦୁଇ ପରିବାର କିଛି ସଦସ୍ୟ ଗୁରୁତର ରୋଗରେ ପିଡିତ ରହିଥିବା ବେଳେ ରାସ୍ତା ସମସ୍ୟା ସେମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ। ସ୍ୱାଧିନତା ପରଠାରୁ ଏହି ରାସ୍ତାରେ ଆଜିପର୍ଯ୍ୟନ୍ତ ମାଟିମୁଠାଏ ପଡିନାହିଁ ବୋଲି ସାହିଲୋକେ ଅଭିଯୋଗ କରିଛନ୍ତି। ନିର୍ବାଚନ ସମୟରେ ରାସ୍ତାକୁ ନେଇ ଅନେକ ପ୍ରତିଶୃତି ପାଣିର ଗାର ହୋଇ ରହିଯାଏ। ତେବେ ସରପଞ୍ଚ ଓ ସମିତି ସଭ୍ୟାଙ୍କୁ ସାହି ଲୋକେ ରାସ୍ତ ଅବସ୍ଥାକୁ ନେଇ ବାରମ୍ବାର ଗୁହାରି କରି ଆସୁଥିଲେ ବି କୌଣସି ସୁଫଳ ମିଳୁନାହିଁ ବୋଲି ସାହିର ପ୍ରଦିପ୍ତ ରଥ, ପ୍ରଶାନ୍ତ ରଥ, ପ୍ରତାପ ରଥ, କଳ୍ପତରୁ ରଥ ଗଣମାଧ୍ୟମରେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୁହାରି ଜଣାଇଛନ୍ତି।

# ବୈତରଣୀରେ ବନ୍ୟା, ପ୍ରଶାସନ ଅବହେଳାରୁ ବୁଡ଼ି ରହିଛି ବୋଟ



ଧାମନଗର(ଭାସ୍କର ନ୍ୟୁଜ): ଏକ ସପ୍ତାହ ହେବ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଚାଷଜମିରେ ବର୍ଷାଜଳ ଥିବାବେଳେ ଚାଷ କାର୍ଯ୍ୟ ହୋଇ ପାରୁନାହିଁ। ବୈତରଣୀ ନଦୀରେ ବନ୍ୟା ଆସିଛି। ପଧାନୀ ପଂଚାୟତର ସଇଲୋଠାରେ କୋଚିଲା ନଦୀବନ୍ଧ ଦୁର୍ବଳ ଥିବାରୁ ଜଳସେଚନ ବିଭାଗ ଏସ୍‌ଡିଓ କିଶୋର ଦାସ, ମନ୍ତ୍ରୀ ପ୍ରତିନିଧି ଅଶୋକ ପୁହାଣ, ଅର୍ଜୁନପୁର ସରପଂଚ ପ୍ରତିନିଧି ଉମେଶ ମହାନ୍ତି ପ୍ରମୁଖ ଉପସ୍ଥିତିରେ ବନ୍ଧ କାର୍ଯ୍ୟ ମରାମତି ଚାଲିଛି। ତେବେ ବୈତରଣୀ ନଦୀର ଉପର ମୁଣ୍ଡରେ ବନ୍ୟା ଜଳ କମୁ ଥିବାରୁ ବିପଦ ନାହିଁ ବୋଲି ଏସ୍‌ଡିଓ ଶ୍ରୀ ଦାସ କହିଛନ୍ତି। ସେହିପରି ଧାମନଗର ବ୍ଲକ ଅଧିନ ସୋହଡ଼ା ପଞ୍ଚାୟତର କଣ୍ଟାପାରୀ ଓ ମିଶ୍ରପୁରରେ ବୈତରଣୀ ନଦୀରେ ୧୦ଟି ବୋଟ ରହିଥିବା ବେଳେ ସେଥିମଧ୍ୟରୁ ଦୁଇଟି ବୋଟ ନଷ୍ଟହୋଇ ଯାଇଛି। ତେବେ ୮ଟି ବୋଟ ପାଇ ୧୯ଜଣ ଡ୍ରାଇଭର ଥିବାବେଳେ ସେମାନଙ୍କୁ ବିଡ଼ିଓ କିମ୍ବା ତହସିଲଦାର ଅନୁମତି ଦେଇନଥିବାରୁ ସେମାନେ ବୋଟ ପାଖରେ ଉପସ୍ଥିତ ଥିବାବେଳେ ଜଣେ ସ୍ଥାୟୀ ଡ୍ରାଇଭର ବ୍ଲକରେ ପିଅନ କାର୍ଯ୍ୟ କରୁଥିବା ବେଳେ ବୋଟ କଥା ବୁଝୁନାହାଁନ୍ତି। ଏପଟେ କଣ୍ଟାପାରି ନିକଟରେ ଏକ ବୋଟ ବୁଡିରହିଥିବା ବେଳେ ଅଚାନକ ବନ୍ୟା ଆସିବାରୁ ସେ ବୋଟକୁ ଉଠାଯାଇ ପାରିନାହିଁ। ସେପଟେ ମିଶ୍ରପୁରରେ ମଧ ଏକ ବୋଟ ଅଚଳ ହୋଇପଡ଼ିଛି, ହେଲେ ବନ୍ୟା ପାଇ ପ୍ରଶାସନ ପ୍ରସ୍ତୁତ ନଥିବା ଭଳିମନେ ହେଉଛି। ଏପଟେ ଧାମନଗର ବିଡିଓ ବନ ବିହାରି ଦିନ୍ଧା ଓ ତହସିଲଦାର ଲୋକନାଥ ପ୍ରସାଦ ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ପ୍ରଶାସନ ସ୍ତରରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଥିବାରୁ ସେ ଦିଗରେ କିଛି କହିପାରିବେ ନାହିଁ। ସୂଚନାଥାଉ କି ଗତ ମାସ ଉକ୍ତ ବୋଟ ମରାମତି ପାଇଁ ପାଖାପାଖି ୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଅଚଳ ବୋଟକୁ ମରାମତି କରାଯାଇଛି। ଏପଟେ ବୋଟ ବୁଡି ରହିଛି। ଖୋଦ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଶକ୍ତିଶାଳୀ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିଜ ନିର୍ବାଚନ ମଣ୍ଡଳୀ ଧାମନଗରରେ ବୋଟ ମରାମତି ଦୁର୍ନୀତି ହୋଇଛି। ଏପଟେ ବନ୍ୟା ସମୟରେ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ସଧାରଣରେ ନାପସନ୍ଦ କରିଛନ୍ତି। ଏ ଦିଗରେ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।( ଫଟୋ)

# କୋଟସାହି ଅଙ୍ଗାନଓ୍ୱାଡି କେନ୍ଦ୍ରରେ ନିୟମିତ ଟିକାକରଣ



ଜଳେଶ୍ୱର(ଭାସ୍କର ନ୍ୟୁଜ): ହାତିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଜଳେଶ୍ୱର ବ୍ଲକର କୋଟସାହି ଅଙ୍ଗନଓ୍ୱାଡି କେନ୍ଦ୍ରରେ ନିୟମିତ ଟିକାକରଣ ଦିବସ ଗତ ୨୫ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟିକାକରଣରେ ଗର୍ବବତୀ ମହିଳା ଓ ପିଲା ଜନ୍ମ ହେବାର ୪୫ ଦିନ ପରେ ପିଲାଙ୍କୁ ଟିକାକରଣ କେନ୍ଦ୍ରରେ ସାମିଲ କରି ଟିକାଦାନ ସହିତ ଭିଟାମିନ ଆଦି ଦିଆଯାଇଛି। ଉକ୍ତ ଟିକାକରଣ କେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗର ବାଲେଶ୍ୱର ଜିଲ୍ଲା ଆର୍‌ଏମ୍‌ଏନ୍‌ସିଏଏଚ୍‌ଏନ୍‌ର କୋର୍ଡିନେଟର ପୁଷ୍ପିତା ଦାସ ଓ ଜଳେଶ୍ୱର ବ୍ଲକ୍ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଫକୀର ମୋହନ ପ୍ରଧାନ ଉପସ୍ଥିତ ହୋଇ ସଠିକ ଢଙ୍ଗରେ ଟିକାକରଣ କାର୍ଯ୍ୟକାରୀ କରାଯାଉଛି କି ନାହିଁ ସେ ସମ୍ପର୍କରେ ହିତାଧିକାରୀଙ୍କୁ ପଚାରି ବୁଝିବା ସହ ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶାକର୍ମୀ ଓ ଅଙ୍ଗନଓ୍ୱାଡ଼ି କର୍ମୀଙ୍କୁ ନିୟମିତ ଟିକାକରଣ ଠିକ୍ ସମୟ ତଥା ସଠିକ୍ ଢଙ୍ଗରେ କରିବା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଟିକାକରଣ କେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ବିନତୀ ଟୁଡୁ, ଆଶାକର୍ମୀ ପୁଷ୍ପଲତା ଦାସ ମହାପାତ୍ର, ଅନୁରାଧା ପ୍ରମାଣିକ, କିରଣବାଳା ନାଥଙ୍କ ସହିତ ଅଙ୍ଗନଓ୍ୱାଡ଼ି ସାଗରିକା ଦାସ ମହାପାତ୍ର, ଗୀତାଞ୍ଜଳି ନାଥ, ଯମୁନା ମହାନ୍ତି ଓ ସୁଜାତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନିୟମିତ ଟିକାକରଣ କେନ୍ଦ୍ରରେ ସହଯୋଗ କରିଥିଲେ। ସେହିଭଳି ଆରୁହା ଗ୍ରାମ ପଞ୍ଚାୟତ ନିମପୁର ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ନିୟମିତ ଟିକାକରଣ କାର୍ଯ୍ୟରେ ଉଭୟ ଅଧିକାରୀ ଉପସ୍ଥିତ ହୋଇ ପରାମର୍ଶ ଦେଇଥିଲେ।

# ଫେରୋକ୍ରୋମ୍ ସ୍ଲାଗ୍ ଚିପ୍ ବ୍ୟବହାର କରି ରାସ୍ତା ନିର୍ମାଣ କଲା ଟାଟାଷ୍ଟିଲ୍



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ସର୍କୁଲାର ଅର୍ଥନୀତି ଓ ଦୀର୍ଘସ୍ଥାୟୀ ଶିଳ୍ପ ଅଭ୍ୟାସ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ସ୍ୱରୂପ ଟାଟା ଷ୍ଟିଲର ଫେରୋ ଆଲୟଜ ଓ ମିନେରାଲ ଡିଭିଜନ (ଏଫଏଏମଡି) ପକ୍ଷରୁ ଗଞ୍ଜାମ ଜିଲ୍ଲାର ଗୋପାଳପୁରରେ ଥିବା ଫେରୋ ଆଲୟଜ କାରଖାନା (ଏଫଏପି)ରେ ଦେଢ କିଲୋମିଟର ଆଭ୍ୟନ୍ତରୀଣ ସଡ଼କ ନିର୍ମାଣ କରିବାରେ ଫେରୋକ୍ରୋମ ସ୍ଲାଗ ଚିପ ବ୍ୟବହାର କରାଯାଇଛି। ଫେରୋକ୍ରୋମ ଆଲୟ ଉତ୍ପାଦନ ବେଳେ ଉତ୍ପନ୍ନ ହେଉଥିବା ଏକ ଉପ ଉତ୍ପାଦ ହେଉଛି ଫେରୋକ୍ରୋମ ସ୍ଲାଗ ଚିପ। ଏହି ଅବସରରେ ଏଫଏଏମଡିର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି ଯେ, ସଂଶାଧନର ଉଚିତ୍ ପରିଚାଳନା ସୁନିଶ୍ଚିତ କରିବା ଲାଗି ଶିଳ୍ପ ଜଗତ ଏହାର ପରିଚାଳନା କ୍ଷେତ୍ରଗୁଡ଼ିକରେ ସର୍କୁଲାରିଟିର ପ୍ରସାର କରିବା ଲାଗି ଅଭିନବ ଉପାୟ ଅବଲମ୍ବନ କରୁଛନ୍ତି। ଫେରୋକ୍ରୋମ ସ୍ଲାଗର ପୁନଃ ବ୍ୟବହାର, ବାଲି ଆବଶ୍ୟକତା ପାଇଁ ନଦୀ ଉପରେ ପଡୁଥିବା ଚାପକୁ କମ୍ କରିବ ଏବଂ ଉପ ଉତ୍ପାଦଗୁଡ଼ିକୁ ଅନ୍ୟାନ୍ୟ ଅଭିନବ ସମାଧାନ ଭାବେ ବ୍ୟବହାର କରିବାର ବାଟ ସନ୍ଧାନ କରିବାକୁ ଆମକୁ ଅନୁପ୍ରାଣିତ କରିବ, ଯାହା ଏମିତିରେ ଅବ୍ୟବହୃତ ଜମିରୁ ଉତ୍ପାଦନ କରାଯାଉଥିଲା। ଏଥିଯୋଗୁ ଜମି କ୍ଷୟ ଓ ସବୁଜିମା ନଷ୍ଟ ହେଉଥିଲା। ଏଭଳି ସମାଧାନ କାର୍ଯ୍ୟକାରୀ କରିଥିବାରୁ ମୋ ଟିମକୁ ମୁଁ ଧନ୍ୟବାଦ ଜଣାଉଛି। ପାରମ୍ପରିକ ଭାବେ ଫେରୋଆଲୟଜ ଉତ୍ପାଦନ ବେଳେ ନଦୀ ବାଲିକୁ ସୋଡିୟମ ସିଲିକେଟ ଭଳି ବନ୍ଧକ ଉପାଦାନରେ ମିଶାଇ କାଷ୍ଟ ଆଇରନ ପାଇଁ ଏକ ଆଧାର ଏବଂ ତରଳ ଧାତବ ଓ ସ୍ଲାଗ ପରିଚାଳନା ବେଳେ କାଷ୍ଟିଂ ପରିଚାଳନା ସମୟରେ ଏକ ପାର୍ଟିଂ ଏଜେଂଟ ଭାବେ ବ୍ୟବହାର କରାଯାଉଥିଲା। ଏହି କାର୍ଯ୍ୟ ପାଇଁ ମିଳିତ ଭାବେ ପ୍ରତି ମାସ ପ୍ରାୟ ୧ ହଜାର ମେଟ୍ରିକ ଟନ୍ ନଦୀ ବାଲି ଆବଶ୍ୟକ ହେଉଥିଲା। ସ୍ଲାଗ ଫାଇନ୍ସର ବ୍ୟବହାର କେବଳ ପ୍ରାକୃତିକ ନଦୀ ବାଲି ଉପରେ ଚାପ କମ କରିନାହିଁ, ବରଂ ସ୍ଲାଗ ପରିଚାଳନା ସହିତ ଜଡ଼ିତ ଜମି ଅବକ୍ଷୟ ବିପଦ ମଧ କମ୍ କରିଛି।

# ପାରାଦୀପ ଇଫ୍‌କୋ ଡିଏଭି ସ୍କୁଲର ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ସ୍ଥିତ ଇଫକୋ ଡିଏଭି ପବ୍ଲିକ ସ୍କୁଲର ୨୦ତମ ପ୍ରତିଷ୍ଠା ଦିବସ ଇଫକୋର କମ୍ୟୁନିଟି ସେଣ୍ଟରରେ ସୋମବାର ମହା ସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଇଫକୋ ପାରାଦୀପ ୟୁନିଟର ମୁଖ୍ୟ ତଥା ନିର୍ଦ୍ଦେଶକ ପି.କେ.ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାରାଦୀପ ମହାବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଫେସର ଗଣେଶ୍ୱର ପାତ୍ର ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଡିଏଭି ସ୍କୁଲର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରାଙ୍କ ସ୍ୱାଗତ ଭାଷଣ ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ତାଙ୍କ ପ୍ରେରଣାଦାୟକ ଭାଷଣରେ ଉଲ୍ଲେଖ କରିଥିଲେ ଯେ ଛାତ୍ରଛାତ୍ରୀଙ୍କ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଶଂସା ଏବଂ ଉତ୍ସାହ ଆବଶ୍ୟକ। ସେ ଶିକ୍ଷା କ୍ଷେତ୍ରରେ ସେମାନଙ୍କର ଅକ୍ଳାନ୍ତ ପ୍ରୟାସ, ସଫଳତା ଏବଂ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରି ଆଗକୁ ବଢିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ପାତ୍ର ତାଙ୍କ ଭାଷଣରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଥିଲେ ଯେ ଜୀବନରେ ଉନ୍ନତି ପାଇଁ ଏବଂ ଲକ୍ଷ୍ୟ ହାସଲ ପାଇଁ ପ୍ରେରଣା ଓ ଉତ୍ସାହ ଆବଶ୍ୟକ ଏବଂ ଦକ୍ଷତା ବିକାଶ ପାଇଁ ପ୍ରୟାସ ଉଦ୍ଦେଶ୍ୟମୂଳକ ହେବା ଆବଶ୍ୟକ। ଅନ୍ୟମାନଙ୍କ ମଧ୍ୟରେ ଇଫକୋର ପ୍ରଥମ ମହିଳା ସୁପ୍ରିୟା ମହାପାତ୍ର, ଜେଜିଏମ (ଏଫ୍ ଆଣ୍ଡ ଏ) ଡି.ନାୟକ, ଚିଫ୍ ମ୍ୟାନେଜର (ପି ଆଣ୍ଡ ଏ) ବିଜୟ କୁମାର ପରିଡା, ଇଫକୋ ଡିଏଭି ସ୍କୁଲ ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରା, ପିପିଏଲ ଡିଏଭି ସ୍କୁଲ ଅଧ୍ୟକ୍ଷ ସଞ୍ଜିବ କୁମାର ସାହୁ, ପିପିଟି ଡିଏଭି ସ୍କୁଲର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଫକୋ ପାରାଦୀପ ୟୁନିଟର ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁମଧୁର ସ୍ୱାଗତ ସଂଗୀତ, ମନୋରମ ନୃତ୍ୟ ଏବଂ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମକୁ ଏକ ଉଲ୍ଲେଖନୀୟ ରଙ୍ଗ ପ୍ରଦାନ କରିଥିଲା। ସେହିପରି ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ଯେଉଁଠାରେ ଅସହାୟ ଲୋକଙ୍କ ଜୀବନ ରକ୍ଷା କରିବା ପାଇଁ ମୋଟ ୭୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ସ୍କୁଲର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରା ସମସ୍ତ ବ୍ୟକ୍ତିଙ୍କୁ ସେମାନଙ୍କର ଉପସ୍ଥିତି ପାଇଁ କୃତଜ୍ଞତା ଜଣାଇଥିଲେ। ପରମ୍ପରା ଅନୁଯାୟୀ, ଶିକ୍ଷକ ମନୋଜ କୁମାର ଜେନା ସମସ୍ତ ଅତିଥି ଏବଂ ଦର୍ଶକଙ୍କୁ କାର୍ଯ୍ୟକ୍ରମକୁ ସଫଳତା ପାଇଁ ଧନ୍ୟବାଦ ଜଣାଇଥିଲେ। ଡକ୍ଟର କେଶବ ଚନ୍ଦ୍ର ଶତପଥୀ, ଆଞ୍ଚଳିକ ନିର୍ଦ୍ଦେଶକ, ଡିଏଭି ଅନୁଷ୍ଠାନ, ଓଡ଼ିଶା ଜୋନ୍ ଏବଂ ଡକ୍ଟର ସୁଜାତା (ଆର୍‌ଓ), ଡିଏଭି ଅନୁଷ୍ଠାନ, ଓଡ଼ିଶା ଜୋନ୍ ସି, କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ଶୁଭେଚ୍ଛା ଜଣାଇଥିଲେ।



ବୌଦ୍ଧ, (ଭାସ୍କର ନ୍ୟୁଜ) : ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ମେଣ୍ଡିମାଳ ସେବାଶ୍ରମ ବିଦ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ମଙ୍ଗଳ ଅଧିକାରୀ ସୌମ୍ୟରଞ୍ଜନ ରାଏଙ୍କ ସଭାପତିତ୍ୱରେ ଏକ ଅବସରକାଳୀନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ଅବସର ପ୍ରାପ୍ତ ଶିକ୍ଷକ ଦିଲ୍ଲୀପ କୁମାର ସାହୁଙ୍କ ବିଦ୍ୟାଳୟ ପ୍ରତି ଥିବା ତ୍ୟାଗ ଓ ଭଲ ପାଇବା ବିଷୟ ରେ କହିଥିଲେ। ବରିଷ୍ଠ ହିନ୍ଦୀ ଶିକ୍ଷକ ନାରାୟଣ ସେଠୀ ଶ୍ରୀ ସାହୁଙ୍କ ୩୩ ବର୍ଷ ଚାକିରି ଜୀବନ ସେବାର ମହିମା ଗାନ କରିଥିଲେ। ଏହି ଅବସର ରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଶ୍ରୀ ସାହୁଙ୍କ ବ୍ୟକ୍ତିଗତ ତଥା ଚାକିରୀ ସେବା ଜୀବନର ଅଭୁଲା ସ୍ମୃତିକୁ ସ୍ମରଣ କରି ଭାବ ବିହ୍ୱଳ ହୋଇଯାଇଥିଲେ। ବିଦ୍ୟାଳୟ ଶ୍ରୀ ସାହୁଙ୍କ ଅବସର ଗ୍ରହଣରେ ଏକ ଶୋକାକୁଳ ପରିବେଶ ହୋଇଯାଇଥିଲା। ଶ୍ରୀ ସାହୁ ଜଣେ ବୃକ୍ଷ ପ୍ରେମୀ, ଶିଶୁ ପ୍ରେମୀ ଏବଂ ମେଳାପି ବ୍ୟକ୍ତିତ୍ୱ ରୂପେ ସ୍ଥାନୀୟ ପରିବେଶରେ ବେଶ୍ ଜଣାଶୁଣା। ସେ ଶିକ୍ଷାର୍ଥୀ ମାନଙ୍କୁ ସଙ୍ଗୀତ, ବାଦ୍ୟ, ଚିତ୍ର ବୃକ୍ଷ ରୋପଣ ଇତ୍ୟାଦି ଶିକ୍ଷା ପାଇଁ ଉତ୍ସାହିତ କରୁଥିଲେ। ଶ୍ରୀ ସାହୁଙ୍କୁ ଶିକ୍ଷାର୍ଥୀମାନେ ବିଭିନ୍ନ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ତାଙ୍କର ବ୍ୟକ୍ତିଗତ ଜୀବନ ସୁଖମୟ ଓ ସ୍ୱାସ୍ଥ୍ୟମୟ ହେଉ ଏହା ହିଁ ଈଶ୍ୱରଙ୍କ ଠାରେ ପ୍ରାର୍ଥନା ।



### ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ବିଦ୍ୟାଳୟରେ ତାଲା ପକାଇବା ଘଟଣା

# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ସ୍ଥିତି ସ୍ୱାଭାବିକ

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍) : ବିଦ୍ୟାଳୟର ସହ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳୀ ଦାବି କରି ଆଜି ବିଦ୍ୟାଳୟକୁ ତାଲା ପକେଇ ଥିଲେ ଗ୍ରାମବାସୀ। କ୍ଲଷ୍ଟରର ସିଆରସିସି ବିଦ୍ୟାଳୟ ରେ ପହଞ୍ଚି ବୁଝାସୁଝା କରିବା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହିତ କଥା କରେଇବା ପରେ ସ୍ୱାଭାବିକ ହୋଇଥିଲା ସ୍ଥିତି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରୀଗୁଡା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ଗୌରୀ ବେହେରାଙ୍କ ଅନ୍ୟତ୍ର ବଦଳୀ ଦାବୀରେ ବିଦ୍ୟାଳୟରେ ତାଲା ପକେଇ ରଖି ଥିଲେ ଗ୍ରାମବାସୀ ଘଟଣା ସ୍ଥଳରେ ସିଆର୍‌ସିସି ପହଞ୍ଚି ସକଳ ବୃତାନ୍ତ ଶୁଣିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସହିତ ଗ୍ରାମବାସୀଙ୍କୁ ଯୋଗାଯୋଗ କରେଇ ଥିଲେ ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଠାରୁ ବଦଳି କରିବାର ପ୍ରତିଶୃତି ପାଇବା ପରେ




ବିଦ୍ୟାଳୟର ତାଲା ଖୋଲା ଯାଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଏହି ଯେ ଦିଦି ଜଣକ ବିଦ୍ୟାଳୟରେ ପାଠ ପଢାଉ ନାହାନ୍ତି। ସଦା ସର୍ବଦା ବିଦ୍ୟାଳୟ ପରିସର ମଧ୍ୟରେ ଥିବା ବାଉଁଶ ବୁଦା ମୂଳେ ବସି ଫୋନରେ ଗପୁଛନ୍ତି। କେବେ ମଧ୍ୟ କୌଣସି ଶ୍ରେଣୀ ଗୃହରେ ପଶି ପିଲାମାନଙ୍କୁ ପାଠ ପଢାଉଥିବା ଲୋକେ ଦେଖିନଥିବା ଅଭିଯୋଗ କରିଛନ୍ତି। ଯେତେବେଳେ ମଧ୍ୟ ସେ ବାଉଁଶ ବୁଦା ପାଖରେ କାନରେ ମୋବାଇଲ ରଖି ଛିଡା ରହୁଥିବା ଅଭିଯୋଗ ଆଣିଛନ୍ତି ଅଭିଭାବକ ଓ ଗ୍ରାମବାସୀ। ଏଠାରେ ସୂଚେଇ ଦେବାକୁ ଚାହୁଁ କି, ଡଙ୍ଗରୀଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଯାଏ ଶ୍ରେଣୀ ରହିଥିବା ବେଳେ ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୮୨ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ସଂଖ୍ୟା ୩। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଫିସ କାମରେ ବ୍ୟସ୍ତ ରହୁଥିବା ବେଳେ ଆଉ ଜଣେ ଶିକ୍ଷକ ୫ଟି ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢ଼େଇବା ସମ୍ଭବ ନୁହେଁ। ଏହି ଶିକ୍ଷୟିତ୍ରୀ ବିଦ୍ୟାଳୟରେ ରହିବା ନରହିବା ଏକା କଥା। ବରଂ ସେ ଅନ୍ୟତ୍ର ବଦଳି ହେଲେ ତାଙ୍କ ସ୍ଥାନରେ ଆଉ ଜଣେ ଶିକ୍ଷକ ଆସି ପିଲାଙ୍କୁ ପାଠ ପଢ଼େଇବେ। ତେଣୁ ଦିଦିଙ୍କ ବଦଳି ନିହାତି ଦରକାର ବୋଲି ଗ୍ରାମବାସୀ ଓ ଅବିଭାବକମାନେ ଆଜି ବିଦ୍ୟାଳୟରେ ତାଲା ପକେଇ ଦିଦିଙ୍କୁ ବଦଳି କରାଯାଉ ବୋଲି ଅଡ଼ି ବସିଥିଲେ। ଯେତେଦିନ ଯାଏ ଦିଦିଙ୍କ ବଦଳି ନହୋଇଛି ସେତେଦିନ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ଯିବନାହିଁ ବୋଲି ଜିଦ ଧରି ବସିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଶୁଣି ସାରିବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାତ ଦିନର ସମୟ ମାଗିଛନ୍ତି ଓ ସାତ ଦିନ ମଧ୍ୟରେ ଦିଦିଙ୍କ ବଦଳୀ କରାଯିବା ନେଇ ପ୍ରତିଶୃତି ଦେଇଛନ୍ତି ।ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଠାରୁ ପ୍ରତିଶୃତି ପାଇବା ପରେ ଗ୍ରାମବାସୀ ବିଦ୍ୟାଳୟ ଖୋଲିବାକୁ ଦେଇଥିବା ସୂଚନା ମିଳିଛି।

# ଯାତ୍ରୀବିଶ୍ରାମ ଗୃହ ପାଲଟିଛି ଗୋରୁ ଗୁହାଳ





ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଖଇରପୁଟ ସଦର ମହକୁମା ଠାରେ ଥିବା ଯାତ୍ରୀ ବିଶ୍ରାମ ଗୃହ ପାଲଟିଛି ଗୋରୁ ଗୁହାଳ। ରାତି ହେଲେ ଯାତ୍ରୀ ବିଶ୍ରାମ ଗୃହ ସ୍ଥାନରେ ମାଳମାଳ ଗାଇଗୋରୁ ଜମା ହୁଅନ୍ତି ସକାଳ ହେଲେ ଯାତ୍ରୀ ବିଶ୍ରାମ ଗୃହରେ ଗୋବର, ମୁତ ଭର୍ତ୍ତି ହୋଇଯାଏ ଯାହା ଫଳରେ ବସକୁ ଅପେକ୍ଷାରେ ଥିବା ଏବଂ ବିଶ୍ରାମ ନେବା ପାଇଁ ଯାତ୍ରୀମାନେ ନାହିଁ ନଥିବ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଖଇରପୁଟ ମେଡିକାଲ ଛକରେ ପ୍ରତି ଦିନ ଯାତ୍ରୀମାନଙ୍କ ଭିଡ ଦେଖିବାକୁ ମିଳିଥାଏ। ଏଠାରୁ ବସ ଯୋଗେ ଅନ୍ୟତ୍ରକୁ ଯିବା ସହ ଯାତ୍ରୀମାନେ ବସରୁ ଆସି ଏଠାରେ ଓହ୍ଲାଇ ବସକୁ ଅପେକ୍ଷା କରିଥାନ୍ତି କିନ୍ତୁ ଯାତ୍ରୀ ବିଶ୍ରାମଗୃହଟି ବର୍ତମାନ ଗାଇ ଗୁହାଳରେ ପରିଣତ ହୋଇଛି ଯାହା ଫଳରେ ଯାତ୍ରୀ ବିଶ୍ରାମ ନେବା ପାଇଁ ଯାତ୍ରୀ ଅସୁବିଧା ସଂମ୍ମୁଖୀନ ହେଉଛନ୍ତି। ତେବେ ମୁଖ୍ୟ ରାସ୍ତାରେ ମଧ୍ୟ ସନ୍ଧ୍ୟା ହେଲେ ମାଳମାଳ ଗାଇଗୋରୁ ରାସ୍ତାରେ ଶୋଇଥିବା ବେଳେ ଏଠାରେ ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ବର୍ଷା ହେବା ଫଳରେ ଯାତ୍ରୀ ବିଶ୍ରାମଗୃହଟି ଗୋବରମୁତ ଜମି ରହିଥିବାରୁ ଯାତ୍ରୀମାନେ ବର୍ଷାରେ ଭିଜି ବସକୁ ଅପେକ୍ଷା କରିବା ସହ ଗଛ ତଳେ ତ ଗୋଟିଏ ଦୋକାନରୁ ଅନ୍ୟ ଦୋକାନନକୁ ଦୌଡୁଥିବା ଦେଖିବାକୁ ମିଳିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଗୁହାରି କରିଛନ୍ତି।

# ଆମିଷ ଦୋକାନ ସିଲ୍

କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟ ସହରର ବିଭିନ୍ନ ଆମିଷ ଦୋକାନରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୌର ପରିଷଦ ପକ୍ଷରୁ ଚଢାଉ କରାଯାଇଛି। ସହରରେ ୧୧ଟି ମାଛ, ମାଂସ, ଚିକେନ ଦୋକାନକୁ ସିଲ୍ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି । ବାରମ୍ବାର ଆମିଷ ବିକ୍ରେତାଙ୍କୁ ଦୋକାନ ସ୍ୱଚ୍ଛ ରଖିବାକୁ ତାଗିଦା କରାଯାଇଥିଲେ ସୁଦ୍ଧା ବ୍ୟବସାୟୀ ଏଥିପ୍ରତି ଧ୍ୟାନ ଦେଉନଥିଲେ । ଏନେଇ ସହରରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୌର ପରିଷଦ ଟିମ୍ ଆମିଷ ଦୋକାନ ଗୁଡିକରେ ସ୍ୱଚ୍ଛତାରେ ବ୍ୟାପକ ଅନିୟମିତା ହେଉଥିବା ଦେଖି ସେଗୁଡିକ ସିଲ୍ କରି ଜରିମାନା ଆଦାୟ କରିଛନ୍ତି। ଆଗାମୀ ଦିନରେ ପ୍ରତି ଆମିଷ ଦୋକାନ ସମ୍ମୁଖରେ ବିକ୍ରି ଦର ତାଲିକା ଟାଙ୍ଗିବା ସହ ଦୋକାନରେ ବର୍ଜ୍ୟବସ୍ତୁ ନାଳରେ ନପକାଇ ଡଷ୍ଟବିନ ରଖିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି। ମାର୍କେଟ ନିର୍ମିତ ଗାଡି ପାର୍କିଂ ସ୍ଥାନରୁ ପନିପରିବା ଓ ମାଛ ଦୋକାନକୁ ଉଠାଇବାକୁ ମ୍ୟୁନିସିପାଲଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ କେହି ଖିଲାପ କରିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇ ଦୋକାନ ଲାଇସେନ୍ସ ରଦ୍ଦ କରିବାକୁ ପଦକ୍ଷେପ ନିଆଯିବ । ଏହି ଚଢାଉ ଆଗକୁ ଜରି ରହିବ ବୋଲି ପୌର ନିର୍ବାହୀ ଅଧିକାରୀ କହିଛନ୍ତି । ଚଢାଉରେ କୋରାପୁଟ ଜିଲ୍ଲା ସ୍ୱଚ୍ଛତା ନିରୀକ୍ଷକ ଅଧିକାରିଣୀ ସୁପ୍ରଭା ମଲ୍ଲିକ ପୌର ପରିଷଦ ସ୍ୱଚ୍ଛତା ଅଧିକାରୀ ଭରତ ହାଲୁବା, ପୋଲିସ କର୍ମୀ ଓ ପୌର କର୍ମୀମାନେ ସାମିଲ ହୋଇଥିଲେ ।

# ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ନଗର ମଣ୍ଡଳ ବିଜେପି ପକ୍ଷରୁ ନଗର ସଭାପତି ବିଶ୍ୱଜିତ ତ୍ରିପାଠୀଙ୍କ ନେତୃତ୍ୱ ରେ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଦିନ ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ କରି ବୃକ୍ଷ ରୋପଣ କରିବା ସହିତ ଚାରା ବଣ୍ଟନ କରାଯାଇଥିଲା। ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମର ନଗର ମଣ୍ଡଳ ସଂଯୋଜକ ଦୁର୍ଗା ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବୃକ୍ଷରୋପଣ କରିବା ସହିତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦୁଝରଗଡ଼ ପୌରପାଳିକାର ପୌରାଧକ୍ଷା ନିକୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହିତ ଆଜିର ପରିସ୍ଥିତିରେ ପରିବେଷକୁ ସୁରକ୍ଷିତ ରଖିବାକୁ ହେଲେ ବୃକ୍ଷ ରୋପଣ ଏବଂ ଏହାର ସୁରକ୍ଷା ହିଁ ଏକମାତ୍ର ବିକଳ୍ପ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ନଗର ମଣ୍ଡଳ ପ୍ରଭାରୀ ଦିଲ୍ଲୀପ କୁମାର ପଣ୍ଡା, ନଗର ମଣ୍ଡଳ ଦୁଇ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପାତ୍ର ଏବଂ



ବ୍ରଜକିଶୋର ରାୟ,ଉପସଭାପତି ଦୁର୍ଯ୍ୟୋଧନ ସାହୁ, ମଞ୍ଜରୀ ମୁର୍ମୁ, ଅଜୟ ପାତ୍ର, ଯୁଗୋଳ କିଶୋର ମହାନ୍ତ, ରାଜେନ୍ଦ୍ର ନାଏକ, କାଉନସିଲର ପଙ୍କଜ କୁମାର ଦିବେଦୀ ଏବଂ କିରଣ କୁମାର ସୋରେନ, ଯୁବନେତା ପ୍ରିୟବ୍ରତ ଜେନା, ଅସିତ ନନ୍ଦନ ମହାନ୍ତି, କୁନ୍ଦନ ପରିଡା, ବବିତା ରାମ, କୁରୁବା ବେହେରା, ଗଣେଶ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସାରସକଣା ବ୍ଲକର ଅନେକ ଗ୍ରାମରେ ବନ୍ୟା ପରିସ୍ଥିତ

ସାରସକଣା, (ଭାସ୍କର ନ୍ୟୁଜ୍) : ଏହି ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମ ରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି। ଶୀର୍ଷା। ପଞ୍ଚାୟତ ଅନ୍ତର୍ଗତ ନେଦା।, ବଣଗାଁ, ମୁଚିସାହି ଆଦି ଗ୍ରାମରେ ସୁବର୍ଣ୍ଣ ରେଖା ନଦୀର ପାଣି ମରିଯାଇଛି। ଲୋକ ମାନେ ନିଜ ଘରୁ ବାହାରକୁ ବାହାରି ପାରିନାହାନ୍ତି। ରୋଷେଇ ମଧ୍ୟ କରି ପାରୁ ନାହାଁନ୍ତି। ଉପବାସରେ ଦିନ କାଟୁଛନ୍ତି। ଯେ କେହି ସେ ଦୃଶ୍ୟ ଦେଖିବ ତା ଛାତି ଥରି ଉଠିବ। ପିଲାମାନେ ପାଠ ପଢ଼ିବା ପାଇଁ ବିଦ୍ୟାଳୟ କୁ ଯାଇ ପାରୁ ନାହାଁନ୍ତି। ଯୋଗାଯୋଗ ସଂପୂର୍ଣ୍ଣ ଭାବେ ବିଛିନ୍ନ ହୋଇଯାଇଛି । ଖାଇବା ପାଇଁ ଘରେ ଚାଉଳ ନାହିଁ । ବିଭିନ୍ନ ସରୀସୃପ ଘର ଭିତରକୁ ପଶି ଯାଉଛନ୍ତି। ପୁଣି ଏପଟେ ରାଜାଲୋକା ଗ୍ରାମ ପଞ୍ଚାୟତ ଅଧିନରେ ଥିବା ଅଁଳାତ ଡା, ବେଲବରିଆ, ସରଗଡା ରେ ସଂପୂର୍ଣ୍ଣ ଭାବେ ଯୋଗାଯୋଗ ବିଛିନ୍ନ ହୋଇଯାଇଛି। ଚାଷ ଜମିର ଅବସ୍ଥା କହିଲେ ନସରେ। ଜମିଗୁଡ଼ିକ ନଦୀ ଭଳିଆ ଦେଖା ଯାଉଛି। ତଳି ଗୁଡ଼ିକ ସଂପୂର୍ଣ୍ଣ ଭାବେ ନଷ୍ଟ ହେବାକୁ ବସିଲାଣି। ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବାଘଝମ୍ପା ଠାରେ ଅଜଗର ସାପ ଆତଙ୍କ ସୃଷ୍ଟି କରିଛି। ତେଣୁ ଅଞ୍ଚଳବାସୀଙ୍କର ଜୀବନ ଦୁର୍ବିସହ ହୋଇପଡିଛି । ତେଣୁ ପ୍ରଶାସନକୁ ଅନୁରୋଧ ଏହାର ବିହିତ ପଦକ୍ଷେପ ନେଲେ ଗ୍ରାମବାସୀ ଉପକୃତ ହେବେ।

# ଟ୍ରକ୍ ଚକା ତଳେ ପଡି ମହିଳା ମୃତ

କୋରାପୁଟ, (ଭାସ୍କର ନ୍ୟୁଜ) ସେମିଳିଗୁଡା ବ୍ଲକ ପାକଝୋଲା ଛକ ନିକଟରେ ଟ୍ରକ ଚକା ତଳେ ପଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ସେମିଳିଗୁଡା ବ୍ଲକ କୁତୁଗାଁ ଗ୍ରାମର ମତି ନନ୍ଦିବାଲୀ ବୋଲି ଜଣାପଡିଛି। ସୂଚନା ଅନୁଯାଇ, ବାଇକ ଯୋଗେ କୁତୁଗାଁ ଗ୍ରାମର ରାମ ସୁବୁଦ୍ଧି ପତ୍ନୀ ରାଧାମଣୀ ଓ ଶାଶୁ ମତି ନନ୍ଦିବାଲୀଙ୍କ ସହିତ ବାଇକ (ଓଆର୧୦ଏଚ୬୭୧୯) ଯୋଗେ ସେମିଳିଗୁଡାରୁ ନିଜ ଗାଁକୁ ଫେରୁଥିଲେ। ତେବେ ପାକଝୋଲ ଛକ ନିକଟରେ ବିପରୀତ ଦିଗରୁ ଦ୍ରୁତି ଗତିରେ ଆସୁଥିବା ଏକ ଟ୍ରକ ବାଇକକୁ ଧକ୍କା ଦେବାରୁ ରାମ ଓ ରାଧାମଣି ବାଇକରୁ ଛିଟିକି ପଡିଥିଲେ। ଅନ୍ୟପଟେ ରାମଙ୍କ ଶାଶୁ ମତି ଟ୍ରକ ଚକା ତଳେ ପଡିଆଯାଇଥିଲେ। ଟ୍ରକ ଚକା ମାଡି ଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।। ଦୁର୍ଘଟଣା ପରେ ଟ୍ରକ ଚାଳକ ଦ୍ରୁତ ଗତିରେ କୋରାପୁଟ ଅଭିମୁଖେ ଚମ୍ପଟ ମାରୁଥିବା ବେଳେ କୋରାପୁଟ ପୋଲିସ ଟ୍ରକ ଡ୍ରାଇଭରକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି । ମତିଙ୍କ ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟପଟେ ଗୁରୁତର ରାମ ଓ ରାଧାମଣି କୋରାପୁଟ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ପୋଲିସ ସୂଚନା ଦେଇଛି ।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ‘ପକ୍ଷୀ ପାଇଁ ଦିନଟିଏ’ କାର୍ଯ୍ୟକ୍ରମ

ନୂଆପଡ଼ା, (ଭାସ୍କର ନ୍ୟୁଜ୍) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଘଣ୍ଟିଗୁଡା ଗ୍ରାମ ପଞ୍ଚାୟତରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲ। ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବିଡ଼ିଓ କାର୍ମୀ ଓରାମ, ସ୍ଥାନୀୟ ସରପଞ୍ଚ ଖୁଟୁରାମ ସୁନାନୀ, ସମିତି ସଭ୍ୟା ଲଳିତା ସୁନାନୀ ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ କ୍ଷଜିଲ୍ଲା ଶ୍ରମ ଅଧିକାରୀ ରବିନ୍ଦ୍ର ବାର୍ଲା, ହସ୍ତଶିଳ୍ପ ଉପ ନିର୍ଦ୍ଦେଶକ ପୁଷ୍ପ ରଞ୍ଜନ ସାହୁ, ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନାୟକ, ଓଏସ୍‌ଡି ସୀତାରାମ ମେହେର ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଶ୍ରମିକ କୃଷକ ତଥା ମହିଳା ଏବଂ ଜନସାଧାରଣଙ୍କ




ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। କ୍ଷସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ଏହି ପଞ୍ଚାୟତର କୌଣସି ବି ପୁରୁଷ କିମ୍ବା ମହିଳା ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ଯାଆନ୍ତୁ ନାହିଁ। ନିଜ ଗାଁ ମାଟିରେ ରହି ମନରେଗା ଯୋଜନାରେ କାମ କରି ସବୁ ଶ୍ରମିକ ପରିବାର ଲକ୍ଷପତି ହୁଅନ୍ତୁ। ଚାଷୀ ଭାଇ ଭଉଣୀ ମାନେ ଉନ୍ନତ ପ୍ରଣାଳୀରେ ଚାଷ କରନ୍ତୁ। ଜାଗା ନାହିଁ ଯାହାର, ଛତୁ ଚାଷ ତାହାର। ଏସବୁ କରିବା ପାଇଁ ଜିଲ୍ଲା ପ୍ରଶାସନ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବେ। ଯେଉଁମାନେ ଏ ବର୍ଷ ଦାଦନ ଯାଇଛନ୍ତି, ସେମାନେ ଆଉଥରେ ନ ଯିବା ପାଇଁ ସଂକଳ୍ପ ନିଅନ୍ତୁ। ଆମେ ସମସ୍ତେ ମିଶି ଘଣ୍ଟିଗୁଡା ପଞ୍ଚାୟତକୁ ପ୍ରବାସୀ ଶ୍ରମିକ ଓ ପ୍ଲାଷ୍ଟିକ୍ ମୁକ୍ତ କରି ପାରିବା ବୋଲି କହିଥିଲେ। ଶେଷରେ ସରପଞ୍ଚ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ୍‌ସ୍ତରୀୟ ଅଧିକାରୀ ଏବଂ ବହୁ ସଂଖ୍ୟାରେ ମହିଳା ତଥା ଜନ ସାଧାରଣ ଯୋଗ ଦେଇଥିଲେ। ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଏସିଏଫ୍, ଏମ୍‌ଏମ୍ ସାଲିହା ଓ ସମସ୍ତ ଅତିଥି ପକ୍ଷୀ ମାନଙ୍କ ପାଇଁ ଖାଦ୍ୟ ଓ ମାଟି ପାତ୍ରରେ ଜଳଦାନ କରିବା ସହିତ ଚାରାରୋପଣ କରିଥିଲେ।


# ଡ୍ରିଲ ସବ୍ ଇନ୍ସପେକ୍ଟରଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଆଜି ମାଲକାନଗିରି ଜିଲ୍ଲାର ଜଣେ ପୋଲିସ ବିଭାଗରେ କାର୍ଯ୍ୟ ତୁଲାଇଥିବା ତଥା ନିଜର ଜିବନ କାଳରେ ଅଧା ସମୟ ପୋଲିସ ବିଭାଗରେ ଅତିବାହିତ କରିଥିବା ସମସ୍ତଙ୍କ ପରିଚିତ ଅତିପ୍ରିୟ ଡ୍ରିଲ ସବ୍ ଇନ୍ସପେକ୍ଟର ତ୍ରିଲୋଚନ ସେଠି ଚାକିରୀରୁ ଅବସର ନେଇଛନ୍ତି। ଯେଉଁଥିପାଇଁ ମାଲକାନଗିରି ଜିଲ୍ଲା ସଦରମହକୁମା ଏସପିଙ୍କ କାର୍ଯ୍ୟାଳୟ ପରିସରରେ ମାଲକାନଗିରି ଏସପି ବିନୋଦ ପାଟିଲ ଇଚଙ୍କ ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମାଲକାନଗିରି ଏସଡିପିଓ ଶ୍ରୀ ଦଳେଇ, ଡିଏସପି ଶ୍ରୀ ଲାକ୍ରା, ଆର୍‌ଆଇ ସତ୍ୟପ୍ରିୟ ବିଶାଳ, ହୋମଗାର୍ଡ ଆର. ଆଇ କୁମୁଦ ପ୍ରଧାନ, ବି ସବରଙ୍କ ସମେତ ସମସ୍ତ ହାବିଲଦାର ଏବଂ



ପୋଲିସ ବିଭାଗରେ କାର୍ଯ୍ୟରତ ତଥା ସଭାରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଅବସର ନେଉଥିବା ତ୍ରିଲୋଚନ ସେଠୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ସେଠୀଙ୍କ ସହିତ ତାଙ୍କର ଧର୍ମପତ୍ନୀ ତଥା ପରିବାର ଉପସ୍ଥିତ ରହିଥିଲେ। ଶ୍ରୀ ସେଠୀ ପୂର୍ବର କୋରାପୁଟ ଜିଲ୍ଲାରୁ ପୋଲିସ ବିଭାଗରେ ଚାକିରୀ ରେ ଯୋଗଦାନ କରିଥିଲେ। ବର୍ତ୍ତମାନ ତାଙ୍କର ଚାକିରି କାଳ ମାଲକାନଗିରି ଠାରେ ଶେଷ ହୋଇଛି। ଦିର୍ଘ ୪୨ ବର୍ଷ ନିଜର ସେବା ଯୋଗାଇଛନ୍ତି ଏବଂ ବର୍ତ୍ତମାନ ତାଙ୍କର ଅବସରର ସମୟ ଆସିଛି। ତେବେ ସମ୍ବର୍ଦ୍ଧନା ସମାରୋହ ରେ ଶ୍ରୀ ସେଠୀ, ତାଙ୍କର ସାଥୀ ଗଣ ଏବଂ ପରିବାର ଲୋକେ ଭାବ ବିହ୍ୱଳ ହୋଇ ଯାଇଥିଲେ।

# ଦୋକାନରୁ ଚୋରି ନେଇ ପୋଲିସର ତଦନ୍ତ



ବୌଦ୍ଧ, (ଭାସ୍କର ନ୍ୟୁଜ୍) : ହରଭଙ୍ଗା ଥାନା ଅର୍ନ୍ତଗତ କୁଶଙ୍ଗ ବଜାରରୁ ଗତ ରବିବାର ବିଳମ୍ବିତ ରାତିରେ ଏକ ଲୁଗା ଦୋକାନରୁ ତାଲାଭାଙ୍ଗି ଚୋରି ହୋଇଥିବା ହରଭଙ୍ଗା ଥାନରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତିକରି ସୋମବାର ହରଭଙ୍ଗା ପୁଲିସ ଡଗ୍ ସ୍କ୍ୱାର୍ଡ, ସାଇଣ୍ଟିଫିକ୍ ଟିମ୍ ଜରିଆରେ ଘଟଣାର ଛାନଭିନ ଆରମ୍ଭ କରିଛି। ସୂଚନା ଅନୁସାରେ ଗତ ଦୁଇ/ତିନିବର୍ଷହେଲା କୁଶଙ୍ଗ ଗ୍ରାମର ଯୋଗୀନ୍ଦ୍ରନାଥ ବେହେରା ସ୍ଥାନୀୟ ବଜାରରେ ଛୋଟ ଲୁଗା ସହ ଚପଲ ଦୋକାନ କରିଥିଲେ। ଗତକାଲି ବିଳମ୍ବିତ ରାତ୍ରୀରେ ଦୋକାନ ତାଲାଭାଙ୍ଗି କେହି ଦୁର୍ବୃତ ଦୋକାନରୁ ଶାଢୀ ଚପଲ ଆଦି ଚୋରି କରିନେଇଥିବା ସେ ସକାଳୁ ଜାଣିବାକୁ ପାଇଥିଲେ । ଏ ସର୍ମ୍ପକରେ ହରଭଙ୍ଗା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ପକ୍ଷରୁ ଏକ ଚୋରି ମାମଲା ରୁଜୁ କରାଯାଇ ଘଟଣାର ଛାନଭିନ୍ ସହ ସିସିଟିଭି ଫୁଟେଜ ଆଦି ତନଖି କରାଯାଇଛି। ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଚାଲିଥିବାବେଳେ ପ୍ରାଥମିକ ତଦନ୍ତ ପରେ ମଧ୍ୟ ଚୋରି ଘଟଣାର କୌଣସି ସୁରାକ ପୋଲିସକୁ ମିଳିନଥିବା ତଦନ୍ତକାରୀ ଅଫିସର ପ୍ରକାଶ ଭୋଇ ସୂଚନା ଦେଇଛନ୍ତି ।

# ୪୪ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ




କୋରାପୁଟ, (ଭାସ୍କର ନ୍ୟୁଜ) : ବୈପାରିଗୁଡା ବ୍ଲକ ପଂଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହରେ ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ଭି କିର୍ତି ଭାସନ ୪୪ଟି ଅଭିଯୋଗ ଶୁଣିଥିଲେ। ସେଥିରୁ ୨୯ଟି ଗୋଷ୍ଠୀଗତ ଓ ୧୫ଟି ବ୍ୟକ୍ତିଗତ ଅଭିଯୋଗ ଦାଖଲ ହୋଇଥିଲା। ଏଥିରେ ସ୍ଥାନିୟ ଛକରେ ଟ୍ରାଫିକ ପୋଷ୍ଟ ପ୍ରତିଷ୍ଠା, ନୋଡାଲ ସ୍କୁଲ ଘର ବିଲ୍ଡି ନିର୍ମାଣ, ଦୈନିକ ବଜାର ଭିତିଭୂମି ନିର୍ମାଣ ଓ ଶହିଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନବ ନିର୍ମିତ ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ଆଦି ଲୋକେ ଅଭିଯୋଗ କରିଥିଲେ। ଶୁଣାଣିରେ ଜିଲ୍ଲା ପୋଲିସ ଏସପି ରୋହିତ ବର୍ମା, ସିଡିଓ ବେଣୁଧର ଶବରଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ତଥା ବ୍ଲକ ଅଧ୍ୟକ୍ଷା ପ୍ରଶାନ୍ତ କୁମାର ଗୁପ୍ତା ଓ ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣିମା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ବୁର୍ଲା ସ୍ଥିତ ଏମସିଏଲ ମୁଖ୍ୟାଳୟର ଜିଏମ (ପର୍ସନାଲ) ରାମ ଲାଲ ଖଟିକ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଏମସିଏଲ ଓବିସି କୋଇଲା ଖଣି କର୍ମଚାରୀ କଲ୍ୟାଣ ସଂଘ ପକ୍ଷରୁ ଶ୍ରୀ ଖଟିକଙ୍କୁ ଅବସର କାଳୀନ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଂଘର ସୂର୍ଯ୍ୟନାରାୟଣ ପଟେଲ, ପ୍ରକାଶ ରାଏ, ମିଥିଲେଶ ସିଂହ, ଚନ୍ଦନ ପ୍ରଧାନ, ଗୁଣନିଧି ସାହୁ ପ୍ରମୁଖ ଶ୍ରୀ ଖଟିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିବା ସହିତ ତାଙ୍କର ନିରାମୟ ଜୀବନଯାପନ କାମନା କରିଥିଲେ।

# ମା ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ

ଡେରାବିଶ, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଂଚାୟତ ବାଲିଆ ବଜାର ନିକଟସ୍ଥ ଜମୁନା ପୁଷ୍କରିଣୀ କୂଳରେ ନବନିର୍ମିତ ମା ତାରେଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଗତକାଲି ଠାରୁ ଆରମ୍ଭ ହୋଇଯାଇଛି । ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁଥିବା ଏହି ଉତ୍ସବର ପ୍ରଥମ ଦିନରେ ଶୁଭ କଳସଯାତ୍ରା ହୋଇଯାଇଥିବା ବେଳେ ଆଜି



ଶୋଡ଼ଷ ଉପଚାର ପୂଜା ସହିତ ନ୍ୟାସ, ବିଗ୍ରହ ସ୍ଥାପନା, ମନ୍ଦିର ପ୍ରତିଷ୍ଠା ହେବା ସହିତ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି। ଆସନ୍ତାକାଲି ଏହି ଯଜ୍ଞର ପୂର୍ଣ୍ଣାହୁତୀ ଓ ପରେ ଭକ୍ତମାନଙ୍କୁ ଚରୁଅନ୍ନ ବିତରଣ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି କର୍ମକର୍ତାମାନେ ପ୍ରକାଶ କରିଛନ୍ତି । ଏହି ଉପଲକ୍ଷେ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ କୀର୍ତନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ମାଙ୍କ ପୂଜାର୍ଚ୍ଚନା କରୁଛନ୍ତି।

# ସମବାୟ ଚିନି ଶିଳ୍ପ ଆଜବେଷ୍ଟସ୍ ଛାତରୁ ପଡ଼ି ଯୁବକଙ୍କ ମୃତ୍ୟୁ

ଆସିକା, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଆସିକା ନୂଆଗାଁ ସ୍ଥିତ ସମବାୟ ଚିନି ଶିଳ୍ପ ଆଜବେଷ୍ଟ ଛାତ ମରାମତି କାମ କରୁଥିବା ବେଳେ ଅଘଟଣ ଘଟିଛି। ଛାତରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ଯାଜପୁର ବିଞ୍ଝାରପୁର ଅଞ୍ଚଳର ୨୪ ବର୍ଷୀୟ ସଲମାନ ଖାନ ବୋଲି ଜଣା ପଡିଛି। ସୂଚନା ଅନୁସାରେ ଏସ୍ ବିସିସି ନାମକ ଗୋଟେ କମ୍ପାନୀ ଚିନି ଶିଳ୍ପର ଆଜବେଷ୍ଟ ଛାତ ମରାମତି କାର୍ଯ୍ୟ ହାତକୁ ନେଇ ଥିଲେ। ଦୀର୍ଘ ଏକ ମାସ ହେଲା ଚିନି ଶିଳ୍ପ ଛାତ ଆଜବେଷ୍ଟ ସିଟ ପରିବର୍ତ୍ତନ କରାଯାଉଥିଲା। ସଲମାନ ଖାନ ସେଠାରେ ଶ୍ରମିକ ଭାବେ କାମ କରୁଥିଲେ। ଆଜି ଆଜବେଷ୍ଟ ସିଟ ଖୋଲିବା ସମୟରେ ଗୋଟେ ସିଟ ଭାଙ୍ଗି ତଳକୁ ଖସିଯିବାରୁ ସେ ଛାତରୁ ତଳକୁ ଖସି ପଡ଼ିଥିଲେ। ଫଳରେ ମୁଣ୍ଡରେ ଗଭୀର ଆଘାତ ଲାଗି



ଘଟଣାସ୍ଥଳରେ ସେ ଗୁରୁତର ହୋଇ ପଡ଼ିଥିଲେ। କିଛି କର୍ମଚାରୀ ଓ ସୁପରଭାଇଜର ତାଙ୍କୁ ସେଠାରୁ ଉଦ୍ଧାର କରି ଆସିକା ଉପଖଣ୍ଡ ମେଡିକାଲକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଛନ୍ତି। ଯଦି କମ୍ପାନୀ ପକ୍ଷରୁ ସେଫ୍ଟି ହେଲମେଟ ଓ ବେଲ୍ଟ ପିନ୍ଧିବା ଆଉ ସଠିକ୍ ଭାବେ କାମ କରୁଥିବା ସେଫ୍ଟି ଅଫିସ ତଦାରଖ କରିଥାନ୍ତା ତେବେ ଗୋଟେ ନିରୀହ ଜୀବନ ଯାଇନଥାନ୍ତି। ତେଣୁ ଏଠି ପ୍ରଶ୍ନ ସେଫ୍ଟି ସରଞ୍ଜାମ ପିନ୍ଧିଥିଲା କି ନାହିଁ ଏସବୁ ଯାଞ୍ଚ ଦାଇତ୍ୱ କାହାର ଥିଲା ଏସବୁ ଦିଗରୁ ତଦନ୍ତ କରି ତୁରନ୍ତ ଦୋଷୀ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବା ସହ ମୃତକ ପରିବାରକୁ କ୍ଷତିପୂରଣ ଦେବା ପାଇଁ ସାଧାରଣରେ ଦାବି। ଶବ ବ୍ୟବଛେଦ ପରେ ପରିବାର ଶବ ହସ୍ତାନ୍ତର ହେବ। ଏ ନେଇ ଆମେ ଚିନିକଳ ଏମ୍‌ଡି ଫୋନ ମଧ୍ୟ ପ୍ରତିକ୍ରିୟା ପଚାରିବାରୁ କହିଲେ ମୁଁ ଜାଣିନି ସଭାପତି ମଧ୍ୟ ସମାନ ପ୍ରତିକ୍ରିୟା । ଏଠି ପ୍ରଶ୍ନ ଚିନିକଳରେ ଏମ୍‌ଡି ଆଉ ସଭାପତିଙ୍କ ଅଜାଣତରେ କ’ଣ କାମ ହୁଏ। ତେଣୁ ବହୁ ରହସ୍ୟ ଅଛି ଠିକ୍ ଭାବରେ ତଦନ୍ତ ହେବ ତେବେ ଯାଇ ସତ୍ୟ ଲୋକ ଲୋଚନକୁ ଆସିବ। ଅନ୍ୟପଟେ ଲେବର ଅଫିସରଙ୍କ ପକ୍ଷରୁ କ’ଣ ରହିବ ତଦନ୍ତ ଦେଖିବାକୁ ବାକି ରହିଲା।

# ପୂର୍ବତନ ମନ୍ତ୍ରୀଙ୍କ ଦ୍ୱାରା କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ଜଶସ୍ୱୀ ସାହିତ୍ୟିକ ତଥା ଲବ୍ଧ ପ୍ରତିଷ୍ଠିତ କବି କଟକ ଆକାଶବାଣୀର ଗୀତିକାର ତଥା କୋଠ ଭୋଗଖିଆ ମୋ ଚକା ଆଖିଆ ଉଠ ହେ ପହଡ ଭାଙ୍ଗି ଲୋକ ପ୍ରିୟ ଭଜନର ସ୍ରଷ୍ଟା ସ୍ୱର୍ଗତ କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କର ୮୮ତମ ଜୟନ୍ତୀ ଉତ୍ସବ ଆଜି ତାଙ୍କର ଜନ୍ମ ଭୂମି ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମପଂଚାୟତ ଗୋପପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରତାପ ଜେନା ଏକ ବିରାଟ ପଲ୍ଟଆରରେ ନାରାବାଜି ଦେଇ ସ୍ୱର୍ଗତ ପୋଥାଳଙ୍କ ଗୋପପୁର ସ୍ଥିତ



ପ୍ରତିମୂର୍ତି ନିକଟରେ ପହଂଚିଥିଲେ। ଶ୍ରୀ ଜେନା ସ୍ୱର୍ଗତ ପୋଥାଳଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ସ୍ୱର୍ଗତ ପୋଥାଳ ଓଡିଶା ସାହିତ୍ୟ ଜଗତର ଜଣେ ଅମୂଲ୍ୟ ସମ୍ପଦ ଥିଲେ ବୋଲି ମତବ୍ୟକ୍ତ କରିବା ସହ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶ୍ରୀ ଜେନା ସ୍ୱର୍ଗତ ପୋଥାଳଙ୍କ ସହଧର୍ମଣୀ ଅନ୍ନପୂର୍ଣ୍ଣ ପୋଥାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ରୋଜି ସେଠୀ, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ,ସମିତି ସଭ୍ୟ ପ୍ରଦୋଷ କୁମାର ସାହୁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ,ବିଜେଡି ଯୁବନେତା ଜ୍ୟୋତି ପ୍ରକାଶ ସ୍ୱାଇଁ,ପ୍ରମୋଦ କୁମାର ସ୍ୱାଇଁ, ନିତ୍ୟାନନ୍ଦ ସ୍ୱାଇଁ, ହରେକୃଷ୍ଣ ସେଠୀ,ଜୟଦେବ ସାହୁ, ରାମଚନ୍ଦ୍ର ସାହୁ, କୈଳାସ ଜେନା, ବ୍ରହ୍ମାନନ୍ଦ ଜେନା, ବାପୁ ଭୂୟାଁ, ମନୋଜ କୁମାର ସେଠୀଙ୍କ ସମେତ ବହୁ ମହିଳା ଏବଂ ବିଜେଡି କାର୍ଯ୍ୟକତା ମାନେ ଏହି ଉତ୍ସବରେ ଯୋଗଦାନ କରିଥିଲେ।



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ) : ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମ ସ୍ଥିତ ଝୋଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସୂଚନା ଅଧିକାର ଅଭିଯାନ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଯୋଗ ଦେଇ ସୂଚନା ଅଧିକାର ଆଇନ୍ ବଳରେ କିପରି ପ୍ରଶାସନିକ ବ୍ୟବସ୍ଥାକୁ ସୁଧରାଯାଇଛି, ଚାଷୀ ଠାରୁ ଆରମ୍ଭ କରି ଜେଲରେ ରହୁଥିବା କଏଦୀ ମଧ୍ୟ ଏହି ଆଇନ୍‌ବଳରେ ନ୍ୟାୟ ପାଇ ପାରିଛନ୍ତି ଏବଂ ଜଣେ ସୂଚନା ଅଧିକାର କର୍ମୀ ଏହି ଆଇନ୍ ବଳରେସରକାର ଓ ପ୍ରଶାସନରେ ହେଉଥିବା ଅନେକ ଦୁର୍ନୀତିକୁ ଲୋକଲୋଚନ କରିବାରେ ସହାୟକ ହୋଇପାରିଛନ୍ତି ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଭାନନ୍ଦ ସାହୁ, ଭୀମସେନ୍ ବିଶ୍ୱାଳ,ହରିହର ବେଉରା, ଶଙ୍କର୍ଷଣ ମହାପାତ୍ର ପରିଚାଳନା କରିଥିବା ବେଳେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌କଂଗ୍ରେସ ସଭାପତି ଆଶୁତୋଷ ବରାଳ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମୋନାଲିଶା ଦାସ,ବିଜେପି ନେତ୍ରୀ ବର୍ଷାରାଣୀ ପଲେଇ, ଶଶିକାନ୍ତ ନାୟକ, ନବକିଶୋର ଦାସ, ଅଶୋକ ସାମଲ,ଇମ୍ରାନ୍ ଖାଁ, ପବିତ୍ର ମହାନ୍ତି, ମନୋଜ ମଲ୍ଲିକ, ସମାଜସେବୀ ଦେବେନ୍ଦ୍ର ପୃଷ୍ଟି, ଜୟ ସିଂ,ପ୍ରତାପ ଜେନା, ରମେଶ ନାୟକ, ଭାସ୍କର ପ୍ରସାଦ ମହାପାତ୍ର, ଭାସ୍କର ରାଉତରାୟଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ ।

## ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଆସିକା(ଭାସ୍କର ନ୍ୟୁଜ୍): ଆସିକା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ କଲେଜଛକ ସ୍ଥିତ ଟେକ୍ନିକାଲ ହାଇସ୍କୁଲ ର ପ୍ରଧାନଶିକ୍ଷକ ପ୍ରତାପ କୁମାର ମହାପାତ୍ରଙ୍କୁ ଭାବ ବିହ୍ୱଳ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖାରିଆ ସରପଞ୍ଚ ଜୟନ୍ତୀ ସାହୁ, ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁନ ରାଣୀ ମହାନ୍ତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁନନ୍ଦନ ପଣ୍ଡା, ଜଗଦଳପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ନାରାୟଣ ମହାପାତ୍ର, ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଗୋଲାପଡା (ଭଞ୍ଜଗଗର)ର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସେଠୀ, ଟେକ୍ନିକାଲ ହାଇ ସ୍କୁଲ ର ଅବସର ପ୍ରାପ୍ତ ହିନ୍ଦୀ ଶିକ୍ଷକ ଅଶୋକ କୁମାର ପଟ୍ଟନାୟକ, ଟେକ୍ନିକାଲ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପ୍ରଜ୍ଞା ପାରମିତ ପଣ୍ଡା, ଚିନି ଶିଳ୍ପ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ର, ଟେକ୍ନିକାଲ ହାଇସ୍କୁଲ୍‌ର ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଖାଡଙ୍ଗା,କାଳିଆ ରେଡ୍ଡୀ, ପାଣ୍ଡବ ପାତ୍ର, ବି. କୃଷ୍ଣମୂର୍ତ୍ତି ପାତ୍ର, ସୁମନ୍ତ କୁମାର ପାତ୍ର, ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ଦୁଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସହିତ ଦୁଇ ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର କ୍ରୀଡା ଶିକ୍ଷକ କୈଳାସ ଚନ୍ଦ୍ର ଗୌଡଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିଲା । ଏହି ଟେକ୍ନିକାଲ ହାଇସ୍କୁଲରେ ପ୍ରତାପ କୁମାର ମହାପାତ୍ର ଗତ ୨୦୨୨ ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକ ରୂପେ ଦାୟିତ୍ୱ ତୁଲାଇ ଆସୁଥିଲେ । ସେ ୧୯୯୨ ମସିହାରୁ ଶେରଗଡ଼ ବ୍ଲକ ବାନ୍ଧଗୁଡା ଉଚ୍ଚ ବିଦ୍ୟାଳୟରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ଏହାପରେ ସେ ଧରାକୋଟ ଶ୍ରୀରାଜ ହାଇସ୍କୁଲରେ କିଛିବର୍ଷ ଶିକ୍ଷାଦାନ କଲା ପରେ ୨୦୧୧ ମସିହାରେ ଆସିକା ଟେକ୍ନିକାଲ ଉଚ୍ଚ ବିଦ୍ୟାଳୟରେ ଯୋଗ ଦେଇଥିଲେ । ବିଦ୍ୟାର୍ଥୀମାନଙ୍କୁ ଉତ୍ତମ ଶିକ୍ଷା ଦାନ ପ୍ରଦାନ କରି ଛାତ୍ର ଛାତ୍ରୀ,ଅଭିଭାବକ, ପରିଚାଳନା କମିଟି, ଅନ୍ୟ ବିଦ୍ୟାଳୟ ଓ ଅନେକ ବିଭାଗ ସହ ସମନ୍ୱୟ ରକ୍ଷା କରିବା, ସହପାଠୀ ଏବଂ କର୍ମଚାରୀ ମାନଙ୍କ ସହ ସୁ ସମ୍ପର୍କ ସ୍ଥାପନ କରି ଅଂଚଳରେ ଜଣେ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ହୋଇ ପାରିଥିଲେ । ତାଙ୍କର ଏଭଳି ସେବା ଦ୍ୱାରା ଗତ ୨୦୨୩-୨୪ ମସିହାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇ ବିଦ୍ୟାଳୟର ଗୌରବ ଆଣିଥିଲେ । ଏହି ଭବ୍ୟ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ର ଛାତ୍ରୀ, ପରିଚାଳନା କମିଟି, ବିଦ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ

## ସମାଜ ସୁଧାର ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ବାରିପଦା (ଭାସ୍କର ନ୍ୟୁଜ୍): ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟିର ସଭାପତି ସହ ଅଲ୍ ଇଣ୍ଡିଆ ମାଝୀ ପାର୍ଗାନା ମାଡୱା ଓଡ଼ିଶା ପ୍ରଦେଶ କମିଟିର ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁଙ୍କ ନେତୃତ୍ୱରେ ଐତିହାସିକ ୩୦ ଜୁନ୍ ସାନ୍ତାଲ୍ ହୁଲ୍ ଦିବସରେ ସମାଜ ସୁଧାର ସେଙ୍ଗେଲ କ୍ରାନ୍ତି କାର୍ଯ୍ୟକ୍ରମ କରାଯାଇ ସମାଜ ସୁଧାର କରାଯିବା ପାଇଁ ୫ (ପାଞ୍ଚ) ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୟୁରଭଞ୍ଜ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ରରେ ଦର୍ଶାଯାଇଛି ଯେ, ଭାରତ ଦେଶ ସ୍ୱାଧୀନ ହୋଇ ୭୮ ବର୍ଷ ହେବ, କିନ୍ତୁ ଆଦିବାସୀ ସମାଜ ବର୍ତ୍ତମାନ ବିନାଶ ହେବା ପଥରେ ଗତି କରିଛି । କାରଣ, ଏବେବି ଆଦିବାସୀ ଗ୍ରାମ ସମାଜରେ ହାଣ୍ଡିଆ ପରି ନିଶାଦ୍ରବ୍ୟକୁ ସାମାଜିକ, ଧାର୍ମିକ ଏବଂ ପରମ୍ପରା ନାମରେ ସେବନ କରିବା, ଗୁଣିଗାରେଡ଼ି, ଅନ୍ଧବିଶ୍ୱାସ, ଡାହାଣୀ ନାମରେ ହତ୍ୟା-ପ୍ରତାରଣା କରିବା, ରାଜତାନ୍ତ୍ରିକ ମାଝୀ-



ପାର୍ଗାନା ସ୍ୱଶାସନ ବ୍ୟବସ୍ଥା ନାମରେ ସ୍ୱଶୋଷଣ, ମନଇଚ୍ଛା ଜରିମାନା, ସାମାଜିକ ବାସନ୍ଦ, ରାଜନୈତିକରେ ଭୋଟ କ୍ରୟ-ବିକ୍ରୟ କରିବା, ସମାନତା ଜାଗାରେ ମହିଳା ବିରୋଧୀ ମାନସିକତା ଆଦି ନିରନ୍ତର ଭାବରେ କାର୍ଯ୍ୟ କରି ଚାଲିଛି । ତେଣୁ ଉକ୍ତ ସମ୍ବିଧାନ ବିରୋଧୀ ପରମ୍ପରାକୁ ସମାପ୍ତ କରି ସମାଜ ସୁଧାର କରିବା ଅତ୍ୟନ୍ତ ଜରୁରୀ ହୋଇଅଛି ଏବଂ ସମାଜ ସୁଧାର ପାଇଁ ଅବିଳମ୍ବେ ଆଦିବାସୀ ଗ୍ରାମ ସମାଜରେ ସମ୍ବିଧାନ, ଆଇନ, ଜନତନ୍ତ୍ର ଲାଗୁ କରାଯିବା ଆବଶ୍ୟକ ବୋଲି ଦାବି କରାଯାଇଛି । ଦାବି ଗୁଡ଼ିକ ମଧ୍ୟରୁ -(୧) ଆଦିବାସୀ ସମାଜକୁ ଆଗେଇ ନେବା ପାଇଁ ଏବଂ ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ରାଜତାନ୍ତ୍ରିକ ମାଝୀ-ପାର୍ଗାନା ସ୍ୱଶାସନ ବ୍ୟବସ୍ଥାରେ ଜନତନ୍ତ୍ର ଲାଗୁ କରାଯାଉ । ଅର୍ଥାତ୍ ଗ୍ରାମର ସମସ୍ତ ସ୍ତ୍ରୀ-ପୁରୁଷଙ୍କ ଦ୍ୱାରା ଏକ ଶିକ୍ଷିତ ଯୁବକ-ଯୁବତୀ, ମହିଳା-ପୁରୁଷଙ୍କୁ ମାଝୀବାବା ରୂପରେ ଚୟନ କରି ନିଯୁକ୍ତି କରାଯାଉ । (୨) ସୁସ୍ଥ ସମାଜ ଗଠନ କରିବା ଦିଗରେ ସାମାଜିକ, ଧାର୍ମିକ ଏବଂ ପରମ୍ପରା ନାମରେ ହାଣ୍ଡିଆ, ମଦ ଭଳି ନିଶାଦ୍ରବ୍ୟର ବ୍ୟବହାରକୁ ବନ୍ଦ ନିଶାମୁକ୍ତ ସମାଜ ଗଠନ କରାଯାଉ । (୩) ସମାଜରେ ରାଜନୈତିକ ବ୍ୟବସ୍ଥା ସୁଧାର କରାଯାଇ ଭୋଟ କ୍ରୟ-ବିକ୍ରୟକୁ ବନ୍ଦ କରି ସୁସ୍ଥ ଜନତନ୍ତ୍ର ବ୍ୟବସ୍ଥା ସ୍ଥାପିତ କରାଯାଉ । (୪) ସମାଜର ଶିକ୍ଷିତ ଯୁବକ, ଯୁବତୀ, ଚାକିରିଜୀବି ଏବଂ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସମାଜ ସୁଧାର କାର୍ଯ୍ୟ କରିବା ପାଇଁ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନରେ ତାଲିମ ପ୍ରଦାନ କରାଯାଉ, ଯେପରିକି ସମାଜ ବଞ୍ଚାଇବା କାର୍ଯ୍ୟରେ ସହଯୋଗ ପ୍ରଦାନ କରିବେ । (୫) ଆଦିବାସୀ ମହିଳା ସଶକ୍ତିକରଣ ଏବଂ ସ୍ତ୍ରୀ-ପୁରୁଷ ଭିତରେ ସମାନତା ପାଇଁ ଆଦିବାସୀ ଗ୍ରାମ ସମାଜରେ ସୁଧାର କରାଯାଉ । ଦାବିପତ୍ର ପ୍ରଦାନ ବେଳେ ପନତ ପାର୍ଗାନା ଶ୍ରୀ କାଲୁରାମ ମୁର୍ମୁ, ପ୍ରଦେଶ ଯୁବା ସେଙ୍ଗେଲ ସଭାପତି କଲ୍ୟାଣ ବାସ୍କେ, ବିକାଶ ଚନ୍ଦ୍ର ହେମ୍ବ୍ରମ, ମାଧବ ଚନ୍ଦ୍ର ମୁର୍ମୁ, ଉଦୟନାଥ ହେମ୍ବ୍ରମ, ଚନ୍ଦନ କୁମାର ସୋରେନ, ପାନମଣି ହେମ୍ବ୍ରମ, ମେଘ୍ରାୟ ସୋରେନ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ ।

## କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ସ୍ଥାନୀୟ ଛକ ନିକଟରେ ନିର୍ମାଣାଧିନ କଲ୍ୟାଣ ମଣ୍ଡପ ୫ ବର୍ଷ ହେଲା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି । ଫଳରେ ଅଞ୍ଚଳବାସୀ ବିଭିନ୍ନ ବିବାହ, ବ୍ରତ, ମୃତାହ ଭଳି ସାମାଜିକ କାର୍ଯ୍ୟ ପାଇଁ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ଟେଣ୍ଟ ମାରି ଖର୍ଚ୍ଚାନ୍ତ ହେବାକୁ ପଡୁଛି । ସୂଚନା ଅନୁଯାୟୀ, ଏହି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୨୦୨୦-୨୧ଆର୍ଥିକ ବର୍ଷରେ ରେ ପ୍ରାୟ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । କିନ୍ତୁ ଉକ୍ତ କଲ୍ୟାଣମଣ୍ଡପ ଛାତ ପର୍ଯ୍ୟନ୍ତ କାମ ହୋଇ ପଡ଼ିରହିଛି । ଦିନକୁ ଦିନ ଲୋକସଂଖ୍ୟା ବୃଦ୍ଧି ହେତୁ ଅଞ୍ଚଳରେ ସଭା ସମିତି, ବୈଠକ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍ଥାନ ନାହିଁ । ତେବେ ଏହି ସମସ୍ୟାର ସମାଧାନର ଉଦ୍ଦେଶ୍ୟରେ ଏହି କଲ୍ୟାଣ ପଣ୍ଡପ ନିର୍ମାଣ କାମ ଆରମ୍ଭ କରାଯାଇଥିଲା । ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ କଲ୍ୟାଣ ମଣ୍ଡପର ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି ।ବର୍ତ୍ତମାନ ଏହି ଅସମ୍ପୂର୍ଣ୍ଣ କୋଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି ।ତେବେ ସୂଚନାଫଳକ ଲଗାଯାଇନଥିବାରୁ ଏହା କେଉଁ ଅନୁଦାନରୁ ଓ କେତେ ଟଙ୍କା ଏବଂ କିଏ ନିର୍ମାଣ କରୁଛି ଲୋକ ଜାଣି ପାରୁନାହାନ୍ତି । ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ବର୍ଷେ ବିତିଯାଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ତେବେ କେଉଁ ଅନୁଦାନରୁ ଏହି ଅନୁଦାନ ଆସିଛି ତାହା ଜଣା ପଡ଼ିନାହିଁ । ରାଜ୍ୟ ସରକାର କାର୍ଯ୍ୟର ସ୍ୱଚ୍ଛତା ପାଇଁ ଉନ୍ନୟନ ପ୍ରକଳ୍ପ ପୂର୍ବରୁ ସୂଚନାଫଳକ ବାଧ୍ୟତାମୂଳକ କରିଥିବା ବେଳେ ଏଠାରେ ସୂଚନା ଫଳକ ଲଗାଯାଇ ନଥିବାରୁ ଏହାର ସ୍ୱଚ୍ଛତା ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହେଉଛି । ତେବେ ବିଭାଗୀୟ ନାମରେ କାର୍ଯ୍ୟାଦେଶ ଥିଲେ ମଧ୍ୟ ଏହା ଦଳୀୟ କର୍ମୀ କରୁଥିବାରୁ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ସରୁନାହିଁ । ତେବେ ତୁରନ୍ତ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦାବି ହେଉଛି ।

## ମୁଖ୍ୟ ଡାକଘର ଅବସ୍ଥା ବେହାଲ: ଛାତରୁ ଗଳୁଛି ପାଣି, ଖସୁଛି କଙ୍କ୍ରିଟ୍

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ସମଗ୍ର ବ୍ରଜରାଜନଗର ଅଞ୍ଚଳକୁ ଡ଼ାକ ସେବା ଯୋଗାଉଥିବା ମୁଖ୍ୟ ଡ଼ାକ ଘରର ଅବସ୍ଥା ବେହାଲ ହୋଇ ପଡ଼ିଛି । ଏମସିଏଲ କୋଠାରେ ଚାଲିଥିବା ଏହି ଡାକଘର ଛାତରୁ ବିଗତ କିଛି ବର୍ଷ ହେଲା ବର୍ଷା ପାଣି ଗଳୁଥିବା କାରଣରୁ ଅଫିସର କାନ୍ଥ, ତଳ ଭାଗ ବର୍ଷା ଜଳରେ ଭିଜି ସମ୍ପୂର୍ଣ୍ଣ ଭାବେ ଓଦା ହୋଇ ରହୁଛି । ତା ସହିତ ମରାମତି ଅଭାବରୁ ଛାତ ମଧ୍ୟ ଦିନକୁ ଦିନ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି । ଫଳରେ ଗତ ଶୁକ୍ରବାର ଦିନ ଛାତରୁ ଏକ ବଡ଼ ଆକାରର କଂକ୍ରିଟ ଅତଡ଼ା ଖସି ପଡ଼ିଥିଲା । ହେଲେ ଭାଗ୍ୟବଶତଃ ସେହି ଜାଗାରେ କର୍ମଚାରୀ ନଥିବାରୁ ଅତଡ଼ାଟି ଚୌକି ଉପରେ ଖସି ପଡ଼ିଥିଲା ।ଅନ୍ୟପକ୍ଷରେ ଡାକଘରର ଏପରି ଦୟନୀୟ ସ୍ଥିତି କର୍ମଚାରୀ ଓ ଚିଠି ପତ୍ରର ସୁରକ୍ଷାକୁ ନେଇ ଏକ ବଡ଼ ସମସ୍ୟା ଉଭା ହେଲାଣି । ତେଣୁ ଏଥିପାଇଁ ମୁଖ୍ୟ ଡାକଘରରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସାଧାରଣ ଜନତା ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି । ବ୍ରଜରାଜନଗର ମୁଖ୍ୟ ଡାକଘର ଅଧୀନରେ ୮ଟି ଗ୍ରାମୀଣ ଡାକଘର ଓ ଉପ ଡାକ ଘର ରହିଛି । ଦୈନିକ ପ୍ରାୟ ୭୦୦ରୁ ୮୦୦ ଚିଠି, ପାର୍ସଲ, ମନି ଅର୍ଡର ଇତ୍ୟାଦି ବ୍ରଜରାଜନଗର ମୁଖ୍ୟ ଡାକଘରୁ ଆସିଥାଏ ଓ ପରେ ସେ ଗୁଡ଼ିକୁ ଗଣ୍ଡଘୋରା, ରାଜପୁର, ଲୋଇସିଂହ, ଲମଟିବାହାଲ, ଚିଚିଣ୍ଡା, ଚାନ୍ଦିନୀମାଲ, ବଡ଼ଯୋବ ଓ ଇବ ଗ୍ରାମୀଣ ଡାକଘରକୁ ପଠାଯାଇଥାଏ । ଗ୍ରାମୀଣ ଡ଼ାକ ଘରରୁ ପୋଷ୍ଟ ପିଅନ ଘରକୁ ଘର ବୁଲି ଚିଠି ପତ୍ର, ପାର୍ସଲ, ମନି ଅର୍ଡର ଆଦି ବାଣ୍ଟିଥାଏ । ହେଲେ ଏତେ ବଡ଼ ଅଞ୍ଚଳକୁ ସେବା ପ୍ରଦାନ କରୁଥିବା ବ୍ରଜରାଜନଗର ମୁଖ୍ୟ



ଡାକଘରର ସ୍ଥିତି ଏବେ ଅତ୍ୟନ୍ତ ସଙ୍ଗୀନ ହୋଇ ପଡ଼ିଛି । ବିଗତ ଦିନରେ କେବଳ ବର୍ଷା ପାଣି ଛାତରୁ ଗଳୁଥିବା ଏକ ସମସ୍ୟା ଥିଲା ହେଲେ ବର୍ତ୍ତମାନ କଂକ୍ରିଟ ଅତଡ଼ା ଖସିବା ବିପଦଜନକ ହୋଇପଡ଼ିଛି । ସବୁଠାରୁ ପରିତାପର ବିଷୟ ଯେ, ଗୋଟିଏ କୋଠରୀ ଭିତରେ ଡାକଘର କାର୍ଯ୍ୟାଳୟ ସୀମିତ ଥିବାରୁ ଚିଠି ପତ୍ର, ପାର୍ସଲ ଓ ଅନ୍ୟାନ୍ୟ କାଗଜ ପତ୍ର ରଖିବାକୁ ସ୍ଥାନର ଘୋର ଅଭାବ ରହିଛି । ତେଣୁ ଛାତରୁ ଗଳୁଥିବା ବର୍ଷା ଜଳରେ ଏହି ସବୁ କାଗଜପତ୍ର, ଟେବୁଲ, ଚେୟାର, କମ୍ପ୍ୟୁଟର ଆଦି ଉପକରଣ ଭିଜି ଓଦା ହୋଇ ଯାଉଥିବାରୁ ଡାକ କର୍ମଚାରୀମାନେ ଲାଗିପଡ଼ି ଛାତରୁ ପଡୁଥିବା ବର୍ଷା ପାଣିକୁ ଅଖା ଖେଳାଇ ସଂଗ୍ରହ କରିବାକୁ ଚେଷ୍ଟା ଚଳାଉଛନ୍ତି । ଅନ୍ୟପଟେ ଏମସିଏଲ ଘରେ ଏହି ଡାକଘର ଚାଲିଥିବାରୁ ଏହାର ମରାମତି ଓ ରକ୍ଷଣାବେକ୍ଷଣ ନେଇ ଡାକଘରର ଅଧିକାରୀମାନେ ବିଗତ ବର୍ଷ ଗୁଡ଼ିକରେ ଏମସିଏଲ କର୍ତ୍ତୃପକ୍ଷକୁ ଚିଠି ମାଧ୍ୟମରେ ଜଣାଇଥିଲେ ହେଁ ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ସୂଚନା ମିଳିଛି । ସେପଟେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଅତି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରୁଥିବା ବ୍ରଜରାଜନଗର ମୁଖ୍ୟ ଡାକଘରକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ହିଁ ଏକମାତ୍ର ବିକଳ୍ପ ବୋଲି ଲୋକେ ମତ ପ୍ରକାଶ କରିଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ଏ ସମସ୍ୟା ପ୍ରତି ଧ୍ୟାନ ଦେଇ ସମାଧାନ କରିବା ପାଇଁ ଜନ ସାଧାରଣ ଦାବି କରିଛନ୍ତି ।

## ଭୂସ୍ଖଳନ ଦ୍ୱାରା କାଳିକାପ୍ରସାଦ-ଗୁଡଗୁଡିଆ ରାସ୍ତା କ୍ଷତିଗ୍ରସ୍ତ



ଗୁଡଗୁଡିଆ/ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାରେ ଭାରି ମାତ୍ରା ଅଦିନିଆ ବର୍ଷା ପରେ ହୋଇଥିବା ଭୂସ୍ଖଳନ (ଲ୍ୟାଣ୍ଡସ୍ଲାଇଡ଼ିଂ) ଫଳରେ କାଳିକାପ୍ରସାଦ ଠାରୁ ଗୁଡ଼ଗୁଡ଼ିଆକୁ ଯିବା ରାସ୍ତାର ଏକ ଅଂଶ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି । ଏହା ଫଳରେ ବର୍ତ୍ତମାନ ସେହି ପଥରେ ଚାରିଚାକିଆ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇପଡ଼ିଛି । ରାସ୍ତା ମରାମତି କାମ ତ୍ୱରିତ ଗତିରେ ଆରମ୍ଭ ହୋଇଛି ଏବଂ ପ୍ରଶାସନ ଦ୍ୱାରା ଘଟଣାସ୍ଥଳ ପରିଦର୍ଶନ କରିଆରେ ସମ୍ପୂର୍ଣ୍ଣ ପରିସ୍ଥିତିକୁ ନଜର ରଖାଯାଉଛି । ଓଡ଼ିଶାର ଜଙ୍ଗଲ ଓ ପରିବେଶ ବିଭାଗର ସମ୍ମାନନୀୟ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ତଥା ଡିଡି ନର୍ଥ ଘଟଣା ସ୍ଥଳ ପରିଦର୍ଶନ କରି ମରାମତି କାମକୁ ତ୍ୱରାନ୍ୱିତ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀ ଓ ବନବିଭାଗ ଅଧିକାରୀମାନେ ତୁରନ୍ତ ସମସ୍ୟାର ସମାଧାନ ନିମନ୍ତେ ବ୍ୟସ୍ତ ଅଛନ୍ତି । ପ୍ରଶାସନର ସୂଚନା ମୁତାବକ ଯାତାୟାତ ଯଥାଶୀଘ୍ର ସ୍ୱାଭାବିକ ହେବା ନିମିତ୍ତେ ଏକ ବିକଳ୍ପ ରାସ୍ତା ନିର୍ମାଣ ଓ ମରାମତି ଚାଲିଛି । ଲୋକମାନଙ୍କୁ ଅନୁରୋଧ କରାଯାଇଛି ଯେ ଏହି ରାସ୍ତା ବ୍ୟବହାର କରିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିରତ ରହନ୍ତୁ ।

## 'ପ୍ରକୃତ ଶିକ୍ଷା ହିଁ ଜୀବନରେ ଶାନ୍ତି ଆଣେ'




ଡେଲାଙ୍ଗ (ଭାସ୍କର ନ୍ୟୁଜ୍) : ପ୍ରକୃତ ଶିକ୍ଷା ହିଁ ଜୀବନରେ ବାସ୍ତବ ଶାନ୍ତି ଆଣେ ବୋଲି ସ୍ଥାନୀୟ ଜଗଦଳପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି । ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲେ ଏଥିରେ ଅତିଥି ଭାବେ ବିଇଓ ଶତ୍ରୁଘ୍ନ ବେହେରା, ପ୍ରାକ୍ତନ ବିଇଓ ସଚ୍ଚିଦାନନ୍ଦ ପ୍ରଧାନ, ଯୁଧିଷ୍ଠିର ପରିଡ଼ା,ଏବିଇଓ ଲକ୍ଷ୍ମଣ ପ୍ରଧାନ, ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥ, ଗାଦି ବ୍ରହ୍ମ କଲେଜ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା, ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରଧାନ, ଶିକ୍ଷକ ନେତା ପବିତ୍ର ଜେନା,ସୂର୍ଯ୍ୟ ନାରାୟଣ ସେଠୀ, ସୁରେନ୍ଦ୍ର ନାୟକ, ପ୍ରକାଶ ଜେନା, ଶିକ୍ଷକ ବିଜୟ ବିଶ୍ୱାଳ, ସିଆରସିସି ସୋମନାଥ ବେହେରା, ସମାଜସେବୀ ରମେଶ ଗଜେନ୍ଦ୍ର, ରବି ରାଉତ ରାୟ, ଆଧ୍ୟାତ୍ମିକବାଦୀ ଗୌରହରି ମହାପାତ୍ର, ଶିକ୍ଷୟିତ୍ରୀ ସସ୍ମିତା ଦାଶ ପ୍ରମୁଖ ଯୋଗଦେଇ ପ୍ରକୃତ ଶିକ୍ଷା ହିଁ ମନୁଷ୍ୟକୁ ବାସ୍ତବ ଶାନ୍ତି ଦେଇପାରିବ ବୋଲି ବର୍ଣ୍ଣନା କରି ଶ୍ରୀଯୁକ୍ତ ପାତ୍ର ଜଣେ ସରଳ, ଦକ୍ଷ, ପରୋପକାରୀ ଆଧ୍ୟାତ୍ମିକ ଚିନ୍ତକ, ଛାତ୍ର ବତ୍ସଳ ଶିକ୍ଷକ ଭାବେ ସମସ୍ତଙ୍କର ଆଦରଣୀୟ ଥିଲେ ବୋଲି ବ୍ୟକ୍ତ କରିଥିଲେ । ଶିକ୍ଷକ ଅଭୟ ଚରଣ ସାହୁ ଓ ନାରାୟଣ ବରାଳ ମଞ୍ଚ ସଂଯୋଜନା କରିଥିଲେ । ଛାତ୍ରୀମାନେ ଓଡ଼ିଶୀ ନ ଓ ଗୁରୁ ବନ୍ଦନା ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ବଶୀଭୂତ କରିଥିଲେ । ମଞ୍ଚରେ ଶ୍ରୀଯୁକ୍ତ ପାତ୍ରଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ଗ୍ରାମବାସୀଙ୍କ ତରଫରୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ସଭା ପରେଏକ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା । ପରିଚାଳନାରେ ଶିକ୍ଷକ ଗନ୍ଧର୍ବ ସାହୁ, ଅଧିକାରୀ ସାହୁ, ସାବିତ୍ରୀ ଗଡସରା, ଦୀପକ ପ୍ରଧାନ,ସରୋଜ ପାହାନ୍ତା ସିଂ, ରବିନ୍ଦ୍ର ପଣ୍ଡା, ଅଭିଭାବକ, ଗ୍ରାମବାସୀବୃନ୍ଦ ସହଯୋଗ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଅର୍ଜୁନ ବେହେରା, ପ୍ରଧାନ ଶିକ୍ଷକ ପ୍ରଦୀପ ସେଠୀ, ଅମରେନ୍ଦ୍ର ମଙ୍ଗରାଜ, ଶିକ୍ଷକ ଟିକେଇ ଦଳାଇ, ରଞ୍ଜନ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ଶିକ୍ଷକ ଅଭୟ ସାହୁ କବିତା ଗାଇ ମାନପତ୍ର ପାଠ ପରିଥିଲାବେଳେ ଶିକ୍ଷାବିତ୍ ଗୋପାଳ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର କାର୍ଯ୍ୟକାରୀ କମିଟି ବୈଠକ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ପଂଚାୟତ ଅନ୍ତର୍ଗତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର କାର୍ଯ୍ୟକାରୀ କମିଟି ସଭା ଅନୁଷ୍ଠିତ ହୋଇଯାଇଛି । ସେକ୍ ରିଆଜୁଦ୍ଦିନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗ ଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କ ସମସ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ ସମାଧାନର ନାଁ ଧରୁନାହିଁ ବୋଲି କହିଥିଲେ । ଏହି ଜିଲ୍ଲାରେ ଗତ ପାଂଚ ବର୍ଷ ହେବ ମହିଳା ନିର୍ମାଣ ଶ୍ରମିକମାନଙ୍କ ପରିଚୟ ପ୍ରତା ଦିଆଯାଉନାହିଁ । ନିର୍ମାଣ ଶ୍ରମିକମାନଙ୍କର ଝିଅ ବିଭାଘର ସହାୟତା ରାଶି, ଶ୍ରମିକଙ୍କ ମୃତ୍ୟୁ କାଳୀନ ସହାୟତା ରାଶି ପ୍ରଦାନ ନିମନ୍ତେ ଶ୍ରମିକମାନେ ବାରମ୍ବାର ଆବେଦନ କରୁଥିଲେ ମଧ୍ୟ ବିଭିନ୍ନ ଆଳରେ ଏହି ଦରଖାସ୍ତ ଗୁଡ଼ିକ କାର୍ଯ୍ୟାଳୟରେ ପଡ଼ିରହୁଛି । ଏ ସମ୍ପର୍କରେ ଶ୍ରମିକମାନେ ଜିଲ୍ଲାପାଳଙ୍କ ଠାରୁ ରାଜ୍ୟପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳିପାରୁନଥିବା ଶ୍ରୀ ତ୍ରିପାଠୀ କହିଥିଲେ । ତୁରନ୍ତ ଶ୍ରମିକମାନଙ୍କ ସମସ୍ୟାର ସମାଧାନ ନହେଲେ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ । ଶେଷରେ ପ୍ରଦୀପ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲଗାଣ ବର୍ଷାରେ ବେହାଲ ନବ ନିର୍ମିତ ହରିଶ୍ଚନ୍ଦ୍ର ଆଦର୍ଶ ଶ୍ମଶାନ



କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ଲଗାଣ ବର୍ଷାରେ କରଞ୍ଜିଆ ଏନ୍ଏସିରେ ବ୍ୟାପକ କ୍ଷତି ହୋଇଛି ଏଠାରେ ନୂଆଭାବେ ନିର୍ମାଣ ହୋଇଥିବା ହରିଶଚନ୍ଦ୍ର ଆଦର୍ଶ ଶ୍ମଶାନ ପାଣିରେ ବୁଡ଼ି ରହିଛି । ଦେଓ ନଦୀବନ୍ଧର ଜଳସ୍ତର ବଢ଼ିବାରୁ ଦେଓ ନଦୀବନ୍ଧବର ୩ ଗେଟରେ ବନ୍ୟାଜଳ ନିଷ୍କାନହେବା ଯୋଗୁଁ ବ୍ୟାପକ କ୍ଷତି ହୋଇଛି । ନଦୀର ଜଳସ୍ତର ବଢ଼ିବାରୁ ଏବଂ ଲଗାଣ ବର୍ଷା ଯୋଗୁଁ ନଦୀ ଜଳରେ ବୁଡ଼ିଲା ନୂତନ ଭାବେ ନିର୍ମାଣ ହୋଇଥିବା ସ୍ମଶାନ, ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା ଶ୍ମଶାନ ଏବେ ପାଣିଘେରରେ ସେହିପରି ୱାର୍ଡ ନମ୍ବର ୨ କରଡିଆ ମଧ୍ୟ ସମ୍ପୂର୍ଣ୍ଣ ପାଣି ଘେରରେ ଅଛି । ବସ୍ତି ବାସିନ୍ଦା ଘରୁ ପଦାକୁ ବାହାରି ପାରୁନାହାନ୍ତି ଖବର ପାଇ ଏନ୍ଏସି ପ୍ରସାସନ ବସ୍ତିରେ ପହଞ୍ଚି ପାଣି ନିଷ୍କାସନ ନିମନ୍ତେ ଲାଗି ପଡିଛନ୍ତି । ଏହି ବର୍ଷା ଯୋଗୁଁ ରାଞ୍ଚି ବିଜୟୱାଡ଼ା ଜାତୀୟ ରାଜପଥ ମହେନ୍ଦ୍ର ମହନ୍ତଅ ପୋଟୋଳ ମହାନ୍ତ ଘର ନିକଟରେ ନିର୍ମାଣ ହୋଇଥିବା ଗାର୍ଡ ୱାଲ୍‌ଟି ସମ୍ପୂର୍ଣ୍ଣ ଧୋଇନେଇଛି । ଏହି ଗାର୍ଡ ୱାଲ୍‌ଟି ନିମ୍ନମାନ ର ହୋଇଥିବାରୁ ଧୋଇନେଲା ବୋଲି ସ୍ଥାନୀୟ ବାସିନ୍ଦା କହୁଛନ୍ତି ।

## ରାଶିଫଳ


ବୁଧବାର, ୦୨ ଜୁଲାଇ ୨୦୨୫



**ମେଷ:** ଧାର୍ଯ୍ୟ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଆପଣଙ୍କୁ ଖୁସି ରଖିବ । ଏକ ଯାତ୍ରା ଗନ୍ତବ୍ୟସ୍ଥଳକୁ ସ୍ଥାନାନ୍ତରଣର ସମ୍ଭାବନା ଅଛି । ସମ୍ପର୍କୀୟଙ୍କୁ ଭେଟିବା ପରେ ମନ ଖୁସି ହେବ । ନିକଟସ୍ଥ ପ୍ରିୟଜନମାନେ ସେଠାରେ ଶୁଭ ପ୍ରସଙ୍ଗରେ ଉପସ୍ଥିତ ରହିବେ ।




**ବୃଷ:** ଆଜି ଆପଣ ଉତ୍ସାହିତ ଅନୁଭବ କରିବେ ନାହିଁ । ଆପଣ କଥାରେ କଥାରେ କ୍ରୋଧିତ ହେବେ । ଯାହା ଫଳରେ ଆପଣଙ୍କର କାମ ବାଧାପ୍ରାପ୍ତ ହେବ । ଆପଣଙ୍କର ଚାକିରି, ବ୍ୟବସାୟ, ଯାଗା କିମ୍ବା ଘର ଉପରେ ସମସ୍ୟା ସୃଷ୍ଟି ହୋଇପାରେ । ହେଲେ ଯତ୍ନ ନିଅନ୍ତୁ ସୁଧାର ଆସିପାରେ ।



**ମିଥୁନ:** ଆଜିର ଦିନ ଆପଣଙ୍କୁ ଉପଭୋଗ୍ୟ ସଫଳତା ଦେବ । ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ବିତାଇବେ । ଆବଶ୍ୟକ ଅନୁସାରେ କମ ଖର୍ଚ୍ଚ ହେବ । ଆଜି କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ କାର୍ଯ୍ୟାଳୟରେ ପରିବେଶ ଅନୁକୂଳ ହେବ ।



**କର୍କଟ:** ଆଜିର ଦିନ ଆପଣ ମନୋରଞ୍ଜନ ଏବଂ ଉପଭୋଗରେ ବ୍ୟସ୍ତ ରହିବେ । ଆପଣ ବନ୍ଧୁ ଏବଂ ପରିବାର ସହିତ ଏକ ସୁଖମୟ ପରିବେଶରେ ଦିନ ବିତାଇବାକୁ ସମର୍ଥ ହେବେ । ଆପଣ ମଧ୍ୟ ସାମାଜିକ ଭାବରେ ସମ୍ମାନ ଏବଂ ଖ୍ୟାତି ପାଇବାକୁ ସମର୍ଥ ହେବେ । ଦାମ୍ପତ୍ୟ ଜୀବନରେ ସୁଖ ମିଳିବ ।




**ସିଂହ:** ଆଜିର ଦିନ ଆପଣଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ । ସୃଜନଶୀଳତା ପୁରା ଫୁଲରେ ଫୁଲିବ । ସନ୍ତାନଙ୍କ ପକ୍ଷରୁ ଏକ ଖୁସି ଖବର ଆସିପାରେ । ସାଙ୍ଗମାନଙ୍କ ସହିତ ଭେଟ ଉପଭୋଗ ହେବ । ଆଜି ଧାର୍ମିକ ଦାନର କାର୍ଯ୍ୟ କରିବେ ।




**କନ୍ୟା:** ଆଜି ସମୟ ଅନୁକୂଳ ନୁହେଁ । ଆପଣ ଅନେକ ଜିନିଷ ବିଷୟରେ ଚିନ୍ତିତ ହେବେ, ଯେଉଁ କାରଣରୁ ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥ ଅନୁଭବ କରିବେ । ପରିବାର ସଦସ୍ୟଙ୍କ ସହ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ଖରାପ ହେବ । ଯେକୈାଣସି ଡକ୍ୟୁମେଣ୍ଟରେ ଦସ୍ତଖତ କରିବାରେ ଯତ୍ନବାନ ହୁଅନ୍ତୁ ।



**ତୁଳା:** ଅନାବଶ୍ୟକ ଖର୍ଚ୍ଚ ଉପରେ ଯାଞ୍ଚ କରନ୍ତୁ । ବକ୍ତବ୍ୟରେ ସଂଯମତା ରଖି ଆପଣ ପରିବାରରେ ଶାନ୍ତି ଏବଂ ସୁଖ ସୃଷ୍ଟି କରିବାରେ ସମର୍ଥ ହେବେ । ଚିନ୍ତାଧାରା ଉପରେ ନକାରାତ୍ମକତା ପ୍ରାଧାନ୍ୟ ଦେବ, ଯାହା ଦୂର ହେବ । ଧାର୍ମିକ ଉଦ୍ଦେଶ୍ୟ ପାଇଁ ଅର୍ଥ ଖର୍ଚ୍ଚ ହୋଇପାରେ ।




**ବିଛା:** ଆଜି ଭାଗ୍ୟବାନ ହେବାକୁ ଯାଉଛନ୍ତି । ଭାଇଭଉଣୀଙ୍କ ସହିତ ସମ୍ପର୍କ ଭଲ ରହିବ । ଏକ ଧାର୍ମିକ ରହଣି ସଂଗଠିତ ହୋଇପାରିବ । ନୂତନ କାର୍ଯ୍ୟ ଆରମ୍ଭ ପାଇଁ ଶୁଭ ଦିନ । ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ । ଆପଣ ବିଦେଶରୁ ଭଲ ଖବର ପାଇବେ । ଶତ୍ରୁଙ୍କୁ ପରାସ୍ତ କରାଯାଇପାରେ ।




**ଧନୁ:** ଆଜି ମନ ଅସୁସ୍ଥ ରହିବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ ହେବ । ପରିବାର ଏବଂ ସାଙ୍ଗମାନଙ୍କ ସହିତ ପାର୍ଥକ୍ୟ ରହିବ । ବଦନାମ ହେବାର ଯୋଗ ଅଛି । ଆଜି ଆପଣଙ୍କର ଆଧ୍ୟାତ୍ମିକତା ପ୍ରତି ଅଧିକ ଆଗ୍ରହ ରହିବ । କୋର୍ଟ କାର୍ଯ୍ୟରେ ବିଫଳତା ଦେଖିବାକୁ ମିଳିବ । ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ ।



**ମକର:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ । କୈାଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି । ଖାଇବା ଏବଂ ପିଇବାରେ ବିଶେଷ ଧ୍ୟାନ ଦିଅନ୍ତୁ । ସ୍ୱାସ୍ଥ୍ୟ ଖରାପ ହେବାର ସମ୍ଭାବନା ଅଧିକ । ସମ୍ଭବ ହେଲେ ସ୍ଥାନାନ୍ତରଣକୁ ଏଡାଇ ଦିଆଯାଇପାରେ । ଆପଣ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆପଣଙ୍କର କାର୍ଯ୍ୟ ସମାପ୍ତ କରିବାକୁ ସମର୍ଥ ହେବେ ନାହିଁ ।



**କୁମ୍ଭ:** ଆଜିର ଦିନଟି ଶୁଭ ଅଟେ । ଚାକିରି କିମ୍ବା ବ୍ୟବସାୟରେ ଆପଣ ସଫଳତା ପାଇବେ ଏବଂ ଉଚ୍ଚ ଅଧିକାରୀମାନେ ଆପଣଙ୍କ ଉପରେ ଖୁସି ହେବେ । ଏହା ସହିତ ଆପଣଙ୍କର ଖୁସି ମଧ୍ୟ ବୃଦ୍ଧି ପାଇବ । ଆପଣ ବ୍ୟବସାୟରେ ଫସି ରହିଥିବା ଟଙ୍କା ପାଇପାରିବେ । ବୟସ୍କ ଏବଂ ପିତାଙ୍କ ଦ୍ୱାରା ଲାଭ ହେବ ।



**ମୀନ:** ଆଜି ଉପଲବ୍ଧ ଲାଭ ଦ୍ୱାରା ଆପଣଙ୍କ ଉପଭୋଗ ଦ୍ୱିଗୁଣିତ ହେବ । ନୂତନ କାର୍ଯ୍ୟ ଆୟୋଜନ ପାଇଁ କାର୍ଯ୍ୟ ଆରମ୍ଭ ଶୁଭ ହେବ । ବାଣିଜ୍ୟରେ ବ୍ୟବସାୟୀମାନେ ବିଶେଷ ସୁବିଧା ପାଇବେ । ଆପଣ ସାମାଜିକ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିବେ । ସନ୍ତାନମାନଙ୍କ ସହିତ ଯୋଗାଯୋଗ କରିବା ଭଲ ହେବ । ଆୟ ବୃଦ୍ଧି ପାଇବ । ସ୍ଥାନାନ୍ତରଣ ହେବ ।



ଜ୍ୟୋତିର୍ଷୀ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ରବୀନ୍ଦ୍ର ମିଶ୍ର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ନବରଙ୍ଗପୁର ନିବାସୀ ସ୍ୱର୍ଗତ ନବୀନ ଚନ୍ଦ୍ର ମିଶ୍ର ଓ ସତ୍ୟଭାମା ମିଶ୍ରଙ୍କ ପୁଅ ଡକ୍ଟର ରବୀନ୍ଦ୍ର ମିଶ୍ର ଏହି ମହାବିଦ୍ୟାଳୟରେ ୧୯୯୦ ମସିହା ଅଗଷ୍ଟ ୧୪ ତାରିଖରେ ଯୋଗଦାନ କରି ଦୀର୍ଘ ୩୫ ବର୍ଷ ଧରି ଅଧ୍ୟାପନା କରିଥିଲେ। ଏହି ଅବସରରେ ଆଜି କଲେଜରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଇଥିଲା ଯେଉଁଥିରେ କି ଅଧ୍ୟକ୍ଷ ଡକ୍ଟର ଅନିଲ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ଇଂରାଜୀ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଦିବାକର ପଟ୍ଟନାୟକ,ରାମ ଶଙ୍କର ପଟ୍ଟନାୟକ, ଜି. ଧର୍ମେନ୍ଦ୍ର, ଡକ୍ଟର ପ୍ରଦୋଷ କୁମାର ପଟ୍ଟନାୟକ, ଡକ୍ଟର ଚିନ୍ମୟ ରାଉତ, ସମିର ମହାନ୍ତି, ଅଶୋକ କୁର୍ଲୁ, ସୁରଭି ଦାସ, ରିତୁ ଦୋରା, ଡକ୍ଟର ପ୍ରିୟଙ୍କାଙ୍କ ସମେତ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ସମସ୍ତ ଅଧ୍ୟାପକଗଣ ଡକ୍ଟର ରବି ମିଶ୍ରଙ୍କ ଦୃଢ ବ୍ୟକ୍ତିତ୍ୱ, ନିଷ୍ଠାପର ଶିକ୍ଷାଦାନ,କ୍ୟାମ୍ପସ କୁ ସଜାଡିବା ଓ ସବୁଜିମାରେ ପରିଣତ କରିବା ଓ ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ଥିବା ଭୂମିକା ଓ ମହାବିଦ୍ୟାଳୟର ବିକାଶରେ ଥିବା ଭୂମିକା, ତାଙ୍କର ଛାତ୍ରଛାତ୍ରୀଙ୍କ ପ୍ରତିଥିବା ମମତା, ସବୁ କର୍ମଚାରୀଙ୍କ ପ୍ରତି ଥିବା ଉତ୍ତମ ସମ୍ପର୍କ ଓ ବ୍ୟବହାର ଉପରେ ନିଜ ନିଜ ଭାଷଣରେ ମତବ୍ୟକ୍ତ କରିଥିଲେ। ଗତକାଲି ଡକ୍ଟର ମିଶ୍ରଙ୍କୁ ଅର୍ଥନୀତି ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଭାଗର ମୁଖ୍ୟ ଅଧ୍ୟାପକ ଅଶୋକ କୁଜୁର ଓ ଛାତ୍ରଛାତ୍ରୀମାନେ ଡକ୍ଟର ମିଶ୍ରଙ୍କ ବିଭାଗର ବିକାଶ ପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ।



## ଲଗାଣ ବର୍ଷାରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ

କୁଚିଣ୍ଡା (ଭାସ୍କର ନ୍ୟୁଜ୍): କୁଚିଣ୍ଡାରେ ଲଗାଣ ବର୍ଷା ହେତୁ ଉପଖଣ୍ଡରେ ଚାଷୀ ଚାଷକାର୍ଯ୍ୟରେ ସମାସ୍ୟା ଉପନ୍ନ କରୁଛି। ରାତିଦିନ ଝିପିଝିପି ବର୍ଷା ଲାଗିରହିଛି। କ୍ଷେତରେ ପାଣି ଜମୀ ବାହେତୁ ଧାନ ବୁଣା କାର୍ଯ୍ୟରେ ବାଧକ ସାଜିଛି। ଚାଷୀମାନେ ଏବେ ଧାନତଳିପକା ବାରେ ବ୍ୟସ୍ତହୋଇଛନ୍ତି। କାରଣ ଦଳି ପକାଇ ଧାନ ରୋଇବା ଉଦ୍ଧେସ୍ୟ ଅନ୍ତ ନିର୍ହ୍ଭର ରହିଛି, କୁଚିଣ୍ଡା ଆଦିବାସୀ ଅଧ୍ୟୁଷିତ ଉପଖଣ୍ଡରେ ଏକକ ଧାନଚାଷ ଉପରେ ଓ ବର୍ଷା ଉପରେ ନିର୍ଭର କରିଥାନ୍ତି। କୁଚିଣ୍ଡା ଏକ କୃଷିପ୍ରଧାନ ଉପଖଣ୍ଡ ଅଟେ।ଧାନଚାଷରେ ଉପରେନ୍ତ ଧାନ ବିକ୍ରି ଓ ବର୍ଷକ ପରିବାର ଚଳିବା ପାଇଁ ଗୁଜୁରାଣ ମେଣ୍ଟାଇବାରେ ସହାୟକ ହୋଇଥାଏ।

## ଯୁଗ୍ମ ଜନଶୁଣାଣି

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ , ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୧ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିବାବେଳେ ସେଥିମଧ୍ୟରୁ ୨୪ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୭ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ୨ ଜଣ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା। ଜନ ଶୁଣାଣି ପରେ ଜିଲ୍ଲାପାଳ ତେନ୍ତୁଳିଖୁଣ୍ଟି ସ୍ଥିତ ବାପୁଜୀ ଉଚ୍ଚ ବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କ ପାଠ ପଢ଼ାଇବା ସହ ବାର୍ତ୍ତାଳାପ କରିଥିଲେ। ଏହାପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନ କରି ରୋଗୀ ମାନଙ୍କୁ ସମସ୍ତ ସୁବିଧା, ଅସୁବିଧା, ସେବା , ଔଷଧ ଉପରେ ସବିଶେଷ ପଚାରିଥିଲେ। ହିର୍ମିମୁଣ୍ଡା ସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

## ସିରିଜ ଦୁର୍ଘଟଣାରେ ଦୁଇ ମୃତ ଘଟଣା ||||||||||||||||||||||||||||||
## ପ୍ରତିବାଦରେ ଶବରଖି ଜାତୀୟ ରାଜପଥ ଅବରୋଧ



ଲହୁଣୀପଡ(ଭାସ୍କର ନ୍ୟୁଜ୍): ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ବାଇପାସ ଠାରେ ରବିବାର ଦିନ ଅପରାହ୍ନ ଏକ କାର ବାଇକ ଓ ଯାତ୍ରୀ ବାହୀ ଅଟୋକୁ ଧକ୍କା ଦେଇଥିଲା ଫଳରେ ଦୁଇ ଶିଶୁ ସମେତ ୧୨ ଜଣ ଆହତ ହୋଇଥିଲେ। ସେଥିମଧ୍ୟରୁ ପାଞ୍ଚଜଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିଲା। ସେଥିମଧ୍ୟରୁ ଦୁଇଜଣ ମୃତ୍ୟୁବରଣ କରିଥିବା ଜଣା ପଡିଛି। ଏହାର ପ୍ରତିବାଦରେ ଏବଂ ୟୁଟର୍ଣ୍ଣ ଦାବିରେ ପୁରୁଣା ପାଣି ଓ କପଣ୍ଡ ଗ୍ରାମର ଲୋକମାନେ ଆସି ଜାତୀୟ ରାଜପଥରେ ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୫ ଟା ସମୟରେ ୧୪୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ରବିବାର ଦିନ ଅପରାହ୍ନରେ ହୋଇଥିବା ଦୁର୍ଘଟଣାରେ ଗୁରୁତର ଆହତ ଥିବା ପାଞ୍ଚ ଜଣ ଙ୍କ ମଧ୍ୟରୁ ଆଜି ସକାଳ ପ୍ରାୟ୮ ଘଟିକା ସମୟରେ ଲହୁଣୀପଡା ଥାନା ଅନ୍ତର୍ଗତ ବଡ଼ପୁରୁଣାପାଣି ପଞ୍ଚାୟତ କପଣ୍ଡ ଗ୍ରାମର ତ୍ରିଲୋଚନ ଦାଶ(୬୮) ଙ୍କର ରାଉରକେଲା ହାଇଟେକ ମେଡ଼ିକାଲ ରେ ମୃତ୍ୟୁ ହୋଇଥିବାବେଳେ ଅପରାହ୍ନ ପ୍ରାୟ ୪ଟା ସମୟରେ ନୂଆଁଗାଁ ଗ୍ରାମର ରାଜେନ୍ଦ୍ର କିଷାନ(୪୫) ଙ୍କ ର ସେହି ହାଇଟେକ ମେଡ଼ିକାଲ ରେ ମୃତ୍ୟୁ ହୋଇଯାଇଛି।ଫଳରେ ତ୍ରିଲୋଚନ ଦାଶଙ୍କ ଶବ ଯେତେବେଳେ ରାଜାମୁଣ୍ଡା ବାଇପାସରେ ଆସି ପହଞ୍ଚି ଥିଲା ତାଙ୍କ ଶବ ୧୪୩ ଜାତୀୟ ରାଜପଥ ରଖି ଅବରୋଧ କରିଥିଲେ। ଅବରୋଧ କାରୀଙ୍କ କହିବା ଅନୁଯାୟୀ ଆମେ ମାନେ ନିଜ ଗ୍ରାମକୁ ଯିବା କୁ ହେଲେ ସତର୍କତା ସହିତ ରିଙ୍ଗ ରୋଡ଼ ରେ ଯିବା କୁ ପଡୁଛି। ଫଳରେ ଅନେକ ଥର ଦୁର୍ଘଟଣା ଘଟି ଅନେକ ଧନଜୀବନ ନଷ୍ଟ ହେଉଥିବାରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି ଏବଂ ରାଜାମୁଣ୍ଡା ବାଇପାସ ପୁରୁଣାପାଣି ଛକ ନିକଟରେ ଏକ ୟୁଟର୍ଣ୍ଣ ନିର୍ମାଣ କରିବା ପାଇଁ ଦାବି କରିଥିଲେ ମଧ୍ୟ ପ୍ରଶାସନର ଆନ୍ତରିକତା ଏବଂ(ଏନ ଏଚ ଏ ଆଇ) ର ଅବହେଳା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏଣୁ ଏହାର ସ୍ଥାୟୀ ପ୍ରତିକାର କରାଯାଉ ଏବଂ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରାଯିବା ଦାବିରେ ଏହି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବଣେଇ ଏସଡିପିଓ ରାମଚନ୍ଦ୍ର ବିଶ୍ୱାଳ, ଲହୁଣୀପଡା ତହସିଲଦାର ବାବୁଲ ପେରେଇ, ଲହୁଣୀପଡା ଥାନା ଅଧିକାରୀ ସୁରଜ କୁମାର ଝାଙ୍କର, କେବଲାଙ୍ଗ ଥାନା ଅଧିକାରୀ କ୍ଷିତିଶ ଚନ୍ଦ୍ର ପାତ୍ର ପୋଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କ ସହିତ ଆଲୋଚନା କରିବା ସହିତ (ଏନ ଏଚଏଆଇ) କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ମଙ୍ଗଳବାର (ଏନ ଏଚ ଏ ଆଇ) କର୍ତ୍ତୃପକ୍ଷ ଆସି ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ରାସ୍ତା ଅବରୋଧ କାରିମାନେ ରାସ୍ତା ଅବରୋଧ ପ୍ରତ୍ୟାହାର କହିଥିଲେ ।

## ପରିତ୍ୟକ୍ତ ଅବସ୍ଥାରେ ଜିରିଙ୍ଗିପଡ଼ା ଅଙ୍ଗନବାଡ଼ି କେନ୍ଦ୍ର



କନ୍ଧମାଳ(ଭାସ୍କର ନ୍ୟୁଜ୍): ପ୍ରଶାସନିକ ଅବହେଳା ତଥା ଅଯୋଗ୍ୟତା ସମ୍ପନ୍ନ ଅଧିକାରୀଙ୍କ ପାଇଁ ରାଜ୍ୟ ସରକାର ପ୍ରତି ସମୟରେ ନିନ୍ଦିତ ହେବା, ଆମ ରାଜ୍ୟରେ ସ୍ୱାଭାବିକ କଥା। ହେଲେ ଏହା ଦୁର୍ଗମ ଓ ଉପାନ୍ତ ଅଞ୍ଚଳ ଛାଡ଼ି ଏବେ ଜିଲ୍ଲା ସଦର ମହକୁମାରେ ଯେ ପହଁଞ୍ଚିବା, ସଭିଙ୍କୁ ଚକିତ କରିଦେଉଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ କନ୍ଧମାଳ ଜିଲ୍ଲା ସଦର ମହକୁମା ତଥା ଫୁଲବାଣୀ ପୌରପରିଷଦ ଅଧୀନରେ ଥିବା ଜିରିଙ୍ଗିପଡ଼ା ଅଙ୍ଗନବାଡି କେନ୍ଦ୍ରରୁ ଦେଖିବାକୁ ମିଳୁଛି। ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଅଙ୍ଗନବାଡି କେନ୍ଦ୍ରଟି ଚତୁର୍ପାର୍ଶ୍ୱ ଅଳିଆ ଗଦା ମଧ୍ୟରେ ରହିଛି। ଆଉ ପରିତେକ୍ତ ଅବସ୍ଥା ଏଭଳି ଯେ ସେଠାକୁ କୌଣସି ସୁସ୍ଥ ମଣିଷ ଅଥବା ପିଲାଏ କୌଣସି ଦିନ ଯାଉନାହାନ୍ତି। ଚାରିପାଖରେ ଲଟା ବୁଦା ମଧ୍ୟ ଭରିରହିଛି। ଏହା ସହ ଅଙ୍ଗନବାଡି କେନ୍ଦ୍ରର ପାଚେରୀ ନଥିବାବେଳେ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ଏଠି ସମ୍ପୂର୍ଣ୍ଣ ହୋଇପାରିନାହିଁ। ଆଉ କେବଳ ଯେ ଜିରିଙ୍ଗିପଡ଼ା ଅଙ୍ଗନବାଡି କେନ୍ଦ୍ରର ସ୍ଥିତି ଏଭଳି ତା ନୁହଁ, ଫୁଲବାଣୀ ପୌରପରିଷଦ ସାରା ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକର ଏହି ସମାନ ସ୍ଥିତି। ଯେଉଁଥିରେ କିଛି ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପରେ ଭୂତକୋଠି ସାଜିଛି, ତ ଅନ୍ୟ କିଛି ପରିତ୍ୟକ୍ତ ଅବସ୍ଥା ମଧ୍ୟରେ ରହିଥିବାରୁ ମଦୁଆଙ୍କ ଆଡ଼ାସ୍ଥଳୀ ସାଜିଛି। ଏହା ସହ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ଆନୁସଙ୍ଗିକ ବ୍ୟବସ୍ଥା ସହ ପାଚେରୀ ନଥିବା କାରଣରୁ ଅନେକ ଏହାକୁ ନିଜସ୍ୱ ଅଧିକାରକୁ ନେଇ ଯାନବାହାନ ରଖିବା ସ୍ଥାନ ଭାବେ ମଧ୍ୟ ବ୍ୟବହାର କରୁଛନ୍ତି। ହେଲେ ଏସବୁ ଦିଗରେ ଦୃଷ୍ଟି କିଏ ଦେଉଛି। କେବଳ ନାମକୁ ମାତ୍ର ଏହା ଜିଲ୍ଲା ସଦର ମହକୁମା। ଆଉ ଜିଲ୍ଲା ମୁଖ୍ୟ ତଥା ବିଭାଗ ମୁଖ୍ୟଙ୍କ ଏଠି କାର୍ଯ୍ୟାଳୟ ରହିଛି। ନଚେତ ଏହା ଯେ କୌଣସି ଦୁର୍ଗମ ଅଞ୍ଚଳ ଠାରୁ କମ ନୁହଁ। ଏଠି ସବୁ ମୁଖ୍ୟଙ୍କ କାମ ଘର ଶୂନ । ଏଭଳି ସ୍ଥିତିରେ ଅଧିକାରୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ସହ ଜିଲ୍ଲା ସଦର ମହକୁମାର ଉନ୍ନତି ହିଁ ଏଠି ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କୁ ପ୍ରତିଟି ନିନ୍ଦାରୁ ସ୍ୱଚ୍ଛ ସମ୍ପନ୍ନ କରିପାରିବ ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି।ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସବୁ ଜାଣି ନିରବ ରହୁଥିବାର ଦେଖାଯାଇଛି।ତେଣୁ ଅଧିକାଂଶ ଅଙ୍ଗନାୱାଡି କେନ୍ଦ୍ରରେ ପାଚେରି ନାହିଁ କି ବିଦ୍ୟୁତ୍ ଓ ପିଇବା ପାଣିର ବ୍ୟବସ୍ଥା ନଥିବାର ଦେଖିବାକୁ ମିଳିଛି।ସରକାରଙ୍କ ପକ୍ଷରୁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାଙ୍କୁ ଏଠାରେ ସଦୁପଯୋଗ କରୁନାହାନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା(ଭାସ୍କର ନ୍ୟୁଜ୍): ସିନାପାଲି ବ୍ଲକ ସଭାଗୃହ ଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ମନୋଜ କୁମାର ସାହୁ ,ବ୍ଲକ୍ ଉପାଧ୍ୟକ୍ଷା ମୀନା ଘିବେଲା , ବିଡ଼ିଓ କାର୍ମୀ ଓରାମ , ତହସିଲଦାର ଉପାଞ୍ଜଳୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟୀ କଲେକ୍ଟର ଶେଖ୍ ନସୀମ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ନୂଆପଡାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସାମିଲ



ହୋଇଥିଲେ । ଉକ୍ତ ଶିବିରରେ ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ତଥା ଗ୍ରାମ ଗୁଡିକରୁ ୪୦ ଟି ବ୍ୟକ୍ତିଗତ ଓ ୧୪ ଟି ସାମୂହିକ ମୋଟ ୫୪ ଗୋଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା। ଶିବିରରେ ଚଟିଆଗୁଡା ଗାଁର ଭିନ୍ନକ୍ଷମ ତିଳକ ଦାଶ ବାଗଙ୍କୁ ରେଡ୍ କ୍ରସ୍ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କା ତତ୍କାଳୀନ ସହାୟତା ଯୋଗାଇ ଦିଆଯାଇଥିଲା । ପରେ ପରେ ଜିଲ୍ଲାପାଳ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଘଣ୍ଟିଗୁଡା ଗ୍ରାମ ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ନିମିତ୍ତ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଜନ ଶୁଣାଣି ଶିବିର ଉପଲକ୍ଷେ କୁସୁମଜୋର ପଞ୍ଚାୟତରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସେହିପରି ଘଣ୍ଟିଗୁଡା ଗ୍ରାମପଞ୍ଚାୟତରେ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଗାଁରେ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ମଧ୍ୟ ୧୭ ଟି ବଡ଼ ଏବଂ ୬୨ ଟି ଛୋଟ ମୋଟ ୭୯ ଟି ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା କରାଯାଇଥିଲା ।

## ପିଲାଙ୍କ ସହ ମଧ୍ୟାହ୍ନ ଭୋଜନ ଖାଇଲେ ସରପଞ୍ଚ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ଆଜି ନେହେରୁ ସ୍ମାରକୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ସରପଞ୍ଚ ଶ୍ରୀମତୀ ନାୟକ ବିଦ୍ୟାଳୟର ପରିଷ୍କାର ପରିଚ୍ଛନ୍ନତା, ପାଠପଢା ଓ ମଧ୍ୟାହ୍ନ ଭୋଜନ ଖାଦ୍ୟର ମାନ ଯାଞ୍ଚ କରିଥିଲେ। ସରପଞ୍ଚ ଶ୍ରୀମତୀ ନାୟକ ପ୍ରଥମେ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ମେହେରଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ କଥାବାର୍ତ୍ତା କରିଥିଲେ। ଏହା ପରେ ଶ୍ରେଣୀଗୃହକୁ ଯାଇ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ମଧ୍ୟାହ୍ନରେ ଶ୍ରୀମତି ନାୟକ ରୋଷଶାଳାକୁ ଯାଇ ଖାଦ୍ୟର ମାନ ଯାଞ୍ଚ କରିବା ପରେ ସ୍କୁଲ ପିଲାଙ୍କ ସହ ବସି ମଧ୍ୟାହ୍ନ ଭୋଜନ ଖାଇଥିଲେ। ସରପଞ୍ଚଙ୍କ ଏହି ଗସ୍ତବେଳେ ନାଏବ ସରପଞ୍ଚ କୌଶଲ୍ୟା ଦେହୁରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଜପତି ସାହୁ, ପୂର୍ବତନ ସମିତି ସଭ୍ୟ ଗଣେଶ ରାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ଆତ୍ମହତ୍ୟା

ମାଲକାନାଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ନିଳିଗୁଡା ପଞ୍ଚାୟତ ଅନ୍ତର୍ଗତ ଧରମପଲ୍ଲୀ ଗ୍ରାମରେ ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନା ମୁତାବକ ଗତକାଲି ସକାଳ ପ୍ରାୟ ୧୦ଟା ସମୟ ରେ ଏହି ଗ୍ରାମର କାଳୀ ମାଡକାମି ଅଚାନକ ବିଷ ପିଇ ଦେଇଥିଲା। ଚିକିତ୍ସାଧୀନ ଅବସ୍ଥାରେ କାଳି ମାଡକାମିଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଏଏସଆଇ କେଶବ ଭତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ କାଳି ମାଡକାମିଙ୍କ ମୃତ ଶରୀର ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ମନ୍ତ୍ରୀଙ୍କ ଜନ୍ମଦିନ ପାଳିଲେ ଭାଜପା କର୍ମୀ



କୁଚିଣ୍ଡା (ଭାସ୍କର ନ୍ୟୁଜ୍): ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଜନ୍ମଦିନ ଉପଲକ୍ଷେ ମା ଦୁର୍ଗା ମନ୍ଦିର ବସଷ୍ଟାଣ୍ଡ, କୁଚିଣ୍ଡା ଠାରେ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଉତ୍ତୋରତ୍ତର ଉନ୍ନତି, ଦୀର୍ଘାୟୁ ଏବଂ ନିରାମୟ ଜୀବନ ପାଇଁ ଦୀପଦାନ ଏବଂ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥ, ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଶିଲ ଅଗ୍ରୱାଲ, ବିନୋଦ ଚାଲାନ, ମହେଶ ରାୟ, ଗାୟତ୍ରୀ ଚାଲାନ, କୁଞ୍ଜଲତା ନାଏକ, ସୁନୟନା ବେହେରା, ସଙ୍ଗୀତା ଦାଶ, ପୁଷ୍ପାଞ୍ଜଳି ପଟେଲ, ଅଞ୍ଜନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମାଉସୀ ମା' ମନ୍ଦିରରେ ଶ୍ରୀଜିଉଙ୍କ ବରାହ ନୃସିଂହ ବେଶ



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ସହର ମାଉସୀ ମା ମନ୍ଦିରରେ ପ୍ରଭୁ ବଳରାମ ନୃସିଂହ ଓ ପ୍ରଭୁ ଶ୍ରୀଜଗନ୍ନାଥ ବରାହ ଅବତାରରେ ଦର୍ଶନ ଦେଇଛନ୍ତି । ବେଶକାରୀ ବାନାମ୍ବର ମହାପାତ୍ର, ଆଶୁତୋଷ ଦାଶ, କାହ୍ନୁଚରଣ ମିଶ୍ର ଶ୍ରୀଜୀଉଙ୍କୁ ଏହି ବେଶରେ ସଜ୍ଜିତ କରିଥିଲେ । ଝିପିଝିପି ବର୍ଷା ସତ୍ତ୍ୱେ ଶ୍ରୀଜୀଉଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା । ସନ୍ଧ୍ୟାରେ ମାଉସୀମା ମନ୍ଦିର ସମ୍ମୁଖରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଭଜନ ସମାରୋହ ଓ ବିଭିନ୍ନ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ରାୟଗଡା ଜିଲ୍ଲାରେ ଝାଡାବାନ୍ତି, ସତର୍କ ସୂଚନା ଦେଲେ ସ୍ୱାସ୍ଥ୍ୟ ଅଧିକାରୀ
## ମୁଖ୍ୟ ଚିକିତ୍ସାଳୟକୁ ପ୍ରତିଦିନ ଆସୁଛନ୍ତି ୭ରୁ ୮ ରୋଗୀ

ରାୟଗଡା(ଭାସ୍କର ନ୍ୟୁଜ୍): ରାଜ୍ୟର ବିଭିନ୍ନ ଅଞ୍ଚଳରେ ଡାଇରିଆ ବ୍ୟାପିବାକୁ ନେଇ ଜନସାଧାରଣ ଭୟଭୀତ ହୋଇପଡିଥିବା ବେଳେ ରାୟଗଡା ଜିଲ୍ଲାରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଜିଲ୍ଲା ପରେ ଜିଲ୍ଲା ଡେଇଁଲା ପରେ ଏବେ ରାୟଗଡାରେ ପହଞ୍ଚିଛି ଝାଡାବାନ୍ତି । ଲଗାଣ ବର୍ଷା ଯୋଗୁଁ ଦେଖାଦେଇଛି ଝାଡାବାନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତିଦିନ ୭ରୁ ୮ ଜଣ ଝାଡାବାନ୍ତି ରୋଗୀ ଚିକିତ୍ସିତ ହୋଉଥିବାର ଦେଖିବାକୁ ମିଳିଛି । ବର୍ତ୍ତମାନ ବର୍ଷା ଲାଗିରହିଥିବାରୁ ଆଗକୁ ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢିପାରେ ବୋଲି ଅନୁମାନ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ବେଶ୍ ତତ୍ପର ହୋଇଉଠିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ





ବହୁ ପରିମାଣରେ ସାଲାଇନ, ଓଆରଏସ୍ ସହ ଔଷଧ ମହଜୁଦ ରଖାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଝାଡାବାନ୍ତି ଦୂଷିତ ଜଳ ସହ ଅପରିଷ୍କାର ବାହାର ଖାଦ୍ୟ ଦ୍ୱାରା ବ୍ୟାପୁଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଟିମ୍ କରାଯାଇଛି। ସେହି ଟିମ ବିଶେଷ କରି ସହରର ବିଭିନ୍ନ ସ୍ଥାନ ସହିତ ରଥଯାତ୍ରା ଉପଲକ୍ଷେ ବାହାରେ ବିକ୍ରି ହେଉଥିବା ଜଳଖିଆ ଦୋକାନ ମାନଙ୍କରେ ଚଢାଉ କରାଯିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ. ପ୍ରଶାନ୍ତ କୁମାର ମିଶ୍ର । ବର୍ତ୍ତମାନ ରାୟଗଡା ସଦର ବ୍ଲକର କୁର୍ଲି, ପେଟାଂ ଓ ପିତାମହଲ ସମେତ କୋଲୋନରା ବ୍ଲକର ସୁରୀ ଗାଁରେ ଝାଡାବାନ୍ତି ଦେଖାଦେଇଛି । ଦୈନିକ ୭ରୁ ୮ ଜଣ ରୋଗୀ ଚିକିତ୍ସା ହୋଇ ଘରକୁ ଫେରୁଥିବା ବେଳେ ପୁଣି ୭ରୁ ୮ ଜଣ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି । ବର୍ତ୍ତମାନ କୁର୍ଲି ଗ୍ରାମର ଇଶାରାଓ ମାଣ୍ଡାଙ୍ଗି (୨୪), ପରି ମାଣ୍ଡାଙ୍ଗି (୪୦), ଜିଲାଇ ଶାରକା (୪୮), ଓ ଅନି ଶାରକା (୩୫), ପିତାମହଲ ପଟାଂୟତ କାନ୍ଦିଲି ଗ୍ରାମର ତରୁଣ ତାଡିଙ୍ଗି (୨୫), ପେଟାଂ ପଞ୍ଚାୟତ ଆମଲାଭଟା ଗ୍ରାମର କାନ୍ଧୁ କୌଶଲ୍ୟା (୫୦) ଓ ଉପରରାମ୍ଭ ଗ୍ରାମର ତୁଳଶିରାମ କୋଇଲି (୩୫) ଝାଡାବାନ୍ତି ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହଉଛନ୍ତି । ବିଶେଷକରି ରୋଗୀଙ୍କର ୨ରୁ ୩ ଥର ଝାଡା ହେବା ସହ ବାନ୍ତି ହେଉଛି ଏବଂ ଦେହ ଦୁର୍ବଳ ହୋଇଯାଉଥିବା ରୋଗୀ କହିଛନ୍ତି। ଏନେଇ ଡା.ପ୍ରଶାନ୍ତ କୁମାର ମିଶ୍ର, ଏଡିଏମ୍ଓ, ଝାଡାବାନ୍ତି ପାଇଁ ସତର୍କ ସୂଚନା ଦେଇ ଝାଡାବାନ୍ତି ହେଲେ କୌଣସି ଗୁଣିଆ ପାଖକୁ ନଯାଇ ଘରେ ନରହି ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ପରାମର୍ଶ ଦିଆଯାଇଛି ।

## ବ୍ୟାଙ୍କ କାର୍ଯ୍ୟରେ ବିଳମ୍ବକୁ ନେଇ ଗ୍ରାହକ ଅସନ୍ତୋଷ

ସଇଁତଳା (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଭାରତୀୟ ଷ୍ଟେଟ ବ୍ୟାଙ୍କ୍ ରେ ନାହି ନ ଥିବା ଅସୁବିଧା ର ସମ୍ମୁଖୀନ ହେଉ ଅଛନ୍ତି ଗ୍ରାହକ। ବ୍ୟାଙ୍କ୍ ରେ ଥିବା ଟଙ୍କା ପୈଠ କାଉଣ୍ଟରରେ ଗ୍ରାହକ ମାନଙ୍କୁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହେବାକୁ ପଡୁଛି। ଗୋଟିଏ ମାତ୍ର କାଉଣ୍ଟରରେ ସମସ୍ତ ଟଙ୍କା ଜମା ହେଉଥିବାବେଳେ ମୁଖ୍ୟ କ୍ୟାସ କାଉଣ୍ଟରରେ ଜଣେ ସହାୟକ ଥିବାରୁ ଅସୁବିଧା ଉପୁଜିଛି। ଶ୍ରୀଗୁଣ୍ଡିଚା ଯାତ୍ରା ଥିବାରୁ ତିନି ଦିନ ବ୍ୟାଙ୍କ ଛୁଟି ରହି ଥିବାବେଳେ ସୋମବାର ଦିନ ଅନେକ ସଂସ୍ଥାର ଟଙ୍କା ଜମା ହେଉ ଥିବା ଦେଖିବାକୁ ମିଳିଥିଲା। ତେବେ ଗୋଟିଏ କାଉଣ୍ଟର ଥିବାରୁ ଗ୍ରାହକ ମାନଙ୍କୁ ଅନେକ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ କର୍ତ୍ତୃପକ୍ଷ ଏଥିପାଇଁ ଦୃଷ୍ଟି ଦେବା ସହିତ କେମିତି ଗ୍ରାହକ ସୁବିଧା ପାଇବେ ତାହା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି। କାରଣ ଜଣେ ଟଙ୍କା ଜମା କରିବା ପାଇଁ ଆସିଲେ ତାର ଅନ୍ୟ ଜରୁରୀ କାମ ସବୁ ବନ୍ଦ ହେଇ ଯାଉଅଛି।ଫଳରେ ଗ୍ରାହକ ମାନଙ୍କ ନାହି ନ ଥିବାର ଅସୁବିଧାର ସମ୍ମୁଖୀନ ହେବା ସହିତ ସମସ୍ତ ଜରୁରି କାର୍ଯ୍ୟ ରେ ବାଧା ସୃଷ୍ଟି ହେଉଅଛି। ତେଣୁ ବ୍ୟାଙ୍କ କାମରେ ବିଳମ୍ବ ହେଉଥିବାରୁ ଜନ ସାଧାରଣଙ୍କ ମନରେ କ୍ଷୋଭ ପ୍ରକାଶ ପାଇବା ଦେଖାଦେଇଛି। ଯେତେ ଅଭିଯୋଗ କଲେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷ ଶୁଣିବାକୁ ନାରାଜ। ପୁଣି ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ସରକାରୀ, ବେସରକାରୀ, ପ୍ରାଇଭେଟ୍ ବୋଲି ମତ ଦେଉଥିବାର ସୂଚନା ମିଳୁଛି। ଯାହାକି ଟିଟିଲାଗଡରେ ଥିବା ମୁଖ୍ୟ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍‌ରେ ଅନେକ ବର୍ଷରୁ ଚାଲିଆସିଥିବା ଅବହେଳା ଯୋଗୁଁ ଗ୍ରାହକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ଏଥିପ୍ରତି ଦୃଷ୍ଟି ଦେବା ସହିତ ଗ୍ରାହକ ମାନଙ୍କୁ ସୁବିଧା ଯୋଗାଇ ଦେବା ଦେବା ନିହାତି ଆବଶ୍ୟକ ଅଟେ। ପୁଣି ଗ୍ରାହକ ସମ୍ମୁଖରେ ଟଙ୍କା ଗଣାଯିବା କଥା ୧୦୦,୫୦ ଟଙ୍କାର ନୋଟ ବିଡାକୁ କାଉଣ୍ଟର ପଛପଟେ ଗଣା ଯାଉଥିବାରୁ ଗ୍ରାହକ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଅଛି। ଏଥିପ୍ରତି ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବା କଥା। ଗ୍ରାହକ ମହଲରେ ଆଲୋଚନା ହେଉ ଥିବାର ସୂଚନା ମିଳୁଛି। ବ୍ୟାଙ୍କରେ ଯଦି ଲୋନ ଆବେଦନ କରିବାକୁ ଗଲେ ଏସ୍‌ବିଆଇ ଲାଇଫ ଏବଂ ଏସ୍‌ବିଆଇ ଜେନେରାଲ ବିମା ନେବା ପାଇଁ ଉଚ୍ଚକର୍ତ୍ତୃପକ୍ଷ ବାଧ୍ୟ କରୁଥିବାର ଅଭିଯୋଗ ହେଉଛି।

## 'ଝିଅ ପାଇଁ ଗଛଟିଏ ଓ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ


ନୂଆପଡ଼ା (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ପରେ ଘଣ୍ଟିଗୁଡା ଗ୍ରାମ ପଞ୍ଚାୟତରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ , ବିଡ଼ିଓ କାର୍ମୀ ଓରାମ, ବ୍ଲକ ଉପାଧ୍ୟକ୍ଷା ମୀନା ଘିଭେଲା, ସ୍ଥାନୀୟ ସରପଞ୍ଚ ଖୁଟୁରାମ ସୁନାନୀ, ସମିତି ସଭ୍ୟା ଲଳିତା ସୁନାନୀ,ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମାରୋହରେ ଜିଲ୍ଲାପାଳ ନବଜାତକ ଶିଶୁ କନ୍ୟା ମାମୁନି ନାଗକୁ କୋଳରେ ଧରି ତା' ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।ସେମାନଙ୍କ ପିତାମାତାଙ୍କୁ ଉପହାର ପ୍ରଦାନ କରି



ସେମାନଙ୍କ ଦ୍ୱାରା ନୂତନ ବୃକ୍ଷ ରୋପଣ କରାଇଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ତିନି ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ । ସେମାନଙ୍କ ପରିବାରକୁ ଏହି ଆଗାମୀ ଦିନର ମାଆମାନଙ୍କ ସମୁଚିତ ଯତ୍ନ ନେବା ପାଇଁ ଉତ୍ସାହିତ କରିଥିଲେ। ଆଜିର ଏହି ନିଆରା କାର୍ଯ୍ୟକ୍ରମ ପାଇଁ ଘଣ୍ଟିଗୁଡା ଗାଁ ଆନନ୍ଦ ମୁଖର ହୋଇ ଉଠିଥିଲା । ଏହାକୁ ସିନାପାଲି ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ସିନାପାଲି ସିଡିପିଓ ଝରଣା ଶତପଥୀ , ସ୍ଥାନୀୟ ସରପଞ୍ଚ ପ୍ରମୁଖ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମଗ୍ର ଜିଲ୍ଲାରେ ଏଇ ସୁନ୍ଦର ବାର୍ତ୍ତା ଦେବାପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ପ୍ରୟାସ କରିଛନ୍ତି ଯେ ଗୋଟିଏ ସୁସ୍ଥ ସମାଜ ପାଇଁ ଝିଅ ଏବଂ ଗଛ ଉଭୟ ଅତ୍ୟନ୍ତ ଜରୁରୀ ଅଟେ।

## ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଲମଟିବାହାଲ ସ୍ଥିତ ଏନଏସି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରାଜକିଶୋର ଜେନା, ଶିକ୍ଷୟିତ୍ରୀ ପ୍ରମୋଦିନୀ ସାହୁ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏକେଆରବି ପଟ୍ଟନାୟକ ଆଜି ଅବସର ଗ୍ରହଣ କରିଛନ୍ତି। ଶିକ୍ଷାବିତ ପ୍ରଶାନ୍ତ ପାଟଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟୀ ସମ୍ବର୍ଦ୍ଧନାରେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି, ଝାରସୁଗୁଡ଼ା ଏବିଇଓ ରବୀନ୍ଦ୍ର ସାହୁ, ଏବିଇଓ ଅଜୟ ପାଟଯୋଶୀ, ଲଖନପୁର ଏବିଇଓ ହେମସାଗର ଚୌଧୁରୀ, ବ୍ରଜରାଜନଗର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଚାନ୍ଦୁରାମ ଭୋଇ, ବ୍ରଜରାଜନଗର ପ୍ରାଥମିକ ଶିକ୍ଷକ ସଂଘ ଉପଦେଷ୍ଟା ନରେନ୍ଦ୍ର ମୋହନ ଝା, ସାମ୍ବାଦିକ ଉପନ ଚରଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମମତା ପ୍ରଧାନ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମ ପ୍ରସାଦ ମିଶ୍ର ସମ୍ମାନୀତ ଅତିଥି ଓ ଝାରସୁଗୁଡା ଏଡ଼ିଇଓ ରବୀନ୍ଦ୍ର ମାଝୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନ, ବ୍ୟକ୍ତି ବିଶେଷ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀ ମାନେ ଅବସର ଗ୍ରହଣ କରିଥିବା ଶିକ୍ଷକ ରାଜକିଶୋର ଜେନା, ଶିକ୍ଷୟିତ୍ରୀ ପ୍ରମୋଦିନୀ ସାହୁ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏକେଆରବି ପଟ୍ଟନାୟକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମଞ୍ଚ ପରିଚାଳନା ମରିୟମ ବାରୁ ଓ ଅଶୋକ ବେହେରା କରିଥିଲେ।



## ବ୍ୟାଙ୍କ ଗ୍ରାହକଙ୍କ ଜମାଖାତାରୁ ଟଙ୍କା ହଡ଼ପ୍ ଅଭିଯୋଗ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଠାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଗ୍ରାହକଙ୍କ ଜମା ଖାତାରୁ ଟଙ୍କା ହଡ଼ପ ଅଭିଯୋଗ ହେବା ଘଟଣାରେ ପ୍ରତିକ୍ରିୟା ଦେଇଛନ୍ତି କ୍ଷତିଗ୍ରସ୍ତ ଜମାକାରୀ । ଅଭିଯୋଗ ଅନୁଯାୟୀ ହରଭଙ୍ଗା ବ୍ଲକ ବାମଣ୍ଡା ଓ ରାଧାନଗର ଗ୍ରାମ ପଞ୍ଚାୟତର ଅନେକ ଜମାକାରୀ ବୌଦ୍ଧ ସ୍ଥିତ ପଞ୍ଜାବ ନେସନାଲ ବ୍ୟାଙ୍କରେ ଜମା ଖାତା ଖୋଲି ଟଙ୍କା ଜମା କରିଛନ୍ତି । ମାତ୍ର ତାଙ୍କର ଅଜାଣତରେ ଜମାଖାତାରୁ ହଜାର ହଜାର ଟଙ୍କା ଉଠାଣ ହୋଇ ହଡ଼ପ କରାଯାଇଛି। ଟଙ୍କା ହଡ଼ପ ହୋଇଥିବା ଜାଣିବା ପରେ ଜମାକାରୀ ମାନେ ଟଙ୍କା ଫେରସ୍ତ ପାଇଁ ଦାବି କରିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଦିନ ଗଡ଼ାଇ ଚାଲୁଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଶାଖା ପରିଚାଳକଙ୍କ ପ୍ରତିକ୍ରିୟା ନେବାରୁ ଘଟଣାକୁ ସ୍ୱୀକାର କରିବା ସହ ପର୍ଯ୍ୟାୟ କ୍ରମେ କିଛି ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯାଇଥିବା ପ୍ରକାଶ କରିଥିଲେ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ତରଫରୁ ଅର୍ବାନ ଲୋକାଲ୍ ବଡି ମାନଙ୍କରେ ନବ ନିଯୁକ୍ତ ଅକାଉଣ୍ଟାଣ୍ଟମାନଙ୍କ ପାଇଁ ଏକ ୪୦ ଦିନିଆ ଇଣ୍ଡକ୍ସନ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ମଧୁସୂଦନ ଦାସ ଆଞ୍ଚଳିକ ଆର୍ଥିକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱରରେ ଆୟୋଜିତ ହେଉଛି। ଏହି ତାଲିମ କାର୍ଯ୍ୟକ୍ରମକୁ ମ୍ୟୁନିସିପାଲ୍ ଆଡମିନିଷ୍ଟ୍ରେସନ୍ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ପୌର ଅକାଉଣ୍ଟାଣ୍ଟମାନେ ସହରାଞ୍ଚଳ ଆର୍ଥିକ ପରିଚାଳନା ଓ ଶାସନର ମୂଳ ଅଂଗ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାନ୍ତି। ଏହି ପ୍ରଶିକ୍ଷଣ ତାଙ୍କୁ ବୃହତ୍ ଜ୍ଞାନ ଓ ଅନୁଭବ ଦେଇ ସାମର୍ଥ୍ୟଶାଳୀ କରିବ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅର୍ଥ ପରାମର୍ଶଦାତା ଶିଖା ବିଶ୍ୱାଳ, କୋର୍ସ ଡାଇରେକ୍ଟର ବିଭୁଦତ ଆଚାର୍ଯ୍ୟ ଓ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ୪୦ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହରାଂଚଳ ଶାସନ, ରାଜସ୍ୱ ବ୍ୟବସ୍ଥାପନ, ଅଡିଟ୍, ପ୍ରକଳ୍ପ ବିତ୍ତ ପରିଚାଳନା, ହିସାବ ଦାଖଲ, ବ୍ୟବହାରିକ ଅଭ୍ୟାସ ଓ କ୍ଷେତ୍ର ଅଭିଜ୍ଞତା ଉପରେ ତାଲିମ ଦିଆଯିବ।

# ହେରାପଞ୍ଚମୀରେ ନନ୍ଦିଘୋଷ ରଥ ଭାଙ୍ଗିଲେ ମା ଲକ୍ଷ୍ମୀ

ପୁରୀ (ଭାସ୍କର ନ୍ୟୁଜ) : ଶ୍ରୀ ଗୁଣ୍ଡିଚା ଯାତ୍ରାରେ ଆଜି ହେଉଛି ପବିତ୍ର ହେରା ପଞ୍ଚମୀ ନୀତି। ଆଜି ବଡ଼ଠାକୁରଙ୍କ ପରିବାର ଲୀଳା ଯାହାଙ୍କ ପାଇଁ ଶ୍ରୀକ୍ଷେତ୍ରର 'ଶ୍ରୀ' ଆଜି ରୋଷ କରିଥିଲେ। ଶ୍ରୀମନ୍ଦିରରେ ଏକୁଟିଆ ସ୍ତ୍ରୀକୁ ଛାଡ଼ି ଭାଇଭଉଣୀକୁ ଘେନି କାଳିଆ ଠାକୁର ଏବେ ଗୁଣ୍ଡିଚାଘରେ। ଆଜି ଅଭିମାନିନୀ ମା ମହଲକ୍ଷ୍ମୀ ନନ୍ଦିଘୋଷ ରଥର ଖଣ୍ଡେ କାଠ ଭାଙ୍ଗିଥିଲେ। ମହାପ୍ରଭୁଙ୍କ ଦର୍ଶନ ନପାଇ ରାଗ ଜର୍ଜରିତା ମା ମହଲକ୍ଷ୍ମୀ ଅଧର ଚୁମ୍ବିତ ଆଜ୍ଞାମାଳ ପାଇ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ସେପଟେ ଆସନ୍ତାକାଲି ଗୁଣ୍ଡିଚା ମନ୍ଦିରରେ ସକାଳଧୂପ ସରିବାପରେ ଆଜ୍ଞାମାଳ ଆସି ତିନି ରଥର ଦକ୍ଷିଣମୋଡ କରାଯିବ। ଏବେ ଆଡପ ମଣ୍ଡପରେ ମହାପ୍ରଭୁ ମାନବୀୟ ଲୀଳା କରୁଛନ୍ତି। ପରିବାରରେ ଯେପରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳି ଝଗଡା ଏବଂ ରାଗ ଅଭିମାନ ରହିଥାଏ ଆଜିର ହେରାପଞ୍ଚମୀ ନୀତି ତାର ଏକ ଉଦାହରଣ ସଦୃଶ। ନବଦିନାତ୍ମକ ଘୋଷଯାତ୍ରାର ଆଡପମଣ୍ଡପ ବିଜେ ଚତୁର୍ଦ୍ଧାବିଗ୍ରହଙ୍କ ଆଜି ପଞ୍ଚମ ଦିନ। ଆଜିର ଦିନରେ ଗୁଣ୍ଡିଚା ମନ୍ଦିରରେ ଅନୁଷ୍ଠିତ ହୋଇଥିଲା ପବିତ୍ର ହେରାପଞ୍ଚମୀ ନୀତି। ମହାପ୍ରଭୁ ଶ୍ରୀଜଗନ୍ନାଥ ନବଦିନାତ୍ମକ ଘୋଷଯାତ୍ରାରେ ନିଜ ପ୍ରାଣପ୍ରିୟା ପତ୍ନୀ ମା ମହାଲକ୍ଷ୍ମୀଙ୍କୁ ଛାଡି ଜନ୍ମବେଦୀକୁ ଆସିଥିବାରୁ ମା ମହଲକ୍ଷ୍ମୀ ଅଭିମାନ କରିଥିଲେ। ଦୀର୍ଘଦିନ ଧରି ମହାପ୍ରଭୁଙ୍କ ସହ ମହାଲକ୍ଷ୍ମୀଙ୍କ ସାକ୍ଷାତ ହୋଇନାହିଁ। ମହାଲକ୍ଷ୍ମୀ ବ୍ୟସ୍ତ ବିବ୍ରତ ହୋଇପଡିଛନ୍ତି। ଆଜି ମା ସାନ୍ତାଣି ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ସେପଟେ ମହାଲକ୍ଷ୍ମୀଙ୍କ ଆଗମନ ଖବର ପହଞ୍ଚିବା ପରେ ମହାପ୍ରଭୁ ଗତକାଲି ବନକଲାଗି ହୋଇଥିଲେ। ରଥଯାତ୍ରା ପାଳନ ଅବସରରେ ହେରାପଞ୍ଚମୀ ଉତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତେବେ ମହାଲକ୍ଷ୍ମୀଙ୍କ କ୍ରୋଧ ଜର୍ଜରିତ ରୂପ ଦେଖି ମହାପ୍ରଭୁଙ୍କ ସେବକମାନେ ଗୁଣ୍ଡିଚା ମନ୍ଦିରର ମୁଖ୍ୟଦ୍ୱାର ବନ୍ଦ କରିଦେଇଥିଲେ। ନାକଚଣା ବାଟ ଦେଇ ଜଗମୋହନକୁ ଯାଇ ବିମଳାଙ୍କ ପ୍ରଦତ୍ତ କର୍ପୁରରେ ଲକ୍ଷ୍ମୀ ଆଳତି କରନ୍ତି। ପତ୍ନୀଙ୍କ ରାଗ ଶାନ୍ତ କରିବା ପାଇଁ ମହାପ୍ରଭୁ ଦୁଇଦିନ ମଧ୍ୟରେ ଫେରିଯିବାର ପ୍ରତିଶ୍ରୁତି ଦେଇ ରଥ ଦକ୍ଷିଣ ମୋଡ଼ କରିବା ନିମନ୍ତେ ବରାଦ କରିଥାନ୍ତି। ଲୋକାଚାର ଦୃଷ୍ଟିରୁ ଜଗନ୍ନାଥ ଲକ୍ଷ୍ମୀଙ୍କୁ ସିଂହାସନ ପାଖକୁ ନ ନେବାରୁ କ୍ରୋଧ ଜର୍ଜରିତା ପତ୍ନୀ ରଥର କିଛି ଅଂଶ ଭାଙ୍ଗି ଦେଇ ହେରାଗୌରୀ ସାହି ବାଟେ ଫେରି ଆସିଥିଲେ ଶ୍ରୀମନ୍ଦିରକୁ।

# ଶକ୍ତିମନ୍ତ୍ରୀଙ୍କ ସମ୍ମିଳନୀ ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଚଳିତ ବର୍ଷ ଶେଷରେ ଓଡ଼ିଶାରେ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ଓ ଆଇଆଇଟି କାନପୁରର ମିଳିତ ସହଯୋଗରେ ଆୟୋଜିତ ହେବ ଶକ୍ତିମନ୍ତ୍ରୀଙ୍କ ସମ୍ମିଳନୀ । ସାରା ଦେଶର ଶକ୍ତିମନ୍ତ୍ରୀମାନେ ଏଥିରେ ଯୋଗଦେବେ। ଶକ୍ତି କ୍ଷେତ୍ରରେ ଅଧିକ ପ୍ରଭାବଶାଳୀ ରଣନୀତି ପ୍ରସ୍ତୁତ କରିବାରେ ଓଡ଼ିଶା ନେତୃତ୍ୱ ନେବ । ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଗତ ଜୁନ ମାସରେ ନୂଆଦିଲ୍ଲୀ ଠାରେ ଏଥିନିମନ୍ତେ ଓଡିଶା ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ସମ୍ମିଳନୀରେ ଓଡ଼ିଶାର ଶକ୍ତି କ୍ଷେତ୍ରରେ ହୋଇଥିବା ନବସୃଜନର ସମାହାର ପ୍ରଦର୍ଶିତ ହେବ। ଦେଶ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି ସମ୍ମିଳନୀରେ ଯୋଗଦେବେ । ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ହେବାକୁ ଥିବା ବିକଶିତ ଭାରତ ଗଠନର ମୂଳଦୁଆ ପଡିସାରିଛି । ଏଥିରେ ଶକ୍ତି କ୍ଷେତ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଭବିଷ୍ୟତକୁ ଦୃଷ୍ଟିରେ ରଖି ଜଳବାୟୁ ସହନୀୟ ରଣନୀତି ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହେଉଛି ।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS 2025025, ତା.24.06.2025ରିଖ

**କାର୍ଯ୍ୟର ନାମ :** ତାଳଚେର-ବିମଳଗଡ଼ BG ରେଳ ଲିଙ୍କ ପ୍ରକଳ୍ପ ସମ୍ବନ୍ଧୀୟ ଅନୁଗୁଳ ଠାରେ ଉପ ମୁଖ୍ୟ ଯନ୍ତ୍ରୀ/ ନିର୍ମାଣ /II/ ଅନୁଗୁଳଙ୍କ ଅଧିନରେ କାର୍ଯ୍ୟାଳୟ ଭବନ, କ୍ୱାର୍ଟରଗୁଡ଼ିକର ନିର୍ମାଣ, ମରାମତି, ନବୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 152.77 ଲକ୍ଷ, EMD : ₹ 2,26,400/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.07.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-47/CI/25-26


# ପେନ୍‌ସନ୍ ନ ପାଇ କର୍ମଚାରୀ ନେତା ନିରଞ୍ଜନ ବାହିନୀପତିଙ୍କ ବିୟୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରୁଛନ୍ତି କର୍ମଚାରୀ ନେତା ନିରଞ୍ଜନ ବାହିନୀପତି । ପେନ୍‌ସନ୍, ଗ୍ରାଚ୍ୟୁଇଟି ଓ ଅବ୍ୟବହୃତ ଛୁଟି ଦରମା ମିଳିବା ଆଶା ନେଇ ହାଇକୋର୍ଟରେ ଡବ୍ଲୁପିସି ନମ୍ବର-୮୮୮୪/୨୦୨୪ରେ ଏକ ରିଟ୍ ପିଟିସନ୍‌ରେ ଆବେଦନ କରିଥିଲେ। ଦୁଇ ମାସ ମଧ୍ୟରେ ପେନ୍‌ସନ୍ ଦେବାକୁ ହାଇକୋର୍ଟ ସରକାରଙ୍କୁ ଆଦେଶ ଦେବା ପରେ ଉକ୍ତ ଆଦେଶକୁ ପର୍ତ୍ତ ବିଭାଗ ଚାଲେଞ୍ଜ କରି ଗତ ମଇ ୨୩ ତାରିଖରେ ରିଟ୍ ଅପିଲ୍ କରିଛନ୍ତି । କୋର୍ଟ ଅବମାନନା ; ମକଦ୍ଦମାକୁ ସରକାର ଏଡ଼ାଇବାକୁ ଯାଇ ସରକାର ରିଟ୍ ଅପିଲ୍ କରିବା ପରେ ଶ୍ରୀ ବାହିନୀପତି ଦୁଶ୍ଚିନ୍ତାରେ ଥିଲେ । ପରବର୍ତ୍ତୀ ଆଦେଶ ଅପେକ୍ଷାରେ ଶ୍ରୀ ବାହିନୀପତି ଥିବାବେଳେ ଓ ଗତକାଲି ସଂଘର କାର୍ଯ୍ୟ ନିର୍ବାହୀ ବୈଠକ ୟୁନିଟ୍-୫ସ୍ଥିତ କର୍ମଚାରୀ ଭବନରେ ସରିବା ପରେ ସେ ଘରକୁ ଫେରିଥିଲେ। ରାତି ୧୦ଟାରେ ଖାଇବା ସମୟରେ ସେ ବ୍ରେନ୍‌ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇ ଟଳି ପଡ଼ିଥିଲେ। ଶ୍ରୀ ବାହିନୀପତି ଦିର୍ଘ ୨୨ ଘଣ୍ଟା ମୃତ୍ୟୁ ସହ ସଂଗ୍ରାମ କରି ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ପେନ୍‌ସନ୍ ନପାଇ ପରିଣତ ବୟସରେ କେମିତି ବଞ୍ଚିବି, ପ୍ରଶାସନିକ ଉଦାସୀନତାର କରୁଣ ପରିଣତି ହିଁ ଶ୍ରୀ ବାହିନୀପତିଙ୍କ ମୃତ୍ୟୁର ମୁଖ୍ୟ କାରଣ ବୋଲି ଓଡ଼ିଶା ପୂର୍ବ ଅବସରପ୍ରାପ୍ତ ୱାର୍କଚାର୍ଜଡ୍ / ରେଗୁଲାର କର୍ମଚାରୀ ସଂଘର ସଭାପତି କଲ୍ୟାଣ ମହାରଣା, ସାଧାରଣ ସମ୍ପାଦକ ଗଗନ ଭଞ୍ଜ ଓ କାର୍ଯ୍ୟକର୍ତ୍ତା ସର୍ବଶ୍ରୀ ଅରୁଣ କେଶରୀ ପରିଡ଼ା, କମଳାକାନ୍ତ ଦାସ, ଅଶୋକ ଚୌଧୁରୀ, ରବି ପତି, ମହେଶ୍ୱର ମହାରଣା, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଗୁରୁତ୍ୱର ଅଭିଯୋଗ କରିଛନ୍ତି । ସରକାରଙ୍କ ଉଦାସୀନତା ଏଥିପାଇଁ ଦାୟୀ ବୋଲି ଇଂଜିନିୟରିଂ ବିଭାଗର ପ୍ରମୁଖ କର୍ମଚାରୀ ନେତା ଚିତ୍ତ ମହାପାତ୍ର, ଗିରିଶ ନନ୍ଦ, କୃଷ୍ଣ ନାୟକ, ବସନ୍ତ ମନ୍ତ୍ରୀ, ସୁଶାନ୍ତ ମହାକୁଡ, ଦିଲ୍ଲୀପ ଭୂୟାଁ, ପ୍ରମୁଖ ଅଭିଯୋଗ କରିଛନ୍ତି । କର୍ମଚାରୀ ନେତା ଶ୍ରୀ ବାହିନୀପତିଙ୍କ ବିୟୋଗ ଓଡ଼ିଶା ପୂର୍ବ ଅବସରପ୍ରାପ୍ତ ୱାର୍କଚାର୍ଜଡ୍ / ରେଗୁଲାର କର୍ମଚାରୀ ସଂଘ ମହଲରେ ଶୋକର ଛାୟା ଖେଳିଯାଇଛି । ମଧ ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ସସ୍ମିତା ମହାନ୍ତି ଓ ଶତାଧିକ କର୍ମଚାରୀ ନେତାବୃନ୍ଦ ଶ୍ରୀ ବାହିନୀପତିଙ୍କୁ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।


## NOTICE

By virtue of an affidavit sworn before the Executive Magistrate, Balasore, dated: 28.04.2025, I Manju Choudhury, Address: village- Sueepur, Po- Motiganj, Ps- Town, Dist- Balasore, Odisha, PIN- 756003, declare that I have changed my son's name from suvrangsu Choudhury to Shubhranshu Choudhury. Henceforth, He shall be known as Shubhranshu Choudhury for all purposes.

**Sd/- Manju Choudhury**



AU SMALL FINANCE BANK

**Registered Office:** 19-A Dhuleshwar Garden, Jaipur, Rajasthan, India, 302001.
**www.aubank.in**

**LOAN AGAINST GOLD - AUCTION NOTICE ON "AS IS WHERE IS" BASIS**

The below mentioned borrower/s have been issued notices to pay their outstanding amounts towards the loan against gold facilities availed from AU Small Finance Bank Limited ("Bank"). Since the borrower/s has/have failed to repay his/their dues, we are constrained to conduct an auction of pledged gold items/articles on **08 JULY 2025** between **11:00 AM – 3:00 PM** (Time) at below mentioned branches according to the mode specified therein. In the case of deceased borrowers, all conditions will be applicable to legal heirs. Please note that in the event of failure of the above auction, the bank reserves its right to conduct another auction without prior intimation.

**E-Auction Branch Details (E-auction will be conducted by using Weblink - https://gold.samil.in)**

**BHADRAK**- 24660002182529 | **JAJPUR**- 24660002202144 | **KUAKHIA**- 24660002214761

**Note:** The auction is subject to certain terms and conditions mentioned in the bid form, which is made available before the commencement of auction.

Sd/-
**Manager**
**AU Small Finance Bank Limited**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୭ ଜିଲ୍ଲାରେ...

ହେଲେ ସେମାନଙ୍କୁ ମଧ୍ୟ ସେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାପରେ ଯାହା ଘଟିଲା ତାହା ନିନ୍ଦନୀୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ଅତିରିକ୍ତ କମିଶନର ଶ୍ରୀ ସାହୁ କହିଛନ୍ତି ଯେ ସ୍ୱଚ୍ଛସାଥୀ ଆଣିଥିବା ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା। ମୋତେ ଓ ମୋର ବ୍ୟକ୍ତିତ୍ୱକୁ ଲୋକେ ଜାଣିଛନ୍ତି। ମୋର ଆଇନ ଉପରେ ଭରସା ରହିଛି। ମୋତେ ଆଇନ ହିଁ ନ୍ୟାୟ ଦେବ। ସୋମବାର ଅଭିଯୋଗ ଶୁଣାଣି ଥିବାରୁ କମିଶନରଙ୍କ ଅନୁପସ୍ଥିତିରେ ମୁଁ ଶୁଣାଣି କରୁଥିଲି। ଏହି ସମୟରେ କର୍ପୋରେଟର ଅରୂପ ନାରାୟଣ ରାଉତଙ୍କ ସମେତ ୫ଜଣ ଭିତରକୁ ପଶିଥିଲେ। ତେବେ ଅରୂପ ବାବୁ ମୋତେ ଦୁର୍ବ୍ୟବହାର କରିଥିଲେ। ପରେ ୫ଜଣଯାକ ମୋତେ ଟାଣିଟାଣି ଗାଡ଼ି ଭିତରକୁ ନେବାକୁ ଉଦ୍ୟମ କରିଥିଲେ। ମୋତେ ଅଫିସରୁ ଘୋଷାରି ଘୋଷାରି ମୁଥମାରି ଗ୍ରାଉଣ୍ଡଫ୍ଲୋର ଯାଏ ଆଣିଥିଲେ। ସେମାନଙ୍କ ମିଛ କଥା ଉପରେ ମୁଁ କୌଣସି ମନ୍ତବ୍ୟ ଦେବାକୁ ଚାହୁଁନାହିଁ ବୋଲି ସେ କହିଥିଲେ।

### ୫ ଜିଲ୍ଲା...

ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ଅଧିକାରୀମାନେ ପୀଡ଼ିତଙ୍କ ଘର ଓ ଜମି ମଧ୍ୟ ବୁଲି ଦେଖିବେ। କ୍ଷତି ହୋଇଥିବା ଲୋକଙ୍କୁ ଖୁବ୍‌ଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବ। ଯେଉଁମାନଙ୍କର କ୍ଷତି ହୋଇଛି ସେମାନେ ନିକଟସ୍ଥ ଆରଆଇ ଅଫିସରେ ଅଭିଯୋଗ କରିପାରିବେ। ବନ୍ୟାପାଣି ଛାଡ଼ିବା ପରେ ମେଗା ପାଣିପ୍ରକଳ୍ପଗୁଡ଼ିକୁ ଶୁଦ୍ଧ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।

### ଶୃଙ୍ଖଳିତ ହେବ...

ଆୟୋଜନ ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା । ଭକ୍ତଙ୍କ ସୁରକ୍ଷା ଉପରେ ଆମର ବେଶୀ ଗୁରୁତ୍ୱ ରହିଛି । ଏଣୁ ରଥଯାତ୍ରାରେ ଥିବା ସବୁ ଅଧିକାରୀ, ନୂତନ୍ ଭାବେ ଦାୟିତ୍ୱ ନେଇ ଥିବା ପୁରୀ ଜିଲ୍ଲାପାଳ, ଏସପିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀଙ୍କ ସହିତ ଭକ୍ତଙ୍କ ସୁରକ୍ଷା କିଭଳି ଭଲରେ ହୋଇପାରିବ, ରଥ ଯାତ୍ରା ଅଘଟଣ ମୁକ୍ତ ହୋଇ ପାରିବ ସେ ନେଇ ଆଲୋଚନା ହୋଇଥଲା । ସେହିପରି ମହାପ୍ରଭୁଙ୍କ ସେବାୟତଙ୍କ ସହ ଆଲୋଚନା ହୋଇଥଲା । ସେବାୟତଙ୍କ ଅସୁବିଧା କଣ ରହିଛି ସେ ନେଇ ଅବଗତ ହେଲି। ଏହାର ସମାଧାନ ପାଇଁ ଆମ ସରକାର୍ ସଜାଗ ଅଛି। ଆଗକୁ ଥିବା ବାହୁଡ଼ା, ସୁନା ବେଶ୍ ଓ ନିଳାଦ୍ରୀ ବିଜେ ନୀତି ସୁରୁଖୁରୁରେ ହେବ ବୋଲି ମୋର ଆଶା ଅଛି । ସେବାୟତ ବନ୍ଧୁ ମାନେ ମହାପ୍ରଭୁଙ୍କ ସେବାକୁ ସୁରୁଖୁରୁରେ କରିବା ପାଇଁ ସବୁ ବେଳେ ପ୍ରସ୍ତୁତ ଅଛନ୍ତି। ଆଗାମୀ ରଥ ଯାତ୍ରାରେ କୌଣସି ଅଘଟଣ ନ ଘଟୁ ସେ ନେଇ ମୁଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଛି । ରଥଯାତ୍ରା ପାଇଁ ଯେଉଁ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି ତାଙ୍କ ଉପରେ ମୋର ବିଶ୍ୱାସ ରହିଛି। ସେମାନେ ମହାପ୍ରଭୁଙ୍କ ଜଣେ ସେବକ ହିସାବରେ କାର୍ଯ୍ୟ କରିବେ । ମହାପ୍ରଭୁଙ୍କ ରଥଯାତ୍ରା ଭଲରେ ଅନୁଷ୍ଠିତ ହେବ । ତେବେ ଶନିବାର ଓ ରବିବାର ଛୁଟି ଦିନ ଥିବାରୁ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା । ତେବେ ନିଶ୍ଚିତ ରୂପରେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ରହିଥିଲା । ଏଣୁ ଏଭଳି ଅଘଟଣ ଘଟିଲା । ତେବେ ଏଥିପାଇଁ କାର୍ଯ୍ୟନୁଷ୍ଠାନ ନିଆଯାଇଛି । ଘଟଣାର ତଦନ୍ତ ଚାଲିଛି । ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ମଧ ନିଆଯିବ । ଆଗାମୀ ଦିନରେ ଏଭଳି ଦୁଃଖଦ ଘଟଣା ଯେଭଳି ନ ଘଟେ ସେ ନେଇ ପଦକ୍ଷେପ ନିଆଯିବ । ତେବେ ଯେତେ ଭକ୍ତ ଆସିଲେ ବି ଭକ୍ତମାନେ କିଭଳି ଶୃଙ୍ଖଳିତ ଦର୍ଶନ ପାଇବେ ସେ ନେଇ ସବୁ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଅଛି । ଏ ନେଇ ଆଜି ବୈଠକରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା ହୋଇଛି । ଭିଡ଼ ନିୟନ୍ତ୍ରଣ ପାଇଁ ଏ ଆଇ କ୍ୟାମେରା ଲଗାଯାଇଛି । ମହାପ୍ରଭୁଙ୍କୁ ମୁଁ ପ୍ରାର୍ଥନା କରୁଛି ରଥଯାତ୍ରା ସୁରୁଖୁରୁରେ ସମାପନ ହେଉ । ଆଇନ ମନ୍ତ୍ରୀ କହିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ ସେବାୟତଙ୍କ ବିଭିନ୍ନ କଥା ରହିଥିଲା । ସେବାୟତ ସମାଜର ଉନ୍ନତି ପାଇଁ ବିଭିନ୍ନ ପ୍ରସଙ୍ଗ ଥିଲା। ସେ ନେଇ ଆଲୋଚନା ପାଇଁ ମତେ ସେବାୟତ ମାନେ ପ୍ରସ୍ତାବ ଦେଇଥିଲେ । ଏଣୁ ଆଜି ଏହି ବୈଠକ ପୁରୀ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଛି । ଶ୍ରୀମନ୍ଦିରରେ ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟ ରାଜ୍ୟ ସରକାର କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି । ସେବାୟତଙ୍କ ମତାମତ ନିଆଯାଇ ସବୁ କାର୍ଯ୍ୟ କରାଯିବ । ପ୍ରତି ତିନି ମାସରେ ଥରେ ଏଣିକି ଶ୍ରୀମନ୍ଦିର ଛତିଶା ନିଯୋଗର ବରିଷ୍ଠ ସେବାୟତଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ । ଶ୍ରୀମନ୍ଦିରର ବିଭିନ୍ନ ସମସ୍ୟା, ସେବାୟତଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇ ବିଭିନ୍ନ ପଦକ୍ଷେପ ନିଆଯିବ । ତେବେ ରଥଯାତ୍ରା ଦିନ କେତେକ ସେବାୟତଙ୍କୁ କେତେକ ଅଧିକାରୀ ଅନଧିକୃତ ସେବକ ଘୋଷଣା କରିବାକୁ ନେଇ ସେବାୟତଙ୍କ ଭିତରେ ଅସନ୍ତୋଷ ଥିଲା । ଯେଉଁ ମାନେ ୩୬୫ ଦିନ ମହାପ୍ରଭୁଙ୍କ ସେବାରେ ଅଛନ୍ତି ସେମାନେ ସବୁ ସେବାୟତ । ଏଭଳି ଅନଧିକୃତ ସେବକ ଘୋଷଣା ଠିକ୍ ନୁହେଁ । ଏହାକୁ ନେଇ ସେବାୟତ ମାନେ ଅସନ୍ତୁଷ୍ଟ ଥିବାରୁ ମୁଁ ସେମାନଙ୍କୁ କ୍ଷମା ମାଗୁଛି ।ରଥଯାତ୍ରା ଦିନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କେତେକ ସେବାୟତଙ୍କୁ ଅନାଧିକୃତ ସେବାୟତ କହି ରଥ ଉପରୁ କେତେକ ସେବାୟତଙ୍କୁ ତଳକୁ ଆଣିଥିଲେ । ଏହାର ପ୍ରତିବାଦ କରିଥିଲେ ସେବାୟତ । ପାଳିଆ ସେବାୟତଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅନଧିକୃତ ସେବକ କହିବା ଅଭିଯୋଗ ଠିକ୍ ନୁହେଁ । ରଥ ଉପରେ ଅଧିକ ଭିଡ ନ ହେବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏହି ପଦକ୍ଷେପ ନେଇଥିଲେ । ତେବେ ପ୍ରତ୍ୟେକ ସେବାୟତଙ୍କ ଅଧିକାର ରହିଛି ରଥ ଉପରେ ଚଢ଼ି ମହାପ୍ରଭୁଙ୍କୁ ଦର୍ଶନ କରିବେ । ତେବେ ରଥ ଉପରେ ଅଯଥା ଭିଡ ନକରିବାକୁ ସବୁ ସେବାୟତ ସହମତି ପ୍ରକାଶ କରିଛନ୍ତି । ତେବେ ଆଗାମୀ ବାହୁଡ଼ା, ସୁନାବେଶ କିଭଳି ଭଲରେ ଅନୁଷ୍ଠିତ ହୋଇପାରିବ ସମସ୍ତେ ଏକ ମନ ହୋଇ କାର୍ଯ୍ୟ କରିବାକୁ ମୁଁ ଅନୁରୋଧ କରିଛି ।ବରିଷ୍ଠ ସେବାୟତ କେଦାର ନାଥ ଖୁଣ୍ଟିଆ କହିଛନ୍ତି, 'ସେବାୟତ ମାନେ କିଭଳି ବାସଗୃହ ପାଇ ପାରିବେ ସେ ନେଇ ଆଲୋଚନା ହୋଇଛି । ଶ୍ରୀମନ୍ଦିର କର୍ପସ ଫଣ୍ଡ ବୃଦ୍ଧି, ମହାପ୍ରଭୁଙ୍କ ଜମିଜମା ସମସ୍ୟା ସମାଧାନ ଉପରେ ଆଲୋଚନା ହୋଇଥିଲା । ତେବେ ରଥ ଯାତ୍ରା ଦିନ କେତେକ ସେବାୟତଙ୍କୁ ରଥ ଉପରୁ ଅନଧିକୃତ୍ ସେବାୟତ କୁହାଯାଇ ରଥରୁ ଓହ୍ଲାଇ ଦିଆଯାଇଥିଲା । ଯାହାକୁ ନେଇ ସେବାୟତ ଅସନ୍ତୋଷ ପ୍ରକାଶ କରିଥିଲେ । ତେବେ ଏହି ବିବାଦ ସମାଧାନ ହୋଇଛି । ଆଗାମୀ ରଥଯାତ୍ରାର ସବୁ ନୀତିକାନ୍ତି ଶୃଙ୍ଖଳିତ ଢଙ୍ଗରେ ଆୟୋଜନ ନେଇ ସେବାୟତ ମାନେ ଏକ ମନ ହୋଇ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛି । ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡଃ ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ସୁରକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ସୁଚିନ୍ତିତ ମତାମତ ରଖିଥିଲେ ।ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓଁ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଉପାସନା ମହାପାତ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର,ଆରକ୍ଷୀ ମହା ନିର୍ଦ୍ଦେଶକ (ଅଗ୍ନିଶମ) ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ଆରକ୍ଷୀ ମହା ନିର୍ଦ୍ଦେଶକ ଦୟାଲ ଗଙ୍ଗୱାର ଓ ପୁରୀ ଏସପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ଚଞ୍ଚଳ ରାଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ।


OHPC
**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com (0663) 2460661,
Email-hpschiplima@yahoo.in, Fax No. (0663) 2460505

CAD-936

**No.CHEP/TW-184 (Part File)/2415** **Date: 30.06.2025**

**'e'-Procurement Notice**
**TENDER CALL NOTICE NO.CHEP-21/2025-26**

**Unit Head, CHEP, Chiplima invites percentage rate tenders in two parts** for the civil works mentioned below, from the 'D' & 'C' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Name of the Work | Estimated Cost / EMD | Cost of Tender Specification | Completion Period |
|---|---|---|---|
| Renovation of Suit No.5 & 6 of OHPC Guest House, CHEP, Chiplima. | Rs.13,19,360.00 / EMD = Rs.13,200.00 | Rs.7,080.00 (Rs.6,000.00+GST@18%) | 120 Days |

1. Availability of bids **ONLINE: from 11:00 AM of dtd.03.07.2025 up to 05:00 PM of dtd.16.07.2025.**
2. The date & time of opening of tender: **At 11:30 AM of dtd.17.07.2025.**

For further details and downloading of tender documents, Terms & Conditions, eligibility, corrigendum if any, please visit website https://tendersodisha.gov.in. **Sd/- Unit Head, CHEP, Chiplima**

**OIPR 04006/11/0094/2526**



**OFFICE OF THE BASUDEVPUR MUNICIPALITY, BHADRAK.**

No.- 2091 Date: - 30.06.2025

**E-Procurement Notice**
*BID Identification No.BM_TCN_01_2025-26*

C-604

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Civil Const works as mentioned in DTCN
2. No. of works : 103 nos.
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 05-07-2025(10am) to 11-07-2025
6. Last date and time for receipt : 11-07-2025 up to 5.00 pm
7. Bids received online shall be opened on : 14-07-2025 from 11 am onwards
8. Name and address of the Officer Inviting Bid : Executive Officer, Basudevpur Municipality

*Sd/-Executive Officer*
*Basudevpur Municipality*

**OIPR 13135/11/0018/2526**



**B-250**

e-mail ID - supenger_rbjyp@yahoo.co.in

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
**INVITATIONS FOR BIDS (IFB)**

**Bid Identification No. C.C.E.J.C (R&B) - 04/2025-26**

**No. 2397** **Date. 25.06.2025**

1. Nature of the work: **BUILDING WORKS**
2. Total No. of Works: 03 (Three) Nos.
3. Tender cost: Rs. **1.05 to 2.31 Crs.**
4. Period of completion: 05 (Five) to 09 (Nine) Calendar Months.
5. Cost of Bid Document: Rs. 10,000/-
6. Bid Security (EMD): Rs. **1.05 Lacs to 2.31 Lacs** as per column no. 06 of IFB.
7. Class of Contractor: "B" & "A" Class as per Cl no. 05 of TCN & according to Financial Eligibility.
8. Date & time of availability of bid Document in the portal: from 11.00 hours of 07.07.2025 to 17.00 hours of 21.07.2025
9. Last date / Time for receipt of bids in the Portal: 17.00 hours of 21.07.2025
10. Opening date of Bid: 10.00 hours of 22.07.2025
11. Name and address of the Officer Inviting Bid: - Chief Construction Engineer, Jeypore (R&B) Circle, Jeypore

**Further details can be seen from the e-procurement portal https://tendersodisha.gov.in**
**Any addendum / corrigendum / cancellation of tender can also be seen in the said website only.**

Sd/- Chief Construction Engineer
Jeypore *R&B) Circle, Jeypore

**OIPR 34108/11/0027/2526**



## OFFICE OF THE HEADMISTRESS KGBV BANDHAPARI

**BLOCK:-LANJIGARH DIST:-KALAHANDI**

Letter No- 178 Date-30.06.2025

**TENDER CALL NOTICE**

Office of the Head Mistress,KGBV,Bandhapari of Kalahandi Sealed tender are invited from the registered firms/Menufactures/ authorised dealer/Wholesaler/Govt Stores for supply of the items grocery,Cosmetics and Toilet Items,Reading & Writing Materials,Dress Materials,Electronics Items,Vegetable & non Veg items to KGBV,Bandhapari for the Financial Year 2025-26.

| Particulars | |
|---|---|
| | Kasturaba Gandhi Balika Vidyalaya,Bandhapari,Lanjigarh |
| Address | At/Po:- Bandhapari Block:-Lanjigarh |
| Cost of Tender paper | Rs 200/- |
| Last date and time of receiving tender | 15/07/2025 At 11.00A.M |
| Date & Time of opening of Tender | 16/07/2025 At 11.00 A.M |

For details visit District Web site www.kalahandi.nic.in/www.OSEPA.in

By order of BDO-cum-chairman
Sd/-Head Mistress
KGBV,Bandhapari



**B-253**

Mail ID: - sepwdbalangir@gmail.com

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**BALANGIR (R&B) CIRCLE: BALANGIR**
**e - Procurement Notice**
**BID IDENTIFICATION No: CCE(R&B) BGR/08/ 2025-26**

Letter No- 1299 // Dtd. 25.06.2025

The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"A" & "Special" Class** Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : Building work
2. No. of tender : Building work-2 Nos.
3. Tender Cost : Rs.10, 000/-
4. Class of Contractor : **"A" & "Special" Class**
5. Date & Time of sale & Receipt of Bids : From Dt. 08.07.2025, 05.00 P.M. to Dt. 22.07.2025 up to 05.00 P.M.
6. Date of opening Bid : Dt.23.07.2025 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

Sd/-Chief Construction Engineer,
Balangir (R&B) Circle, Balangir.

**OIPR 34131/11/0017/2526**



OFFICE OF THE PRINCIPAL / SECRETARY
**PRADOSH KUMAR SMRUTI SMARAKI DEGREE COLLEGE**
At/PO – H.Katapali, PS/Dist-Jharsuguda (Odisha)
*Affiliated to Sambalpur University, Odisha*
*Mob-9861434038 ,Email-pkssdgc@gmail.com*

Lt.No.................... Date .......

**TENDER QUOTATION CALL NOTICE**

Sealed quotation are invited for the supply of Desktop Computers, UPS, Printer, LED TV, Wireless MIC and internet connection from the interested registered firm/authorized dealers having IT and GST clearance. The sealed tender paper should reach the office of the undersigned on or before 09.07.2025 only through speed post / registered post / by hand or email and the tender will be opened on the same day at 4:30 p.m. on 09.07.2025.

For more details regarding the specification of the item and bidding procedure, please mail us pkssdgc@gmail.com.

Pradosh Degree College
H.Katapali, Jharsuguda



e-mail ID: rw_rayagada@yahoo.co.in

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION: RAYAGADA**

**O-361**

**E-Procurement Notice**
**Bid Identification No: EERWRGD – Online – 01/2025-26**

No- 2249 Date. 26.06.2025

1. Name of the Work : Construction of Building works for the year 2024-25.
2. Total No. of Works : 16 Nos (Percentage rate tender)
3. Estimated Cost : Varies from 31.13 lakhs to 86.70 lakhs
4. Class of Contractor : "C", "B"
5. Time of Completion : Specified in DTCN.
6. Mode of submission of tender : Tender should be submitted only in online https://www.tendersodisha.gov.in
7. Other details : Detailed tender condition specified in DTCN. **The intending tenderer (s) should have the joint venture agreement with the electric contractor for execution of electric works from Sl. No.- 3,6,13,14,15 & 16** Opening of the financial Bid for the work vide Sl. No.- 3,6,13,14,15& 16 will be intimated later

| Procurement Officer | Bid Identification No. | No. of works | Availability of Tender online for Bidding | | Date & Time of opening of tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Rayagada | EERWRGD Online – 01/2025-26 | 16 (Sixteen) Nos | 08.07.2025 at 11.00 A.M. | 19.07.2025 up to 5.00 P.M. | 21.07.2025 at 5.30 P.M. |

Further details can be seen from the website: www.tendersodisha.gov.in


Sd/-Executive Engineer
Rural Works Division
Rayagada

**OIPR 25072/11/0022/2526**



ନୂଆଦିଲ୍ଲୀ: ଇରାନ ଏବଂ ଇସ୍ରାଏଲ ଯୁଦ୍ଧ ସିନା ବନ୍ଦ, କିନ୍ତୁ ଯୁଦ୍ଧକ୍ଷେତ୍ର ଏବେ ଡିଜିଟାଲ୍ କ୍ଷେତ୍ରରେ ପରିଣତ ହୋଇଛି। ଏଥର ଇରାନର ହ୍ୟାକର୍ସମାନେ ଆମେରିକା ଏବଂ ଟ୍ରମ୍ପଙ୍କ ଦଳକୁ ଲିପ୍ତ କରାଇ ଏକ ଭିତରେ ଟାର୍ଗେଟ କରିଛନ୍ତି। ହ୍ୟାକର୍ସ ଟ୍ରମ୍ପଙ୍କ ଘନିଷ୍ଠ ପ୍ରାୟ ୧୦୦ ଜିବି ଇମେଲକୁ ଲିକ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଦାବି କରିଛି ଇରାନ-ସମର୍ଥିତ ହ୍ୟାକର୍ସ ଗ୍ରୁପ୍। ଫର୍ମସ ରିପୋର୍ଟ ଅନୁଯାୟୀ, ରବର୍ଟ ନାମରେ କାମ କରୁଥିବା ଏହି ହ୍ୟାକର୍ସ ଗୋଷ୍ଠୀ ୨୦୨୪ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ସମ୍ପୂର୍ଣ୍ଣ ଆସିଥିଲା। ସେତେବେଳେ ସେମାନେ ଟ୍ରମ୍ପଙ୍କ ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ଲୋକଙ୍କ ଇମେଲ ହ୍ୟାକ କରିଥିଲେ ଏବଂ କିଛି ଗଣମାଧ୍ୟମ ସଂଗଠନକୁ ମଧ୍ୟ ଲିକ୍ କରିଥିଲେ। ଯୁଦ୍ଧ ପରେ ଏବେ ଏହି ଗୋଷ୍ଠୀ ପୁଣି ସକ୍ରିୟ ହୋଇଯାଇଛି। ହ୍ୟାକର୍ସଙ୍କ ପାଖରେ ଟ୍ରମ୍ପଙ୍କ ଟିମ୍ ସହିତ ଜଡିତ କିଛି ଗୁରୁତ୍ୱପୂର୍ଣ୍ଣ ଲୋକଙ୍କ ଇମେଲର ସମ୍ପୂର୍ଣ୍ଣ ତଥ୍ୟ ଅଛି। ଏଥିରେ ହ୍ୱାଇଟ୍ ହାଉସ ଚିଫ୍ ଅଫ୍ ଷ୍ଟାଫ୍ ସୁଜି ୱାଇଲ୍ସ, ଟ୍ରମ୍ପଙ୍କ ଓକିଲ ଲିଣ୍ଡସେ ହାଲିଗାନ୍, ଟ୍ରମ୍ପଙ୍କ ପରାମର୍ଶଦାତା ରୋଜର ଷ୍ଟୋନଙ୍କ ନାମ ଅନ୍ତର୍ଭୁକ୍ତ।

## ଏସ୍‌ବିଆଇକୁ ୭୦ବର୍ଷ: ଶୁଭେଚ୍ଛା ଜଣାଇଲେ ଅର୍ଥମନ୍ତ୍ରୀ



ନୂଆଦିଲ୍ଲୀ: ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)କୁ ଆଜି ୭୦ ବର୍ଷ ପୂରିଛି। ଏହି ପୂର୍ତ୍ତି ଅବସରରେ ମଙ୍ଗଳବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ, ଶ୍ରୀମତୀ ସୀତାରମଣ କହିଛନ୍ତି ଯେ ୨୩ ହଜାରରୁ ଅଧିକ ଶାଖା, ୬୮ ହଜାର ଗ୍ରାହକ ସେବା ପଏଣ୍ଟ ଏବଂ ୬୪ ହଜାର ଏଟିଏମ ସହିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ସେବା ଅତ୍ୟନ୍ତ ଲୋକପ୍ରିୟ ଏବଂ ଏହା ପ୍ରତ୍ୟେକ ଭାରତୀୟଙ୍କ ବ୍ୟାଙ୍କ। ସେ ଆହୁରି କହିଛନ୍ତି ଯେ ଗତ ଦଶନ୍ଧିରେ ଏହା ହାସଲ କରିଥିବା ଡିଜିଟାଲ ପରିବର୍ତ୍ତନ ଏହାର ଗ୍ରାହକମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଛି। ଅର୍ଥମନ୍ତ୍ରୀ ରାଷ୍ଟ୍ର ନିର୍ମାଣରେ ବ୍ୟାଙ୍କର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଏସବିଆଇ ୧.୫ କୋଟି ଚାଷୀ, ମହିଳାଙ୍କ ନେତୃତ୍ୱରେ ୧.୩ କୋଟି ସ୍ୱୟଂ ସହାୟକ ଗୋଷ୍ଠୀ, ପିଏମ ସ୍ୱନିଧି ଯୋଜନା ଅଧୀନରେ ୩୨ ଲକ୍ଷ ରାସ୍ତାକଡ଼ ବିକ୍ରେତା, ୨୩ ଲକ୍ଷ ଏମଏସଏମଇ ଏବଂ ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ କାରିଗରଙ୍କୁ ସହାୟତା କରୁଛି। ସେ ଆହୁରି କହିଛନ୍ତି ଯେ ଷ୍ଟେଟ ବ୍ୟାଙ୍କର ୧୫ କୋଟିରୁ ଅଧିକ ଜନଧନ ଆକାଉଣ୍ଟ, ୧୪ କୋଟିରୁ ଅଧିକ ପିଏମ ସୁରକ୍ଷା ବୀମା ଯୋଜନା, ୧ କୋଟିରୁ ଅଧିକ ଅଟଳ ପେନସନ ଯୋଜନା ଏବଂ ୭ କୋଟି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ହିତାଧିକାରୀ ଅଛନ୍ତି।

## ନୂଆ ଦଳ ଗଢ଼ିଲେ ଏଲନ୍ ମସ୍କ



ୱାଶିଂଟନ: ଶିଳ୍ପପତି ଏଲନ ମସ୍କ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟର ତିକ୍ତତା ଆହୁରି ବଢ଼ିଯାଉଛି। ସମ୍ପର୍କ ଏତେ ଖରାପ ହୋଇଯାଇଛି ଯେ ମସ୍କଙ୍କୁ ତାଙ୍କ ମୂଳ ଦେଶ ଦକ୍ଷିଣ ଆଫ୍ରିକାକୁ ପ୍ରତ୍ୟାର୍ପଣ କରିବାକୁ ଧମକ ଦେଉଛନ୍ତି ଟ୍ରମ୍ପ। ଏହାର ଜବାବରେ ଏକ ନୂଆ ରାଜନୈତିକ ଦଳ ଗଠନ କରିବାକୁ ଘୋଷଣା କରିଛନ୍ତି ମସ୍କ। ଏହାର ନାଁ ହେବ 'ଆମେରିକା ପାର୍ଟି'। ମସ୍କ କହିଛନ୍ତି ଯେ ଯଦି ଡୋନାଲ୍ଡ ଟ୍ରମ୍ପଙ୍କ 'ୱାନ୍ ବିୟୁଟିଫୁଲ୍ ବିଲ୍' ଆମେରିକା ସଂସଦରେ ଗୃହୀତ ହୁଏ, ତେବେ ସେ ପରଦିନ ଏକ ନୂତନ ରାଜନୈତିକ ଦଳ ଗଠନ ପାଇଁ ଆନୁଷ୍ଠାନିକଭାବେ ଘୋଷଣା କରିବେ। ମସ୍କ କହିଛନ୍ତି ଯେ ଯଦି ଡୋନାଲ୍ଡ ଟ୍ରମ୍ପଙ୍କ 'ୱାନ୍ ବିୟୁଟିଫୁଲ୍ ବିଲ୍' ଆମେରିକା ସଂସଦରେ ଗୃହୀତ ହୁଏ, ତେବେ ସେ ପରଦିନ ଏକ ନୂତନ ରାଜନୈତିକ ଦଳ ଆନୁଷ୍ଠାନିକଭାବେ ଘୋଷଣା କରିବେ। ସେ ଟ୍ରମ୍ପଙ୍କ ବିଲକୁ ସମାଲୋଚନା କରିଛନ୍ତି ଏବଂ ଏହାକୁ ଋଣ ଏବଂ ଦାସତ୍ୱର ବିଲ୍ ବୋଲି କହିଛନ୍ତି। ବର୍ତ୍ତମାନ, ଡୋନାଲ୍ଡ ଟ୍ରମ୍ପଙ୍କ 'ୱାନ୍ ବିୟୁଟିଫୁଲ୍ ବିଲ୍' ଉପରେ ସିନେଟରେ ଆଲୋଚନା ହେଉଛି। ମସ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଛନ୍ତି ଯେ ଯଦି ଏହି ବିଲ୍ ଗୃହୀତ ହୁଏ, ତେବେ ସଂସଦର ପ୍ରତ୍ୟେକ ସଦସ୍ୟ ଲଜ୍ଜିତ ହେବା ଉଚିତ।

## ଜନ ଆନ୍ଦୋଳନ ପାଲଟିଛି ଡିଜିଟାଲ ଇଣ୍ଡିଆ : ମୋଦୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଡିଜିଟାଲ ଇଣ୍ଡିଆ ଏକ ଜନ ଆନ୍ଦୋଳନ ପାଲଟିଛି ଏବଂ ଏକ ଆତ୍ମନିର୍ଭର ଭାରତ ଗଠନ ଓ ଭାରତକୁ ବିଶ୍ୱର ଏକ ବିଶ୍ୱସ୍ତ ନବସୃଜନ ଅଂଶୀଦାର କରିବାରେ କେନ୍ଦ୍ରବିନ୍ଦୁ ପାଲଟିଛି। ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଦଶ ବର୍ଷ ପୂର୍ତ୍ତି ଅବସରରେ ଏକ ବ୍ଲଗରେ, ସେ କହିଛନ୍ତି ଯେ ଭାରତ ଡିଜିଟାଲ ଶାସନରୁ ବିଶ୍ୱ ଡିଜିଟାଲ ନେତୃତ୍ୱ ଆଡ଼କୁ ଗତି କରୁଛି। ଶ୍ରୀ ମୋଦୀ ଲେଖିଛନ୍ତି ଯେ ଦଶନ୍ଧି ଧରି ଭାରତୀୟମାନଙ୍କ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତା ଉପରେ ସନ୍ଦେହ କରାଯାଉଥିଲା, କିନ୍ତୁ ଏହି ମାନସିକତା ବଦଳି ଯାଇଛି। ସେହିପରି, ସେ ଉଲ୍ଲେଖ କରିଛନ୍ତି ଯେ ସେତେବେଳେ ଉଦ୍ଦେଶ୍ୟ ଠିକ୍ ଥାଏ, ନବସୃଜନ କମ୍ ସଶକ୍ତ ଲୋକଙ୍କୁ ସଶକ୍ତ କରିଥାଏ। ସେ କହିଛନ୍ତି ଯେ ଏହି ବିଶ୍ୱାସ, ଡିଜିଟାଲ ଇଣ୍ଡିଆ ସମସ୍ତଙ୍କ ଡିଜିଟାଲ ଭିତ୍ତିଭୂମି ନିର୍ମାଣ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାର ଏକ ମିଶନରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୪୨ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ ଫାଇବର କେବୁଲ୍, ଯାହା ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୧ ଗୁଣ ସମାନ, ଏବେ ସବୁଠାରୁ ଦୂରବର୍ତ୍ତୀ ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି। ଭାରତର ୫ଜି ରୋଲଆଉଟ ବିଶ୍ୱର ସବୁଠାରୁ ଦ୍ରୁତତମ, ମାତ୍ର ଦୁଇ ବର୍ଷ ମଧ୍ୟରେ ୪.୮୧ ଲକ୍ଷ ବେସ୍ ଷ୍ଟେସନ୍ ସ୍ଥାପନ ହୋଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ହାଇ-ସ୍ପିଡ୍ ଇଣ୍ଟରନେଟ୍ କେବଳ ସହରାଞ୍ଚଳ କେନ୍ଦ୍ରଗୁଡ଼ିକରେ ନୁହେଁ, ବରଂ ଗଲୱାନ୍, ସିଆଚେନ୍ ଏବଂ ଲଦାଖ ସମେତ ସାମରିକ ପୋଷ୍ଟଗୁଡ଼ିକରେ ମଧ୍ୟ ପହଞ୍ଚିଛି। ସେ କହିଛନ୍ତି ଯେ ଭାରତର ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଅଧୀନରେ ଆଧାର, କୋୱିନ୍, ଡିଜିଲକର, ଫାଷ୍ଟାଗ୍, ପିଏମ-ୱାନି, ୱାନ୍ ନେସନ୍ ୱାନ୍ ସବସ୍କ୍ରିପସନ୍ ଭଳି ପ୍ଲାଟଫର୍ମଗୁଡ଼ିକୁ ଏବେ ବିଶ୍ୱ ସ୍ତରରେ ଅଧ୍ୟୟନ ଏବଂ ଗ୍ରହଣ କରାଯାଉଛି। ସେ ଉଲ୍ଲେଖ କରିଥିଲେ ଯେ କୋୱିନ୍ ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନକୁ ସକ୍ଷମ କରିଛି, ଯାହା ୨୨୦ କୋଟିରୁ ଅଧିକ କ୍ୟୁଆର-ଯାଞ୍ଚଯୋଗ୍ୟ ପ୍ରମାଣପତ୍ର ପ୍ରଦାନ କରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଡିଜିଲକର ଏବେ ୫୪ କୋଟି ଉପଭୋକ୍ତାଙ୍କୁ ସେବା ପ୍ରଦାନ କରୁଛି ଏବଂ ୭୭୫ କୋଟିରୁ ଅଧିକ ଡକ୍ୟୁମେଣ୍ଟ ହୋଷ୍ଟ କରୁଛି। ଶ୍ରୀ ମୋଦୀ କହିଛନ୍ତି ଯେ ଭାରତ ବିଶ୍ୱ ସ୍ତରରେ ୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ସହିତ ଶ୍ରେଷ୍ଠ ତିନୋଟି ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ଉଭା ହୋଇଛି। ସେ ଏହି ଅଭିବୃଦ୍ଧିକୁ କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ, ବରଂ ଏକ ପ୍ରଯୁକ୍ତି ନବଜାଗରଣ ବୋଲି କହିଥିଲେ। ସେ ଭାରତର ଯୁବପିଢ଼ିଙ୍କ ମଧ୍ୟରେ କୃତ୍ରିମ ବୁଦ୍ଧିମତା ପ୍ରତିଭା ପ୍ରବେଶ ଏବଂ ଏଆଇ ଦକ୍ଷତା କେନ୍ଦ୍ରୀକରଣରେ ଶକ୍ତି ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

## ଯୁକ୍ତି-ସଂଯୁକ୍ତ ପ୍ରୋତ୍ସାହନ ଯୋଜନାକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

ନୂଆଦିଲ୍ଲୀ: କେନ୍ଦ୍ର କ୍ୟାବିନେଟ୍ ସମସ୍ତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ଏବଂ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ନିଯୁକ୍ତି-ସଂଯୁକ୍ତ ପ୍ରୋତ୍ସାହନ ଯୋଜନାକୁ ମଞ୍ଜୁରୀ ଦେଇଛି। ଆଜି ନୂଆଦିଲ୍ଲୀରେ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଏହି ଯୋଜନା ଅଧୀନରେ ପ୍ରଥମ ଥର ପାଇଁ କର୍ମଚାରୀମାନେ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଏକ ମାସର ମଜୁରୀ ପାଇବେ। ସେ କହିଛନ୍ତି ଯେ ନିଯୁକ୍ତିଦାତାମାନଙ୍କୁ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ଦୁଇ ବର୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ଦିଆଯିବ, ଉତ୍ପାଦନ କ୍ଷେତ୍ର ପାଇଁ ଆହୁରି ଦୁଇ ବର୍ଷ ପାଇଁ ଅତିରିକ୍ତ ଲାଭ ଦିଆଯିବ। ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ସରକାର ଅତି କମରେ ଛଅ ମାସ ପାଇଁ ସ୍ଥାୟୀ ନିଯୁକ୍ତି ସହିତ ପ୍ରତ୍ୟେକ ଅତିରିକ୍ତ କର୍ମଚାରୀଙ୍କ ପାଇଁ ନିଯୁକ୍ତିଦାତାମାନଙ୍କୁ ଦୁଇ ବର୍ଷ ପାଇଁ ପ୍ରତି ମାସରେ ତିନି ହଜାର ପର୍ଯ୍ୟନ୍ତ ପ୍ରୋତ୍ସାହନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ପାଞ୍ଚଟି ଯୋଜନାର ପ୍ୟାକେଜର ଅଂଶ ଭାବରେ ନିଯୁକ୍ତି-ସଂଯୁକ୍ତ ପ୍ରୋତ୍ସାହନ ଯୋଜନା ଘୋଷଣା କରାଯାଇଥିଲା ଯାହାର ମୋଟ ବଜେଟ୍ ଦୁଇ ଲକ୍ଷ କୋଟି ଟଙ୍କା। ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ କେନ୍ଦ୍ର କ୍ୟାବିନେଟ୍ ଏକ ଲକ୍ଷ କୋଟି ଟଙ୍କା କର୍ପସ ସହିତ ଗବେଷଣା ବିକାଶ ଏବଂ ନବସୃଜନ ଯୋଜନାକୁ ମଧ୍ୟ ମଞ୍ଜୁରୀ ଦେଇଛି। ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି ଯେ ଦେଶର କ୍ରୀଡ଼ା ଦୃଶ୍ୟପଟକୁ ପରିବର୍ତ୍ତନ କରିବା ଏବଂ ନାଗରିକମାନଙ୍କୁ କ୍ରୀଡ଼ା କାର୍ଯ୍ୟକଳାପ ସହିତ ସଶକ୍ତ କରିବା ପାଇଁ ଜାତୀୟ କ୍ରୀଡ଼ା ନୀତି ୨୦୨୫ ମଧ୍ୟ ଅନୁମୋଦନ କରାଯାଇଛି। ଶ୍ରୀ ବୈଷ୍ଣବ କହିଥିଲେ ଯେ କେନ୍ଦ୍ର କ୍ୟାବିନେଟ ତାମିଲନାଡୁରେ ଏକ ହଜାର ୮୫୩ କୋଟି ଟଙ୍କା ବ୍ୟୟରେ ଚାରି ଲେନ୍ ପରମାକୁଡ଼ି-ରାମନାଥପୁରମ ସେକ୍ସନ ନିର୍ମାଣ ପାଇଁ ମଧ୍ୟ ମଞ୍ଜୁରୀ ପ୍ରଦାନ କରିଛି। ଏହି ପ୍ରକଳ୍ପର ମୋଟ ଲମ୍ବ ୪୬.୭ କିଲୋମିଟର ହେବ ଏବଂ ଏହା ପ୍ରମୁଖ ଧାର୍ମିକ ଓ ଆର୍ଥିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରି ସୁଗମ ସଂଯୋଗୀକରଣ ପ୍ରଦାନ କରିବ ଓ ରାମେଶ୍ୱରମ୍ ଏବଂ ଧନୁଷକୋଡିକୁ ପର୍ଯ୍ୟଟନକୁ ବୃଦ୍ଧି କରିବ।

## ନେତାନ୍ୟାହୁ ଯିବେ ଆମେରିକା, ଟ୍ରମ୍ପଙ୍କ ସହ କରିବେ ଆଲୋଚନା

ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୭ ଜୁଲାଇରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ହ୍ୱାଇଟ୍ ହାଉସରେ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏନେଇ ହ୍ୱାଇଟ୍ ହାଉସ ପକ୍ଷରୁ ସ୍ପଷ୍ଟତା ମିଳିଛି। ଗାଜାରେ ଯୁଦ୍ଧବିରତି ଏବଂ ବନ୍ଧକଙ୍କ ମୁକ୍ତି ପାଇଁ ଟ୍ରମ୍ପ ତାଙ୍କର ପ୍ରୟାସକୁ ଜାରି ରଖିଛନ୍ତି। ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଫେରିବା ପରେ ନେତାନ୍ୟାହୁଙ୍କ ହ୍ୱାଇଟ୍ ହାଉସକୁ ଏହା ତୃତୀୟ ଗସ୍ତ ହେବ। ଏହି ବୈଠକରେ ଗାଜାରେ ଯୁଦ୍ଧବିରତି ଏବଂ ଇରାନର ଆଞ୍ଚଳିକ କାର୍ଯ୍ୟକଳାପ ଏବଂ ରାଜନୈତିକ ସମ୍ପର୍କ ଉପରେ ଗୁରୁତ୍ୱ ଦିଆଯିବ। ସୂଚନାନୁଯାୟୀ, ଟ୍ରମ୍ପ ଏବଂ ପ୍ରଶାସନିକ ଅଧିକାରୀମାନେ ଇସ୍ରାଏଲ ନେତୃତ୍ୱ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି।

## ପାରମ୍ପରିକ କଳା ଏବଂ ଶିଳ୍ପୀଙ୍କୁ ସଶକ୍ତ ପାଇଁ ଦିଆଯିବ ପ୍ରାଥମିକତା : ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର କହିଛନ୍ତି ଯେ, ଛତିଶଗଡର ପାରମ୍ପରିକ ଶିଳ୍ପୀ, ହସ୍ତଶିଳ୍ପୀ ଏବଂ ଶିଳ୍ପକଳାରେ ନିମଗ୍ନ ବ୍ୟକ୍ତିଙ୍କୁ ସଶକ୍ତ ପାଇଁ ମୋ ସରକାର ପ୍ରାଥମିକତା ଦେବ। ବିଶେଷ କରି ବୁଣାକାର, ଏମ୍ବ୍ରୋଡୋରୀ, ହସ୍ତଶିଳ୍ପ ଏବଂ ମାଟି ମୂର୍ତ୍ତି ଶିଳ୍ପୀଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ସାଏ କହିଥିଲେ। ଏକ ବୈଠକରେ ଶ୍ରୀ ସାଏ କହିଥିଲେ ଛତିଶଗଡ ସରକାରଙ୍କ ଗ୍ରାମୋଦ୍ୟୋଗ ବିଭାଗ ପକ୍ଷରୁ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେମାନଙ୍କ ପାଇଁ ଏକତା ମଲ୍ଲ ଖୋଲାଯିବ ଏବଂ ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ବିକ୍ରି ଓ ରପ୍ତାନି ପାଇଁ ମଧ୍ୟ ପଦକ୍ଷେପ ନିଆଯିବ। ଏହା ହେଲେ ସେମାନେ ଅନ୍ୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ସୁଯୋଗ ପାଇବେ। ଏହା ବ୍ୟତୀତ ସେମାନଙ୍କ ଉତ୍ପାଦନରେ ମଧ୍ୟ ବୃଦ୍ଧି ଘଟିବ। ସେ କହିଥିଲେ ସିଲ୍କ ବସ୍ତ୍ର ନିମନ୍ତେ ଆବଶ୍ୟକ ହେଉଥିବା କୋଷ ଗୁଡିକୁ କିପରି ସୁରକ୍ଷିତ ରଖାଯାଇପାରିବ ସେ ନେଇ ଶିଳ୍ପୀମାନଙ୍କୁ ତାଲିମ ମଧ୍ୟ ଦିଆଯିବ। ଯେଉଁ ଶିଳ୍ପୀମାନେ ଦୀର୍ଘଦିନ ଧରି ଏହିସବୁ ପାରମ୍ପରିକ କଳାରେ ନିମଗ୍ନ ରହିଛନ୍ତି ସେମାନଙ୍କୁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ଏଥିସହ ସେମାନଙ୍କ ବଜାର ସୃଷ୍ଟି ପାଇଁ ନୂତନ ପରିବେଶ ମଧ୍ୟ ଯୋଗାଇ ଦିଆଯିବ। ଏହି ବୈଠକରେ ଛତିଶଗଡର ମୁଖ୍ୟ ସଚିବ ଅମିତାଭ ଜୈନ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁବୋଧ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ସଚିବ ରାହୁଲ ଭଗତ ଏବଂ ଗ୍ରାମଦ୍ୟୋଗ ବିଭାଗ ସଚିବ ଶ୍ୟାମ ଧୱାଡେ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଜୁଲାଇ ମାସର ପ୍ରଥମ ଦିନରେ ଏଲପିଜି ସିଲିଣ୍ଡର ସମ୍ପର୍କରେ ଏକ ବଡ଼ ଘୋଷଣା କରାଯାଇଛି। ମଙ୍ଗଳବାର ୧ ଜୁଲାଇ ଠାରୁ ଏଲପିଜି ସିଲିଣ୍ଡରର ମୂଲ୍ୟରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। କମ୍ପାନିଗୁଡ଼ିକ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ୫୮.୫୦ ଟଙ୍କା ହ୍ରାସ କରିଛନ୍ତି। ତେବେ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ତୈଳ ବିପଣନ କମ୍ପାନିଗୁଡ଼ିକ ଦ୍ୱାରା ପ୍ରକାଶିତ ନୂତନ ଦର ତାଲିକା ଅନୁଯାୟୀ, ମଙ୍ଗଳବାର ଜୁଲାଇ ୧ ଠାରୁ ଦିଲ୍ଲୀରେ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ଖୁଚୁରା ବିକ୍ରୟ ମୂଲ୍ୟ ୧୭୨୩.୫୦ ଟଙ୍କା ପରିବର୍ତ୍ତେ ୧୬୬୫ ଟଙ୍କା ହେବ। ସେହିପରି ନୋଏଡାରେ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ୧୭୪୭.୫୦ ଟଙ୍କା ହେବ। କୋଲକାତାରେ ଏଲପିଜି ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୮୨୬ ଟଙ୍କା ପରିବର୍ତ୍ତେ ୧୭୬୯ ଟଙ୍କା ହେବ। ମୁମ୍ବାଇରେ ଏବେ ଏହା ୧୬୭୪.୫୦ ଟଙ୍କା ପରିବର୍ତ୍ତେ ୧୬୧୬ ଟଙ୍କାରେ ଉପଲବ୍ଧ ହେବ। ଚେନ୍ନାଇରେ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୮୨୩.୫୦ ଟଙ୍କା ପରିବର୍ତ୍ତେ ୧୮୮୧ ଟଙ୍କା ହେବ। ବାଣିଜ୍ୟିକ ସିଲିଣ୍ଡର ଶସ୍ତା ହେବା ଯୋଗୁ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଅନ୍ୟାନ୍ୟ ବ୍ୟବସାୟୀମାନଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି।

## ଆର୍ଥିକ ଇକୋସିଷ୍ଟମ ବୃଦ୍ଧି କଲା ସାହାନା

ନୂଆଦିଲ୍ଲୀ: ଅତ୍ୟାଧୁନିକ ଆଇଟି ସେବା ପରିଚାଳନା ସମାଧାନର ଏକ ବିଶିଷ୍ଟ ପ୍ରଦାନକାରୀ ସାହାନା ସିଷ୍ଟମ ଲିମିଟେଡ୍ ଥାଇଲାଣ୍ଡର ଆର୍ଥିକ ଇକୋସିଷ୍ଟମ ସମ୍ପର୍କରେ ଏହାର ରଣନୈତିକ ଯୋଗଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଆନୁଷ୍ଠାନିକ ଅଗ୍ରଗତି ଘୋଷଣା କରି ଆନନ୍ଦିତ । କଂପାନିକୁ ଅର୍ଥ ମନ୍ତ୍ରଣାଳୟ, ରୟାଲ ଥାଇ ସରକାରଙ୍କ ଠାରୁ ଏକ ଚିଠି ମିଳିଛି, ଯେଉଁଥିରେ ଆନୁଷ୍ଠାନିକ ଭାବରେ ଦେଶ ଭିତ୍ତିଭୂମିର ରଣନୈତିକ ଉନ୍ନତି ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ବ୍ୟାପକ ଅଗ୍ରଗତି ପାଇଁ ସାହାନାଙ୍କ ବିସ୍ତୃତ ପ୍ରସ୍ତାବକୁ ସ୍ୱୀକାର କରାଯାଇଛି। ସାହାନା ସିଷ୍ଟମ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରତୀକ କାକାଡିଆ କହିଛନ୍ତି, 'ରୟାଲ୍ ଥାଇ ସରକାରଙ୍କ ତରଫରୁ ଆଲୋଚନା ପାଇଁ ସରକାରୀ ସ୍ୱୀକୃତି ଓ ନିମନ୍ତ୍ରଣ ମିଳିଥିବାରୁ ଆମେ ବହୁତ ଖୁସି। ଏହି ସହଯୋଗ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ନୂତନ ମାର୍ଗ ସୃଷ୍ଟି କରିବାକୁ ପ୍ରସ୍ତୁତ । ଆମେ କେବଳ ଏକ ପ୍ରମୁଖ ବଜାର ମଧ୍ୟରେ ଆଶାଜନକ ନୂତନ ସମ୍ପର୍କ ଏବଂ ରଣନୈତିକ ସ୍ଥିତିର ଉନ୍ମୋଚନ ଆଶା କରୁନାହୁଁ, ବରଂ ଆମର ଦକ୍ଷତା ଏବଂ ପହଂଚକୁ ମଧ୍ୟ ଗଭୀର କରିବା ପାଇଁ ଚେଷ୍ଟା କରୁଛୁ। ଆମର ଦୀର୍ଘମିଆଦୀ ଉଦ୍ଦେଶ୍ୟକୁ ସାକାର କରିବା ଏବଂ ନିରନ୍ତର ମୂଲ୍ୟ ବୃଦ୍ଧି ଦିଗରେ ଏହି ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।'

## ଆଇସିଆଇସିଆଇ ପକ୍ଷରୁ ନୂତନ ପ୍ଲାନ୍ ଲଞ୍ଚ

ନୂଆଦିଲ୍ଲୀ: ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ପକ୍ଷରୁ ଆଇସିଆଇସିଆଇ ପ୍ରୁ ସ୍ମାର୍ଟ ଇନ୍ସୁରାନ୍ସ ପ୍ଲାନ ପ୍ଲସ ଲଞ୍ଚ କରାଯାଇଛି। ଏହା ହେଉଛି ଏକ ବଜାର ସଂଯୋଜିତ ଉତ୍ପାଦ ଯାହାକୁ ଗ୍ରାହକଙ୍କୁ ଦୀର୍ଘାବଧିରେ ସମ୍ପତି ନିର୍ମାଣ ପାଇଁ ସକ୍ଷମ କରିବା ଲାଗି ଡିଜାଇନ କରାଯାଇଛି। ଏହି ଉତ୍ପାଦକୁ ମାସିକ କେବଳ ୧୦୦୦ ଟଙ୍କାର ସର୍ବନିମ୍ନ ପ୍ରିମିୟମ ସହିତ କ୍ରୟ କରାଯାଇପାରିବ। ଏହି ଅବସରରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ମୁଖ୍ୟ ଉତ୍ପାଦ ଓ ବିତରଣ ଅଧିକାରୀ ଅମିତ ପାଲ୍‌ଟା କହିଛନ୍ତି, 'ଡିଜାଇନ ଦୃଷ୍ଟିରୁ ୟୁଲିପ୍ ଏକ ପ୍ରଭାବଶାଳୀ ସମ୍ପତି ସୃଷ୍ଟି ଟୁଲ୍ ଅଟେ ଏବଂ ଯୁବପିଢିଙ୍କୁ ଶୀଘ୍ର ନିବେଶ ଆରମ୍ଭ କରିବା ଓ ଦୀର୍ଘାବଧି ପାଇଁ ନିବେଶ ବଜାୟ ରଖିବା ପାଇଁ ପ୍ରୋତ୍ସାହିତ କରିବା ଲାଗି ଆମେ ଆଇସିଆଇସିଆଇ ପ୍ରୁ ସ୍ମାର୍ଟ ଇନ୍ସୁରାନ୍ସ ପ୍ଲାନ ପ୍ଲସ୍ ଲଂଚ କରିଛୁ। ଏହି ମୂଲ୍ୟ ସାପେକ୍ଷ ଓ ଟିକସ-ଦକ୍ଷ ଉତ୍ପାଦ ଯୁବପିଢିଙ୍କୁ ମାସିକ ସର୍ବନିମ୍ନ ୧୦୦୦ ଟଙ୍କାର ସୁଲଭ ନିବେଶ ସହିତ ଶୀଘ୍ର ଆରମ୍ଭ କରିବା ପାଇଁ ଅନୁମତି ଦେଉଛି। ଆମେ ଏକ ସମ୍ପୂର୍ଣ୍ଣ ଡିଜିଟାଲ କ୍ରୟ ଯାତ୍ରାକୁ ସକ୍ଷମ କରିଛୁ।' ଆଇସିଆଇସିଆଇ ପ୍ରୁ ସ୍ମାର୍ଟ ଇନ୍ସୁରାନ୍ସ ପ୍ଲାନ ପ୍ଲସ ଗ୍ରାହକଙ୍କୁ ଚୟନ କରିବା ପାଇଁ ୨୫ଟି ଫଣ୍ଡର ଏକ ଶୃଙ୍ଖଳା ଓ ୪ଟି ପୋର୍ଟଫୋଲିଓ ପ୍ରଦାନ କରୁଛି। ଏହାବ୍ୟତୀତ ଗ୍ରାହକମାନେ ବିନା କୌଣସି ମୂଲ୍ୟ କିମ୍ବା ଟିକସରେ ଗୋଟିଏ ଫଣ୍ଡରୁ ଅନ୍ୟ ଫଣ୍ଡକୁ ସ୍ୱିଚ୍ କରି ନିଜର ସମ୍ପତି ଆବଂଟନକୁ ସୁବ୍ୟବସ୍ଥିତ କରିପାରିବେ। ଶ୍ରୀ ପାଲ୍‌ଟା ଆହୁରି ମଧ୍ୟ କହିଛନ୍ତି, 'ଏହି ଉତ୍ପାଦର ଲଂଚ ଗ୍ରାହକଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରୁଥିବା ଉତ୍ପାଦଗୁଡିକୁ ବିକଶିତ କରିବା ଉପରେ ଆମର ଧ୍ୟାନକୁ ସୁଦୃଢ଼ କରିଛି। ଏହା ଏକ କଷ୍ଟ-ଇଫେକ୍ଟିଭ ଟୁଲ ଯାହା ଲୋକଙ୍କୁ ନମନୀୟତା, ସ୍ୱଚ୍ଛତା ଓ ମାନସିକ ଶାନ୍ତି ସହିତ ନିଜସ୍ୱ ସର୍ତରେ ନିଜ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ଲାଗି ସଶକ୍ତ କରିଥାଏ।'

## ପାଇନ୍ ଲ୍ୟାବ୍‌ସ ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ: ଡିଜିଟାଲ୍ ପେମେଣ୍ଟ, ମର୍ଚାଂଟ ସମାଧାନ, ଗ୍ରାହକ ବ୍ରାଣ୍ଡ୍ ଜରିଆରେ ବାଣିଜ୍ୟକୁ ଡିଜିଟାଇଜ୍ କରୁଥିବା ଅଗ୍ରଣୀ ପ୍ରଯୁକ୍ତି କମ୍ପାନି ପାଇନ୍ ଲ୍ୟାବ୍‌ସ ଲିମିଟେଡ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। କମ୍ପାନି ପକ୍ଷରୁ ୨୬୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର୍ ଫର୍ ସେଲ୍‌ରେ ୧୪୭,୮୨୨,୨୨୫ ଇକ୍ୱିଟି ସେୟାର ବିକ୍ରି କରାଯିବ। ୨୦୨୪ ଡିସେମ୍ବର ୩୧ ସୁଦ୍ଧା ଶେଷ ହୋଇଥିବା ୯ ମାସ ମଧ୍ୟରେ ପାଇନ୍ ଲ୍ୟାବ୍‌ସ ପକ୍ଷରୁ ଏହାର ପ୍ଲାଟଫର୍ମରେ ୩.୯୭ ବିଲିଅନ୍ କାରବାର ଏବଂ ୭୫୩୧.୦୫ ବିଲିଅନ୍ ଟଙ୍କାର କାରବାର ପ୍ରକ୍ରିୟାକରଣ କରାଯାଇଛି। ୨୦୨୪ ଡିସେମ୍ବର ୩୧ ସୁଦ୍ଧା କମ୍ପାନିର ୯୧୫,୭୩୧ ମର୍ଚାଂଟ୍, ୬୬୬ ଗ୍ରାହକ ବ୍ରାଣ୍ଡ୍ ଓ ସଂସ୍ଥା ଏବଂ ୧୬୪ ଆର୍ଥିକ ଅନୁଷ୍ଠାନ ରହିଛି, ଯେଉଁମାନେ ଶୀଘ୍ର, ସୁରକ୍ଷିତ ଓ ସହଜରେ କାରବାର କରିବା ଲାଗି ଏହାର ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି। କମ୍ପାନିର ଇକ୍ୱିଟି ସେୟାରକୁ ବିଏସ୍‌ଇ ଲିମିଟେଡ୍ ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେ ଅଫ୍ ଇଣ୍ଡିଆ ଲିମିଟେଡ୍‌ରେ ତାଲିକାଭୁକ୍ତ କରିବା ପ୍ରସ୍ତାବ ରହିଛି। ଏହି ଅଫର୍‌ର ବୁକ୍ ରନିଂ ଲିଡ୍ ମ୍ୟାନେଜରମାନେ ହେଉଛନ୍ତି ଆକ୍ସିସ୍ କ୍ୟାପିଟାଲ୍ ଲିମିଟେଡ୍, ମୋର୍ଗାନ୍ ଷ୍ଟାନ୍‌ଲି ଇଣ୍ଡିଆ କମ୍ପାନି ଲିମିଟେଡ୍, ସିଟିଗ୍ରୁପ୍ ଗ୍ଲୋବାଲ୍ ମାର୍କେଟ୍‌ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଜେ ପି ମୋର୍ଗାନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓ ଜେଫେରିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍।

## କ୍ରେଡିଲା ଫାଇନାନ୍ସିଆଲ୍ ପକ୍ଷରୁ ୟୁଡିଆର୍‌ଏଚ୍‌ପି-୧ ଦାଖଲ

ନୂଆଦିଲ୍ଲୀ: ଭାରତର ଶିକ୍ଷା ଫାଇନାନ୍ସ କମ୍ପାନି କ୍ରେଡିଲା ଫଶଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ୟୁଡିଆର୍‌ଏଚ୍‌ପି-୧ ଦାଖଲ କରାଯାଇଛି। କମ୍ପାନି ଇନିସିଆଲ୍ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ପାଣ୍ଠି ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ଏହି ଇସ୍ୟୁର ମୋଟ୍ ଆକାର ହେଉଛି ୫୦୦୦ କୋଟି ଟଙ୍କା, ଯେଉଁଥିରେ ୩୦୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର୍ ଫର୍ ସେଲ୍‌ରେ ୨୦୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅଫର୍ ଫର୍ ସେଲ୍‌ରେ କୋପଭୋମ୍ ବି ଭି ପକ୍ଷରୁ ୯୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ପକ୍ଷରୁ ୧୦୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଇକ୍ୱିଟି ସେୟାର ବିକ୍ରି କରାଯିବ। ଏହି କମ୍ପାନିକୁ ୨୦୦୬ରେ ସ୍ଥାପନ କରାଯାଇଥିଲା, ଯାହା ହେଉଛି ଏକ ଅଗ୍ରଣୀ ଶିକ୍ଷା ଫାଇନାନ୍ସ କମ୍ପାନି। ଏହି ଅଫର୍‌ରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ କମ୍ପାନିର ଭବିଷ୍ୟତ ପୁଞ୍ଜି ଆବଶ୍ୟକତା ପୂରଣ କରିବା ପାଇଁ ପୁଞ୍ଜି ଆଧାରକୁ ବଢ଼ାଇବାରେ ବ୍ୟବହାର କରାଯିବ। ବୁକ ରନିଂ ଲିଡ୍ ମ୍ୟାନେଜରଙ୍କ ସହଯୋଗରେ କମ୍ପାନି ପକ୍ଷରୁ ୬୦୦ କୋଟି ଟଙ୍କାର ଏକ ପ୍ରାକ୍ ଆଇପିଓ ପ୍ଲେସ୍‌ମେଂଟ୍ କରିବା ଯୋଜନା ରହିଛି। ତାହା ସଫଳ ହେଲେ ସେହି ଅନୁସାରେ ପ୍ରକୃତ ଇସ୍ୟୁର ଆକାର କମିଯିବ। କ୍ରେଡିଲା ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ ହେଉଛି ଭାରତରେ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବା ଦ୍ୱିତୀୟ ଦ୍ରୁତ ଅଭିବୃଦ୍ଧିଶୀଳ ଅଣ ବ୍ୟାଙ୍କିଙ୍ଗ ଫାଇନାନ୍ସ କମ୍ପାନି ଯାହା ୨୦୨୪ ଓ ୨୦୨୫ରେ ୪୭.୬୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ୪୧,୪୬୯ କୋଟି ଟଙ୍କାର ନିଟ୍ ଋଣ ସହିତ କମ୍ପାନି ହେଉଛି ଭାରତର ସର୍ବବୃହତ ଶିକ୍ଷା କୈନ୍ଦ୍ରୀକ ଅଣ ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନି।

## ଟିଭିଏସ୍ ଆପାଚି ଆର୍‌ଟିଆର ୧୬୦ ଉନ୍ମୋଚିତ



ନୂଆଦିଲ୍ଲୀ: ଦୁଇଚକିଆ ଓ ତିନିଚକିଆ ଯାନ କ୍ଷେତ୍ରର ଅଗ୍ରଣୀ ସଂସ୍ଥା ଟିଭିଏସ ମୋଟର କମ୍ପାନି ପକ୍ଷରୁ ୨୦୨୫ ଟିଭିଏସ ଆପାଚି ଆରଟିଆର ୧୬୦କୁ ଉନ୍ମୋଚନ କରାଯାଇଛି। ମୋଟରସାଇକଲର ଏହି ନୂଆ ଭର୍ସନ ବେଶ ବଳିଷ୍ଠ ହୋଇଥିବା ବେଳେ ଉନ୍ନତ ସୁରକ୍ଷା ପାଇଁ ଏଥିରେ ରହିଛି ଡୁଆଲ ଚ୍ୟାନେଲ ଏବିଏସ। ୨୦୨୫ ଟିଭିଏସ ଆପାଚି ଆରଟିଆର ୧୬୦କୁ ଓବିଡି୨ବି ନିୟମକୁ ପାଳନ କରି ପ୍ରସ୍ତୁତ କରାଯାଇଛି ଏବଂ ଏଥିରେ ବ୍ୟବହାର କରାଯାଇଥିବା ଡୁଆଲ ଚ୍ୟାନେଲ ଏବିଏସ ଉନ୍ନତ ସୁରକ୍ଷା ଓ ନିୟନ୍ତ୍ରଣ ପ୍ରଦାନ କରିବ। ଟିଭିଏସ ଆପାଚି ଆରଟିଆର ୧୬୦ ମୋଟରସାଇକଲ ୮୭୫୦ ଆରପିଏମରେ ୧୬.୦୪ ପିଏସ ଓ ୭୦୦୦ ଆରପିଏମରେ ୧୩.୮୫ ଏନଏମ ଟର୍କ ପ୍ରଦାନ କରୁଛି। ନିଜ ବର୍ଗରେ ଏହାର ଶକ୍ତିରୁ ଓଜନ ଅନୁପାତ ଅଗ୍ରରେ ରହିଛି। ସ୍ପୋର୍ଟ, ଅର୍ବାନ ଓ ରେନ ଭଳି ତିନିଟି ସ୍ୱତନ୍ତ୍ର ରାଇଡମୋଡରେ ଆସିଥିବା ଏହି ମୋଟରସାଇକଲରେ ଟିଭିଏସ ସ୍ମାର୍ଟଏକ୍ସ କନେକ୍ଟ ସହିତ ବ୍ଲୁ ଟୁଥ ଓ ଭଏସ ଆସିଷ୍ଟ ରହିଛି। ନୂଆ ଟିଭିଏସ ଆପାଚି ଆରଟିଆର ୧୬୦ ମ୍ୟାଟ ବ୍ଲାକ ସହ ପର୍ଲ ହ୍ୱାଇଟରେ ଲାଲ ଆଲୟ ହ୍ୱିଲରେ ଉପଲବ୍ଧ ହୋଇଛି। ଏହାର ଶୁଭାରମ୍ଭ ଅବସରରେ ଟିଭିଏସ ମୋଟର କମ୍ପାନିର ବ୍ୟବସାୟ ମୁଖ୍ୟ-ପ୍ରିମିୟମ ବିମଳ ସୁମ୍ବଲି କହିଛନ୍ତି ଯେ, 'ଟିଭିଏସ ଆପାଚି ଆରଟିଆର ୧୬୦ ନିଜ ବର୍ଗରେ ନିରନ୍ତର ଭାବେ ମାନଦଣ୍ଡ ବଢ଼ାଉଥିବା ବେଳେ ପ୍ରତି ପିଢ଼ିରେ ଉନ୍ନତ ହେବା ସହ ଆପାଚିର ରେସିଂ ଡିଏନଏର ମୂଳମନ୍ତ୍ରକୁ ଧରି ରଖିଛି। ରାଇଡ ମୋଡ, ସ୍ମାର୍ଟଏକ୍ସକନେକ୍ଟ ଭଳି ନିଜ ଶ୍ରେଣୀର ଅଗ୍ରଣୀ ସୁବିଧା ସହିତ ଭଏସ ଆସିଷ୍ଟ ଓ ଡୁଆଲ ଚ୍ୟାନେଲ ଏବିଏସ ଭଳି ନିଜ ବର୍ଗର ଅଗ୍ରଣୀ ସୁବିଧା ସହିତ ଚାଳକମାନେ ଏହି ମୋଟରସାଇକଲରୁ ଅନେକ କିଛି ଆଶା କରିପାରିବେ। ଟିଭିଏସ ଆପାଚି ଏକ ମେସିନଠାରୁ ଅଧିକ କିଛି। ଏହା ହେଉଛି ବିଶ୍ୱବ୍ୟାପୀ ୬ ନିୟୁତରୁ ଅଧିକ ଚାଳକଙ୍କ ଏକ ସମୁଦାୟ। ୨୦୨୫ ଟିଭିଏସ ଆପାଚି ଆରଟିଆର ୧୬୦ର ତୀକ୍ଷ୍ଣ ଡିଜାଇନ, ଉନ୍ନତ ପ୍ରଯୁକ୍ତି ଓ ଏକ ବାସ୍ତବ ରୋମାଂଚକ ଚାଳନା ପାଇଁ ଟ୍ରାକରୁ ଅନୁପ୍ରାଣିତ ଇଞ୍ଜିନିୟରିଂର ପରମ୍ପରା ଉପରେ ଗଠିତ।' ସାରା ଭାରତରେ ଥିବା ଟିଭିଏସ ମୋଟର କମ୍ପାନିର ଡିଲରସିପଗୁଡ଼ିକରେ ୧,୩୪,୩୨୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ୨୦୨୫ ଟିଭିଏସ ଆପାଚି ଆରଟିଆର ୧୬୦ ଉପଲବ୍ଧ ହେବ।

## ଭି ପକ୍ଷରୁ ଗ୍ରାହକଙ୍କ ପାଇଁ ଗ୍ୟାରେଣ୍ଟି ଘୋଷଣା

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ଟେଲିକମ୍ ଅପରେଟର ଭି ପକ୍ଷରୁ ଏହାର ୨ଜି ହ୍ୟାଣ୍ଡସେଟ୍ ଗ୍ରାହକମାନଙ୍କ ଲାଗି ଭି ଗ୍ୟାରେଂଟି କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଗ୍ରାହକମାନଙ୍କୁ ୧୨ ମାସ ମଧ୍ୟରେ ୨୪ ଦିନର ଅତିରିକ୍ତ ବୈଧତା ମିଳିବ। ୧୯୯ କିମ୍ବା ତା'ଠାରୁ ଅଧିକ ମୂଲ୍ୟର ପ୍ରତି ଅସୀମିତ ଭଏସ୍ ରିଚାର୍ଜ ସହିତ ୨ ଦିନର ଅତିରିକ୍ତ ବୈଧତା ମିଳିବ। ଭିଗ୍ୟାରେଣ୍ଟି ସହିତ ଗ୍ରାହକମାନେ ସାଧାରଣତଃ ୨୮ ଦିନିଆ ବଦଳରେ ଏବେ ୩୦ ଦିନିଆ ସେବା ବୈଧତା ପାଇ ପାରିବେ, ଯାହା ଗ୍ରାହକମାନଙ୍କୁ ମାସରେ ଗୋଟିଏ ରିଚାର୍ଜ କରିବାକୁ ସକ୍ଷମ କରିବ। ୨୮ ଦିନରୁ ଅଧିକ ଦିନର ବୈଧତା ଥିବା ପ୍ଲାନ୍ ରିଚାର୍ଜ କରିବା ବେଳେ ମଧ୍ୟ ଅତିରିକ୍ତ ଦୁଇଦିନର ବୈଧତା ରିଚାର୍ଜଚକ୍ରରେ ଥିବା ଅନ୍ତର ଦୂର କରିବାରେ ସହାୟକ ହେବା ସହ ଶ୍ରେଷ୍ଠ ସୁବିଧା ଓ ନିରବଚ୍ଛିନ୍ନ ସେବା ସୁନିଶ୍ଚିତ କରିପାରିବ। ଭିଗ୍ୟାରେଣ୍ଟି କାର୍ଯ୍ୟକ୍ରମର ଲାଭ କେବଳ ସେହି ପ୍ରିପେଡ୍ ଗ୍ରାହକମାନଙ୍କୁ ମିଳିବ ଯେଉଁମାନେ ୨ଜି ହାଣ୍ଡସେଟ୍ ବ୍ୟବହାର କରୁଛନ୍ତି ଏବଂ ୧୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ଅସୀମିତ ଭଏସ୍ ପ୍ୟାକ୍ ରିଚାର୍ଜ କରୁଛନ୍ତି। ୧୯୯ ଟଙ୍କିଆ ପ୍ୟାକ୍‌ରେ ଅସୀମିତ କଲ୍, ୩ ଜିବି ଡାଟା ଓ ୩୦୦ ଏସ୍‌ଏମ୍‌ଏସ୍ ମିଳୁଥିବାବେଳେ ୨୦୯ ଟଙ୍କିଆ ପ୍ୟାକ୍‌ରେ ଅସୀମିତ କଲ୍, ୩ ଜିବି ଡାଟା, ୩୦୦ ଏସ୍‌ଏମ୍‌ଏସ୍ ଓ କଲରଟ୍ୟୁନ୍ ସୁବିଧା ମିଳୁଛି। ଉଭୟ ପ୍ୟାକ୍‌ରେ ୨ ଦିନର ଅତିରିକ୍ତ ବୈଧତା ମିଳିବ। ଗତବର୍ଷ ୪ଜି ଓ ୫ଜି ଗ୍ରାହକମାନଙ୍କ ଲାଗି ଭି ଗ୍ୟାରେଂଟି ପ୍ରୋଗ୍ରାମ ଆରମ୍ଭ କରଯାଇଥିଲା।

## ଜିଓଫାଇବର ଓ ଜିଓଏୟାରଫାଇବର ମାଇଲଖୁଣ୍ଟ ହାସଲ

ନୂଆଦିଲ୍ଲୀ: ଓଡ଼ିଶାରେ ଏହାର ଜୟ ଯାତ୍ରାରେ ଆଉ ଏକ ନୂତନ ଅଧ୍ୟାୟ ଯୋଡିବା ସହିତ ରିଲାଏନ୍ସ ଜିଓ ରାଜ୍ୟରେ ୫ ଲକ୍ଷରୁ ଅଧିକ ଜିଓଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ହାସଲର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ଜିଓ ଓଡ଼ିଶାରେ ଏହି ମାଇଲଖୁଣ୍ଟ ହାସଲ କରିବାରେ ପ୍ରଥମ ଏବଂ ଏକମାତ୍ର ସେବା ପ୍ରଦାନକାରୀ ହୋଇଛି। ଭାରତୀୟ ଦୂରସଂଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ୩୧ ମେ, ୨୦୨୫ ସୁଦ୍ଧା ଓଡ଼ିଶାରେ ରିଲାଏନ୍ସ ଜିଓର ୩.୨୭ ଲକ୍ଷରୁ ଅଧିକ ଜିଓଫାଇବର ଏବଂ ୧.୮ ଲକ୍ଷରୁ ଅଧିକ ଜିଓଏୟାରଫାଇବର ଗ୍ରାହକ ରହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜିଓ ମେ ମାସରେ ସାରା ଭାରତରେ ୯.୯ ଲକ୍ଷ ନୂତନ ଜିଓଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକ ଯୋଡିଥିଲା। ମେ ମାସରେ ଓଡ଼ିଶାରେ ୱାୟାରଲାଇନ୍ ଓ ଏଫଡବ୍ଲୁଏ କ୍ଷେତ୍ରରେ ମୋଟ ନୂତନ ଗ୍ରାହକଙ୍କ ମଧ୍ୟରୁ କେବଳ ଜିଓ ୭୫ ପ୍ରତିଶତରୁ ଅଧିକ ଗ୍ରାହକ ଯୋଡିଛି। ୱାୟାରଲାଇନ୍ କ୍ଷେତ୍ରରେ, ଜିଓର ସର୍ବାଧିକ ୩.୨୭ ଲକ୍ଷରୁ ଅଧିକ ଗ୍ରାହକ ଅଛନ୍ତି, ଯାହା ନିକଟତମ ପ୍ରତିଯୋଗୀ କମ୍ପାନୀ ତୁଳନାରେ ଦୁଇଗୁଣ ଅଧିକ। ସେହିପରି, ଏଫଡବ୍ଲୁଏ କ୍ଷେତ୍ରରେ ପ୍ରାଧାନ୍ୟ ବଜାୟ ରଖି ଜିଓଏୟାରଫାଇବର ୮୪ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଥିବା ବେଳେ ଏହାର ୧.୮ ଲକ୍ଷରୁ ଅଧିକ ଗ୍ରାହକ ରହିଛନ୍ତି, ଯାହା ନିକଟତମ ପ୍ରତିଯୋଗୀଙ୍କ ଗ୍ରାହକ ସଂଖ୍ୟାର ପାଞ୍ଚ ଗୁଣ ରହିଛି। ତଥ୍ୟ ଅନୁଯାୟୀ, ଜିଓ ୨୦୨୫ ମେ ମାସରେ ଓଡ଼ିଶାରେ ୩୪,୦୦୦ ରୁ ଅଧିକ ନୂତନ ଜିଓଫାଇବର ଏବଂ ଜିଓଏୟାରଫାଇବର ଗ୍ରାହକ ଯୋଡିଛି। ଏହି ମାସରେ ଓଡ଼ିଶାରେ ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ କ୍ଷେତ୍ରରେ ମୋଟ ୪୫,୫୯୩ ଗ୍ରାହକ ଯୋଡି ହୋଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ଜିଓର ଲୋକପ୍ରିୟ ଏଫଡବ୍ଲୁଏ ସେବା ଜିଓଏୟାରଫାଇବର ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତିକରଣକୁ ଆଗକୁ ବଢ଼ାଉଛି। ବିଶେଷକରି ଗ୍ରାମୀଣ ଏବଂ ସହର ଉପକଣ୍ଠ ଅଂଚଳରେ ଏହା ଶେଷ ମାଇଲ୍ ଫାଇବର ସଂଯୋଗର ସମସ୍ୟାକୁ ଦୂର କରି ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ସଂଯୋଗ କରିଥାଏ ଯାହା ପୂର୍ବରୁ ସେମାନଙ୍କର ପରିସରରେ ଅପ୍ଟିକାଲ୍ ଫାଇବର ବିସ୍ତାର କରିବାରେ ଜଟିଳତା ଯୋଗୁଁ ଗୁଣାତ୍ମକ ଗୃହ ମନୋରନ ଏବଂ ବ୍ରଡବ୍ୟାଣ୍ଡର ସୁବିଧା ପାଇନଥିଲା। ଏହା ସହଜ ଉପଲବ୍ଧତା ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣକୁ ପୁନଃପରିଭାଷିତ କରି ଛାତ୍ରଛାତ୍ରୀ, ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାର ସମେତ ଲକ୍ଷ ଲକ୍ଷ ଲୋକଙ୍କୁ ସଶକ୍ତ କରିଛି, ଯେଉଁମାନେ ୮୦୦ ରୁ ଅଧିକ ଟିଭି ଚ୍ୟାନେଲ୍, ୧୧ ରୁ ଅଧିକ ଲୋକପ୍ରିୟ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ କିଛି ନିରବଚ୍ଛିନ୍ନ ଭାବେ ଉପଭୋଗ କରୁଛନ୍ତି।




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଇଫଲ୍ ସଂଘ ଆନୁକୁଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ୍ ପରିସରରେ ଆୟୋଜିତ ଦ୍ୱିତୀୟ ରାଜ୍ୟ ଓପନ୍ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ୪ ଦିନିଆ ପ୍ରତିଯୋଗିତାର ପ୍ରଥମ ଦୁଇ ଦିନ କଳିଙ୍ଗ ଷ୍ଟାଡିୟମ୍ ୫୦ ମିଟର ସୁଟିଙ୍ଗ ରେଞ୍ଜରେ ଏବଂ ପରବର୍ତ୍ତୀ ଦୁଇଦିନ ଉତ୍କଳ କରାଟେ ସ୍କୁଲ ୧୦ ମିଟର ସୁଟିଙ୍ଗ ରେଞ୍ଜ୍‌ରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ଯଥା -୨୨ ରାଇଫଲ୍, ୨୨ ପିସ୍ତଲ୍, ୩୨ ପିସ୍ତଲ୍, ୧୦ ମିଟର ଏୟାର ରାଇଫଲ୍, ଏୟାର ପିସ୍ତଲ୍‌ରେ ସାରା ରାଜ୍ୟରୁ ପ୍ରାୟ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ରଞ୍ଜନ ମହାନ୍ତି, ରୋମିଓକାନ୍ତ ନନ୍ଦ ଓ ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ରାଇଫଲ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ସଭାପତି ଗୋରୀ ମହାନ୍ତି ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ବଳଭଦ୍ର ଦାସ, ଆଶିଷ ନାୟକ, ସୋନୁ କୁମାର ପଣ୍ଡା ଓ ସତ୍ୟଜିତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ବେଙ୍ଗାଲୁରୁ ଦଳାଚକଟା ପାଇଁ ଆର୍‌ସିବି ଦାୟୀ: ସିଏଟି




ବେଙ୍ଗାଲୁରୁ: ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ (ସିଏଟି) ପକ୍ଷରୁ କୁହାଯାଇଛି ଯେ, ଜୁନ ୪ ତାରିଖରେ ବେଙ୍ଗାଲୁରୁରେ ହୋଇଥିବା ଷ୍ଟାମ୍ପେଡ୍‌ରେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦାୟୀ, ଯେଉଁଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଥିଲେ। ଟ୍ରିବ୍ୟୁନାଲ କହିଛି ଯେ, ପୁଲିସ ବି ମଣିଷ। ୧୨ଘଣ୍ଟା ଭିତରେ ସବୁ ବ୍ୟବସ୍ଥା କରିବା ସମ୍ଭବ ନୁହେଁ। କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ୍ କହିଛି ଯେ, ଆରସିବି ବିଜୟ ଉତ୍ସବ ନିମନ୍ତ୍ରଣପତ୍ର ସୋସିଆଲ ମିଡିଆରେ ପୋଷ୍ଟ କରିଥିଲା। ଏହାଦ୍ୱାରା ଲୋକଙ୍କ ପାଖରେ ସୂଚନା ପହଞ୍ଚିବାରୁ ଲକ୍ଷ ଲକ୍ଷ ଲୋକେ ଷ୍ଟାଡିୟମ ବାହାରେ ଭିଡ଼ ଜମାଇଥିଲେ। ପ୍ରାଥମିକ ଭାବେ ଦେଖାଯାଉଛି ଯେ ଆରସିବି ପାଖାପାଖି ୩ରୁ ୫ ଲକ୍ଷ ଲୋକଙ୍କ ଭିଡ଼ ପାଇଁ ଦାୟୀ। ଆରସିବି ପୋଲିସଙ୍କଠାରୁ ଉଚିତ ଅନୁମତି ନେଇ ନଥିଲେ। ହଠାତ୍ ସୋସିଆଲ ମିଡିଆରେ ପୋଷ୍ଟ କରିବା ଫଳରେ ଏତେ ସଂଖ୍ୟକ ଲୋକ ଜମା ହୋଇଥିଲେ। ଆରସିବିର ଆଇପିଏଲ ବିଜୟ ପରେ ଜୁନ ୪ରେ ବିଜୟ ପରେଡ ଘୋଷଣା କରାଯାଇଥିଲା। ଯାହା ଏହି ସମସ୍ୟା ସୃଷ୍ଟି କରିଛି ବୋଲି ଟ୍ରିବ୍ୟୁନାଲ ଅଭିହିତ କରିଛି। ଏହା ଉଲ୍ଲେଖ କରିଛି, ହଠାତ୍ ଆରସିବି ବିନା ଅନୁମତିରେ ଏଭଳି ଘୋଷଣା ସମସ୍ୟା ସୃଷ୍ଟି କରିଥିଲେ। ପୋଲିସଙ୍କୁ ୧୨ ଘଣ୍ଟା ଭଳି କମ ସମୟ ମଧ୍ୟରେ ସମସ୍ତ ବ୍ୟବସ୍ଥା କରିବା ଆଶା କରାଯାଇ ପାରେ ନାହିଁ। ଟ୍ରିବ୍ୟୁନାଲ ପୋଲିସଙ୍କ ସମପକ୍ଷରେ ମତ ପୋଷଣ କରି କହିଛି ଯେ, ପୋଲିସ ମଣିଷ ଅଟନ୍ତି, ସେମାନେ ଭଗବାନ ନୁହନ୍ତି। ଜୁନ ୩ ଓ ୪ ତାରିଖ ରାତିରେ ବହୁ ସଂଖ୍ୟାରେ ଲୋକ ଜମା ହୋଇଥିଲେ ଏବଂ ଏକକାଳୀନ ଭାବେ ବିଧାନ ସୌଧାରେ ରାଜ୍ୟ ସରକାରଙ୍କ ଏକ କାର୍ଯ୍ୟକ୍ରମ ହୋଇଥିଲା, ଯାହା ପୋଲିସଙ୍କୁ ଆହୁରି ଚାପଗ୍ରସ୍ତ କରିଥିଲା। ଟ୍ରିବ୍ୟୁନାଲ କହିଛି ଯେ ଏତେ ବଡ଼ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୂର୍ବ ସୂଚନା ଓ ଯଥେଷ୍ଟ ସମୟ ଆବଶ୍ୟକ, ଯାହା ଏହି ମାମଲାରେ ଦିଆଯାଇ ନଥିଲା। କେନ୍ଦ୍ର ସରକାର ବେଙ୍ଗାଲୁରୁ ଷ୍ଟାଡିୟମରେ ଦଳାଚକଟା ଘଟଣାରେ ଆଇପିଏସ୍ ଅଧିକାରୀ ବିକାଶ କୁମାର ବିକାଶଙ୍କ ନିଲମ୍ବନକୁ ଅନୁମୋଦନ କରିବାର ଦୁଇ ଦିନ ପରେ କେନ୍ଦ୍ରୀୟ ଟ୍ରିବ୍ୟୁନାଲ୍ ତାଙ୍କ ନିଲମ୍ବନକୁ ଖାରଜ କରିଛନ୍ତି। ଟ୍ରିବ୍ୟୁନାଲ୍ ତାଙ୍କ ନିଲମ୍ବନକୁ ଖାରଜ କରି କହିଛି ଯେ, ଆଇପିଏସ୍ ଅଧିକାରୀଙ୍କର ସଂକ୍ଷିପ୍ତ ନିଲମ୍ବନ ଅବଧିକୁ ସେବା ଅବଧି ଭାବରେ ଗଣନା କରାଯିବା ଉଚିତ। ଟ୍ରିବ୍ୟୁନାଲ୍ କର୍ଣ୍ଣାଟକ ସରକାରଙ୍କୁ ଅନ୍ୟ ଦୁଇ ଅଧିକାରୀ, ବି ଦୟାନନ୍ଦ (ଯିଏ ବେଙ୍ଗାଲୁରୁ ପୁଲିସ କମିଶନର ଥିଲେ) ଏବଂ ଶେଖର ଏଚ୍ ଟେକ୍କନ୍ନଭର (ଯିଏ ପୁଲିସ ଡେପୁଟି କମିଶନର ଥିଲେ)ଙ୍କ ନିଲମ୍ବନକୁ ପ୍ରତ୍ୟାହାର କରିବା ନେଇ ବିଚାର କରିବାକୁ ପରାମର୍ଶ ଦେଇଛି। ଟ୍ରିବ୍ୟୁନାଲ କହିଛି ଯେ, 'ଯଥେଷ୍ଟ ପ୍ରମାଣ ନଥାଇ ବି ପୁଲିସ ଅଧିକାରୀମାନଙ୍କୁ ନିଲମ୍ବିତ କରିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନିଲମ୍ବନ ପାଇଁ ଆଦେଶ ଦେବା ସମୟରେ, ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ତ୍ରୁଟି କିମ୍ବା ଅବହେଳା ଦର୍ଶାଉଥିବା ଭଳି କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ନଥିଲା।'

# ସିଏସ୍‌କେ ଅଧିନାୟକ ହେବେ ସଞ୍ଜୁ ସାମସନ୍!




ନୂଆଦିଲ୍ଲୀ: ଚର୍ଚ୍ଚାରେ ଭାରତୀୟ ଦଳର ୱିକେଟକିପର-ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ। ଅନ୍ତର୍ଜାତୀୟ କ୍ରିକେଟ ସହିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ମଧ୍ୟ ନିଜର ଛାପ ଛାଡ଼ିଥିବା ଏହି କ୍ରିକେଟରଙ୍କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ସେ ଆଇପିଏଲ୍ ୨୦୨୬ ରେ ଏକ ନୂତନ ଦଳ ପାଇଁ ଖେଳିବେ ବୋଲି କୁହାଯାଉଛି। ଚେନ୍ନାଇ ସୁପର କିଙ୍ଗସ(ସିଏସ୍‌କେ) ତାଙ୍କୁ ଦଳରେ ସାମିଲ କରିପାରେ। ଫ୍ରାଞ୍ଚାଇଜର ବରିଷ୍ଠ ଅଧିକାରୀ ନିଜେ ଏହା ନିଶ୍ଚିତ କରିଛନ୍ତି। ଖବର ଅଛି ଯେ ସଞ୍ଜୁ ଚେନ୍ନାଇର ପରବର୍ତ୍ତୀ ଅଧିନାୟକ ମଧ୍ୟ ହୋଇପାରନ୍ତି। ସିଏସକେର ଜଣେ ବରିଷ୍ଠ ଅଧିକାରୀ କ୍ରିକବଜକୁ କହିଛନ୍ତି, ଆମେ ନିଶ୍ଚିତ ଭାବରେ ସଞ୍ଜୁ ସାମସନଙ୍କୁ ଦଳରେ ସାମିଲ କରିବା ଉପରେ ବିଚାର କରୁଛୁ। ସେ ଓପନିଂ ଏବଂ ୱିକେଟକିପର ଦାୟିତ୍ୱ ଭଲ ଭାବରେ ତୁଲାଇ ପାରନ୍ତି। ଯଦି ସଞ୍ଜୁ ଉପଲବ୍ଧ ହୁଅନ୍ତି, ତେବେ ଆମେ ନିଶ୍ଚିତ ଭାବରେ ତାଙ୍କୁ ଆମ ଦଳରେ ସାମିଲ କରିବାକୁ ଚାହିଁବୁ। ଆମେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହୁଁ ଯେ ତାଙ୍କ ସହିତ କିଏ ଟ୍ରେଡ୍ କରିବ । କାରଣ ମାମଲା ସେହି ସ୍ତରକୁ ଯାଇନାହିଁ। କିନ୍ତୁ ଆମେ ତାଙ୍କୁ ଆମ ଦଳରେ ସାମିଲ କରିବାକୁ ଚାହୁଁଛୁ। ଆଇପିଏଲ୍ ୨୦୨୫ରେ ସଞ୍ଜୁ ସାମସନଙ୍କ ପ୍ରଦର୍ଶନ ଏତେ ଭଲ ନଥିଲା ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟ ପ୍ଲେଅଫରେ ସ୍ଥାନ ପାଇପାରି ନ ଥିଲା। ସଞ୍ଜୁ ଆଇପିଏଲ୍ ୨୦୨୫ରେ ୯ଟି ମ୍ୟାଚ୍‌ରେ ୩୫.୬୩ ଆଭରେଜରେ କେବଳ ୨୮୫ ରନ କରିଥିଲେ, ଯେଉଁଥିରେ ଏକ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ ଥିଲା। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ୬୬ ରନ ଥିଲା। ଚେନ୍ନାଇ ସୁପର କିଙ୍ଗ୍ସ ବିଷୟରେ କହିବାକୁ ଗଲେ, ଦଳ ଓଟଖର ଏହି ସିଜନରେ ସବୁଠାରୁ ନିମ୍ନ ର୍‍ୟାଙ୍କିଂରେ ଥିଲା। ତେବେ ସଞ୍ଜୁ ସାମସନଙ୍କର ଆଇପିଏଲ୍‌ରେ ଖେଳିବାର ବହୁତ ଅଭିଜ୍ଞତା ଅଛି। ସେ ଆଇପିଏଲ୍‌ରେ ୧୭୭ ମ୍ୟାଚ୍‌ରେ ୧୩୯.୦୫ ଷ୍ଟ୍ରାଇକ ରେଟ୍‌ରେ ୪୭୦୪ ରନ କରିଛନ୍ତି। ତାଙ୍କ ନାମରେ ତିନୋଟି ଶତକ ମଧ୍ୟ ଅଛି। ସଞ୍ଜୁ ସାମସନ ୱିକେଟକିପିଂ ଏବଂ ବ୍ୟାଟିଂ ସହିତ ଦଳର କମାଣ୍ଡକୁ ଭଲ ଭାବରେ ସମ୍ଭାଳି ପାରନ୍ତି। ସେ ତାଙ୍କ ଅଧିନାୟକତ୍ୱରେ ରାଜସ୍ଥାନ ରୟାଲ୍ସକୁ ଆଇପିଏଲ୍ ୨୦୨୨ର ଫାଇନାଲରେ ପହଞ୍ଚାଇଥିଲେ। ଗତ ସିଜିନରେ ଚେନ୍ନାଇ ସୁପର କିଙ୍ଗ୍ସ ବହୁତ ଖରାପ ପ୍ରଦର୍ଶନ କରିଥିଲା। କେବଳ ଏତିକି ନୁହେଁ, ଆଘାତ ଯୋଗୁ ତାଙ୍କୁ ସିଜିନ ମଝିରେ ଦଳ ଛାଡିବାକୁ ପଡିଥିଲା। ଯାହା ପରେ ମହେନ୍ଦ୍ର ସିଂହ ଧୋନୀ ପୁଣି ଥରେ ଚେନ୍ନାଇର ଅଧିନାୟକ ଦାୟିତ୍ୱ ଗ୍ରହଣ କଲେ। ତଥାପି, ତାଙ୍କର ଅଧିନାୟକତ୍ୱ ମଧ୍ୟ ବହୁତ ଖରାପ ଥିଲା। ଯଦି ଚେନ୍ନାଇ ସୁପରକିଙ୍ଗ୍ସ ସଞ୍ଜୁ ସାମସନଙ୍କୁ ନିଜ ଦଳରେ ସାମିଲ କରେ, ତେବେ ସେ ସେମାନଙ୍କ ପାଇଁ ବହୁତ ପ୍ରଭାବଶାଳୀ ପ୍ରମାଣିତ ହୋଇପାରିବେ। କାରଣ ସେ ଓପନିଂ ସହିତ ୱିକେଟକିପିଂ ଦାୟିତ୍ୱ ମଧ୍ୟ ତୁଲାଇପାରିବେ।

## ଆଉ ସ୍ଲିପ୍‌ରେ ଫିଲ୍ଡିଂ କରିବେନି ଯଶସ୍ୱୀ



ଏଜବେଷ୍ଟନ: ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଏଜବାଷ୍ଟନରେ ଜୁଲାଇ ୨ରୁ ଆରମ୍ଭ ହେବ। ୫ ମ୍ୟାଚ ବିଶିଷ୍ଟ ତେନ୍ଦୁଲକର-ଆଣ୍ଡରସନ ଟ୍ରଫିରେ ଭାରତ ଏବେ ୦-୧ରେ ପଛୁଆ ରହିଛି। ପ୍ରଥମ ଟେଷ୍ଟରେ ଖରାପ ଫିଲ୍ଡିଂ ପ୍ରଦର୍ଶନ କରିଥିବା ଯଶସ୍ୱୀ ଜୈସୱାଲଙ୍କୁ ଏଥର ସ୍ଲିପ ପୋଜିଶନରେ ଦେଖିବାକୁ ମିଳିବନି। ରିପୋର୍ଟ ଅନୁସାରେ ଯଶସ୍ୱୀଙ୍କ ସ୍ଥାନରେ ସାଇ ସୁଦର୍ଶନ ଏବଂ କରୁଣ ନାୟାର ଏହି ସ୍ଥାନରେ ଫିଲ୍ଡିଂ କରିବେ। ସୋମବାର ଏହି ଖେଳାଳିମାନେ ସ୍ଲିପ ପୋଜିଶନରେ ଦୀର୍ଘ ସମୟ ଧରି ଫିଲ୍ଡିଂ ଅଭ୍ୟାସ କରିଥିଲେ। ଏମାନଙ୍କ ବ୍ୟତୀତ ନୀତିଶ କୁମାର ରେଡ୍ଡୀ, ଶୁଭମନ ଗିଲ ଓ କେଏଲ ରାହୁଲ ମଧ୍ୟ ଫିଲ୍ଡିଂ ଅଭ୍ୟାସ କରିଥିଲେ। ଯଶସ୍ୱୀଙ୍କୁ ସହକାରୀ କୋଚ ଟେନ ଡୋଶଚେଟ ଓ ମୁଖ୍ୟ କୋଚ ଗୌତମ ଗମ୍ଭୀର ଅଭ୍ୟାସ କରାଉଥିବା ଦେଖିବାକୁ ମିଳିଥିଲା । ତାଙ୍କ ଫିଲ୍ଡିଂ ପ୍ରଶିକ୍ଷଣରୁ ସେ ଶର୍ଟ ଲେଗ କିମ୍ବା ଫଂଏଟରେ ଫିଲ୍ଡିଂ କରିବେ ବୋଲି ଅନୁମାନ କରାଯାଉଛି। ଯଶପ୍ରୀତ ବୁମରାହ ଏହି ମ୍ୟାଚରେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନି।

## ୧୩ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା: ସତ୍ୟସ୍ୱରୂପ, ନୈନିକା ବିଜେତା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ୧୩ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ସତ୍ୟସ୍ୱରୂପ ତ୍ରିପାଠୀ ଓ ନୈନିକା ସାହୁ ବିଜେତା ହୋଇଛନ୍ତି। ଉଭୟ ୫.୫ ପଏଣ୍ଟ୍ ଲେଖାଏଁ ହାସଲ କରିଥିଲେ। ଏପିଜେ ସ୍କୁଲ୍ ଅଧ୍ୟକ୍ଷ ଅତନୁ ରଥ ମୁଖ୍ୟ ଅତିଥି, ଅଲ୍ ଓଡ଼ିଶା ଚେସ୍ (ଏଓସିଏ) ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏଓସିଏ ଯୁଗ୍ମ ସଂପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘ ସଂପାଦକ ଶୁଭାଶିଷ ପଟ୍ଟନାୟକ, ସ୍ୱୟାଂଶୁ ସତ୍ୟକାମ, କେଡିସିଏ ସଦସ୍ୟ ସୁଶାନ୍ତ ଷଡ଼ଙ୍ଗୀ, ଚନ୍ଦ୍ରଶେଖର ମିଶ୍ର, ସର୍ବେଶ୍ୱର ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, କୃଷ୍ଣ ବିଶୋଇ ଓ ପୂର୍ଣ୍ଣ ମହାଳିକ ଉପସ୍ଥିତ ଥିଲେ।

## ଡ୍ରାଭିଡଙ୍କ ରେକର୍ଡ ଭାଙ୍ଗିବେ ଜୋ ରୁଟ୍

ନୂଆଦିଲ୍ଲୀ: ଜୁଲାଇ ୨ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଏଜବାଷ୍ଟନରେ ଖେଳାଯିବ। ଜୋ ରୁଟ ଏହି ମ୍ୟାଚରେ ରାହୁଲ ଡ୍ରାଭିଡ ଓ ଜ୍ୟାକ୍ସ କାଲିସଙ୍କୁ ପଛରେ ପକାଇ ପାରନ୍ତି । ସେ ଯଦି ୨୦୨ ରନ କରିବେ ତେବେ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ ହାସଲରେ ଉପରୋକ୍ତ ଦୁଇ ମହାନ ଖେଳାଳିଙ୍କୁ ପଛରେ ପକାଇଦେବେ । ଡ୍ରାଭିଡ ୧୬୪ ଟେଷ୍ଟରେ ୧୩୨୮୮ ଓ କାଲିସ ୧୬୬ ଟେଷ୍ଟରେ ୧୩୨୮୯ ରନ କରିଛନ୍ତି । ରୁଟ ଏବେ ଏହି ତାଲିକାରେ ୫ମ ସ୍ଥାନରେ ଅଛନ୍ତି । ସେ ୧୫୪ ଟେଷ୍ଟରେ ୧୩୦୮୭ ରନ ସଂଗ୍ରହ କରି ନେଇଛନ୍ତି । କାଲିସ ଓ ଡ୍ରାଭିଡଙ୍କୁ ପଛରେ ପକାଇଲେ ରୁଟ ତୃତୀୟ ସ୍ଥାନକୁ ଉନ୍ନୀତ ହେବେ। ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ ସଂଗ୍ରହରେ ସଚିନ ତେନ୍ଦୁଲକର ଏବେ ବି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ସେ ୧୫୯୨୧ ରନ ସଂଗ୍ରହ କରିଛନ୍ତି । ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରିକି ପଂଟିଂଙ୍କ ଅଛନ୍ତ । ସେ ୧୩୩୭୮ ରନ ସଂଗ୍ରହ କରିଥିଲେ । ବିରାଟ କୋହଲି ଅବସର ନେବା ପରେ ଏବେ ରୁଟଙ୍କ ନିକଟରେ ଶୀର୍ଷ ସ୍ଥାନ ହାସଲ କରିବା ସୁଯୋଗ ରହିଛି।

## ଜାତୀୟ ଉସୁ ଚମ୍ପିୟାନସିପ୍ ପାଇଁ ତେଲେଙ୍ଗାନା ଯାତ୍ରା କଲେ ୪ପ୍ରତିଯୋଗୀ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଭାରତ ସରକାରଙ୍କ କ୍ରିଡା ଏବଂ ଯୁବ ବ୍ୟାପାର ମନ୍ତ୍ରଣାଳୟ ତଥା ଇଣ୍ଡିଆନ ଓଲିମ୍ପିକ ଆସୋସିଏସନ ଦ୍ୱାରା ଅନୁବନ୍ଧିତ ଉସୁ ଆସୋସିଏସନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁଥିବା ୨୪ତମ ଜୁନିୟର ନେଶନାଲ ଉସୁ ଚମ୍ପିୟାନସିପ୍ ୨୦୨୫ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆର ଚାରିଜଣ ପ୍ରତିଯୋଗୀ ତେଲେଙ୍ଗାନା ଯାତ୍ରା କରିଛନ୍ତି।ଉକ୍ତ ପ୍ରତିଯୋଗିତା ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦ ସ୍ଥିତ ଗଚୀୱଲୀ ଷ୍ଟାଡିୟମରେ ୧ ତାରିଖ ଠାରୁ ୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ସମସ୍ତ ରାଜ୍ୟର ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିବେ।ତେବେ ଓଡ଼ିଶା ଉସୁ ଆସୋସିଏସନ ପକ୍ଷରୁ ଭୁବନେଶ୍ୱର ଠାରେ ମେ ମାସ ୧୩ ତାରିଖରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ମୋଟ ୪୫ଜଣ ପୁରୁଷ ଓ ମହିଳା ଖେଳାଳି ଉକ୍ତ ଜାତୀୟ ସ୍ତରକୁ ମନୋନୀତ ହୋଇ ଅଂଶଗ୍ରହଣ ନିମନ୍ତେ ଯାତ୍ରା କରିଛନ୍ତି।ଉକ୍ତ ୪୫ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ କରଞ୍ଜିଆ ରୁ ସୁଶ୍ରୀ ସସ୍ମିତା ମହାନ୍ତ,ରୁଦ୍ରାଂଶୁ ସେଖର ମହାନ୍ତ, ଶକ୍ତି ରାଜ, ପୁରୁଷୋତ୍ତମ ମହାନ୍ତଙ୍କ ସହ ମୟୂରଭଞ୍ଜ ଜିଲ୍ଲାର ସୁଶ୍ରୀ ସୁବର୍ଣ୍ଣା ସିଂ, ମାଳତୀ ସୋରେନ, ଜାନକୀ ମୁର୍ମୁ, ମାମା ମାଝୀ ପ୍ରମୁଖ ପ୍ରତିଯୋଗୀ ଅଫିସିଆଲ ମ୍ୟାନେଜର ତଥା କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ରିଡା ପ୍ରଶିକ୍ଷକ ବିଭୂତିଭୂଷଣ ମହାନ୍ତ, କୋଚ ଭାବେ ମୟୂରଭଞ୍ଜ ଉସୁ ଆସୋସିଏସନ ଜିଲ୍ଲା ସମ୍ପାଦକ ତଥା କୋଚ ଈଶ୍ୱର ଚନ୍ଦ୍ର ମହାନ୍ତ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତକାଲି ହାଇଦ୍ରାବାଦ ଯାତ୍ରା କରିଥିବା ଜଣାପଡିଛି।

कार्यालय
छत्तीसगढ़ राज्य गौसेवा आयोग
नगर निगम, कंकाली हास्पीटल, तृतीय तल, कंकाली पारा रायपुर (छ.ग.)
फोन नं. 0771-2436321, ईमेल-gsaayog@gmail.com

क्रमांक ..559....../भंडार/गौ.से.आ./2025-26/रायपुर, दिनांक 01/07/2025

—:: निविदा सूचना ::—

कार्यालय, छत्तीसगढ़ राज्य गौसेवा आयोग, रायपुर नगर निगम कंकाली अस्पताल, तृतीय तल, कंकाली पारा, रायपुर द्वारा **आदर्श गौशाला एवं गौ-अभ्यारण्य झालम, जिला-बेमेतरा, छ.ग.** हेतु गेहूँ भूसा एवं पैराकुट्टी क्रय करने के लिए निविदा आमंत्रित की जाती है।

| क. | विवरण | |
|---|---|---|
| 1 | निविदा प्राप्त करने हेतु तिथि एवं समय | आज दिनांक से दिनांक 31.07.2025 तक, शासकीय अवकाश को छोड़कर कार्यालयीन समय प्रातः 10:00 बजे से शाम 5:30 बजे तक। |
| 2 | निविदा शुल्क | राशि रू. 1000.00 (अक्षरी-एक हजार रूपये मात्र) |
| 3 | निविदा जमा करने की अंतिम तिथि एवं स्थान | दिनांक 01.08.2025 समय शाम 4.00 बजे कार्यालय, छ.ग. राज्य गौसेवा आयोग, रायपुर नगर निगम कंकाली अस्पताल, तृतीय तल, कंकाली पारा, रायपुर |
| 4 | निविदा खोलने की तिथि एवं समय | दिनांक 04.08.2025 समय दोपहर 1:00 बजे कार्यालय, छ.ग. राज्य गौसेवा आयोग, रायपुर नगर निगम कंकाली अस्पताल, तृतीय तल, कंकाली पारा, रायपुर |

पंजीयक
छ.ग. राज्य गौसेवा आयोग
रायपुर
S-44394/4

# ଭାରତ-ବାଂଲାଦେଶ କ୍ରିକେଟ୍ ସିରିଜ୍ ନେଇ ଦ୍ୱନ୍ଦ୍ୱ




ନୂଆଦିଲ୍ଲୀ: ଭାରତ ଓ ବାଂଲାଦେଶ ମଧ୍ୟରେ ହେବାକୁ ଥିବା କ୍ରିକେଟ ସିରିଜ ନେଇ ଏବେ ବି ଦ୍ୱନ୍ଦ୍ୱ ଲାଗିରହିଛି । ବାଂଲାଦେଶ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ଅନୀମୁଲ ଇସଲାମ କହିଛନ୍ତି ଯେ, ଭାରତ ବିପକ୍ଷ ଦିନିକିଆ ଓ ଟି୨୦ ସିରିଜକୁ ନେଇ ସ୍ଥିତି ସ୍ପଷ୍ଟ ହୋଇନି। ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ ଏବେ ସରକାରଙ୍କ ଅନୁମତିକୁ ଅପେକ୍ଷା କରିଛି । ଅଗଷ୍ଟ ୧୭ରୁ ଉଭୟ ଦେଶ ମଧ୍ୟରେ ୩ଟି ଲେଖାଏଁ ଦିନିକିଆ ଓ ଟି୨୦ ମ୍ୟାଚ ଖେଳାଯିବ। ବର୍ତ୍ତମାନର ରାଜନୈତିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ଅଗଷ୍ଟରେ ଏହି ସିରିଜ ଆୟୋଜନ ନେଇ ଦ୍ୱନ୍ଦ୍ୱ ଲାଗିରହିଛି। ବାଂଲାଦେଶ ପ୍ରିମିୟର ଲିଗ ଡିସେମ୍ବରରୁ ଆରମ୍ଭ କରିବା ପାଇଁ ସ୍ଥାନୀୟ ବୋର୍ଡ ସମସ୍ତ ପ୍ରସ୍ତୁତି ଶେଷ କରିଛି। ଲିଗକୁ ଲୋକପ୍ରିୟ କରାଇବା ପାଇଁ ବୋର୍ଡ ଏହି ପଦକ୍ଷେପ ଗ୍ରହଣ କରିଛି। ସେହିପରି ପୂର୍ବ ଆନ୍ତର୍ଜାତୀୟ ଏଲିଟ ଅମ୍ପାୟର ସାଇମନ ଟଫେଲ ଏବେ ବାଂଲାଦେଶରେ ଅମ୍ପାୟରଙ୍କୁ ପ୍ରଶିକ୍ଷଣ ଦେବେ।

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ**
(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
**ସିଆଇଏନ:** ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨
**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

**ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ**

ନିମ୍ନଲିଖିତ ଋଣଗ୍ରହୀତା ଓ ସହ -ଋଣ ଗ୍ରହୀତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ଋଣଗ୍ରହୀତା ଓ ସହ- ଋଣ ଗ୍ରହୀତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୧ | ୧୩୨୫୧୬୮୨୪ | ସମ୍ପତ୍ତି ବଦଳରେ ଋଣ | ୧୭.୦୫.୨୦୨୫ | ୭,୨୩,୫୦୭.୯୦/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ଆଲୋକ କୁମାର ମଲ୍ଲିକ, ୨. ଦିଲ୍ଲୀପ କୁମାର ମଲିକ, ୩. ବିମଳା ମଲିକ

ସମ୍ପତ୍ତିର ଅଂଶ ଓ ଖଣ୍ଡବିଶେଷ: ପ୍ଲଟ ନଂ ୨୬୩୯, ଖାତା ନଂ ୩୦୪, ଏରିଆ-ଏ.୦.୧୨୦ ଡିସିମିଲ, ଅବସ୍ଥିତି ମୌଜା- ବଗଡ଼ା, ଥାନା- କେନ୍ଦ୍ରାପଡ଼ା, ପିଏସ୍ ନଂ ୨୪୫, ତହସିଲ- କେନ୍ଦ୍ରାପଡ଼ା, ଜିଲ୍ଲା- କେନ୍ଦ୍ରାପଡ଼ା, ଓଡ଼ିଶା-୭୫୪୨୧୨ ଏବଂ ବାଉଣ୍ଡରୀ ଯଥା: ପୂର୍ବ- ପ୍ଲଟ ନଂ ୨୬୨୩, ପଶ୍ଚିମ- ପ୍ଲଟ ନଂ ୨୬୪୬, ୨୬୪୧, ୨୬୪୦ ଏବଂ ୨୬୩୮, ଉତ୍ତର- ରାସ୍ତା, ଦକ୍ଷିଣ- ପ୍ଲଟ ନଂ ୨୬୩୮।

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

ସ୍ୱା/-
ଅଧିକୃତ ଅଧିକାରୀ
ତାରିଖ: ୦୨.୦୭.୨୦୨୫
ସ୍ଥାନ: ଓଡିଶା
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ**
(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
**ସିଆଇଏନ:** ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨
**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

**ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ**

ନିମ୍ନଲିଖିତ ଋଣଗ୍ରହିତା ଓ ସହ -ଋଣ ଗ୍ରହିତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ଋଣଗ୍ରହୀତା ଓ ସହ- ଋଣ ଗ୍ରହୀତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୧ | ୮୭୩୭୭୦୭୬ ଏବଂ ୩୭୯୪୮୫୬୨ | ଗୃହ ଋଣ | ୨୮.୦୫.୨୦୨୫ | ୫,୭୬,୬୫୯.୫୭/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ବସନ୍ତ ସାମଲ, ୨. ମମତା ସାମଲ

ସମ୍ପତ୍ତିର ଅଂଶ ଓ ଖଣ୍ଡବିଶେଷ: ଖାତା ନଂ ୩୦୨/୩୩, ପ୍ଲଟ ନଂ ୩୪୮, ଯେଉଁଥିରେ ଏରିଆ ଏ୦.୦୫୩୩ ଡିସିମିଲ, ଜମିର କିସମ- ଘରବାରୀ, ଯାହାକି ବସନ୍ତ କୁମାର ସାମଲଙ୍କ ନାମରେ ରେକର୍ଡ ହୋଇଛି, ମୌଜା ଅବସ୍ଥିତି: କନ୍ଦୁଲା, ତହସିଲ- ଦର୍ପଣ, ଏସଆରଓ-ଦର୍ପଣ, ପିଏସ- ବଡ଼ଚଣା, ଜିଲ୍ଲା-ଯାଜପୁର, ଓଡ଼ିଶା-୭୫୫୦୪୯ ଏବଂ ବାଉଣ୍ଡରୀ: ପୂର୍ବ- ଗୁରୁଚରଣ ସାମଲ, ପଶ୍ଚିମ- ରାସ୍ତା, ଉତ୍ତର- ବୈରାଗୀ ସାମଲ, ଦକ୍ଷିଣ- ବିକଳି ସାମଲ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୨ | ୧୧୨୫୨୮୩୪୬ | ସମ୍ପତ୍ତି ବଦଳରେ ଋଣ | ୧୪.୦୬.୨୦୨୫ | ୬,୩୬,୫୨୩.୬୨/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ଜୟ ବିଶ୍ୱ ସୁନା, ୨. ନିଶାମଣି ନନ୍ଦ

ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶ ଓ ଖଣ୍ଡବିଶେଷ ଯାହାକି ପ୍ଲଟ ନଂ ୬୭/୨୭୦ ରେ ଅବସ୍ଥିତ, ଏରିଆ- ୦.୦୪ ଡିସିମିଲ, ଖାତା ନଂ ୫୯/୯୮, ମୌଜା- ତଳପାଲି, ତହସିଲ- ବଲାଙ୍ଗୀର, ଜିଲ୍ଲା-ବଲାଙ୍ଗୀର, ଓଡ଼ିଶା, ପିନ୍-୭୬୭୦୦୧, ବାଉଣ୍ଡରୀ: ପୂର୍ବ- ଯୁଗଳ କିଶୋର ବାଗ, ପଶ୍ଚିମ- ରାସ୍ତା, ଉତ୍ତର- ଆଲେକଜାଣ୍ଡର ବାଗ, ଦକ୍ଷିଣ- ରାସ୍ତା

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

ସ୍ୱା/-
ଅଧିକୃତ ଅଧିକାରୀ
ତାରିଖ: ୦୨.୦୭.୨୦୨୫
ସ୍ଥାନ: ଓଡିଶା
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)

कार्यालय कलेक्टर, जिला – बीजापुर, छत्तीसगढ़
(जिला निर्माण समिति)
"ई-प्रोक्योरमेंट निविदा सूचना"(निविदा आमंत्रण सूचना)
निविदा क्र./31
बीजापुर, दिनांक 27 /06 /2025

कलेक्टर, जिला बीजापुर की ओर से लोक निर्माण विभाग (सेतु) वर्ष 2024-25 के बजट मद अन्तर्गत निर्माण कार्य की स्वीकृत जिला निर्माण समिति के माध्यम से लोक निर्माण विभाग के दिनॉक 01.01.2015 से प्रचलित एस.ओ.आर. (भवन, सडक एवं पुल-पुलिया निर्माण कार्य के लिए) दर प्रतिशत दर के आधार पर आमंत्रित की जा रही है। कॉन्ट्रेक्टर निविदा साईट में अपलोड ड्राफ्ट एन.आई.टी. के नियम एवं शर्तो के आधार पर ही निविदा में भाग लेवें। आमंत्रित निविदा निम्नांनुसार है-

| क्र | निविदा क्रमांक/ दिनांक | सिस्टम क्रमांक | कार्य का नाम | कार्य की अनुमा. लागत राशि रू.(रू. लाख में) | निविदा कॉल | अमानत राशि (रू.में) |
|---|---|---|---|---|---|---|
| 01 | 31/27.06.2025 | 171027 | Construction of High Level Bridge i/c Approach Road Across Chintavagu River in km 2/8 on NH-63 to Gorla-Minnur Road | 726.60 | 1st Call | 363300/- |

उपरोक्त निविदा कार्य की निविदा की अंतिम तिथि (Bid due date) 25.07.2025 तक आमंत्रित की जाती है। निविदाएं डाउनलोड करने की तिथि (Bid Start date) 03.07.2025 से है। निविदा की सामान्य शर्तें, धरोहर राशि, विस्तृत निविदा विज्ञप्ति, निविदा दस्तावेज व अन्य जानकारी ई-प्रोक्योरमेंट वेब पोर्टल https://eproc.cgstate.gov.in से डाउनलोड की जा सकती है।

कलेक्टर
जिला बीजापुर
G-252601882/ 6

**Government of Jharkhand**
**Home, Prison and Disaster Management Department**
**(Disaster Management Division)**
**T.A. Division Building, Near Golchakar,**
**Dhurwa, Ranchi, Jharkhand – 834004**
**Email Id-disasteroffice-jhr@jharkhandmail.gov.in**

**Expression of Interest (Request for Proposal)**

The Nationalised banks are invited to submit Expression of Interest (EoI) for offering competitive rates of Interest on fixed Deposits (FDs) for various tenure for Government fund investment.

The EoI should include the following details
- Tenure-wise interest slab i.e from 1 months to 10 years
- Amount-wise interest slab upto 1000 crore .
- Pre-mature withdrawal rules
- Pre-mature breakup
- Additional benefits, if any e.g. auto renewal, quarterly payout.

Important Dates :-
i. Date of pre bid meeting- 07.07.2025 / 03.00 P.M.
ii. Last date of submission of proposal-21.07.2025 upto 4.00 P.M.
iii. Date of opening bid – 22.07.2025 – 4.00 .P.M.

(2)EOIs should be submitted in sealed envelopes.
(3)The competent authority reserves the right to accept or reject any or all EOIs without assigning any reason.
EoI shall be dropped in the office Drop Box.

Joint Secretary
Home, Prison and Disaster Management Department
(Disaster Management Division)
Jharkhand, Ranchi
PR 356198 (Disaster Management)25-26*D


ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ବର୍ଷାଦିନରେ ସବୁଠାରୁ ବଡ ସମସ୍ୟା ହୋଇଥାଏ ଚପଲ ବାଛିବାରେ। ବର୍ଷାଦିନେ ଏପରି ଚପଲ ପିନ୍ଧିବା ଦରକାର ଯାହା ଆରାମରେ ସଫା ହୋଇପାରୁଥିବ। କାଦୁଅରେ ଚାଲିଲେ ମଧ୍ୟ ଚପଲ ଚିକ୍କିବାର ସମସ୍ୟା ନ ଥିବ। ଆସନ୍ତୁ ଜାଣିବା ବର୍ଷାରେ କିପରି ଚପଲ ପିନ୍ଧିବା .. । ବର୍ଷା ଦିନେ ବାହାରକୁ ଯିବା ବେଳେ ତଳ ସମାନ ଥିବା ଚପଲ ପିନ୍ଧନ୍ତୁ ନାହିଁ। କାରଣ ଏହି ପରି ଚପଲରେ ସାମାନ୍ୟ ପାଣି ହେଲେ ଗୋଡ ଖସି ଯିବାର ସମ୍ଭାବନା ରହିଥାଏ। ଚପଲ ତଳ ଖଦଡା ହୋଇଥିଲେ ଗୋଡ ଖସିବାର ସମ୍ଭାବନା କମ ରହିଥାଏ। ବର୍ଷା ଦିନରେ କେବେ ବି ହିଲ ଚପଲ ପିନ୍ଧନ୍ତୁ ନାହିଁ। ବର୍ଷାଦିନେ ପତଳା ଓ ସରୁ ଫିତା ଥିବା ଚପଲ ପିନ୍ଧିଲେ ସୁନ୍ଦର ଲାଗିଥାଏ। ଏହା ଓଦା ହେଲେ ଆରାମରେ ଶୁଖି ଥାଏ। ବର୍ଷାରେ ଗମବୁଟସ୍ ପିନ୍ଧିବା ଦ୍ୱାରା ଆପଣଙ୍କ ପାଦ ଅତ୍ୟନ୍ତ ସୁରକ୍ଷିତ ରହିପାରିବ। ରବରର ଗମବୁଟସ୍ ପିନ୍ଧିବା ଦ୍ୱାରା ଚାଲିବାରେ କୌଣସି ଅସୁବିଧା ହୋଇ ନ ଥାଏ। ଏହା ବର୍ଷାରେ ପିନ୍ଧିବା ସୁରକ୍ଷିତ ମଧ୍ୟ ହୋଇଥାଏ। ବର୍ଷାରେ ଚମଡାର ଚପଲ ପିନ୍ଧିବା ଦ୍ୱାରା ଚାଲିବାରେ ଅସୁବିଧା ହୋଇଥାଏ। ଓଦା ହେଲେ ଶୀଘ୍ର ଶୁଖି ନ ପାରି ଛିଣ୍ଡି ଯିବାର ସମ୍ଭାବନା ରହିଥାଏ। ତେଣୁ ବର୍ଷା ଦିନରେ ହାଲକା ରଙ୍ଗର ରବର ଚପଲ ବ୍ୟବହାର କରନ୍ତୁ।



## କେମିତି ଜାଣିବେ ବିମାନଟି ପୁରୁଣା ?

*ଗୁଜରାଟର ଅହମ୍ମଦାବାଦରେ ବିମାନ ଦୁର୍ଘଟଣା ପରେ ବିମାନରେ ଯାତ୍ରା କରିବାକୁ ଯାତ୍ରୀମାନେ ଭୟ କରୁଛନ୍ତି। ଦୁର୍ଘଟଣା ପରେ ବାରମ୍ବାର ଜରୁରିକାଳୀନ ଅବତରଣ ଏବଂ ଅନେକ ଘଟଣା ଲୋକଙ୍କୁ ଭୟଭୀତ କରିଛି। ଏପରି ପରିସ୍ଥିତିରେ ଯଦି ଆପଣ ବର୍ତ୍ତମାନ ସମୟରେ ବିମାନରେ ଯାତ୍ରା କରିବାକୁ ଯାଉଛନ୍ତି, ତେବେ ଆପଣ ବିମାନର ସମ୍ପୂର୍ଣ୍ଣ ସୂଚନା ବହୁତ ସହଜରେ ଜାଣିପାରିବେ। ବିମାନଟି କେତେ ପୁରୁଣା ତାହା ଜାଣିବା ସହିତ ଏହା କେତେ ସୁରକ୍ଷିତ ଏବଂ ଉନ୍ନତ ତାହା ମଧ୍ୟ ଜାଣିପାରିବେ। ଏଥିରେ ରକ୍ଷଣାବେକ୍ଷଣ କିପରି କରାଯାଇଛି ତାହା ବି ଜାଣିପାରିବେ। କିନ୍ତୁ ଦୀର୍ଘ ସମୟ ଧରି ଅପଗ୍ରେଡ୍ ହୋଇ ନ ଥିବା ବିମାନଗୁଡ଼ିକରେ ଯାତ୍ରା ସମୟରେ ପ୍ରାୟତଃ କିଛି ନା କିଛି ଅଭାବ ଦେଖାଯାଏ...*

ପୁରୁଣା ବିମାନଗୁଡ଼ିକରେ ଷ୍ଟଫ୍ କ୍ୟାବିନ, ପୁରୁଣା ଆଲୋକ, ପୁରୁଣା ସିଟ୍ କିମ୍ବା ଶୌଚାଳୟ ଥାଏ। ଯାହା ପ୍ରାୟତଃ କାମ କରେ ନାହିଁ। ଏହି ସମସ୍ୟା ଯୋଗୁ ଯାତ୍ରୀମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ଯାହାର ଅଭିଯୋଗ ମଧ୍ୟ ପ୍ରତିଦିନ ଆସୁଛି।

ବିମାନ ବିଷୟରେ ସୂଚନା ପାଇବା ପାଇଁ ଅନେକ ୱେବ୍‌ସାଇଟ୍ ଅଛି। ସେମାନଙ୍କ ସାହାଯ୍ୟରେ ଆପଣ ସବୁକିଛି ବିଷୟରେ ଜାଣିପାରିବେ। ଏହି ସାଇଟ୍‌ଗୁଡ଼ିକ ମଧ୍ୟରେ FlightRadar24, FlightAware, Airfleets.net, Planespotters.net ଅନ୍ତର୍ଭୁକ୍ତ।

- ■ ଆପଣଙ୍କର ଫ୍ଲାଇଟ୍‌ର ନାମ କିମ୍ବା କୋଡ୍ ଏଣ୍ଟ୍ରି କରନ୍ତୁ।
- ■ ଫ୍ଲାଇଟ ଆଇକନ ଉପରେ କ୍ଲିକ୍ କରନ୍ତୁ।
- ■ ସ୍କ୍ରିନ୍‌ରେ ଫ୍ଲାଇଟ୍ ବିବରଣୀ ଦେଖାଯିବ।
- ■ ତଳକୁ ସ୍କ୍ରୋଲ୍ କରିବା ଦ୍ୱାରା ବିମାନର ପଞ୍ଜୀକରଣ ନମ୍ବର ଏବଂ ବୟସ ଦେଖାଯିବ।

### ଫ୍ଲାଇଟ୍‌ର ରିଅଲ ଟାଇମ୍ ଟ୍ରାକିଂ

Flightradar24 ରିଅଲ ଟାଇମରେ ବିଶ୍ୱର ହଜାର ହଜାର ଫ୍ଲାଇଟ୍‌କୁ ଟ୍ରାକ କରେ। ଏହା ସହିତ, ବିମାନ ବିଷୟରେ ସମସ୍ତ ପ୍ରକାରର ସୂଚନା ଏଥିରେ ଉପଲବ୍ଧ।

ଏହି ଉପକରଣ ବିଶେଷକରି ସେହି ଲୋକମାନଙ୍କ ପାଇଁ ଉପଯୋଗୀ ଯେଉଁମାନେ ବାରମ୍ବାର ଫ୍ଲାଇଟ୍‌ରେ ଯାତ୍ରା କରନ୍ତି, କିନ୍ତୁ ବର୍ତ୍ତମାନ ସେମାନେ ସେମାନଙ୍କର ସୁରକ୍ଷା, ଆରାମ ଏବଂ ଅଭିଜ୍ଞତାକୁ ଉନ୍ନତ କରିବାକୁ ଚାହାଁନ୍ତି।

ସାଧାରଣତଃ ଏକ ବିମାନର ବୟସ ୨୦ରୁ ୨୪ ବର୍ଷ ପର୍ଯ୍ୟନ୍ତ ହୋଇପାରେ। ଏହା ପରେ ଏହାର ସେବା ସମାପ୍ତ ହୁଏ। ତଥାପି ଦେଶରେ ଏପରି ଅନେକ ଫ୍ଲାଇଟ୍ ଅଛି ଯାହା ୩୦ ବର୍ଷରୁ ଅଧିକ ପୁରୁଣା। ଏହି କାରଣରୁ ବିଶେଷଜ୍ଞମାନେ ଏଥିରେ ଯାତ୍ରା କରିବାରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଅନ୍ତି। ବିଶେଷକରି ଯେତେବେଳେ ଆପଣଙ୍କୁ ଦୀର୍ଘ ଦୂରତା ଯାତ୍ରା କରିବାକୁ ପଡ଼େ। ଅନେକ କ୍ଷେତ୍ରରେ, ପୁରୁଣା ବିମାନଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଉଡ଼ାଣ ଯୋଗ୍ୟ ହୋଇଥାନ୍ତି, ବିଶେଷକରି ଯଦି ସେଗୁଡ଼ିକୁ କଡ଼ା ତଦାରଖରେ ପୁନଃନିର୍ମାଣ ଏବଂ ରକ୍ଷଣାବେକ୍ଷଣ କରାଯାଇଥାଏ।

ବିଶେଷଜ୍ଞଙ୍କ ଅନୁଯାୟୀ, ପୁରୁଣା ବିମାନଗୁଡ଼ିକୁ ବାରମ୍ବାର ରକ୍ଷଣାବେକ୍ଷଣ ଆବଶ୍ୟକ ହୁଏ, ଯାହା ଫଳରେ ସେମାନଙ୍କର ନିର୍ଭରଯୋଗ୍ୟତା ଉପରେ ପ୍ରଶ୍ନ ଉଠେ।



## ଓଡ଼ିଶା ପ୍ରେମରେ ପ୍ରିୟଙ୍କା

### ମୟୂରଭଞ୍ଜ ଛଉ ନୃତ୍ୟରେ ନେଲେ ଟ୍ରେନିଂ

ଦେଶୀ ଗାର୍ଲ ପ୍ରିୟଙ୍କ ଚୋପ୍ରାଙ୍କ ଓଡ଼ିଶା ପ୍ରେମ। ତାଙ୍କ ଆଗାମୀ ଫିଲ୍ମ 'ଏସଏସଏମବି ୨୯' ପାଇଁ ମୟୂରଭଞ୍ଜ ଛଉ ନୃତ୍ୟରେ ଟ୍ରେନିଂ ନେଇଛନ୍ତି। ତେଲୁଗୁ ସୁପରଷ୍ଟାର ମହେଶ ବାବୁଙ୍କ ଅଭିନୀତ ଏସଏସ ରାଜାମୌଳିଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ଏସ୍‌ଏସ୍‌ଏମ୍‌ବି ୨୯ ଶୀର୍ଷକରେ ଅଭିନୀତ, ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଛଉ ନୃତ୍ୟରେ ନିଜକୁ ନିମଗ୍ନ କରିଛନ୍ତି। ପ୍ରିୟଙ୍କା ଚୋପ୍ରା ଜୋନାସ ଏବେ ଓଡ଼ିଶାର ସଂସ୍କୃତିକୁ ଆଲିଙ୍ଗନ କରି ଚର୍ଚ୍ଚାରେ ଅଛନ୍ତି। ଓଡ଼ିଶା-ଭିତ୍ତିକ ଆଦିବାସୀ କଳାକୁ ଆପଣେଇବା ଏକ ସାଧାରଣ କଥା ନୁହେଁ। ଏହି ଅର୍ଦ୍ଧ-ଶାସ୍ତ୍ରୀୟ ନୃତ୍ୟ, ଯାହା ଓଡ଼ିଶାର ଆଦିବାସୀ ଯୁଦ୍ଧ ପରମ୍ପରାରୁ ଉଦ୍ଭବ, ଶକ୍ତିଶାଳୀ ପାଦଚାଳନା, ନାଟକୀୟ ଭଙ୍ଗୀ ଓ ଅଭିବ୍ୟକ୍ତିପୂର୍ଣ୍ଣ କାହାଣୀ ପାଇଁ ଜଣାଶୁଣା। ଚଳଚ୍ଚିତ୍ରର ଜଣେ କୋରିଓଗ୍ରାଫର ପ୍ରିୟଙ୍କାଙ୍କୁ ପ୍ରଶଂସା କରି କହିଛନ୍ତି, "ଏକ ବିଶ୍ୱସ୍ତରୀୟ ତାରକା ଭାରତୀୟ କଳାପ୍ରତି ଏତେ ନିଷ୍ଠା ଦେଖାଇବା ସାଧାରଣ ନୁହେଁ। ପ୍ରିୟଙ୍କା ଅଭ୍ୟାସ କକ୍ଷରେ ନମ୍ରତା, ଶୃଙ୍ଖଳା ଓ ଅତୁଳନୀୟ ଉତ୍ସାହ ଆଣିଛନ୍ତି। ସେ କେବେବି କଠିନ ପରିଶ୍ରମରୁ ଦୂରେଇ ଯାଆନ୍ତି ନାହିଁ, ଏବଂ ଏହା କୌଣସି ବ୍ୟତିକ୍ରମ ନୁହେଁ।" ପ୍ରିୟଙ୍କା କେବଳ ନୃତ୍ୟ ଶିଖିବାରେ ସୀମିତ ରହି ନାହାନ୍ତି; ସେ ଓଡ଼ିଶାର କୋରାପୁଟ ଜିଲ୍ଲାରେ କିଛି ଦିନ ଅତିବାହିତ କରି କୋଳପଡ଼ର ବଜାର, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଆଦିବାସୀ ସଂସ୍କୃତିକୁ ଅନୁଭବ କରିଛନ୍ତି। ଏହାକୁ ସେ ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି, ଯାହା ଚଳଚ୍ଚିତ୍ରରେ ପ୍ରତିଫଳିତ ହେବ ବୋଲି ଆଶା କରାଯାଉଛି। ମାର୍ଶାଲ ଆର୍ଟ, ନୃତ୍ୟ ଏବଂ କାହାଣୀ କହିବାର ମିଶ୍ରଣ ପାଇଁ ଜଣାଶୁଣା ମୟୂରଭଞ୍ଜ ଛଉ, ମୁଖ୍ୟଧାରାର ସିନେମାରେ ବହୁତ କମ୍ ଦେଖାଯାଏ। ଏହାକୁ ଅଧ୍ୟୟନ କରିବାର ଚ୍ୟାଲେଞ୍ଜ ଗ୍ରହଣ କରି, ପ୍ରିୟଙ୍କା ଚୋପ୍ରା କେବଳ ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସିକ୍ୱେନ୍ସ ପାଇଁ ପ୍ରସ୍ତୁତ ହେଉନାହାଁନ୍ତି ବରଂ ଅଜ୍ଞାତ ଭାରତୀୟ କଳା ଫର୍ମଗୁଡ଼ିକୁ ଲାଇମଲାଇଟକୁ ଆଣିବାରେ ମଧ୍ୟ ସାହାଯ୍ୟ କରୁଛନ୍ତି। 'ଏସଏସଏମବି ୨୯' ଭାରତର ଅନ୍ୟତମ ବୃହତ ପ୍ୟାନ-ଇଣ୍ଡିଆନ ଚଳଚ୍ଚିତ୍ର ହେବ। ଏହା ତେଲୁଗୁ, ହିନ୍ଦୀ, ତାମିଲ, ମାଲାୟାଲମ ଓ କନ୍ନଡ଼ ଭାଷାରେ ମୁକ୍ତିଲାଭ କରିବ। ରିପୋର୍ଟ ଅନୁସାରେ, ଏହା ୨୦୨୭ ମାର୍ଚ୍ଚ ୨୫ରେ, ରାଜାମୌଳିଙ୍କ ରେକର୍ଡ ଭାଙ୍ଗିଥିବା 'ଆରଆରଆର'ର ପଞ୍ଚମ ବାର୍ଷିକୀରେ ମୁକ୍ତିଲାଭ କରିପାରେ। ୧୦୦୦ରୁ ୧୫୦୦ କୋଟି ଟଙ୍କାର ବଜେଟରେ ନିର୍ମିତ ହେଉଛି ଏହି ଫିଲ୍ମ।



## ଭୁଲରେ ଖାଆନ୍ତୁନି ଏହି ପିଆଜ

ପ୍ରତ୍ୟେକଙ୍କ ଘରେ ପିଆଜ ବ୍ୟବହାର କରାଯାଏ। ଅଧିକାଂଶ ବ୍ୟଞ୍ଜନରେ ପିଆଜ ବ୍ୟବହାର କରିବା ଦ୍ୱାରା ଏହାର ସ୍ୱାଦ ଦ୍ୱିଗୁଣିତ ହୋଇଯାଏ। ସାଲାଡରେ ମଧ୍ୟ ପିଆଜ ବ୍ୟବହାର କରାଯାଏ। କଞ୍ଚା ପିଆଜ ଖାଆନ୍ତୁ କିମ୍ବା ତରକାରୀରେ ବ୍ୟବହାର ହୋଇଥିବା ପିଆଜ, ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ। ପିଆଜରେ ଅନେକ ପୋଷକ ତତ୍ତ୍ୱ ରହିଛି। ଯେପରି ପୋଟାସିୟମ, ସୋଡିୟମ, ଭିଟାମିନ୍ ସି, ବି୬, ଡି, କ୍ୟାଲସିୟମ, ମେଗ୍ନେସିୟମ, ଆଇରନ ଆଦି ରହିଛି। ତେବେ ଅନେକ ସମୟରେ ପିଆଜ କାଟିବା ସମୟରେ ନିଶ୍ଚୟ ଧ୍ୟାନ ଦେଇଥିବେ ପିଆଜର ଉପରିଭାଗ ଓ ପ୍ରଥମ ଭାଗ ଚୋପା କାଢିବା ପରେ ଏଥିରେ କିଛି କଳା କଳା ଦାଗ ନଜର ଆସିଥାଏ। କିଛି ଲୋକେ ଏହି ଅଂଶକୁ କାଟି ଫିଙ୍ଗି ଦେଇ ଥାଆନ୍ତି। କିଛି ଲୋକେ ଏହାକୁ ପାଣିରେ ଧୋଇ ବ୍ୟବହାର କରନ୍ତି। ତେବେ ଜାଣନ୍ତି କି ପିଆଜରେ ଥିବା ଏହି କଳା କଳା ଦାଗ କ'ଣ ? ଏହାର ସେବନ ଦ୍ୱାରା ଶରୀରର କି କି କ୍ଷତି ହୋଇଥାଏ। କଞ୍ଚା ପିଆଜ ଖାଇବା ଦ୍ୱାରା ହଜମ କ୍ରିୟା ସୁସ୍ଥ ରହିବା ସହ ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ। ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରିଥାଏ। ଏଥିରେ ଭିଟାମିନ୍ ସି ଥିବାରୁ ରୋଗ ପ୍ରତିରୋଧକ ବୃଦ୍ଧି ହୋଇଥାଏ। ପୋଟାସିୟମ ଥିବାରୁ ଏହା ହୃଦୟକୁ ସୁସ୍ଥ ରଖିଥାଏ।



## ବିବାହ ବିଚ୍ଛେଦକୁ ନେଇ ମୁହଁ ଖୋଲିଲେ ଅଭିଷେକ


ଅଭିଷେକ ବଚ୍ଚନ ଓ ଐଶ୍ୱର୍ଯ୍ୟା ରାୟଙ୍କ ବୈବାହିକ ଜୀବନକୁ ନେଇ ଅନେକ ଦିନ ହେବ ଚର୍ଚ୍ଚା ଜୋର ଧରିଛି। ଅଭିଷେକ ବଚ୍ଚନ ଓ ଐଶ୍ୱର୍ଯ୍ୟା ଅଲଗା ହୋଇଯିବା ନେଇ ବିଭିନ୍ନ ପ୍ରକାର ଖବର ଗଣମାଧ୍ୟମରେ ଘୁରି ବୁଲୁଛି। ଏଭଳି ଚର୍ଚ୍ଚା ମଧ୍ୟରେ ଅଭିଷେକ ବଚ୍ଚନ ଏକ ସାକ୍ଷାତକାରରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରୁଥିବା ସମୟରେ ନିଜର ପ୍ରଶଂସକମାନଙ୍କୁ ଏକ ଅନୁରୋଧ କରିଛନ୍ତି। ଅଭିଷେକ ଲୋକଙ୍କୁ ଅନୁରୋଧ କରି କହିଛନ୍ତି, 'ଆପଣମାନେ ଦାୟାକରି ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଗୁଜବ ଖବରକୁ ବିଶ୍ୱାସ କରନ୍ତୁ ନାହିଁ। ଯେଉଁମାନେ ବି ବାସ୍ତବ ଘଟଣା କ'ଣ ତାହା ନଜାଣି ଗୁଜବ ପ୍ରଚାର କରୁଛନ୍ତି ସେମାନଙ୍କୁ ମୁଁ କହିଦେବାକୁ ଚାହିଁବି କି ପୂର୍ବରୁ ମୋତେ ଏସବୁ କିଛି ପ୍ରଭାବ ପକାଉ ନଥିଲା।କିନ୍ତୁ ଏବେ ମୋ ପରିବାର ଅଛି। ସମାଜରେ ସମ୍ମାନ ଅଛି। ଯେଉଁମାନେ ଏପରି ନକାରାତ୍ମକତା ବିସ୍ତାର କରୁଛନ୍ତି ସେମାନଙ୍କୁ ସେମାନଙ୍କର ବିବେକ ବାଧା ଦେବା ଉଚିତ। ସମସ୍ତେ ଜାଣିଛନ୍ତି ସତ ଅପେକ୍ଷା ମିଛ ଖବର ଅଧିକ ବିକ୍ରି ହୋଇଥାଏ। ତା'ମାନେ ନୁହେଁ ଯେ ଜଣଙ୍କୁ କଷ୍ଟ ଦେଇ ତା' ନାମରେ ମିଥ୍ୟା ଖବର ପ୍ରଚାର କରିବା। କମ୍ପ୍ୟୁଟର ସ୍କ୍ରିନ୍ ପଛରେ ଗୁପ୍ତ ଭାବରେ ବସି ଖରାପ କଥା ଲେଖିବା ବହୁତ ସୁବିଧାଜନକ। ଆପଣ ଅନୁଭବ କରିବା ଉଚିତ ଯେ ଆପଣ ମିଛ ଲେଖା କାହାକୁ କେତେ ଆଘାତ ଦେଉଛି। ଯେଉଁ ବ୍ୟକ୍ତି ଇଣ୍ଟରନେଟରେ ଅପପ୍ରଚାର କରୁଛନ୍ତି ମୁଁ ସେମାନଙ୍କୁ ମୋ ସାମ୍ନାରେ ଆସି କହିବାକୁ ଖୋଲାଖୋଲି ଚ୍ୟାଲେଞ୍ଜ କରୁଛି।'



## କ୍ୟାଟ୍ରିନାଙ୍କୁ ପ୍ରଶଂସା କଲେ ଭିକି

ନିକଟରେ ବଲିଉଡ୍ ଅଭିନେତା ଭିକିଙ୍କୁ ଇଣ୍ଡଷ୍ଟ୍ରିରେ ୧୦ ବର୍ଷ ସଫଳତାର ସହ ପୁରିଥିବା ବେଳେ, ସେ ତାଙ୍କ କ୍ୟାରିୟର ଏବଂ ବ୍ୟକ୍ତିଗତ ଜୀବନ ବିଷୟରେ ଅନେକ କଥା ସେୟାର କରିଥିଲେ। ଏଥିସହ କ୍ୟାଟ୍ରିନାଙ୍କ ବିଷୟରେ ଏପରି କିଛି ମଜାଦାର କଥା ସେୟାର କରିଛନ୍ତି ଯାହା ସୋସିଆଲ ମିଡିଆରେ ଭାଇରଲ ହେଉଛି। ଭିକି କହିଥିଲେ ଯେ, ତାଙ୍କ ପତ୍ନୀ ତଥା ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ତାଙ୍କୁ ସବୁବେଳେ ତାଙ୍କ କାମ ସମ୍ପର୍କରେ ସଚ୍ଚୋଟ ଏବଂ ସ୍ପଷ୍ଟ ପରାମର୍ଶ ଦିଅନ୍ତି। ଭିକି ମଧ୍ୟ କ୍ୟାଟ୍ରିନାଙ୍କ ସଚ୍ଚୋଟତାକୁ ବହୁତ ପସନ୍ଦ କରନ୍ତି। ଏହା ତାଙ୍କୁ ତାଙ୍କର ଅଭିନୟ ଦକ୍ଷତାକୁ ଆହୁରି ଆଗକୁ ବଢ଼ିବାରେ ସାହାଯ୍ୟ କରିଥାଏ। ଭିକି କୌଶଲ କହିଥିଲେ ଯେ, ତାଙ୍କ ପତ୍ନୀ ତଥା ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ତାଙ୍କୁ ସବୁବେଳେ ତାଙ୍କ କାମ ସମ୍ପର୍କରେ ସଚ୍ଚୋଟ ଏବଂ ସ୍ପଷ୍ଟ ପରାମର୍ଶ ଦିଅନ୍ତି।

ଭିକି ମଧ୍ୟ କ୍ୟାଟ୍ରିନାଙ୍କ ସଚ୍ଚୋଟତାକୁ ବହୁତ ପସନ୍ଦ କରନ୍ତି। ଏହା ତାଙ୍କୁ ତାଙ୍କର ଅଭିନୟ ଦକ୍ଷତାକୁ ଆହୁରି ଆଗକୁ ବଢ଼ିବାରେ ସାହାଯ୍ୟ କରିଥାଏ। ମଜାଦାର କଥା ହେଉଛି ଯେ, କ୍ୟାଟ୍ରିନା ନିଜେ ଚାହାଁନ୍ତି ନାହିଁ ଯେ ଭିକି ତାଙ୍କୁ ପ୍ରତିବଦଳରେ କୌଣସି ଅଭିନୟ ଟିପ୍ସ ଦିଅନ୍ତୁ। ଭିକି କହିଥିଲେ ଯେ, 'କ୍ୟାଟ୍ରିନା କେବଳ ପ୍ରଶଂସା ଚାହାଁନ୍ତି, ମତାମତ ନୁହେଁ।' ଭିକିଙ୍କ ଏହି ବୟାନ ସୋସିଆଲ ମିଡିଆରେ ଆସିବା ମାତ୍ରେ ପ୍ରସଂଶକମାନେ ଏହାକୁ ବହୁତ ମଜାଦାର ଭାବରେ ନେଇଥିଲେ। ଭିକିଙ୍କ ଶେଷ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ଛାଭା' ବକ୍ସ ଅଫିସରେ ଏକ ବଡ଼ ହିଟ୍ ଦେଇଥିଲା। ଏହି ଚଳଚ୍ଚିତ୍ରଟି ସାରା ବିଶ୍ୱରେ ୮୦୦ କୋଟିରୁ ଅଧିକ ଟଙ୍କା ରୋଜଗାର କରିଥିଲା। ଏହା ସହିତ ତାଙ୍କ ଅଭିନୟକୁ ମଧ୍ୟ ବହୁତ ପ୍ରଶଂସା କରାଯାଇଥିଲା।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ମୁରିବାହାଲ/ବଙ୍ଗୋମୁଣ୍ଡା, (ଭାସ୍କର ନ୍ୟୁଜ୍): ବଙ୍ଗୋମୁଣ୍ଡା ବ୍ଲକ ମୁଣ୍ଡପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସିଆରସିସି ନଳ ଭୋଇଙ୍କ ସଂଯୋଜନାରେ ଅବସର ପ୍ରାପ୍ତ ଶିକ୍ଷକ ଜଗତ କଅଁରଙ୍କୁ ମୁଣ୍ଡପଦର କ୍ଲଷ୍ଟର ତରଫରୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ ଅରୁଣ କୁମାର ଯୋଶୀ, ସମ୍ମାନିତ ଅତିଥି ନିଖିଳ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଜୟନ୍ତୀଲାଲ୍ ସାହୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅମିୟ କୁମାର ନାଗ ସଭା ପରିଚାଳନା କରିଥିଲେ।ବଙ୍ଗୋମୁଣ୍ଡା ବ୍ଲକର ବୁଢ଼ାପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବରେ ନିଜ ଦାୟିତ୍ୱ ତୁଲାଇ ଜଗତ କଅଁର ଅବସର ଗ୍ରହଣ କରିଥିଲେ। ଡୁମେରମୁଣ୍ଡା ପ୍ରାଥମିକ ବିଦ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷକ ରାଜୁ ଅଡାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକମାନଙ୍କ ପକ୍ଷରୁ ଉପଢୌକନ ଓ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ କାର୍ଯ୍ୟରତ ସମୟର ସ୍ମୃତିଚାରଣ କରିବା ସହ ଅତିଥିଗଣ ମତବ୍ୟକ୍ତ କରିଥିଲେ। ବରିଷ୍ଠ ପ୍ରଧାନ ଶିକ୍ଷକ ବାଙ୍କନିଧି ମହାପାତ୍ର, ଯୋଦ୍ଧାଜିତ ସାହୁ, ଧରଣୀଧର ପଣ୍ଡା, ନରହରି ସାହୁ, ଅଜିତ ଭାଟି, ପ୍ରେମଚନ୍ଦ୍ର ତାଣ୍ଡି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ତହସିଲ ଦୁର୍ନୀତିକୁ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଅଞ୍ଚଳବାସୀ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ତହସିଲରେ ହେଉଥିବା ଦୁର୍ନୀତିକୁ ନେଇ ଅଞ୍ଚଳବାସୀ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଦିଲୀପ ରାଉତରାଏ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ବହୁବାର ଏ ନେଇ ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅଞ୍ଚଳବାସୀ ସତ୍ୟବ୍ରତ କୁଣ୍ଡ, ତପନ ପଣ୍ଡା, ନିର୍ମଳ ଦଳେଇ, ଶ୍ରୀକାନ୍ତ ପଣ୍ଡା, କାହ୍ନୁ ବେହେରା, ସୁଜିତ୍ କୁମାର ପ୍ରଧାନ ପ୍ରମୁଖ ତହସିଲଦାରଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ, ଜମାକାରୀ ବିଭାଗର କର୍ମଚାରୀ ରେକର୍ଡ଼ ହଜାଇ ଦେଉଛନ୍ତି। କୋର୍ଟ ଆଦେଶ ଥିଲେ ମଧ୍ୟ ରେକର୍ଡ଼ ଫଇସଲା ନହେବାରୁ ଆବେଦନକାରୀଙ୍କୁ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଛି। କିଛି ରେକର୍ଡ଼ ଚିରା ଯିବା ଅବସ୍ଥାରେ ଡଷ୍ଟବିନ୍‌ରୁ ମିଳିବା କର୍ମଚାରୀଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜନ୍ମ ମୃତ୍ୟୁ ମିସ୍‌କେସ୍‌ର ପ୍ରମାଣପତ୍ର ଦେବାରେ ଲାଞ୍ଚ ନିଆଯାଉଛି ଇତ୍ୟାଦି। ତେବେ ଏହିସବୁ ଦୁର୍ନୀତି ସମ୍ପର୍କରେ ସେମାନେ ବିଭିନ୍ନ ସମୟରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦ୍ୟାବଧି କୌଣସି ସୁଫଳ ନମିଳିବାରୁ ସେମାନେ ପୁନର୍ବାର ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଜଣାଯାଇଛି।

# ଗୋବାରେ ସଂଘବଦ୍ଧ ଆକ୍ରମଣ:ଜଣେ ମୃତ, ୪ ଗୁରୁତର

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ଥାନା ଅନ୍ତର୍ଗତ ଗୋବା ଗ୍ରାମରେ ଗ୍ରାମ୍ୟ କମିଟିକୁ ନେଇ ଅଭାବନୀୟ ଘଟଣା ଘଟିଛି। ସଂଘବଦ୍ଧ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଗୋବା ଗାଁ'ର ତୋଫାନ ସ୍ୱାଇଁ। ବ୍ରହ୍ମପୁର ଏମକେସିଜିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଆହତମାନେ ହେଲେ ସୁଧୀର କୁମାର ସ୍ୱାଇଁ, ନନ୍ଦ ବାରିକ, କାଳିଆ ସାହୁ ଓ ରାହୁଲ୍ ସ୍ୱାଇଁ। ଏମାନେ ଛତ୍ରପୁର ହସ୍ପିଟାଲ ଏବଂ ପରେ ବ୍ରହ୍ମପୁର ଏମକେସିଜିରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ଉପରେ ଖଣ୍ଡା ଏବଂ ଲୁହା ରଡ଼ରେ ଆକ୍ରମଣ ହୋଇଛି। ପରେ ବ୍ରହ୍ମପୁର ଏମକେସିଜିକୁ ଯାଇ ଛତ୍ରପୁର ପୋଲିସ ଆହତଙ୍କୁ ଭେଟି ପଚରାଉଚରା କରିଥିଲେ। ଛତ୍ରପୁର ଉପଖଣ୍ଡ ପୋଲିସ ଅଧିକାରୀ ଚନ୍ଦନ ଘଡେଇଙ୍କ ନେତୃତ୍ୱରେ ଛତ୍ରପୁର ଥାନାଧିକାରୀ ଓ ତାଙ୍କ ଟିମ୍ ଗୋବା ଗ୍ରାମରେ ପହଞ୍ଚି ଜୋରଦାର ଛାନଭିନ ଆରମ୍ଭ କରିଛନ୍ତି। ଏନେଇ ଆହତ ସୁଧୀରଙ୍କ ପକ୍ଷରୁ ୨୦ଜଣଙ୍କ ନାଁ'ରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ସକାଳ ୧୦ଘଣ୍ଟା ସମୟରେ ଗୁରୁତର ତୋଫାନ ସ୍ୱାଇଁ ତାରାତାରିଣୀ ମନ୍ଦିରରୁ ଫେରୁଥିବା ସମୟରେ ଗୋବା ଗାଁ ଛକରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ୨୦ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ତାଙ୍କୁ ସଂଘବଦ୍ଧ ଭାବେ ଖଣ୍ଡା, କାତି, ଠେଙ୍ଗା, ହକି ଷ୍ଟିକ୍, ଲୁହାରଡ଼ ଆଦିରେ ଅତର୍କିତ ଆକ୍ରମଣ କରିଥିଲେ। ପରେ ଏ ସମ୍ପର୍କରେ ଖବର ପାଇ ତୋଫାନ ସ୍ୱାଇଁର କକା ପୁଅ ଭାଇ ସୁଧୀର ସ୍ୱାଇଁ ଓ ତାଙ୍କର ସମ୍ପର୍କୀୟ ଭାଇମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଛାଡ଼ି ନଥିଲେ ଫଳରେ ସେମାନେ ମଧ୍ୟ ଆହତ ହୋଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ସଙ୍ଗେସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆହତ ମାନଙ୍କୁ ଅଣାଯାଇଥିଲା। ସେଠାରେ ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ତୋଫାନ ସ୍ୱାଇଁଙ୍କ ଦୁଇ ହାତ ଓ ଦୁଇ ଗୋଡ଼କୁ ହାଣିବା ସହ ଠେଙ୍ଗାରେ ବାଡେଇ ଭଙ୍ଗାଯାଇଛି। ତେଣୁ ଅବସ୍ଥା ସାଂଘାତିକ ଥିବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆହତମାନଙ୍କ ଓ ଅନ୍ୟମାନଙ୍କ ପକ୍ଷରୁ କୁହାଯାଇଛି ଯେ ଗ୍ରାମ୍ୟ କମିଟି ୨ବର୍ଷ ପୂର୍ବେ ଗଠନ କରି ମନମୁଖୀ ଶାସନ କରୁଛନ୍ତି। ଏଥିସହ ଅଯଥାରେ ବହୁ ଲୋକଙ୍କ ଠାରୁ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରିବାରୁ ଏହି ଆକ୍ରମଣ ହୋଇଥିବା ଏମାନେ କହିଛନ୍ତି।



## ରୋଟାରୀ କ୍ଲବ ପକ୍ଷରୁ ସହାୟତା

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସୋମବାର ରୋଟାରୀ କ୍ଲବ୍ କେନ୍ଦୁଝରର ସଭାପତି ରାଜଲକ୍ଷ୍ମୀ ସ୍ୱାଇଁ, ଏକ ଗରୀବ ଅସହାୟ ପରିବାରକୁ ଜୀବନ ଜୀବିକା ନିର୍ବାହ ନିମନ୍ତେ ଏକ ସିଲେଇ ମେସିନ ପ୍ରଦାନ କରିଛନ୍ତି। ପୁରୁଣା ସହରର ସେକ ପୁଟୁରୁଙ୍କ ବାସଗୃହ ଭାଙ୍ଗି ଯାଇ ଅସହାୟ ହୋଇ ପଡିଥିବାବେଳେ ରୋଟାରୀ ସଭାପତିଙ୍କ ଏତାଦୃଶ ମାନବୀୟ ସହାୟତା ପୁଟୁରୁଙ୍କ ଆଖିରେ ଆନନ୍ଦାଶ୍ରୁ ସୃଷ୍ଟି କରିଥିଲା। ଏକ ସିଲେଇ ମେସିନ, ସିଲେଇ ଉପକରଣ, ମଶାରୀ ସହିତ ସହାୟତା ସାମଗ୍ରୀ ବଣ୍ଟନ ବେଳେ ରୋଟାରିଆନ ସୁରେଶ ଖଟୋଇ, ପ୍ରିୟଦର୍ଶୀ ପଟ୍ଟନାୟକ, ଦେବବ୍ରତ ସ୍ୱାଇଁ, ବିଜୟନାଥ କପୁର ପ୍ରମୁଖ ଉପସ୍ଥିତି ଏକ ଅନନ୍ୟ ବାତାବରଣ ସୃଷ୍ଟି କରିଥିଲା।

# ବିଦେଶୀ ମଦ ସହ ବାଇକ୍ ଜବତ



ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ଥାନା ଅଧିନ କୋଷ୍ଠା ବଙ୍ଗଳା ଛକ ପୋଲ ନିକଟରୁ ଶୁଳିଆପଦା ପୋଲିସ ୩୭ ଲିଟର ୨ ଶହ ଗ୍ରାମ ବିଦେଶୀ ମଦ, ବ୍ୟବହୃତ ସ୍ପ୍ଲେଣ୍ଡର ବାଇକ୍ ଜବତ କରିବା ସହ ଜଣକୁ ଗିରଫ କରିଥିବା ସୂଚନା ମିଳିଛି। ସୂଚନା ମୁତାବକ କୋଷ୍ଠା ମଦ କାଉଣ୍ଟରର ସେଲ୍ସମ୍ୟାନ ଆରଓ୍ୱାଲ୍, ବିହାର ଅଞ୍ଚଳର ଦିନୁ କୁମାର ଗୁପ୍ତା ଚୋରାରେ ରୟାଲ ଷ୍ଟାଗ୍ ମଦ ପେଟି ନେଇ କୋଷ୍ଠାରୁ କାଳିଆଶୋଳ ଆଡକୁ ଯାଉଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଶୁଳିଆପଦା ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ମଦ ସହିତ ବାଇକ୍ ଜବତ କରିବାରେ ସଫଳ ହୋଇଥିଲା। ଏନେଇ ଶୁଳିଆପଦା ଥାନାରେ ମାମଲା ରୁଜୁ କରି ଚାଲାଣକାରି ଦିନୁ ଗୁପ୍ତାକୁ ନୋଟିସ ଦେଇ ଛାଡିଥିବା ସୂଚନା ମିଳିଛି।

# ଏନ୍‌ସିସି ତାଲିମ୍ ଶିବିର ଉଦ୍‌ଘାଟିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଓଡ଼ିଶା ଏନ୍‌ସିସି ବାଟାଲିୟନ ପକ୍ଷରୁ ଧରଣୀଧର ବିଶ୍ୱ-ବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସ ପରିସରରେ ମଙ୍ଗଳବାର ଦଶଦିନିଆ ତାଲିମ୍ ଶିବିର ଆରମ୍ଭ ହୋଇଯାଇଛି। ୧୪ ଓଡ଼ିଶା ଏନ୍‌ସିସି ବାଟାଲିୟନ କେନ୍ଦୁଝରର କମାଣ୍ଡିଂ ଅଫିସର କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଏନ୍‌ସିସି କ୍ୟାଡେଟମାନଙ୍କୁ ଶୃଙ୍ଖଳା, କଠିନ ପରିଶ୍ରମ ସହ ଦେଶ ମାତୃକାର ସେବା ପାଇଁ ସମସ୍ତେ ଆଗଭର ହେବାକୁ ଆହ୍ୱାନ କରିଥିଲେ। ଲେଫ୍ଟନାଣ୍ଟ ସଲମା କିସ୍କୁ ଉତ୍ତମ ଚରିତ୍ର ଗଠନ ଓ ଶୃଙ୍ଖଳିତ ହେବା ପାଇଁ ପରାମର୍ଶ ଦେଇଥିଲେ। କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲା ଓ ୩ ଓଡ଼ିଶା ବୁର୍ଲା ବାଟାଲିୟନର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ପ୍ରାୟ ୬୦୦ କ୍ୟାଡେଟ ଏହି ଶିବିରରେ ଯୋଗ ଦେଇଛନ୍ତି। ଶାରୀରିକ ଶିକ୍ଷା, ଡ୍ରିଲ, ମ୍ୟାପ ରିଡ଼ିଂ, ଜାତୀୟ ସଂହତି, ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, ଦକ୍ଷତା ବିକାଶ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯିବ ବୋଲି ସୁବେଦାର କରନ ସିଂହ ସୂଚନା ପ୍ରଦାନ କରିଛନ୍ତି। ଏହି ଶିବିରରେ ଇଣ୍ଟର ଡାଇରେକ୍ଟୋରେଟ ସ୍ପୋର୍ଟସ ସୁଟିଂ ପ୍ରତିଯୋଗୀତା ପାଇଁ ସମ୍ବଲପୁର, ବ୍ରହ୍ମପୁର ଓ କଟକ ଗ୍ରୁପର କ୍ୟାଡେଟ ଯୋଗ ଦେଇଛନ୍ତି। ଏହି ଶିବିରକୁ ସୂଚାରୁରୂପେ ସମ୍ପାଦାନ କରିବା ପାଇଁ ସୁବେଦାର ମେଜର ଲକ୍ଷ୍ମୀ ନାରାୟଣ ଦାୟିତ୍ୱ ଦିଆଯାଇଛି। ଲେଫ୍ଟନାଣ୍ଟ ଅରୁଣ କୁମାର ଜେନା, ଅଜୟ କୁମାର ଗୋସ୍ୱାମୀ,କୁମାର ଖୁଣ୍ଟିଆ, ଏନ୍‌ସିସି ଅଫିସର ଗିରୀଶ ଚନ୍ଦ୍ର ପ୍ରଧାନ, ଦେବାଶିଷ ମହାପାତ୍ର, ଅରୁଣ କୁମାର ବେହେରା, ପ୍ରକାଶ ଚନ୍ଦ୍ର ଗିରି, ଅରୁଣ ବେହେରା, ରାଜୀବ ଲୋଚନ ଜେନାଙ୍କ ସମେତ ସୁବେଦାର ରାଧେଶ୍ୟାମ ପାଣ୍ଡେ, ଟୁଲ ବାହାଦୁର ମଗର, କରନ ସିଂହ, ନାଏବ ସୁବେଦାର ନରେନ ଗୋଗେଇ, ଗାର୍ଲସ କ୍ୟାଡେଟ ଇନଷ୍ଟ୍ରକ୍ଟର ନେହା, ବିଏଚଏମ କୁଲଓ୍ୱନ୍ତ ସିଂହ, ହାବିଲଦାର ଜିତେନ୍ଦ୍ର, ନୂତନ ସାହୁ, ବିକେଯାଦବ, ମନତୋଷ ଭଣ୍ଡାରି, ଗୁରୁନାମ୍ ସିଂହ, ଧରମବୀର ସିଂହ, କିଶୋର ନାଥ, ଭେଙ୍କଟ ବାବୁ ଶିବିର ପରିଚାଳନା କରିବା ନିମନ୍ତେ ଯୋଗ ଦେଇଛନ୍ତି।

## ପୋଖରୀରୁ ଯୁବକଙ୍କ ମୃତଦେହ ଠାବ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ପୋଖରୀରେ ଗାଧୋଇବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁସାରେ ଧର୍ମଗଡ଼ ଥାନା ଅନ୍ତର୍ଗତ କଦଳିମୁଣ୍ଡା ଗ୍ରାମର ଦିଜବଳ ନାୟକଙ୍କ ବଡପୁଅ ଲଳିତ ନାଏକ (୨୨) ମଧ୍ୟାହ୍ନ ସମୟରେ ନିକଟସ୍ଥ ଚାରିଖୁଟିଆ ବନ୍ଧକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି ପରେ ବନ୍ଧ ହୁଡ଼ାରେ ଉକ୍ତ ଯୁବକର ପ୍ୟାଣ୍ଟ ସାର୍ଟ ରହିଥିବା ଦେଖିବାକୁ ପାଇଥିଲେ। ସନ୍ଦେହରେ ପାଣି ଭିତରେ ଖୋଜିବାରୁ ଉକ୍ତ ଯୁବକଙ୍କ ମୃତଦେହ ଠାବ ହୋଇଥିଲା। ତେବେ କାରଣ ଅସ୍ପଷ୍ଟ ରହିଥିଲେ ହେଁ ପାଣିରେ ବୁଡି ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଧର୍ମଗଡ଼ ପୋଲିସ ଏକ ମାମଲା ରୁଜୁ କରିବା ସମେତ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଅନ୍ୟପଟେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି।

# ବିଦ୍ୟାଳୟ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଗ୍ୱେଯୋର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅସାମାଜିକଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ଶିକ୍ଷକ ଓ ଅଭିଭାବକ ମାନେ ବାରମ୍ବାର ବାରଣ ସତ୍ତ୍ୱେ ମଧ୍ୟ ଦୁର୍ବୃତ୍ତମାନେ ବିଦ୍ୟାଳୟ ବନ୍ଦ ହେବା ପରେ ଭିତରକୁ ଆସି ମଦ୍ୟପାନ କରିବା ସହ ଅସାମାଜିକ କାର୍ଯ୍ୟକଳାପ ଜାରି ରଖିଛନ୍ତି। ଏହାର କୁପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ପଡୁଛି। ଅନେକ ସମୟରେ ବିଦ୍ୟାଳୟ ପରିସରରେ ମଦ ବୋତଲ ପଡ଼ିଥିବା ବେଳେ କାଚ ବୋତଲ ଭାଙ୍ଗି ପଡ଼ିଥିବା ମଧ୍ୟ ଦେଖିବାକୁ ମିଳିଛି। ଅସାମାଜିକ କାର୍ଯ୍ୟକଳାପ ରୋକ ଲଗାଇବାକୁ ଆଜି ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଅଭିଭାବକ ମାନେ ଏକ ରାଲିରେ ବାହାରି ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ବନ୍ଦ ହେବାପରେ କୌଣସି ବ୍ୟକ୍ତି ଭିତରକୁ ଗଲେ ତା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନାରାବାଜି ଦେଉଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ଭଳି ଶିକ୍ଷା ମନ୍ଦିରରେ ଏଭଳି ହୀନ କାର୍ଯ୍ୟକଳାପକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି।

## ଗଞ୍ଜେଇ ଜବତ, ଜଣେ ବେପାରୀ ଗିରଫ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶ କ୍ରମେ କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ରରୁଆଁ ଥାନା ଅନ୍ତର୍ଗତ ଜାମୁଡି ନିକଟରୁ ୪୧ କିଲୋ ଗଞ୍ଜେଇ ଯାହାର ଆନୁମାନିକ ମୂଲ୍ୟ ଚାରିଲକ୍ଷ ଦଶହଜାର ଟଙ୍କା ଜବତ କରିବା ସହିତ ଅଭିଯୁକ୍ତ ଗଞ୍ଜେଇ ବ୍ୟବସାୟୀ କାଳିଚରଣ ମହାନ୍ତଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଛି। ଏହି ଚଢ଼ାଉରେ କରଞ୍ଜିଆ ଅବକାରୀ ଥାନା ନିରୀକ୍ଷକ ସଞ୍ଜୟ କାଣ୍ଡିଙ୍କ ନେତୃତ୍ୱରେ କରଞ୍ଜିଆ ଅବକାରୀ ସହ ନିରୀକ୍ଷକ ରଶ୍ମିରଂଜନ ନାଏକ, ଶୁକ୍ଳି ଅବକାରୀ ସହ ନିରୀକ୍ଷକ କୃଷ୍ଣଚନ୍ଦ୍ର ବିନ୍ଧାଣିଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ। କରଞ୍ଜିଆ ଅବକାରୀ ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତ କାଳିଚରଣ ମହାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଓ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା କରଞ୍ଜିଆ ଅବକାରୀ ସହ ନିରୀକ୍ଷକ ରଶ୍ମିରଂଜନ ନାଏକ ସୂଚନା ଦେଇଛନ୍ତି।

# ପୁରୀ ରଥଯାତ୍ରାରେ ଯୋଗଦେଲେ ଶିବଦତ୍ତ ଦାସ



ପୁରୀ, (ଭାସ୍କର ନ୍ୟୁଜ୍): ୨୫,୦୦୦ କୋଟି ଟଙ୍କାର ବିଶ୍ୱ ସମୁଦ୍ର ଗ୍ରୁପର ଗ୍ରୁପ୍ ମ୍ୟାନେଜିଂ ଡାଇରେକ୍ଟର ତଥା ଓଡ଼ିଶାରେ ଜନ୍ମଗ୍ରହଣ କରିଥିବା ଶିବଦତ୍ତ ଦାସ ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ଯୋଗ ଦେଇଥିଲେ। ନିଜର ସାଧାରଣ ଓ ବିନମ୍ର ସ୍ୱଭାବ ବଜାୟ ରଖି ସେ କୌଣସି ଧୁମଧାମବିନା ଏହି ତୀର୍ଥଯାତ୍ରା ସାରିଥିଲେ। ବିଶ୍ୱ ସମୁଦ୍ର ଗ୍ରୁପ୍ ବର୍ତ୍ତମାନ ବାରାଣସୀ ଏବଂ ହେମକୁଂଟ ସାହିବ୍ ପାଇଁ ୫,୦୦୦ କୋଟି ଟଙ୍କା ବିନିଯୋଗରେ ଯାତ୍ରୀଙ୍କ ପାଇଁ ନୂତନ ରୋପୱେ ବ୍ୟବସ୍ଥା ନିର୍ମାଣ କରୁଛି। ଏହା ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ଼ ରୋପୱେ ନିର୍ମାଣ ସଂସ୍ଥା ଅଟେ।

# ବିବାଦକୁ ସାମ୍ନା ନକରି ଛୁଟିରେ ଗଲେ ନିର୍ବାହୀ ଅଧିକାରୀ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାର ବ୍ୟାସନଗର ପୌର ପରିଷଦରେ ବିବାଦ ଥମିବାର ନା ଧରୁନାହିଁ। ଟେଣ୍ଡର ପ୍ରକ୍ରିୟାକୁ ନେଇ ଲାଗି ରହିଥିବା ବିବାଦକୁ ସାମ୍ନା କରି ନପାରି ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ଚାଲି ଯାଇଥିବା ଖବର ସୋମବାର ଜଣାପଡିଛି। ଯାହାକୁ ନେଇ ଆଗକୁ ହେବାକୁ ଥିବା ସହରର ବିକାଶ କାର୍ଯ୍ୟ ଠପ ହୋଇଛି। ସୂଚନା ଥାଉକି ୬ ଜଣ ଅସନ୍ତୁଷ୍ଟ (ବିଜେଡିର ୪, ଭାଜପା ଓ କଂଗ୍ରେସର ୨ଜଣ) କାଉନସିଲର ଟେଣ୍ଡରରେ ଜାଣିଶୁଣି ସେମାନଙ୍କ ୱାର୍ଡକୁ କମ ଅର୍ଥ ଅନୁଦାନ ନେଇ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ବିଗତ ପୌର ପରିଷଦ କାଉନସିଲ ବୈଠକ ଅନୁଯାଇ ପୂର୍ବରୁ ପଡିରହିଥିବା ପ୍ରାୟ ୪ କୋଟି ଅନୁଦାନକୁ ବିଭିନ୍ନ ୱାର୍ଡର ଉର୍ଣ୍ଣୟନ ମୂଳକ କାର୍ଯ୍ୟରେ ବିନିଯୋଗ କରିବାକୁ ସର୍ବସମ୍ମତି ନିଷ୍ପତ୍ତି ହୋଇଥିଲା। ସମସ୍ତ ୨୬ ଗୋଟି ୱାର୍ଡରେ ବାକିଥିବା ଉର୍ଣ୍ଣୟନ କର୍ଯ୍ୟରେ ଉକ୍ତ ଅନୁଦାନ ଟେଣ୍ଡର ମାଧ୍ୟମରେ ଖର୍ଚ୍ଚ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉକ୍ତ ଉନ୍ନତିମୂଳକ କାର୍ଯ୍ୟଗୁଡିକର ଖସଡ଼ା ପ୍ରସ୍ତୁତ କରାଯାଇ ଟେଣ୍ଡର କରିବାପାଇଁ ନିର୍ବାହୀ ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ହେଲେ ନିର୍ବାହୀ ଅଧିକାରୀ ବିଭିନ୍ନ କାରଣ ଦର୍ଶାଇ ଟେଣ୍ଡର ପ୍ରକ୍ରିୟାକୁ ଗଡ଼ାଇ ଚାଲିଥିଲେ। ଯାହାକୁ ନେଇ ଗତ ଗୁରୁବାର ଅଧ୍ୟକ୍ଷଙ୍କ ସହ ୨୦ଜଣ କାଉନସିଲର କେଉଁ କାରଣରୁ ଟେଣ୍ଡର କରାଯାଉନାହିଁ ବୋଲି ଅଧିକାରୀଙ୍କୁ ପ୍ରଶ୍ନ କରିବା ସହ ପୌର ନିୟମ ଅନୁଯାଇ ଟେଣ୍ଡର ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବାକୁ ଚାପ ସୃଷ୍ଟି କରିବା ସହ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଅଧିକାରୀଙ୍କୁ ଅଟକ ରଖିଥିଲେ। ଟେଣ୍ଡରରେ ସେମାନଙ୍କ ୱାର୍ଡ ପାଇଁ କମ ଅର୍ଥ ଦିଆଯାଉଥିବା ୬ଜଣ କାଉନସିଲର ଏକ ଅଭିଯୋଗ ପତ୍ରରେ ଉଲ୍ଲେଖ କରି ଟେଣ୍ଡର ବନ୍ଦ ରଖିବାକୁ ନିର୍ବାହୀ ଅଧିକାରୀଙ୍କୁ ପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଅଭିଯୋଗ ବିଚାର କରାନଗଲେ ଅନଶନରେ ବସିବାକୁ ଚେତାବନୀ ଦେଇଥିବା ଅଧିକାରୀ ଜଣାଇଥିଲେ। ଫଳରେ ସହରର ଉର୍ନତି ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ବିକାଶ ଠପ ହୋଇଛି। ଯଦି ପୂର୍ବ ବର୍ଷ ବଜେଟକୁ ଦେଖାଯାଏ ଯେଉଁମାନେ ଅଭିଯୋଗ ଆଣିଛନ୍ତି ସେମାନଙ୍କ ୱାର୍ଡରେ ଯଦି ପୂର୍ବ ବର୍ଷ ବଜେଟକୁ ଦେଖାଯାଏ ଯେଉଁମାନେ ଅଭିଯୋଗ ଆଣିଛନ୍ତି ସେମାନଙ୍କ ୱାର୍ଡରେ ଅନ୍ୟ ୱାର୍ଡ ଅପେକ୍ଷା ବୋହୁ ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବା ପୌରାଧକ୍ଷ ସୁବାସ ବଳ କହିଛନ୍ତି। ଏନେଇ ଶାସକ ଦଳ ରାଜନୀତି କରୁଥିବା ସହରବାସୀଙ୍କ ଭୋଟରେ ନିର୍ବାଚିତ ହୋଇଥିବା ବିଧାୟକ ଅଯଥାରେ ସହରର ବିକାଶରେ ବାଧକ ସାଜୁଥିବା ୨୦ଜଣ କାଉନସିଲର ଅଭିଯୋଗ ଆଣିଛନ୍ତି। ପୌର ପରିଷଦକୁ ଗୋଟିଏ ଟଙ୍କା ଦେଇ ନଥିବା ଶାସକ ଦଳ ପୂର୍ବ ସରକାରର ପଡି ରହିଥିବା ଅନୁଦାନ ସହରର ବିକାଶ କାର୍ଯ୍ୟରେ ବିନିଯୋଗକୁ ଉଦେଶ୍ୟ ମୂଳକ ଭାବେ ବାଧା ସୃଷ୍ଟି କରୁଥିବା ସେମାନେ କହିଛନ୍ତି। ଯଦି ଏଭଳି ପରିସ୍ଥିତି ଲାଗିରହେ ତେବେ ଆମେ ଆଗାମୀଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ବିଭିନ୍ନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ନବ ନିର୍ମାଣ ସମିତିର ପ୍ରତିଷ୍ଠା ଦିବସ ପାଳିତ

ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): ବନ୍ଧୁଗାଁ ବ୍ଲକ ନିଲାବାଡି ପଞ୍ଚାୟତ ସଦରରେ ଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନବ ନିର୍ମାଣ ସମିତିର ୩୧ ତମ ପ୍ରତିଷ୍ଠା ଦିବସ କଲ୍ୟାଣ ମଣ୍ଡପ ଠାରେ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସ ପାଳନ ଅବସରରେ ସଂସ୍ଥାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ଓ କର୍ମୀଙ୍କୁ ନେଇ ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂସ୍ଥା ର ଗତ ବର୍ଷର ବିବରଣୀ ପାଠ କରିବା ସହିତ ଚଳିତ ୫ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂସ୍ଥାର ପ୍ରତିଷ୍ଠା ଦିବସ ଅବସରରେ ସରକାରୀ ଉଚ୍ଚ (ଏସଏସଡି) ବାଳିକା ବିଦ୍ୟାଳୟର ଦଶମ ଓ ନବମ ଶ୍ରେଣୀର ଛାତ୍ରୀଙ୍କୁ ନେଇ ସଚେତନତା ସୃଷ୍ଟି କରିବା, ଶପଥ ପାଠ ସହ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ସାହୁ, ପ୍ରଣବ କୁମାର ଭୋଇ, ନବନିର୍ମାଣ ସମିତିର ସଭାପତି ୱାଟାକା ଜାଗାନା, କଷାଧକ୍ଷ ହୁଇକା ଗୁମ୍ପା, ସଭ୍ୟ ଭି ରଜନୀକାନ୍ତ, କେ ସାବିତ୍ରୀ, ଜି




ଲକ୍ଷ୍ମୀ, ମେଲେକା ଆରୁଦ୍ରା, ଗୋବିନ୍ଦ ମାଣ୍ଡିଙ୍ଗି, ଡମ୍ବୁ କଣ୍ଡାଗରୀ, ସେଙ୍ଗା ହିମିରିକା, ଚନ୍ଦ୍ର ହିମିରିକା, ଏ ରତନା , ସଂସ୍ଥା ର କର୍ମୀ ରାମ, ସନ୍ତୋସି, ଏସ ମିଣିଆକା, ଏଲ ମାଣ୍ଡିଙ୍ଗି, ମାଲୁଣି, ଛଟି, ଓ ସବିତି ପ୍ରମୁଖ ଉପସ୍ଥିତ ରହି ଥିଲେ।

# ବିପଦ ସଙ୍କେତ ତଳେ ବୈତରଣୀ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ବୈତରଣୀ ନଦୀରେ ଆସିଥିବା ଚଳିତ ମୌସୁମି ଋତୁର ପ୍ରଥମ ବନ୍ୟା ବିପଦସଙ୍କେତ ସ୍ତର ଅତିକ୍ରମ କରିନାହିଁ। ମଙ୍ଗଳବାର ଦିନ ୧୦ଟା ସମୟରେ ଆଖୁଆପଦାରେ ନଦୀର ଜଳସ୍ତର ସର୍ବାଧିକ ୧୮.୨୦ମିଟରରେ ପହଞ୍ଚି ସ୍ଥିର ହୋଇଥିଲା। ଦିନ ୧୨ଟାରେ ଜଳସ୍ତର କମିବା ଆରମ୍ଭ କରିଥିଲା। ସନ୍ଧ୍ୟା ୫ଟାରେ ନଦୀର ଜଳସ୍ତର ୧୮.୦୨ମିଟରରେ ପ୍ରବାହିତ ହେଉଥିବା ଜଣାଯାଇଛି। ନଦୀର ଜଳସ୍ତର ଘଣ୍ଟାପ୍ରତି ୩ମି.ମି ବେଗରେ ହ୍ରାସ ପାଉଛି ବୋଲି ଆଖୁଆପଦା ଜଳସମ୍ପଦ ବିଭାଗ ବନ୍ୟା ନିୟନ୍ତ୍ରଣ କକ୍ଷ ସୂତ୍ରରୁ ପ୍ରକାଶ। ଆଖୁଆପଦାରେ ନଦୀର ସତର୍କ ସଙ୍କେତ ସ୍ତର ୧୭.୮୩ ମିଟର ରହିଥିବା ବେଳେ ବିପଦ ସଙ୍କେତ ସ୍ତର ୧୮.୩୩ ମିଟର ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପର ମୁଣ୍ଡରେ ସେଭଳି କୌଣସି ବଡଧରଣର ବର୍ଷା ହୋଇନଥିବାରୁ ବନ୍ୟା ଆଶଙ୍କା ଟଳିଯାଇଛି। ଏହି ସମୟ ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୧.୮ ମି.ମି., ସ୍ୱାମୀପାଟଣାରେ ୪.୪ ମି.ମି., କେଉଁଝରରେ ୧.୬ମି.ମି., ଆନନ୍ଦପୁରରେ ୨.୦ମି.ମି., ଆଖୁଆପଦାରେ ୧.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ବିଧାୟକ ସଞ୍ଜିବ କୁମାର ମଲ୍ଲିକ ଆନିକଟ ଓ କଣ୍ଟିଘାଇ ପରିଦର୍ଶନ କରିବା ସହ ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ ଓ ବିଡିଓ ଦେବଦତ୍ତ ଦାସଙ୍କ ସହ ବନ୍ୟା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି।

# କଣିହାଁ ବ୍ଲକ ବିଜେଡିର ସାଙ୍ଗଠନିକ ବୈଠକ



କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା ପାଲଲହଡା ନିର୍ବାଚନ ମଣ୍ଡଳୀ ର କଣିହାଁ ବ୍ଲକ ବିଜୁ ଜନତା ଦଳ ତରଫରୁ ଆୟୋଜିତ ସାଙ୍ଗଠନିକ ବୈଠକ କାର୍ଯ୍ୟକ୍ରମରେ ୨୭ଟି ପଞ୍ଚାୟତର ସଭାପତିମାନଙ୍କୁ ନେଇ ଆଜି ସମଲ ଡାକବଙ୍ଗଳା ଠାରେ ଏକ ସଭା ଆୟୋଜନ ହୋଇଥିଲା। ଏହି ଆୟୋଜିତ ସଭାରେ ସଭାପତି ପ୍ରଶାନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବରେ ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଳ, କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷ ଜୟନ୍ତୀ ପ୍ରଧାନ, ସୁନିଲ ପ୍ରଧାନ, ଜିତେନ୍ଦ୍ର ସାହୁ, ସୁବାଷ ମହାନ୍ତି, ବରିଷ୍ଠ ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ହିମାଚଳ ପଣ୍ଡା, କରୁଣା କର ପ୍ରଧାନପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ବିଜୁଜନତା ଦଳ କଣିହାଁ ବ୍ଲକ ତୃଣମୂଳ ସ୍ତରରୁ ସଂଗଠନ ମଜବୁତ ହେବ ତାହା ଉପରେ ଗୁରୁତ୍ୱ ନେଇ ମତ ରଖିଥିଲେ। ତତ୍ ସହିତ କଣିହାଁ ବ୍ଲକ ବିଜୁ ଜନତା ଦଳର ୨୭ଟି ପଞ୍ଚାୟତର ସଭାପତିମାନଙ୍କୁ ଏକ ସମନ୍ୱୟ ରଖି କାର୍ଯ୍ୟକର୍ତ୍ତା ମାନଙ୍କୁ ସଂଗଠନ କିପରି ୱାର୍ଡ ସ୍ତରରୁ ମଜବୁତ ହେବ, ଭାଜପା ଡବଲ ଇଞ୍ଜିନ ସରକାରର ଏକବର୍ଷ ମଧ୍ୟରେ ବିଫଳତାକୁ କିପରି ଭାବରେ ୱାର୍ଡ ସ୍ତରରେ ପହଞ୍ଚିବ ସେ ବିଷୟରେ ଗୁରୁମନ୍ତ୍ର କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଆସନ୍ତା ୦୬ ତାରିଖ ରବିବାର ଦିନ ଅନୁଗୋଳ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଉଦଘାଟନ ହେବ ଏଣୁ ସମସ୍ତ ବିଜୁ ଜନତା ଦଳର ସଭାପତି, ସରପଞ୍ଚ, ସମିତି ସଭ୍ୟ ଜିଲ୍ଲାପରିଷଦ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଯୁବ, ଛାତ୍ର, ମହିଳା, ଯୋଗ ଦେବାପାଇଁ ଆହ୍ୱାନ କରାଯାଇଥିଲା। ବିଭିନ୍ନ ପଞ୍ଚାୟତ ର ସଭାପତି ଓ ସମ୍ପାଦକ, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ସାହୁ, ଗିରିଶ ସାହୁ ଶିବ ପ୍ରସାଦ ବେହେରା, ଅବନୀ କାନ୍ତ ଦେହୁରୀ, ସତ୍ୟାନନ୍ଦ ଗଡ଼ନାୟକ, ଭବେଶ ପ୍ରଧାନ, ସୌଭାଗ୍ୟ ପ୍ରଧାନ, ତପନ ବେହେରା ପୁରୋଷୋତ୍ତମ ସାହୁ, ଦେବରାଜ ପ୍ରଧାନ, ଜୟନ୍ତ ପ୍ରଧାନ, ମହର୍ଗା ସ୍ୱାଇଁ, ପ୍ରଜ୍ଞାବୀର ସାମଲ, ପ୍ରତାପ ବେହେରା, ଦେବାଶିଷ ମହାନ୍ତି, ମଣ୍ଟୁ ମହାନ୍ତି, ଗଗନ ରାଉତ ମହେଶ୍ୱର ସାମଲ, ପ୍ରଦୀପ ସାମଲ, ପ୍ରମୁଖ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ। ଶେଷରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ଧନ୍ୟବାଦ ଦେଇ ଥିଲେ।

## କଣାସରେ ପାନୀୟଜଳ ସମସ୍ୟା ଉତ୍କଟ

କଣାସ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ଏଠାରେ ବର୍ଷ ସାରା ପାନୀୟଜଳ ସମସ୍ୟା ଲାଗିରହୁ ଥିବାରୁ ପ୍ରଶାସନ ପକ୍ଷରୁ ୯ଶହରୁ ଊର୍ଦ୍ଧ୍ୱ ନଳକୂପ ଏବଂ ୬୦ରୁ ଊର୍ଦ୍ଧ୍ୱ ଗଭିରକୂପ ଖନନ କରାଯାଇଥିବା ବେଳେ ଅର୍ଦ୍ଧାଧିକ ନଳକୂପରୁ ଲୁଣିପାଣି ବାହାରିବାରୁ ସେଗୁଡିକ ଅଚଳହୋଇ ପଡିରହିଥିବା ବେଳେ ଗ୍ରୀଷ୍ମ ସମୟରେ ଜଳପତ କମିଯାଉଥିବାରୁ ଗଭିରକୂପ ଶୁଖିଯାଉଛି। ସେଥିପାଇଁ ପ୍ରଶାସନ ଦୟା, ରାଜୁଆ, ମକରା, ଲୁଣାନଦୀର ବେଣାଗାଁ, ପାଣ୍ଡିଆକେରା, ଢୋଲପାଟଣା, ଗଡବଡପୁଟ, ଜଙ୍କିଆ, ଗଡିଶାଗୋଦା, ବିଜିପୁର, ଗୋପିନାଥପୁର, ସୁନାଖଳା, ଅଡାଲ, ଚୁପୁରିଙ୍ଗି ଠାରେ ପାଇପି ଜଳ ପ୍ରକଳ୍ପ ବସାଇ କେତୋଟି ହାତଗଣତି ଗ୍ରାମକୁ ଜଳ ଯୋଗାଉ ଥିଲେ। ଗ୍ରୀଷ୍ମଋତୁରେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଉଠୁଥିବାରୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ସରପଞ୍ଚମାନଙ୍କ ଦ୍ୱାରା ଏପ୍ରିଲ୍ ୧ତାରିଖ ଠାରୁ ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ନିଜ ନିଜ ପଞ୍ଚାୟତରେ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିବାରୁ ଆଜି ଠାରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ବନ୍ଦ ହୋଇଯାଇଛି। ଅନିୟମିତତା ବର୍ଷା ଯୋଗୁଁ ପାନୀୟଜଳ ସମସ୍ୟା ପ୍ରତ୍ୟେକ ପଞ୍ଚାୟତରେ ଉତ୍କଟ ହୋଇପଡିଛି। ତେଣୁ ମଙ୍ଗଳବାର ବଡାସ ଗ୍ରାମପଞ୍ଚାୟତର ବାଲିପାଟଣା ଗ୍ରାମରେ ପ୍ରତିପରିବାର ଗ୍ରାମଦାଣ୍ଡରେ ଜଳ ନେବା ପାଇଁ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଗ୍ରାମ୍ୟଜଳ ଯୋଗାଣ ବିଭାଗ ରଂଜନ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେକୁହନ୍ତି ମେଘା ପାଇପ ଜଳ ପ୍ରକଳ୍ପ ୩-୪ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ ଆଉ କଣାସ ବ୍ଲକରେ ପାନୀୟଜଳ ସମସ୍ୟା ରହିବନାହିଁ।

# ଶ୍ୟାମସୁନ୍ଦରପୁର ପଞ୍ଚାୟତକୁ ତିହିଡ଼ି ଥାନା ଅଧୀନରେ ରଖାଯିବାକୁ ଦାବି



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତକୁ ତିହିଡ଼ି ଥାନା ଅଧୀନରେ ରଖିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ସରପଞ୍ଚ ପବିତ୍ର ମୋହନ ମଳିକ, ସୁରେନ୍ଦ୍ର ନାୟକ, ଶରତ ଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ରାଉତ ପ୍ରମୁଖ ଏ ସମ୍ପର୍କରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିରରେ ଏସପି ମନୋଜ ରାଉତଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପୂର୍ବରୁ ଶ୍ୟାମସୁନ୍ଦରପୁର ପଞ୍ଚାୟତ ତିହିଡ଼ି ଥାନା ଅଧନରେ ଥିଲା। ପୀରହାଟରେ ନୂତନ ଥାନା ହେବା ପରେ ଶ୍ୟାମସୁନ୍ଦରପୁର ପଞ୍ଚାୟତକୁ ପୀରହାଟ ଥାନା ଅଧୀନକୁ ନିଆଯାଇଛି। ଶ୍ୟାମସୁନ୍ଦରପୁର ପଞ୍ଚାୟତ ଠାରୁ ପୀରହାଟ ଥାନା ୩୦ କି.ମି. ଦୂର ହେବ। ତିହିଡ଼ି ଥାନା ପଞ୍ଚାୟତ ଠାରୁ ମାତ୍ର ୧୫ କି.ମି. ଦୂର ହେବ। ଏହି ଦୂରତାକୁ ବିଚାର ନକରି ସେତେବେଳେ ପଞ୍ଚାୟତକୁ ପୀରହାଟ ଥାନା ଅଧୀନରେ ରଖାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଶ୍ୟାମସୁନ୍ଦରପୁର ପଞ୍ଚାୟତର ଲୋକମାନେ ଆଇନର ସହାୟତା ପାଇଁ ୩୦ କି.ମି. ଦୂରରେ ଥିବା ପୀରହାଟ ଥାନାକୁ ଯାଉଛନ୍ତି। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ଖର୍ଚ୍ଚାନ୍ତ ହେଉଛନ୍ତି। କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ପୁଲିସ ପହଞ୍ଚିବାରେ ମଧ୍ୟ ବିଳମ୍ବ ହେଉଛି। ଯେଉଁଥିପାଇଁ ଲୋକମାନେ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ତେବେ ପଞ୍ଚାୟତକୁ ତିହିଡ଼ି ଥାନା ଅଧୀନରେ ରଖାଗଲେ ପଞ୍ଚାୟତର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ପଞ୍ଚାୟତ ବାସୀ ଏସପି ରାଉତଙ୍କୁ ଜଣାଇଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ରାସନକାର୍ଡ ହିତାଧିକାରୀଙ୍କ ଇ-କେ.ୱାଇ.ସି. ପାଇଁ ରାଜ୍ୟ ସରକାରଙ୍କ ଜୁନ ୩୦ତାରିଖ କଣ୍ଟ ପୁରିଗଲା। ଡିଲର ପଏଣ୍ଟରେ ଇ-ପୋସ ମେସିନରେ ଇ-କେ.ୱାଇ.ସି. ହିତାଧିକାରୀମାନେ ଦେବା ବ୍ୟବସ୍ଥା ହୋଇଥିବା ସମ୍ପର୍କରେ ବ୍ଲକ ମାର୍କେଟିଂ ଇନିସପେକ୍ଟରଙ୍କ ନୋଟିସ ହେଲା। ତଥାପି ଏହି ବ୍ୟବସ୍ଥା ବାହାରେ ରହିଗଲେ ପ୍ରବାସୀ ଓଡିଆମାନେ। ଇ-କେ.ୱାଇ.ସି.ରୁ ବଞ୍ଚିତ ପ୍ରବାସୀ ଓଡିଆମାନେ ମଙ୍ଗଳବାର ବ୍ଲକ ପରିସରରେ ଧାଡି ଲଗାଇଲେ। ଓଡିଶା ବାହାରୁ ଘରକୁ ଫେରି ହିତାଧିକାରୀମାନେ ଇ-କେ.ୱାଇ.ସି. ଦେବା ପାଇଁ ସକାଳ ୧୦ଟାରେ ବ୍ଲକରେ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା। ମଧ୍ୟାହ୍ନରେ ବ୍ଲକରେ ଇ-କେ.ୱାଇ.ସି. ଗ୍ରହଣ କରାଯିବ ନାହିଁ ବୋଲି କୁହାଯିବା ପରେ ଅପେକ୍ଷାରତ ହିତାଧିକାରୀମାନେ ଫେରିଯାଇଥିଲେ। ଏବେ ସେମାନଙ୍କ ରାସନ କାର୍ଡ ଭବିଷ୍ୟତ କ'ଣ ହେବ ତାହାକୁ ନେଇ ସେମାନେ ସନ୍ଦିହାନ ଥିବା ଜଣାଯାଇଛି। ଉପରୁ ନିର୍ଦ୍ଦେଶ ଆସିଲେ ଏ ସମ୍ପର୍କରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ବ୍ଲକ ମାର୍କେଟିଂ ଇନିସପେକ୍ଟର ହିମାଂଶୁ ଦାସ ସୂଚନା ଦେଇଛନ୍ତି।

## ବିଏମସି ଅଧିକାରୀଙ୍କୁ ମାଡ଼ ଘଟଣା

# ସାମୁହିକ ଛୁଟିରେ ଗଲେ କେନ୍ଦୁଝର ଜିଲ୍ଲାର ସମସ୍ତ ଓଏଏସ ଅଧିକାରୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ୧ ଜୁଲାଇ ୨୦୨୫ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କ ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣର କଡ଼ା ପ୍ରତିକ୍ରିୟା ସ୍ୱରୂପ, ଓଡ଼ିଶା ପ୍ରଶାସନିକ ସେବା ଆସୋସିଏସନ, କେନ୍ଦୁଝର ୟୁନିଟର ସମସ୍ତ ଓଏଏସ ଅଧିକାରୀ ସାମୂହିକ ଭାବେ ଅନିର୍ଦ୍ଧିଷ୍ଟକାଳ ପାଇଁ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଓଏଏସ ଅଧିକାରୀଙ୍କ ଦସ୍ତଖତ ସମ୍ବଳିତ ଦରଖାସ୍ତ ମାଧ୍ୟମରେ ଜିଲ୍ଲାପାଳଙ୍କୁ ସୂଚିତ କରାଯାଇଛି। ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ଓଏଏସ ସଂଘର ସଭାପତି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଦସ୍ୟମାନଙ୍କ ମଧ୍ୟରେ ସର୍ବସମ୍ମତ କ୍ଷୋଭ ପ୍ରକାଶ ପାଇଥିଲା, ଏହି ଆକ୍ରମଣକୁ କେବଳ ଏକ ଅପରାଧିକ କାର୍ଯ୍ୟ ନୁହେଁ ବରଂ ସାର୍ବଜନୀନ ସେବାର ମର୍ଯ୍ୟାଦା ଉପରେ ଏକ ସ୍ପଷ୍ଟ ଆକ୍ରମଣ ବୋଲି କହିଥିଲେ। ସଂଘ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଧନ୍ୟବାଦ ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ସମସ୍ତ ଅପରାଧୀଙ୍କ ବିରୁଦ୍ଧରେ କଠୋର ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ଏକ ପ୍ରସ୍ତାବ ଗୃହୀତ କରାଯାଇଛି। ଆକ୍ରମଣକୁ ବିରୋଧ କରି ଏହି ଆନ୍ଦୋଳନକୁ ଜିଲ୍ଲା ଓଡ଼ିଶା ରାଜସ୍ୱ ସଂଘ ଏବଂ ରାଜସ୍ୱ ଅମଲା ସଂଘ ମଧ୍ୟ ସମର୍ଥନ ଜଣାଇଛନ୍ତି।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଯାତ୍ରା



ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର, ବାରିପଦାର ଶ୍ରୀ ଶ୍ରୀ ହରି ବଳଦେବଜିଉ ବିଜେଙ୍କ ମନ୍ଦିର ପ୍ରାଙ୍ଗଣସ୍ଥ ରଥଖଳା ପାଲଟିଛି ସତେ ଯେମିତି ଆନନ୍ଦ ବଜାର। ଖୁବ୍ ଶାନ୍ତି ଶୃଙ୍ଖଳାର ସହିତ ରଥଯାତ୍ରାର ଅଦ୍ୟାବଧି ନିତିକାନ୍ତି ସୁରୁଖୁରୁରେ ପରିଚାଳନା ହେବା ଏବଂ ଏନେଇ ସାଧାରଣ ଲୋକଙ୍କଠୁ ବୁଦ୍ଧିଜୀବୀ ମହଲ ପର୍ଯ୍ୟନ୍ତ ସମସ୍ତେ ଜିଲ୍ଲାର ଦେବୋତ୍ତର ବିଭାଗକୁ ଶ୍ରେୟ ଦେଇଛନ୍ତି। ଏବର୍ଷ ରଥଯାତ୍ରାରେ ବହୁତ କିଛି ନିଆରା ଓ ନୂତନତ୍ୱ ପରିଲକ୍ଷିତ ହେଉଛି। ଯେପରିକି ସମୂହ ଶ୍ରଦ୍ଧାଳୁ ଯେଉଁମାନେ ରଥଯାତ୍ରା ପରିଦର୍ଶନ ନିମନ୍ତେ ଆସିବେ, ସମସ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ୩୦ ଜୁନ୍‌ରୁ ୦୪ ଜୁଲାଇ ପ୍ରତ୍ୟହ ସନ୍ଧ୍ୟା ୭ ଘଣ୍ଟିକା ସମୟରେ ଆୟୋଜନ କରାଯାଇଛି। ଏହି ସୂଚନା ମୟୂରଭଞ୍ଜ ଦେବୋତ୍ତର ବିଭାଗ ଅତିରିକ୍ତ ଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆହୁରି କହିଛନ୍ତି ଯେ ଶ୍ରୀଜୀଉମାନଙ୍କ ନିଳାଦ୍ରୀ ବିଜେ ଦିନ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ରୋସଗଲା ଭୋଗର ଆୟୋଜନ ରହିଛି। ଏଭଳି ପ୍ରସାଦ ବିତରଣ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ଓ ବଦାନ୍ୟ ବ୍ୟକ୍ତିମାନଙ୍କ ଉଦ୍ୟମରେ ସମ୍ଭବ ହୋଇ ପାରିଛି। ଏଥିପାଇଁ ନିମ୍ନଲିଖିତ ବ୍ୟକ୍ତିମାନେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି କୃଷ୍ଣାନନ୍ଦ ମହାନ୍ତି, କଳିଙ୍ଗକେଶରୀ ଜେନା, ବିପ୍ଳବ ବୁଗୁଡେଇ, ଅମର କୁମାର ସେଠି, ମୁକେଶ ଶର୍ମା, ସନ୍ତୋଷ ଖଣ୍ଡେଲୱାଲ, କାଶୀନାଥ ରାଣା, ନିମାଇ ତ୍ରିପାଠୀ, ସୁବ୍ରତ ମୁଖି, ସମୀର ଦେଓ, ଅରୁଣ ବାରାଦ, ସରଜ ସତପଥୀ, ଶିବୁ ରଣା, ସୋନୁ ରାମ, କାହ୍ନୁ ମହାନ୍ତି, ରାକେସ ବେହେରା, ବିଦୁରାଜ ସୋରେନ ଓ ଅଭିଷେକ ବେହେରା ପ୍ରମୁଖ। ତେଣୁ ମୟୂରଭଞ୍ଜ ଜିଲ୍ଲାର କୋଣ ଅନୁକୋଣରୁ ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ ଦେବଦତ୍ତ ବିଭାଗ ପକ୍ଷରୁ ଆମନ୍ତ୍ରଣ ଦିଆଯାଇଛି, ତେଣୁ ସମସ୍ତେ ଆସନ୍ତୁ ଜଗା ଦର୍ଶନ ସହୀ, ପ୍ରସାଦ ସେବନ ସାଙ୍ଗକୁ ନାନାପ୍ରକାର ବିପଣୀ ମେଳାରେ ବୁଲି କିଣାକଟା କରି ଦୋଳି, ପିଲାଙ୍କୁ ଆକୃଷ୍ଟ କଲା ଭଳିଆ ନାନା ପ୍ରକାରର ଖେଳନାର ରହିଛି ତାର ମଜା ମଧ୍ୟ ନିଅନ୍ତୁ।

# ମରଣଯନ୍ତା ପାଲଟିଛି ସେତୁ ସଂଯୋଗୀକରଣ ରାସ୍ତା

କଣ୍ଟାମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଗବଜୋର-ବୈଦ୍ୟନାଥ ତେଲନଦୀ ଉପରେ ଆଜକୁ ଦୁଇବର୍ଷ ହେବ ନିର୍ମାଣ ହୋଇଛି ନୂତନ ବିଜୁ ସେତୁ। କିନ୍ତୁ ତାକୁ ସଂଯୋଗ କରୁଥିବା ଦୁଇପଟ ରାସ୍ତା ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ, ୨୦୧୫ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗବଜୋର-ବୈଦ୍ୟନାଥ ତେଲନଦୀ ଉପରେ ଏକ ବିଜୁସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସେତୁଟିର ନିର୍ମାଣ କାମ ତଦାରଖ ପାଇଁ ସୁବର୍ଣ୍ଣପୁର ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଏହି ସେତୁଟିକୁ ୨୦୧୮ମସିହା ଡିସେମ୍ବର ମାସରେ ସମାପ୍ତ କରିବାର ଲକ୍ଷ୍ୟ ଥିଲା। ଏପରିକି ବହୁ ଅଭିଯୋଗ ସତ୍ତ୍ୱେ ତାହା ୨୦୨୨ମସିହା ଜୁନ ମାସ ୩୦ ତାରିଖରେ ସମ୍ପୂର୍ଣ୍ଣ ହୋଇଥିଲା। ହେଲେ ନିର୍ମାଣର ଦୁଇବର୍ଷ ନ ପୁରୁଣୁ ଏହି ସେତୁ ଉପରେ ବାଲି ବୋଝେଇ ହାଇୱା ଗାଡ଼ି ଯିବା ଆସିବା ଫଳରେ ଉଭୟ ପାର୍ଶ୍ୱର ସଂଯୋଗିକରଣ ରାସ୍ତା ଖାଲଖମା ହୋଇ ଦବିଗଲାଣି। ଏଣୁ ଦୈନନ୍ଦିନ ଯାତାୟାତ କରୁଥିବା ଲୋକେ ଏହି ରାସ୍ତାରେ ବିଭିନ୍ନ ଦୁର୍ଘଟଣା ହେଉଥିବା ଅଭିଯୋଗ ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ,ଏହି ସେତୁର ଗୋଟିଏ ପାର୍ଶ୍ୱରେ ଥିବା ବୌଦ୍ଧଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଗବଯୋର ଗ୍ରାମ। ଏହି ଗାଁ'ରେ ପ୍ରାୟ ୧୫୦୦ ଲୋକ ବସବାସ କରୁଥିବା ବେଳେ ୭୦ପ୍ରତିଶତ ଲୋକ ବୁଣାକାର ସମ୍ପ୍ରଦାୟ। ଯାହାକି ଉଚ୍ଚକୋଟିର ପାଟଶାଢ଼ୀ ତିଆରି ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ବେଶ୍ ଆଦରଲାଭ କରିଥିବା ବେଳେ ଏହି ଗାଁ'କୁ ୨୦୧୫ ମସିହାରେ ସରକାର ଆଦର୍ଶ ଗ୍ରାମ ମାନ୍ୟତା ଦେଇଥିଲେ। ସେତୁର ଅନ୍ୟ ପାର୍ଶ୍ୱରେ ସୁବର୍ଣ୍ଣପୁର ଜିଲ୍ଲା ସଦର ବ୍ଲକ ହରଡ଼ଖୋଲ ପଞ୍ଚାୟତ ଅନ୍ତର୍ଗତ ବୈଦ୍ୟନାଥ ଗ୍ରାମ। ଏହି ଗ୍ରାମଟି ତେଲନଦୀ କୂଳରେ ଅବସ୍ଥିତ। ଯାହାକି କୁସଲେଶ୍ୱର ବାବାଙ୍କ ପ୍ରାଚୀନ ଶୈବପୀଠ ପାଇଁ ବେଶ୍ୟପ୍ରସିଦ୍ଧ। ଏହି ସେତୁ ନିର୍ମାଣ ହେବା ଦିନଠାରୁ ଏହି ରାସ୍ତାଟି ସମ୍ବଲପୁର, ବରଗଡ, ବଲାଙ୍ଗୀର ଆଦି ଜିଲ୍ଲାଗୁଡ଼ିକୁ ସଂଯୋଗ କରିବା ପାଇଁ ଅତି କମ ରାସ୍ତା ପଡୁଥିବାରୁ ଯାତ୍ରୀମାନେ ଏହି ରାସ୍ତାରେ ଯିବାଆସିବା ପାଇଁ ବେଶ୍ ମନେ କରୁଛନ୍ତି। ତେଣୁ ଏହି ଦୁଇ ଗାଁକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ଖଣ୍ଡିଏ ବସ୍ ଗାଡ଼ି ଚଳାଚଳ କରିବା ପାଇଁ ଅଞ୍ଚଳବାସୀ ପୂର୍ବ ସରକାରଙ୍କ ନିକଟରେ ଅନେକ ଥର ଅଭିଯୋଗ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା ଫଳପ୍ରଦ ହୋଇପାରି ନାହିଁ। ବସ୍ ଗାଡ଼ିକୁ ଅନୁମତି ମିଳିବା ବଦଳରେ ଏହି ସେତୁ ଉପରେ ବାଲି ବୋଝେଇ ହାଇୱା ଗାଡ଼ିକୁ ଅନୁମତି ମିଳିବା କେତେଦୂର ଠିକ୍ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ସୃଷ୍ଟି ହୋଇଛି। ପ୍ରତିଦିନ ଏପରି ଭାରିଯାନ ଚଳପ୍ରଚଳ ହେବା ଫଳରେ ସେତୁର ସ୍ଥାୟୀତ୍ୱକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ତୁରନ୍ତ ଅଞ୍ଚଳବାସୀଙ୍କ ଦାବୀକୁ ପୂରଣ କରିବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ଶିକ୍ଷକ ବଦଳିକୁ ନେଇ ବିଜେଡି ବିଧାୟକଙ୍କ ପ୍ରସ୍ତୁତି ବୈଠକ

ଚାନ୍ଦବାଲି, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ଏକ ଶିକ୍ଷକ ବଦଳି କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟକ ବ୍ଲକରେ ଶିକ୍ଷକ ବଦଳି ହେବା ସହିତ, ନୂତନ ଶିକ୍ଷକ ଯୋଗଦାନ କରିବା ପାଇଁ ବିଧାୟକ ଏବଂ ସାସଂଦ ପ୍ରାୟ ପନ୍ଦରଜଣଙ୍କୁ ବଦଳି କରିପାରିବେ, ହେଲେ ଚାନ୍ଦବାଲି ବିଧାୟକ ଯୁକ୍ତି ବାଢିଛନ୍ତି କି ଚାନ୍ଦବାଲିରେ ଥିବା ସ୍କୁଲରେ ବିଭିନ୍ନ ଶିକ୍ଷକ ପଦବି ଖାଲି ପଡ଼ିଥିବା ଯୋଗୁଁ ପିଲାମାନଙ୍କ ପଠପଢାରେ ବିଭିନ୍ନ ସମସ୍ୟା ହେଉଛି। ତେବେ ଏହିଭଳି ପରିସ୍ଥିତିରେ ଶିକ୍ଷକ ଆଣିବା ସହିତ ପିଲା ମାନଙ୍କୁ କିପରି ଉନ୍ନତମାନର ପାଠପଢାରେ ସହଯୋଗ କରିହେବ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଧାୟକ ସିଧାସଳଖ ଭାବେ ଏକ ବଦଳିଚିଠା ବୁଲିବା ଉପରେ ଆରୋପ କରି କହିଛନ୍ତି ଯେ, ଯଦି କେହିବି ଚାପ ପକାଇ କୌଣସି ଶିକ୍ଷା ବ୍ୟବସ୍ଥା କିମ୍ବା ବଦଳି ଉପରେ ପ୍ରଭାବ ପକାଇବାକୁ ଚେଷ୍ଟା କରନ୍ତି, ତା'ହେଲେ ଚାନ୍ଦବାଲି ବିଜେଡି ପକ୍ଷରୁ ନିଶ୍ଚିତଭାବରେ ଜୋରଦାର ବିରୋଧ କରାଯିବ ଏବଂ ରାଜରାସ୍ତାକୁ ଓହ୍ଲାଇବ।

# ଜମିରେ ହଳ ବନ୍ଦ କରିବା ପ୍ରତିବାଦରେ ଥାନାର ଦ୍ୱାରସ୍ଥ ଗ୍ରାମବାସୀ




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ତଳକାଁପଡ଼ା ଗ୍ରାମରେ ପୁଣି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଇଛି। ପୂର୍ବରୁ ଏହି ଗ୍ରାମରେ ବୋମା ମାଡ଼ ଓ ଗଣ୍ଡଗୋଳ ଇତ୍ୟାଦି ଘଟଣା ଘଟି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ତିହିଡ଼ି ପୁଲିସ ପକ୍ଷରୁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। ମାତ୍ର ପୁଣି ତଳକାଁପଡ଼ା ଗ୍ରାମର ଦୁଇଜଣ ବ୍ୟକ୍ତି କେତେକ ଗ୍ରାମବାସୀଙ୍କୁ ଜମିରେ ହଳ ବନ୍ଦ କରିବା ଘଟଣାକୁ ନେଇ ଥାନାରେ ଗ୍ରାମବାସୀ ମାନେ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ଶରତ ମଳିକ ଅଭିଯୋଗ କରିଛନ୍ତି ଯେ, ସୋମବାର ସକାଳ ୭ଟା ସମୟରେ ସେ ଟ୍ରାକ୍ଟର ନେଇ ନିଜ ବିଲକୁ ହଳ କରିବାକୁ ଯାଇଥିଲେ। ସେ ହଳ କରିସାରିବା ପରେ ଅନ୍ୟ ଚାଷୀଙ୍କ ଜମିକୁ ହଳ କରିବାକୁ ଟ୍ରାକ୍ଟର ଯାଇଥିଲା। ଏହି ସମୟରେ ଗ୍ରାମର ଦୁଇଜଣ ବ୍ୟକ୍ତି ବାଡ଼ି ଓ ମାରଣାସ୍ତ୍ର ଧରି ବିଲରେ ପହଞ୍ଚି ହଳ କରୁଥିବା ଚାଷୀଙ୍କୁ ଗାଳିଗୁଲ କରିବା ସହ ଟ୍ରାକ୍ଟରରେ ହଳ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଚାଷୀମାନେ ହଳ ନକରିପାରି ଫେରି ଆସି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକାରୀ ଶରତଙ୍କ ସହିତ ରବିନ୍ଦ୍ର ମଳିକ, ନିଲୁ ମଳିକ, ପ୍ରକାଶ ଦାସ, ବିକାଶ ଦାସ, ରାଜୁ ଦାସ, ବିଜୟ ମଳିକ, ବଳରାମ ଦାସ, କ୍ଷୀରୋଦ ଦାସ, ଅରୁଣ ମଳିକ, ଶ୍ରୀକୃଷ୍ଣ ଦାସ ପ୍ରମୁଖ ବହୁ ଗ୍ରାମବାସୀ ଥାନାରେ ପହଞ୍ଚି ନ୍ୟାୟ ପାଇ ଦାବି କରିଥିଲେ। ପୁଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଚଳାଇଛି।

# କିଆଙ୍ଗ ଗ୍ରାମରେ ବନ ମହୋତ୍ସବ ପାଳିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବନାଞ୍ଚଳ ଅନ୍ତର୍ଗତ କ୍ୟାଙ୍ଗ ପଞ୍ଚାୟତ ର ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଥିଲି ବନାଞ୍ଚଳ ତରଫରୁ ବନ ମହୋତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କ୍ୟାଙ୍ଗ ସରପଞ୍ଚ ଲକିନାଥ ପୂଜାରୀ ଯୋଗ ଦେଇଥିଲେ ଓ ସୁନାଧର ବଟେ ପ୍ରଧାନ ଶିକ୍ଷକ ମୁଖ୍ୟ ବକ୍ତା, ପଞ୍ଚାନନ ନାୟକ ୱାର୍ଡ ମେମ୍ବର ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ଯୋଗ ଦେଇ ବନ ମହୋତ୍ସବର ମହତ୍ତ୍ୱ, ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣର ଗୁରୁତ୍ୱ ବିଷୟରେ ଉପସ୍ଥିତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ବୁଝେଇ ଥିଲେ। ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱ ରେ କ୍ୟାଙ୍ଗ ଗ୍ରାମ ଠାରେ ୮୦୦ ଓ ନୂତନ ବନ ବିଭାଗ କ୍ୟାମ୍ପ ଠାରେ ୨୦୦ ବହୁ ମୂଲ୍ୟବାନ ଜଙ୍ଗଲ ଓ ଫଳମୂଳ ଚାରା ଲଗାଯାଇଥିଲା। ଏହା ସହ ବହୁ ଗ୍ରାମବାସୀଙ୍କୁ ବିନା ମୂଲ୍ୟରେ ବିଭିନ୍ନ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା। ତାସହ ବନ ମହୋତ୍ସବ କାର୍ଯ୍ୟକ୍ରମରେ ପରିବେଶ ପ୍ରେମୀ ବ୍ୟକ୍ତିମାନଙ୍କୁ କେବଳ ଏକ ଟଙ୍କା ମୂଲ୍ୟରେ ନିଜର ଆଧାର କାର୍ଡର ଏକ ନକଲ ଦେଇ ଗୋବିନ୍ଦପାଲି ଠାରେ ଏକ ଷ୍ଟଲ୍ ଠାରେ ଉପଲବ୍ଧ ବିଭିନ୍ନପ୍ରକାରର ମୂଲ୍ୟବାନ ଚାରା ନେଇ ନିଜ ଗୃହ, ଜମି କିମ୍ବା ଉଜୁଡ଼ା ଫାଙ୍କା ସ୍ଥାନରେ ଗଛ ଲଗେଇ ପାରିବେ ବୋଲି ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମସ୍ତ ବନପାଳ, ବନରକ୍ଷୀ, ସୃଷ୍ଟି ଅନୁଷ୍ଠାନ ଓ ଆମ ଜଙ୍ଗଲ ଯୋଜନା କର୍ମଚାରୀ, ପାରା ଷ୍ଟାଫ ଆଦି ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଆଗାମୀ ସାତ ଦିନ ମଧ୍ୟରେ ମାଥିଲି ଓ ଖଇରପୁଟ ବ୍ଲକର ବିଭିନ୍ନ ସ୍ଥାନଗୁଡିକରେ ବନ ମହୋତ୍ସବ ପାଳନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ମାଥିଲି ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି।

# ସାମାନ୍ୟ ବର୍ଷାରେ ଭୁଶୁଡିଲା ପଥର ପ୍ୟାକିଂ



ନିଆଳି, (ଭାସ୍କର ନ୍ୟୁଜ୍): ବହୁ ବାଦବିବାଦ ଲାଗି ରହିଥିବା ଯୋଗୁ ୨୦ ବର୍ଷ ହେଲା କୁଣ୍ଡି ମୁହଁ ବ୍ରିଜର ସଂଯୋଗୀକରଣ ରାସ୍ତା ହୋଇ ନଥିଲା। ନିଆଳିର ନୂତନ ବିଧାୟକ ଛବି ମଲିକ୍‌ଙ୍କ ପ୍ରଚେଷ୍ଟା ଓ ଅଞ୍ଚଳବାସୀଙ୍କୁ ଦେଇଥିବା ପ୍ରତିଶୃତିକୁ ରକ୍ଷା କରି କୁଣ୍ଡି ମୁହଁ ବ୍ରିଜ ସଂଯୋଗୀ କରଣ ରାସ୍ତା ଦ୍ରୁତଗତିରେ କରାଯାଉଛି। ଏହି କାମ ଶେଷ ପର୍ଯ୍ୟାୟରେ ପହଁଚି ଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱ ନଦୀ ବନ୍ଧରେ ପଥର ପ୍ୟାକିଙ୍ଗ କରାଯାଇଛି। ଏହି କାମକୁ ଠିକାଦାର ନିମ୍ନମାନର କରିଥିବାରୁ ସାମାନ୍ୟ ବର୍ଷାରେ ଏହା ଧୋଇ ଯାଇଛି। ଯାହାଫଳରେ ନଦୀବନ୍ଧର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ଯେଉଁ ଜାଗାରେ ପଥର ଭୁସୁଡ଼ିଛି ସେଠାରେ ବଡ଼ ପଥର ବଦଳରେ ଛୋଟଛୋଟ ପଥର ଦିଆଯାଇଥିବାରୁ ଏଭଳି ଭୁସୁଡ଼ିଲା ଭଳି ଅଞ୍ଚଳବାସୀଙ୍କ ଅଭିଯୋଗ ହୋଇଛି। ଆଗକୁ ବଡ଼ ବନ୍ୟା ଓ ବର୍ଷା ଆସୁଥିବାରୁ ଏହି ପଥର ରହିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ବିଭାଗୀୟ ଅଧିକାରୀ ସମ୍ପୃକ୍ତ ଠିକାଦାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

# ୭୬ ତମ ବନ ମହୋତ୍ସବ ସପ୍ତାହ ପାଳିତ



ବାରିପଦା, (ଭାସ୍କର ନ୍ୟୁଜ୍): ବାରିପଦା ବନଖଣ୍ଡ ଆନୁକୁଲ୍ୟ ରେ ୭୬ତମ ବନ ମହୋତ୍ସବ ପାଳନ ଅବସର ରେ ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ରୁ ସବୁଜ ରଥ ର ଶୁଭାରମ୍ଭ ବାରିପଦା ବନଖଣ୍ଡ ଅଧିକାରୀ ଶ୍ରୀ ଉମା ମହେଶଙ୍କ ଦ୍ୱାରା କରାଯାଇଛି। ଏହି ରଥ ବାରିପଦା ବନଖଣ୍ଡ ଅଧିନରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତରେ ବୃକ୍ଷ ରୋପଣର ବାର୍ତ୍ତା ପହଞ୍ଚାଇବା ସହିତ ପ୍ରଧାନମନ୍ତ୍ରୀଙ୍କ 'ମା କେ ନାମ ଏକ ପେଡ'ର ବାର୍ତ୍ତା ପହଞ୍ଚାଇବା ପାଇଁ ଉଦ୍ୟମ କରିବେ। ଜଙ୍ଗଲ ମହୋତ୍ସବ ଆନୁକୁଲ୍ୟରେ ବାରିପଦା ବନଖଣ୍ଡ ସମ୍ମୁଖରେ ଜନସାଧାରଣଙ୍କ ପାଇଁ ଚାରା ବଣ୍ଟନ କେନ୍ଦ୍ରର ଶୁଭାରମ୍ଭ ବାରିପଦା ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା କରାଯାଇଥିଲା ଏବଂ ଚାରା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାରର ଉତ୍ତମ ମାନର ଚାରା ମାଗଣାରେ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ସହକାରୀ ବନ୍ୟ ସଂରକ୍ଷକ ମେହେରବାନ ଅଲ୍ଲୀ, ବାରିପଦା ରେଞ୍ଜ ଅଫିସର ଶ୍ରଦେହ ମନ୍ତ୍ରୀ, ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ଓ ବନଖଣ୍ଡର କର୍ମଚାରୀ ଉପସ୍ଥିତ ଥିଲେ।

## ଗାଁ ରାସ୍ତାରେ ଆଣ୍ଠୁଏ ପାଣି

# ପ୍ରଶାସନ ଦୃଷ୍ଟି ପଡିବ କେବେ



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ମହୁ ପଞ୍ଚାୟତର ୧ ନମ୍ବର ଓ ୧୧ ନମ୍ବର ୱାର୍ଡର ମୁଖ୍ୟରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଥିବା ଦେଖା ଯାଇଛି। ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ବର୍ଷା ଜଳ ଜମି ରହିବା ଫଳରେ ସାଧାରଣ ଲୋକଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ରାସ୍ତା ପାଖରେ ଥିବା ଘର ମୁହଁରେ ପାଣି ଜମି ରହିବା ଫଳରେ ସରୀସୃପ ଘର ଭିତରକୁ ପଶିଯିବାର ଭୟରେ ଲୋକେ ରହୁଛନ୍ତି। ରାସ୍ତାରେ ପାଣି ଜମି ରହିବା ଫଳରେ ସେହି ବାଟ ଦେଇ ଯାଉଥିବା ଯାତ୍ରୀ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି। ଆଗରୁ ରସ୍ତା ଖାଲି ଥିଲା ତେଣୁ ଜଳ ନିଷ୍କାସନ ହେବାରେ ଅସୁବିଧା ହେଉନଥିଲା। ଧୀରେଧୀରେ ବାସଗୃହ ଗଢି ଉଠିବା ଫଳରେ ଜଳ ନିଷ୍କାସନ ବାଟ ବନ୍ଦ ହୋଇଯାଇଛି। ବର୍ଷା ୪ ମାସ ରାସ୍ତାରେ ପାଣି ଜମି ରହୁଛି। ଯାହାଫଳରେ ଲୋକେ ଯାତାୟାତର ହୀନସ୍ତା ଭୋଗୁଛନ୍ତି। ଅସରାୟ ବର୍ଷା ହେଲେ ରାସ୍ତାରେ ପାଣି ଲହଡ଼ି ଭାଙ୍ଗୁଛି। ଏହି ରାସ୍ତା ଅନ୍ୟ ଏକ ପଞ୍ଚାୟତର ମୁଖ୍ୟରାସ୍ତା। ଦୈନିକ ୨୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ଯାତାୟତ କରନ୍ତି। ଏପରିକି ଏହି ରାସ୍ତା ଦେଇ ରାଜନଗରକୁ ଯିବାକୁ ବାଟ କମ ହେଉଥିବାରୁ ଏହି ବାଟ ଦେଇ ଦୁରଦୂରାନ୍ତର ଲୋକେ ଯାତାୟାତ କରନ୍ତି। ହେଲେ ରାସ୍ତା କଦର୍ଥ ହୋଇଥିବାରୁ ଯାତାୟତ ମଧ୍ୟ କଷ୍ଟକର ହୋଇପଡିଛି। ଜନସାଧାରଣ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବାରମ୍ବାର ଦାବି କରିବା ପରେ କେହି ଶୁଣୁନଥିବା ନେଇ ଅଭିଯୋଗ ହୋଇଛି। ରାସ୍ତାରୁ ଜଳ ନିଷ୍କାସନ ହେଉ ନ ଥିବାରୁ ପରିସ୍ଥିତି ଏପରି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ରାସ୍ତାରୁ ଜଳ ନିଷ୍କାସନ କରିବାକୁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଲକ୍ଷ୍ମୀକାନ୍ତ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି ଉକ୍ତ ଅଞ୍ଚଳଟି ଖାଲୁଆ ହୋଇଥିବା ବେଳେ ରାସ୍ତାପାର୍ଶ୍ୱ ଗୁଡିକ ଉଚ୍ଚା ହୋଇଥିବାରୁ ଜଳ ନିଷ୍କାସନ ହୋଇ ପାରୁ ନାହିଁ। ସେ ଯଥାଶୀଘ୍ର ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରି ଏହି ସମସ୍ୟାର ଦୂରୀକରଣ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ।

# ରାସ୍ତା ଅବରୋଧ ଯୋଗୁଁ ନିଷ୍କାସନ ହେଇପାରୁନି ବର୍ଷାଜଳ



ବୋଲଗଡ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ତହସିଲ ରାସୋଳ ଗ୍ରାମରେ ଥିବା ଏକ ସରକାରୀ ରାସ୍ତା ଦୀର୍ଘବର୍ଷ ହେବ ଜବରଦଖଲକାରୀଙ୍କ କବଜାରେ ରହିଛି। କିଛି ୨-୩ ଜଣ ଜବରଦଖଲକାରୀମାନେ ରାସ୍ତାକୁ ଅକ୍ତିଆର କରି ରାସ୍ତାରେ ପଥର ମାଟି, କାଠ ଆଦି ପକାଇ ନିଜ ଅକ୍ତିଆରରେ ରଖୁଛନ୍ତି। ଲୋକମାନେ ଯିବା ଆସିବା କରିବା ପାଇଁ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ବର୍ଷାହେଲେ ଆଣ୍ଠୁଏ ପାଣି ଜମି ରହୁଛି। ଯାହା ଫଳରେ ରାସୋଳ ଗ୍ରାମବାସୀମାନେ ଏହି ରାସ୍ତାରେ ଯାଇପାରୁ ନାହାନ୍ତି। ଯଦି ବି କିଛି ଲୋକ ସେହି ରାସ୍ତାରେ ଗଲେ ଗୋଡ଼ ଖସି ପଡୁଛନ୍ତି। ଜଣେ ମହିଳାଙ୍କର ହାତ ଭାଙ୍ଗି ଯାଇଥିଲା ଗତବର୍ଷ। ବର୍ଷା ହେଲେ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ଆଣ୍ଠୁଏ ଜଳ ରହୁଛି। କିଛି ମୁଷ୍ଟିମେୟ ପୁରୁଷ ଓ ମହିଳାଙ୍କ ପାଇଁ ରାସୋଳ ଗ୍ରାମବାସୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଜଳ ନିଷ୍କାସନ ହୋଇପାରୁ ନଥିବାରୁ ବିଭିନ୍ନ ସଂକ୍ରମଣ ରୋଗ ହେବା ସହିତ ମଶା, ମାଛି ବୃଦ୍ଧି ପାଉଛନ୍ତି। ସେହି ରାସ୍ତା ପାଖରେ ଥିବା କିଛି ଗ୍ରାମବାସୀମାନେ ଘରୁ ବାହାରି ପାରୁ ନାହାନ୍ତି। ନିଜ ଘରୁ ବାହାରି ପାରୁ ନାହାନ୍ତି ସର୍ବସାଧାରଣ ରାସ୍ତାକୁ। ସରକାରୀ ରାସ୍ତାକୁ ୨-୪ ଜଣ ମୁଷ୍ଟିମେୟ ବ୍ୟକ୍ତି ଜବରଦାଖଲ କାରୀଙ୍କ ଯୋଗୁଁ ଗ୍ରାମବାସୀମାନେ ସର୍ବସାଧାରଣ ରାସ୍ତାକୁ ବ୍ୟବହାର କରିପାରୁ ନାହାନ୍ତି। ଆଗାମୀଦିନରେ ଯାହା କିଛି ସଂକ୍ରମଣ ରୋଗ ସହିତ ବିଭିନ୍ନ ଅସୁବିଧା ଯଥା ଘରୁ ବାହାରି ନପାରିବା, ରାସ୍ତାରେ ବର୍ଷା ଜଳ ନିଷ୍କାସନ ନହୋଇ ସାଧାରଣ ଲୋକ ରାସ୍ତାରେ ପଡି ହାତ-ଗୋଡ଼ ଭାଙ୍ଗିବା ଆଦି ସମସ୍ୟାର ସମ୍ମୁଖୀନ ହେଲେ। ସେଥିପାଇଁ ବୋଲଗଡ ତହସିଲ ପ୍ରଶାସନ ସହ ବ୍ଲକ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ ମାନେ କହିଛନ୍ତି। ବିଗତ ଦିନରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବୋଲଗଡ ତହସିଲଦାର, ପିଟୁକୁଳି ରାଜସ୍ୱ ଅଧିକାରୀ, ବ୍ଲକ କନିଷ୍ଠ ଯନ୍ତ୍ରୀ ସମସ୍ତେ ଏହି ଜାଗାକୁ ଆସି ତଦନ୍ତ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବୋଲଗଡ ତହସିଲଦାର ସର୍ବସାଧାରଣ ରାସ୍ତାକୁ ମାପ ଚିହ୍ନଟ କରିଥିଲେ। କିନ୍ତୁ ଏହି ରାସ୍ତାରୁ ଜବରଦଖଲକାରୀଙ୍କୁ ହଟା ଯାଉନାହିଁ। ବାରମ୍ବାର ରାସୋଳ ଗ୍ରାମବାସୀ ମାନେ ବୋଲଗଡ ତହସିଲଦାରଙ୍କ ନିକଟରେ ବିଗତ ଦୁଇ ବର୍ଷ ହେବ ଲିଖିତ ଅଭିଯୋଗ କରି ଆସୁଛନ୍ତି ଯେ ମାପ ଚିହ୍ନଟ ହେଇଥିବା ରାସ୍ତାକୁ ଜବରଦଖଲ ଉଚ୍ଛେଦ କରାଯାଉ। କିନ୍ତୁ ବୋଲଗଡ ତହସିଲଦାର ଏହାକୁ ଦୃଷ୍ଟି ଦେଉନାହାନ୍ତି। ଏଥିପ୍ରତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ବୋଲଗଡ ତହସିଲଦାର ଦୃଷ୍ଟି ଦେଇ ତୁରନ୍ତ ଜବର ଦଖଲ ଉଚ୍ଛେଦ କରି ଏହାର ସମାଧାନ କରିବା ପାଇଁ ରାସୋଳ ଗ୍ରାମବାସୀ ଅନୁରୋଧ କରିଛନ୍ତି। ନଚେତ ବୋଲଗଡ ତହସିଲ କାର୍ଯ୍ୟାଳୟ ଏବଂ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା ଦେବାପାଇଁ ଚେତାବନୀ ଦେଇଛନ୍ତି।

## ନୂତନ ସଭାପତି ଭାବେ ଚୟନ ହେଲେ ଜି ଶ୍ରୀନିବାସ ରାଓ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କଂଗ୍ରେସର ନୂତନ ସଭାପତି ଭାବେ ମନୋନୀତ ହେଲେ ଜି ଶ୍ରୀନିବାସ ରାଓ। ଶ୍ରୀ ରାଓ ଦୀର୍ଘ ବର୍ଷ ଧରି କଂଗ୍ରେସ ଦଳରେ ରହି କାର୍ଯ୍ୟ କରି ଆସୁଥିବା ବେଳେ ମାଲକାନଗିରି ଜିଲ୍ଲାର ଜଣେ ଜଣାଶୁଣା ସମାଜ ସେବି ଅଟନ୍ତି। ବର୍ଷବର୍ଷ ଧରି ସେ କଂଗ୍ରେସ ଦଳରେ ରହି ସଙ୍ଗଠନକୁ ସୁଦୃଢ଼ ରଖିବା ପାଇଁ ପ୍ରୟାସ କରି ଆସୁଥିବା ବେଳେ ଅନେକ ସଫଳତା ମଧ୍ୟ ପାଇଛନ୍ତି। ତେବେ ଯେଉଁଥି ପାଇଁ ରାଜ୍ୟ କଂଗ୍ରେସ ପକ୍ଷରୁ ତାଙ୍କୁ ଏହି ପଦବୀ ନିମନ୍ତେ ମନୋନୀତ କରାଯାଇଛି। ପୂର୍ବରୁ ଏହି ପଦବୀରେ ଦଳର ବରିଷ୍ଠ ନେତା ଆଡଭୋକେଟ ଗୋବିନ୍ଦ ପାତ୍ର ରହି ସୂଚାରୁ ରୂପେ ଦାୟିତ୍ୱ ତୁଲାଇ



ଆସୁଥିଲେ। ବର୍ତ୍ତମାନ ରାଓଙ୍କୁ ସର୍ବ ସମ୍ମତି କ୍ରମେ ଏହି ପଦବୀ ଦିଆଯାଇଥିବା ବେଳେ ଜିଲ୍ଲାର ଦଳୀୟ ନେତାଙ୍କ ମହଲ ରେ ଏବଂ ଜିଲ୍ଲା ର ବିଭିନ୍ନ ମହଲରୁ ଶ୍ରୀ ରାଓଙ୍କ ପାଇଁ ଶୁଭେଚ୍ଛାର ସୁଅ ଛୁଟୁଥିବା ଦେଖିବାକୁ ମିଳିଛି।

## କେବେ ସୁଧୁରିବ ଭୀମଖୋଜ ପଡା ରାସ୍ତା !

# ଆଣ୍ଠୁଏ ପାଣିରେ ଯାତାୟାତ କରୁଛନ୍ତି ପଡ଼ାବାସୀ



ଧର୍ମଗଡ଼ (ଭାସ୍କର ନ୍ୟୁଜ) : ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ। ଲୋକ ଏହି ଉକ୍ତି ଧର୍ମଗଡ଼ ଏନ୍‌ଏସି ସହ ସମାନତା ରହୁଥିବା ଆଲୋଚନା କରନ୍ତି। ଆଶା କରାଯାଉଥିଲା ଏନ୍‌ଏସି ଗଠନ ପରେ ଲୋକଙ୍କ ଦୁଃଖ ଦୂର ହେବ। ଏନ୍‌ଏସି ଅନ୍ତର୍ଗତ ୱାର୍ଡ ଗୁଡିକ ବିକାଶ ପଥରେ ଆଗେଇବ। ଅନେକ ମୌଳିକ ସୁବିଧା ଲୋକେ ସହଜରେ ପାଇ ପାରିବେ। ହେଲେ ଇତି ପରମ୍ପରା ଭିତରେ ବୁଡି ରହିଛି ଏନ୍‌ଏସି ଅନ୍ତର୍ଭୁକ୍ତ ୱାର୍ଡ। ଏଭଳି ଦୃଶ୍ୟ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ ୧-ଭୀମଖୋଜ ପଡାରେ ଦେଖିବାକୁ ମିଳିଛି। ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ କାମ ଦୀର୍ଘ ଦିନରୁ ଆରମ୍ଭ ହୋଇଛି। ହେଲେ ଶେଷ ହେବାର ନା ଧରୁନି। ଏବେ ବର୍ଷାରେ ବେହାଲ ହୋଇ ପଡିଛି ରାସ୍ତା। ଜମି ରହିଛି ଆଣ୍ଠୁଏ ଆଣି। ଲୋକେ ଏହି ଆଣ୍ଠୁଏ ପାଣି ଦେଇ ଯାତାୟାତ କରୁଥିବା ନେଇ ପଡାରେ ଉତ୍ତେଜନା ଦେଖା ଦେଇଛି। ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଜଣାଇ ଥିଲେ ବି ପଦକ୍ଷେପ ଶୂନ୍ୟ। ବରଂ ଠିକାଦାରକୁ ଘଣ୍ଟ ଘୋଡେଇବାରେ ଲାଗି ପଡିଥିବା ଅଭିଯୋଗ ହୋଉଛି। ବର୍ଷା ଜଳ ଏବେ ପଡାବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟି ଥିବାବେଳେ ଏନ୍‌ଏସି ଏହାକୁ ଭ୍ରୂକ୍ଷେପ କରୁନି। ଅନ୍ୟପଟେ ପ୍ରଶାସନ ନୀରବତାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ସମସ୍ୟା ଦିନକୁ ଦିନ ବଢୁଥିବା ବେଳେ ଲୋକଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧୁଥିବା ଚର୍ଚ୍ଚା ହେଉଛି। ତୁରନ୍ତ ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ ରୂପ ନେବ ବୋଲି ପଡାବାସୀ ପ୍ରକାଶ କରିଛନ୍ତି। ଏନେଇ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲେ ବିଁ ତାହା ସମ୍ଭବ ହୋଇ ପାରିନାହିଁ।

# ନିର୍ବାଚନ ଆୟୋଗଙ୍କ ଦ୍ୱାରା କ୍ଷେତ୍ର କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

## ଏକମାତ୍ର ଜିଲ୍ଲା ନିର୍ବାଚନ ଅଧିକାରୀ ଭାବେ କଳାହାଣ୍ଡି ଜିଲ୍ଲାପାଳଙ୍କ ଯୋଗଦାନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ନୂଆଦିଲ୍ଲୀ ଠାରେ ଥିବା ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକସନ୍ ମେନେଜମେଣ୍ଟରେ ବୁଥ୍‌ସ୍ତରୀୟ ଅଧିକାରୀ ପର୍ଯ୍ୟବେକ୍ଷକଙ୍କ ପାଇଁ ତ୍ରୟୋଦଶ ବ୍ୟାଚ୍‌ର ତାଲିମ ଆରମ୍ଭ ହୋଇଛି। ଭାରତର ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଜ୍ଞାନେଶ କୁମାର ଏହି ତାଲିମ ଶିବିରରେ ଯୋଗ ଦେଇଥିବା ଦେଶର ୫୦୦ ଜଣ ଅଂଶ ଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ସନ୍ତୁ ଗୋପାଳନ୍, ଓଡ଼ିଶାର ଏକମାତ୍ର



ଜିଲ୍ଲା ନିର୍ବାଚନ ଅଧିକାରୀ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ୍ ପ୍ରକାଶ, ଓଡ଼ିଶାର ଦୁଇଜଣ ନିର୍ବାଚକ ପଞ୍ଜିକରଣ ଅଧିକାରୀ ଏବଂ ୫୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀ, ବୁଥ୍‌ସ୍ତରୀୟ ପର୍ଯ୍ୟବେକ୍ଷକ ମାନଙ୍କ ସହ ଏହି ବୈଠକରେ ଯୋଗ ଦେଇଥିବା ଜଣା ପଡିଛି। ଏହି ତାଲିମର ଅଂଶଗ୍ରହଣକାରୀଙ୍କ ବ୍ୟବହାରିକ ବୁଝାମଣାକୁ ବୃଦ୍ଧି କରିବା ପାଇଁ ଭୋଟର ପଞ୍ଜିକରଣ, ଫର୍ମ ପରିଚାଳନା ଏବଂ ନିର୍ବାଚନ ପ୍ରକ୍ରିୟାର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନକୁ ବିଶେଷ କରି ପରିକଳ୍ପନା କରାଯାଇଛି। ଅଂଶଗ୍ରହଣକାରୀମାନେ ଆଇ.ଟି. ଉପକରଣ ଉପରେ ବ୍ୟବହାରିକ ତାଲିମ ମଧ୍ୟ ପାଇବେ ଓ ସେମାନଙ୍କୁ ମକ୍ ପୋଲ୍ ସମେତ ଇଭିଏମ୍ ଏବଂ ଭିଭିପିଏଟିର ବୈଷୟିକ ପ୍ରଦର୍ଶନ ଏବଂ ତାଲିମ ମଧ୍ୟ ପ୍ରଦାନ କରାଯିବ। ତାଲିମ ମାଧ୍ୟମରେ ଅଂଶ ଗ୍ରହଣକାରୀମାନେ ଲୋକ-ପ୍ରତିନିଧିତ୍ୱ ଆଇନ୍ ୧୯୫୦ର ଧାରା ୨୪(କ) ଅନୁଯାୟୀ ଜିଲ୍ଲା କଲେକ୍ଟର/କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଏବଂ ଧାରା ୨୪ (ଖ) ଅନୁଯାୟୀ ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରକାଶିତ ଚୂଡାନ୍ତ ଭୋଟର ତାଲିକା ବିରୁଦ୍ଧରେ ପ୍ରଥମ ଏବଂ ଦ୍ୱିତୀୟ ଅପିଲର ବ୍ୟବସ୍ଥା ସହିତ ନିଜକୁ ପରିଚିତ କରିବେ ବୋଲି ଜଣାପଡିଛି।

# ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପାଇଲେ ଶିକ୍ଷକ



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧିନ ତୁନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଭୂରିଶ୍ରବା ଜାଲ ସୋମବାର ଅବସର ଗ୍ରହଣ କରିଛନ୍ତି। ତେବେ ତାଙ୍କୁ ଅବସର ଗ୍ରହଣ ଦିନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ବିଇଓ ମହେଶ କୁମାର ଭାଟିଙ୍କ ଉଦ୍ୟମରେ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ ସହ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଯାହାକୁ ନେଇ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଜାଲ ସମେତ ଉପସ୍ଥିତ କର୍ମଚାରୀ ଓ ଶିକ୍ଷକମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଭାଟିଙ୍କୁ ଧନ୍ୟବାଦ ଜଣାଇବା ସହ ତାଙ୍କର ଏଭଳି ପ୍ରୟାସକୁ ଶିକ୍ଷକ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି। ପ୍ରକାଶ ଯେ' ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ତରଫରୁ କର୍ମଚାରୀ ମାନଙ୍କୁ ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ ବ୍ୟବସ୍ଥା କରାଯାଉଛି। ହେଲେ କେତେକ କାରଣରୁ ଏହା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ତେବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କ ଉଦ୍ୟମରେ ଏହି ବ୍ୟବସ୍ଥା କୋକସରା ଶିକ୍ଷା ବିଭାଗରେ ସଫଳ ହେବାରେ ଲାଗିଛି। ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ ସମୟରେ ବରିଷ୍ଠ କିରାଣି ବିଜୟ ବେହେରା, ରୁକଟନ୍ ପାତ୍ର, ଶିକ୍ଷକ ବୀର କିଶୋର ନାଗ, ଦିଲୀପ କୁମାର ସାହୁ, ଚନ୍ଦ୍ରଭାନୁ ସୁନା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦେଶୀ ମଦ ଜବତ ଅଭିଯୁକ୍ତ କୋର୍ଟଚାଲାଣ

କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ଅବକାରୀ ଥାନା ଅଧିନ ବରାଡଙ୍ଗା ଗ୍ରାମରୁ ୭ ଲିଟର ଦେଶୀ ମଦ ସହ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକ ଜଣକ ବରାଡ଼ଙ୍ଗର ଗ୍ରାମର ବିଷମ ରାଉତ ବୋଲି ଜଣାପଡ଼ିଛି। ସେ ଦେଶୀ ମଦ ଧରି ଆସୁଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ତାଙ୍କୁ ବରାଡଙ୍ଗା ରାସ୍ତାରେ ଧରିଥିଲେ। ୭ ଲିଟର ଦେଶୀ ମଦ ସହ ବିଷମକୁ ଥାନାକୁ ଅଣାଯାଇଥିଲା। ଏବଂ ପଚରାଉଚୁରା ପରେ ସୋମବାର ବିଷମ ରାଉତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଧର୍ମଗଡ଼ ଅବକାରୀ ଇନ୍‌ସପେକ୍ଟର ସୁଧାଂଶୁ ମୁଣ୍ଡାଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଏଥିରେ କନିଷ୍ଠବଳ କର୍ଣ୍ଣ ବାଗ, ଭୁଜବଳ ପଟେଲ, ମହାଦେବ ମାଝୀ, ଯଶବନ୍ତି ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

# ପଞ୍ଚାୟତ କାର୍ଯ୍ୟନିବାହି ଅଧିକାରୀଙ୍କ ଅବସର ଗ୍ରହଣ




ଧର୍ମଗଡ଼ (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ବ୍ଲକ ଜୟନ୍ତପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଘୁନାଥ ଖମାରି ଅବସର ଗ୍ରହଣ କରିଛନ୍ତି। ଗତ ସୋମବାର ଦିନ ଅବସର ନେଇଥିବା ବେଳେ ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କ ସମେତ ସମସ୍ତ ପଦାଧିକାରୀ ଶ୍ରୀ ଖମାରିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ତେବେ ତାଙ୍କ ଅବସର ପରେ ଜୟନ୍ତପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜନସାଧାରଣଙ୍କ ଭିତରେ ବିଷାଦ ଦେଖାଦେଇଛି। ସେ ଜଣେ ଦକ୍ଷ ଓ ସୁପ୍ରିଚାଳକ ପ୍ରଶାସନ ଭାବେ ବେଶ ନିଜକୁ ଗଢି ରଖିଥିଲେ। ସାଧାରଣ ଲୋକଙ୍କୁ ସେବା ଯୋଗାଇ ଦେବା ଓ ପଞ୍ଚାୟତର ଉନ୍ନୟନ କାମରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ତାଙ୍କ ଅବସର ଖବର ପଞ୍ଚାୟତବାସୀଙ୍କୁ ଆଘାତ ପହଞ୍ଚାଇଛି। ସରପଞ୍ଚ ଜୟନ୍ତୀ ବାଗ, ସମିତି ସଭ୍ୟ ଥବିର ନାଗ, ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼, ଗ୍ରାମର ଭବାନୀ ନାଏକ, ତୁଳସୀ ନାଏକ, ସରପଞ୍ଚ ପ୍ରତିନିଧି -ନଜଳ ବାଗ, ପୂର୍ବତନ ସରପଞ୍ଚ ରମଣୀ ଦୁରିଆ, ବରିଷ୍ଠ ଆଇନଜୀବୀ ଦିଗାମ୍ବର ଦୁରିଆ, ବରିଷ୍ଠ ସାମ୍ବାଦିକ ସୁବାସ ବାଗ, କାମେଶ ନାଗ, ଡମ୍ବରୁ କାଣ୍ଡ ଗଗନ ମେହେର ପ୍ରମୁଖ ସମ୍ବର୍ଦ୍ଧନା ଜଣାଇଛନ୍ତି। କାର୍ଯ୍ୟରତ ଜୀବନରେ ଜୟନ୍ତପୁର ପଞ୍ଚାୟତ ମୋ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ଖମାରି ପ୍ରକାଶ କରିଛନ୍ତି।

# ଲାଖିରାମ ଅଗ୍ରୱାଲ କଲେଜ ପକ୍ଷରୁ ବନୋତ୍ସବ ପାଳିତ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନ ବିଭାଗ ଧର୍ମଗଡ଼ ବନାଞ୍ଚଳ -ବେହେରା ସେକ୍ସନ ଆୟୋଜନରେ ଲାଖିରାମ ଅଗ୍ରୱାଲ ମହା ବିଦ୍ୟାଳୟ ଠାରେ ୨୬ତମ ବନୋତ୍ସବ ତଥା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ଭବାନୀ ଶଙ୍କର କାଉର ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇ ଅଧପକ ତଥା ଛାତ୍ରଛାତ୍ରୀଙ୍କୁ ଉତ୍ସାହ କରିଥିଲେ। କଲେଜ ଅଧକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ କଲେଜ ସମସ୍ତ ଅଧାପକ ବନ ବିଭାଗ କର୍ମଚାରୀ ଓ ଛାତ୍ରଛାତ୍ରୀ ଛାତ୍ରଛାତ୍ରୀ କଲେଜ ପରିସରରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବେହେରା ବନପାଳ-ରାଜେନ୍ଦ୍ର ନାଏକ, ଧର୍ମଗଡ଼ ବନପାଳ-ସୀମା କୁମାରୀ ଧଙ୍ଗଡାମାଝୀ, ଟିମ ଲିଡ଼ର ଦୁର୍ଗାପ୍ରସାଦ, ଫରେଷ୍ଟ ଗାର୍ଡ ସୁନୀଲ ବେମାଲ, ବିଭୁତି ନାଏକ, ନାରାୟଣ ନାଗ, ନମିତା ବାଗ, କ୍ଷତ୍ରିୟ ନାଏକ, ସ୍ୱାଧୀନ ଦଣ୍ଡସେନା, ତ୍ରିବିକ୍ରମ ନାଏକ ପ୍ରମୁଖ ସାମିଲ ହୋଇ ଥିବା ବେଳେ ଅଧକ୍ଷ ଓ ଛାତ୍ରଛାତ୍ରୀ ମାନେ ଚାରାରୋପଣ କରିଥିଲେ।

# ଭାରତ ବନ୍ଦ: ଜାତୀୟ ରାଜପଥ ୨୬ ଅବରୋଧ




ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଭାରତ ମୁକ୍ତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷ ୱାମନ ମେଶ୍ରାମଙ୍କ ନେତୃତ୍ୱରେ ଆଜି ଦେଶବ୍ୟାପୀ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଅବସରରେ କଳାହାଣ୍ଡି ଜିଲ୍ଲା କାଲୋପାଲା ଛକ ଜାତୀୟ ରାଜପଥ ୨୬କୁ ଅବରୋଧ କରାଯାଇଛି। ମୂଳନିବାସି ବହୁଜନ ସମାଜର ଲୋକମାନେ ଏହି ଆନ୍ଦୋଳନରେ ସାମିଲ ହୋଇ ନିଜର ଦାବିଗୁଡ଼ିକୁ ଦୃଢ଼ ଉପସ୍ଥାପନ କରିଛନ୍ତି। ଭାରତ ମୁକ୍ତି ମୋର୍ଚ୍ଚା ଓ ଅନ୍ୟାନ୍ୟ ସହଯୋଗୀ ସଂଗଠନମାନେ ଏହି ବନ୍ଦ ମାଧ୍ୟମରେ ଦାବି ଉପସ୍ଥାପନ କରିଛନ୍ତି ଯେ ନିର୍ବାଚନରେ ଇଭିଏମ୍ ବନ୍ଦ କରି ବାଲଟ୍ ପେପର ପ୍ରଚଳନ କରାଯାଉ। ଜାତି ଆଧାରିତ ଜନଗଣନା କରିବା, ୱାକଫ୍ ଆଇନ ୨୦୨୫ ରଦ୍ଦ କରିବା, ଗଞ୍ଜାମ ଧରାକୋଟରେ ଅନୁସୂଚିତ ଜାତି ବର୍ଗର ଲୋକଙ୍କ ଉପରେ ଅମାନବୀୟ ଅତ୍ୟାଚାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ତଥା ୟୁପିରେ ପଛୁଆବର୍ଗର କଥାବାଚକ ଉପରେ ହୋଇଥିବା ଅମାନବୀୟ ଅତ୍ୟାଚାର ଓ ମଧ୍ୟ ପ୍ରଦେଶରେ ଅନୁସୂଚିତ ଜନଜାତି ଉପରେ ହୋଇଥିବା ଅମାନବୀୟ ଅତ୍ୟାଚାରକୁ ଦୃଢ଼ ନିନ୍ଦା କରାଯାଇଛି। ମଙ୍ଗଳବାର ସକାଳ ୬ ଟାରୁ ଆନ୍ଦୋଳନକାରୀମାନେ ଜାତୀୟ ରାଜପଥ ୨୬ରେ ରାସ୍ତା ଅବରୋଧ କରି ନିଜର ପ୍ରତିବାଦ ଜାହିର କରିଛନ୍ତି। ଏହି ଅବରୋଧ ଯୋଗୁଁ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହୋଇଛି। ପ୍ରତିବାଦକାରୀ ମାନେ ଶାନ୍ତିପୂର୍ଣ୍ଣ ଭାବେ ନିଜର ଦାବି ଉପସ୍ଥାପନ କରୁଛନ୍ତି ଏବଂ ସରକାରଙ୍କୁ ଏହି ଦାବିଗୁଡ଼ିକ ଶୀଘ୍ର ପୂରଣ କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ପୋଲିସ ଓ ପ୍ରଶାସନ ଆନ୍ଦୋଳନ ସମୟରେ ନିରାପତ୍ତା ଓ ଶାନ୍ତି ବଜାୟ ରଖିବା ପାଇଁ କଡ଼ା ବ୍ୟବସ୍ଥା ଗ୍ରହଣ କରିଥିଲେ। ଏହି ବନ୍ଦର ପ୍ରଭାବ କଳାହାଣ୍ଡିର ବିଭିନ୍ନ ସ୍ଥାନ ପଡିଥିବା ନଜିର ରହିଛି। ଏହି ବନ୍ଦ ଡାକରା ପକୁଶ ଶବର, ଖିରସିନ୍ଧୁ ବୋଡକିଆ, ଦୁର୍ଯ୍ୟୋଧନ ଜାଲ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ନେତୃତ୍ୱ ନେଇ ବନ୍ଦ ପାଳନ କରିଥିଲେ।


# ବ୍ରିଜ ତଳକୁ ଖସିଲା ଚାଉଳ ବୋଝେଇ ଟ୍ରକ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : ଲାଞ୍ଜିଗଡ ବ୍ଲକ ରାୟପୁର ଠାରୁ ବିଶାଖାପାଟଣା ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥ ଢେପଗୁଡା ନିକଟସ୍ଥ ଏକ ଅଣ ଓସାରିଆ ପୋଲରେ ଭାରସାମ୍ୟ ହରାଇ ଏକ ଚାଉଳ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକଟି ବ୍ରିଜ ତଳକୁ ଖସି ଚୁରମାର ହୋଇଯାଇଥିବା ବେଳେ ଡ୍ରାଇଭର ଏବଂ ହେଲପରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଡ୍ରାଇଭରର ମୃତ୍ୟୁ ଘଟିଛି ଓ ସୂଚନାନୁସାରେ ରବିବାର ବିଳମ୍ବିତ ରାତିରେ ଏକ ଚାଉଳ ବୋଝେଇ ଟ୍ରକ ରାୟପୁର ଠାରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ସମୟରେ ବିପରିତ ଦିଗରେ ଆସୁଥିବା ଏକ ଟ୍ରକକୁ ବଞ୍ଚାଇବାକୁ ଯାଇ ଚାଉଳ ଟ୍ରକଟି ଭାରସାମ୍ୟ ହରାଇ ଦୁଇଟି ଗଛରେ ପିଟି ହୋଇ ୨୦ ଫୁଟ ବ୍ରିଜ ତଳକୁ ଖସି ପଡିଥିଲା ଓ ଦୁର୍ଘଟଣା ଘଟିବା ପରେ ଖବର ପାଇ ସିକେରକୁପା ଫାଣ୍ଡି ଅଧିକାରୀ ମିନ କେତନ ଶବର, କନେଷ୍ଟବଳ ବିଶ୍ୱନାଥ ମହଲା ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ଓ ସିକେରକୁପା ଫାଣ୍ଡି ପୋଲିସ ହେଲପରକୁ ଉଦ୍ଧାର କରି ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ବେଳେ ଚାଳକ ଟ୍ରକ ଭିତରେ ଚାପି ହୋଇ ରହିଥିଲେ। ଖବର ପାଇବା ପରେ ବିଶ୍ୱନାଥପୁର ପୋଲିସ ପହଞ୍ଚିଥିଲେ ଓ ଲାଞ୍ଜିଗଡ ଏବଂ ଭବାନୀପାଟଣା ଅଗ୍ନିଶମ ବିଭାଗ ଗାଡି ପହଞ୍ଚି ଥିବା ବେଳେ ଦୀର୍ଘ ୬ ଘଣ୍ଟା ପରେ ଗୁରୁତର ଭାବେ ଚାଳକକୁ ଉଦ୍ଧାର କରିଥିଲା ଅଗ୍ନିଶମ ବିଭାଗ। ଡ୍ରାଇଭରକୁ ଗୁରୁତର ଅବସ୍ଥାରେ ଉଦ୍ଧାର କଲା ପରେ ଆମ୍ବୁଲାନସ ଯୋଗେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ହେଲପରକୁ ଚିକିତ୍ସା କରିଥିବା ବେଳେ ଗୁରୁତର ହେବାରୁ ତାକୁ ମଧ୍ୟ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା ଓ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଡ୍ରାଇଭରର ମୃତ୍ୟୁ ଘଟିଥିବା ସୂଚନା ମିଳିଛି ।

# ରାଶିଫଳ

**ବୁଧବାର, ୦୨ ଜୁଲାଇ ୨୦୨୫**



**ମେଷ:** ଧାର୍ଯ୍ୟ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଆପଣଙ୍କୁ ଖୁସି ରଖିବ। ଏକ ଯାତ୍ରା ଗନ୍ତବ୍ୟସ୍ଥଳକୁ ସ୍ଥାନାନ୍ତରଣର ସମ୍ଭାବନା ଅଛି। ସମ୍ପର୍କୀୟଙ୍କୁ ଭେଟିବା ପରେ ମନ ଖୁସି ହେବ। ନିକଟସ୍ଥ ପ୍ରିୟଜନମାନେ ସେଠାରେ ଶୁଭ ପ୍ରସଙ୍ଗରେ ଉପସ୍ଥିତ ରହିବେ।




**ବୃଷ:** ଆଜି ଆପଣ ଉତ୍ସାହିତ ଅନୁଭବ କରିବେ ନାହିଁ। ଆପଣ କଥାରେ କଥାରେ କ୍ରୋଧିତ ହେବେ। ଯାହା ଫଳରେ ଆପଣଙ୍କର କାମ ବାଧାପ୍ରାପ୍ତ ହେବ। ଆପଣଙ୍କର ଚାକିରି, ବ୍ୟବସାୟ, ଯାଗା କିମ୍ବା ଘର ଉପରେ ସମସ୍ୟା ସୃଷ୍ଟି ହୋଇପାରେ। ହେଲେ ଯତ୍ନ ନିଅନ୍ତୁ ସୁଧାର ଆସିପାରେ।




**ମିଥୁନ:** ଆଜିର ଦିନ ଆପଣଙ୍କୁ ଉପଭୋଗ୍ୟ ସଫଳତା ଦେବ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ବିତାଇବେ। ଆବଶ୍ୟକ ଅନୁସାରେ କମ ଖର୍ଚ୍ଚ ହେବ। ଆଜି କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ କାର୍ଯ୍ୟାଳୟରେ ପରିବେଶ ଅନୁକୂଳ ହେବ।



**କର୍କଟ:** ଆଜିର ଦିନ ଆପଣ ମନୋରଞ୍ଜନ ଏବଂ ଉପଭୋଗରେ ବ୍ୟସ୍ତ ରହିବେ। ଆପଣ ବନ୍ଧୁ ଏବଂ ପରିବାର ସହିତ ଏକ ସୁଖମୟ ପରିବେଶରେ ଦିନ ବିତାଇବାକୁ ସମର୍ଥ ହେବେ। ଆପଣ ମଧ୍ୟ ସାମାଜିକ ଭାବରେ ସମ୍ମାନ ଏବଂ ଖ୍ୟାତି ପାଇବାକୁ ସମର୍ଥ ହେବେ। ଦାମ୍ପତ୍ୟ ଜୀବନରେ ସୁଖ ମିଳିବ।




**ସିଂହ:** ଆଜିର ଦିନ ଆପଣଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବ। ସୃଜନଶୀଳତା ପୁରା ଫୁଲରେ ଫୁଲିବ। ସନ୍ତାନଙ୍କ ପକ୍ଷରୁ ଏକ ଖୁସି ଖବର ଆସିପାରେ। ସାଙ୍ଗମାନଙ୍କ ସହିତ ଭେଟ ଉପଭୋଗ ହେବ। ଆଜି ଧାର୍ମିକ ଦାନର କାର୍ଯ୍ୟ କରିବେ।




**କନ୍ୟା:** ଆଜି ସମୟ ଅନୁକୂଳ ନୁହେଁ। ଆପଣ ଅନେକ ଜିନିଷ ବିଷୟରେ ଚିନ୍ତିତ ହେବେ, ଯେଉଁ କାରଣରୁ ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥ ଅନୁଭବ କରିବେ। ପରିବାର ସଦସ୍ୟଙ୍କ ସହ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ଖରାପ ହେବ। ଯେକୈଣସି ଡକ୍ୟୁମେଣ୍ଟରେ ଦସ୍ତଖତ କରିବାରେ ଯତ୍ନବାନ ହୁଅନ୍ତୁ।




**ତୁଳା:** ଅନାବଶ୍ୟକ ଖର୍ଚ୍ଚ ଉପରେ ଯାଞ୍ଚ କରନ୍ତୁ। ବକ୍ତବ୍ୟରେ ସଂଯମତା ରଖି ଆପଣ ପରିବାରରେ ଶାନ୍ତି ଏବଂ ସୁଖ ସୃଷ୍ଟି କରିବାରେ ସମର୍ଥ ହେବେ। ଚିନ୍ତାଧାରା ଉପରେ ନକାରାତ୍ମକତା ପ୍ରାଧାନ୍ୟ ଦେବ, ଯାହା ଦୂର ହେବ। ଧାର୍ମିକ ଉଦ୍ଦେଶ୍ୟ ପାଇଁ ଅର୍ଥ ଖର୍ଚ୍ଚ ହୋଇପାରେ।




**ବିଛା:** ଆଜି ଭାଗ୍ୟବାନ ହେବାକୁ ଯାଉଛନ୍ତି। ଭାଇଭଉଣୀଙ୍କ ସହିତ ସମ୍ପର୍କ ଭଲ ରହିବ। ଏକ ଧାର୍ମିକ ରହଣି ସଂଗଠିତ ହୋଇପାରିବ। ନୂତନ କାର୍ଯ୍ୟ ଆରମ୍ଭ ପାଇଁ ଶୁଭ ଦିନ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ। ଆପଣ ବିଦେଶରୁ ଭଲ ଖବର ପାଇବେ। ଶତ୍ରୁଙ୍କୁ ପରାସ୍ତ କରାଯାଇପାରେ।




**ଧନୁ:** ଆଜି ମନ ଅସୁସ୍ଥ ରହିବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଟଙ୍କା ଖର୍ଚ୍ଚ ହେବ। ପରିବାର ଏବଂ ସାଙ୍ଗମାନଙ୍କ ସହିତ ପାର୍ଥକ୍ୟ ରହିବ। ବଦନାମ ହେବାର ଯୋଗ ଅଛି। ଆଜି ଆପଣଙ୍କର ଆଧାତ୍ମିକତା ପ୍ରତି ଅଧିକ ଆଗ୍ରହ ରହିବ। କୋର୍ଟ କାର୍ଯ୍ୟରେ ବିଫଳତା ଦେଖିବାକୁ ମିଳିବ। ଆପଣଙ୍କର ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ।



**ମକର:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। କୈଣସି ନୂତନ କାର୍ଯ୍ୟ ଆରମ୍ଭ ନ କରିବାକୁ ପରାମର୍ଶ ଦିଆଯାଇଛି। ଖାଇବା ଏବଂ ପିଇବାରେ ବିଶେଷ ଧ୍ୟାନ ଦିଅନ୍ତୁ। ସ୍ୱାସ୍ଥ୍ୟ ଖରାପ ହେବାର ସମ୍ଭାବନା ଅଧିକ। ସମ୍ଭବ ହେଲେ ସ୍ଥାନାନ୍ତରଣକୁ ଏଡାଇ ଦିଆଯାଇପାରେ। ଆପଣ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆପଣଙ୍କର କାର୍ଯ୍ୟ ସମାପ୍ତ କରିବାକୁ ସମର୍ଥ ହେବେ ନାହିଁ।



**କୁମ୍ଭ:** ଆଜିର ଦିନଟି ଶୁଭ ଅଟେ। ଚାକିରି କିମ୍ବା ବ୍ୟବସାୟରେ ଆପଣ ସଫଳତା ପାଇବେ ଏବଂ ଉଚ୍ଚ ଅଧିକାରୀମାନେ ଆପଣଙ୍କ ଉପରେ ଖୁସି ହେବେ। ଏହା ସହିତ ଆପଣଙ୍କର ଖୁସି ମଧ୍ୟ ବୃଦ୍ଧି ପାଇବ। ଆପଣ ବ୍ୟବସାୟରେ ଫସି ରହିଥିବା ଟଙ୍କା ପାଇପାରିବେ। ବୟସ୍କ ଏବଂ ପିତାଙ୍କ ଦ୍ୱାରା ଲାଭ ହେବ।



**ମୀନ:** ଆଜି ଉପଲବ୍ଧ ଲାଭ ଦ୍ୱାରା ଆପଣଙ୍କ ଉପଭୋଗ ଦ୍ୱିଗୁଣିତ ହେବ। ନୂତନ କାର୍ଯ୍ୟ ଆୟୋଜନ ପାଇଁ କାର୍ଯ୍ୟ ଆରମ୍ଭ ଶୁଭ ହେବ। ବାଣିଜ୍ୟରେ ବ୍ୟବସାୟୀମାନେ ବିଶେଷ ସୁବିଧା ପାଇବେ। ଆପଣ ସାମାଜିକ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିବେ। ସନ୍ତାନମାନଙ୍କ ସହିତ ଯୋଗାଯୋଗ କରିବା ଭଲ ହେବ। ଆୟ ବୃଦ୍ଧି ପାଇବ। ସ୍ଥାନାନ୍ତରଣ ହେବ।



ଶ୍ରୀପତି ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯